# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୭/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, April 7/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 132 | ମୂଲ୍ୟ ₹୭/-




**ଆଇସିସି ପୁରସ୍କାର ଦୌଡ଼ରେ ସଞ୍ଜୁ ସାମସନ**

ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ଦୌଡ଼ରେ ଅଛନ୍ତି ଭାରତର ଦୁଇ ଖେଳାଳି ସଞ୍ଜୁ ସାମସନ ଓ ଯଶପ୍ରୀତ ବୁମ୍ରା।

୧୪

୦୯

**ଗୁଡ୍ ନ୍ୟୁଜ୍ ଦେଲେ କରିଶ୍ମା**

ଅଭିନେତ୍ରୀ କରିଶ୍ମା ତନ୍ନା ଖୁବଶୀଘ୍ର ମା' ହେବାକୁ ଯାଉଥିବା ନେଇ ତାଙ୍କ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି।



# ମାଷ୍ଟର ନାହାନ୍ତି

**ତଥାଗତ ସତପଥୀ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନୂଆ ପାଠ୍ୟକ୍ରମ ଅଣାଯାଇଛି। ଛାତ୍ରୀଛାତ୍ରମାନେ ୩ଟି ଭାଷା ପଢ଼ିବାର ବ୍ୟବସ୍ଥା ହୋଇଥିବା ବେଳେ ସେଥିମଧ୍ୟରୁ ୨ଟି ଭାରତୀୟ ଭାଷାକୁ ବାଧ୍ୟତାମୂଳକ କରାଯାଇଛି। ଜାତୀୟ ଶିକ୍ଷାନୀତି(ଏନ୍‌ଇପି)-୨୦୨୦ରେ ତିନି ଭାଷା ଫର୍ମୁଲାକୁ ବାଧ୍ୟତାମୂଳକ କରାଯାଇଥିବାରୁ ଚଳିତ ବର୍ଷରୁ ଏହା ଷଷ୍ଠ ଶ୍ରେଣୀରୁ ଲାଗୁ ହେବ ବୋଲି କୁହାଯାଇଛି। ଭାରତରେ ଭାଷାକୁ ନେଇ ଦ୍ୱନ୍ଦ୍ୱ ବହୁ ପୁରୁଣା। ତେବେ ଜୋରଜବରଦସ୍ତ କାହା ଉପରେ ଭାଷା ଲଦି ଦିଆଯିବା ଗ୍ରହଣୀୟ ନୁହେଁ। ହିନ୍ଦୀକୁ ଦେଶର ରାଷ୍ଟ୍ରୀୟ ଭାଷା କରିବା ଲାଗି ଥୋକେ ବାହାରି ପଡ଼ିଥିବା ବେଳେ ତାହା ଦକ୍ଷିଣ ଭାରତ ସମେତ ଆହୁରି ଅନେକ ରାଜ୍ୟରେ ଗ୍ରହଣଯୋଗ୍ୟ ହେଉନାହିଁ। ଦେଖିବାକୁ ଗଲେ ଓଡ଼ିଶାର ସହରାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳଗୁଡ଼ିକରେ, ବିଶେଷକରି ଯେଉଁଠାରେ ଶିଳ୍ପ କିମ୍ବା କେନ୍ଦ୍ର ସରକାରୀ ସଂସ୍ଥା କାର୍ଯ୍ୟରତ, ସେହିସବୁ ସ୍ଥାନର ବାସିନ୍ଦାମାନେ ହିନ୍ଦୀ ଭାଷା ସହିତ ଅଭ୍ୟସ୍ତ। ତେବେ ସାଧାରଣ ଓଡ଼ିଆ ରାଜ୍ୟ ବାହାରକୁ ଯାଇ ହିନ୍ଦୀରେ କଥା ହେଲେ, ସେଠାକାର ବାସିନ୍ଦା ତତ୍‌କ୍ଷଣାତ୍ ତାଙ୍କୁ ଏକ ଅଣହିନ୍ଦୀଭାଷୀ ବୋଲି ଚିହ୍ନିଦେବେ। ସେହିପରି ବମ୍ବେରେ ବଲିଉଡ୍ ଶିଳ୍ପକୁ ଛାଡ଼ିଦେଲେ ମରାଠୀ ପ୍ରୀତି ଦେଖିବାକୁ ମିଳେ। ଉତ୍ତର ପୂର୍ବାଞ୍ଚଳରେ ହିନ୍ଦୀର ବ୍ୟବହାର ଯଥେଷ୍ଟ କମ୍। ଦେଖିବାକୁ ଗଲେ ଆଞ୍ଚଳିକ ସ୍ତରରେ ପ୍ରଥମେ ମାତୃଭାଷା ଗୁରୁତ୍ୱ ବହନ କରିଥାଏ। ଏତଦ୍‌ଭିନ୍ନ ଇଂଲିଶ ଏବେ ଏକ ବିଦେଶୀ ଭାଷା ଭାବେ ଗଣାଯିବା ପରିବର୍ତ୍ତେ ଲିଙ୍କ୍ ବା ସମ୍ପର୍କର ଭାଷା ଭାବେ ଗଣାଯାଉଛି। ସିବିଏସ୍‌ଇ ତରଫରୁ ଯେଉଁ ଦୁଇ ଭାରତୀୟ ଭାଷା ପଢ଼ିବା ପିଲାଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି ତାହାକୁ ବିରୋଧ କରାଯାଉଛି। ଅନ୍ୟ କେଉଁ ଭାରତୀୟ ଭାଷା ପଢ଼ିଲେ ଯୁବାବସ୍ଥାରେ ରୋଜଗାର କ୍ଷେତ୍ରରେ ସହାୟକ ହେବ, ଏହା ଏବେ ମଧ୍ୟ ଅସ୍ପଷ୍ଟ ରହିଛି। ଯଦି କେହି କହେ ହିନ୍ଦୀ ପଢ଼ିଲେ ପିଲାଙ୍କୁ ଲାଭ ମିଳିବ, ତେବେ ତାହା ଅନେକ ଯୁକ୍ତିର ସମ୍ମୁଖୀନ ହୋଇପାରେ। ଧରାଯାଉ ଜଣେ ଓଡ଼ିଆ ପିଲା ତା' ମାତୃଭାଷା ପଢ଼ିବା ସହ ଯଦି ଅନ୍ୟ ଭାରତୀୟ ଭାଷା ଯଥା ବଙ୍ଗଳା, କନ୍ନଡ, ତାମିଲ, ତେଲୁଗୁ କିମ୍ବା ଅହମୀୟା ମଧ୍ୟରୁ କାହାକୁ ପଢ଼ିବାକୁ ଇଚ୍ଛା କରେ, ତେବେ ସମସ୍ୟା ମୁଖ୍ୟତଃ ଭିତ୍ତିଭୂମିର ହେବ। ମାଷ୍ଟର ବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଘୋର ଅଭାବ ପରିଲକ୍ଷିତ ହେଉଛି। ଯାହା ଓଡ଼ିଶାରେ ଦେଖାଯାଉଛି ତାହା ପ୍ରାୟତଃ ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ଲକ୍ଷ୍ୟ କରାଯାଉଛି। ଓଡ଼ିଶାରେ ଇଂଲିଶ, ଗଣିତ ଓ ବିଜ୍ଞାନ ପଢ଼ାଇବା ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବା ବେଳେ ବଙ୍ଗଳା, କନ୍ନଡ, ତେଲୁଗୁ, ହିନ୍ଦୀ ଆଦି ଭାଷାର ଶିକ୍ଷକ ମିଳିବା କଷ୍ଟକର। କେହି କହିପାରନ୍ତି ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୋକେ ହିନ୍ଦୀରେ କଥାବାର୍ତ୍ତା କରୁଛନ୍ତି। କିନ୍ତୁ ମନେରଖିବା ଦରକାର ଯେ, କଥାବାର୍ତ୍ତା କେବଳ କାମ ଚଳାଇବା ପର୍ଯ୍ୟାୟଭୁକ୍ତ। ବ୍ୟାକରଣଗତ ଶୁଦ୍ଧତାଠାରୁ ଆରମ୍ଭ କରି ଏକ ଭାଷା ଶିକ୍ଷା ଲାଗି ତାଲିମପ୍ରାପ୍ତ ଶିକ୍ଷକଙ୍କ ଆବଶ୍ୟକତା ଥାଏ। ଏଠାରେ କୁହାଯାଇପାରେ ଯେ ମାତୃଭାଷା ଶିଖିବା ଅତ୍ୟନ୍ତ ଆବଶ୍ୟକ। ଅନ୍ୟ କୌଣସି ଭାଷା ଉପରେ ପାରଙ୍ଗମ ହେବାକୁ ହେଲେ, ଯାହା ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି, ନିଜ ମାତୃଭାଷା ଉପରେ ଭଲ ଦକ୍ଷତା ରହିବା ଦରକାର। ଯଦି ଅନ୍ୟ ଭାରତୀୟ ଭାଷା ପଢ଼ାଇବାର ବ୍ୟବସ୍ଥା କିମ୍ବା ଭିତ୍ତିଭୂମି ସୃଷ୍ଟି କରାଯାଇ ନାହିଁ, ତେବେ ଦ୍ୱିତୀୟ ଭାରତୀୟ ଭାଷାକୁ ବାଧ୍ୟତାମୂଳକ କରିବାର ଅର୍ଥ ହେଉଛି ଆମ ପିଲାଙ୍କର ଭବିଷ୍ୟତ ସହିତ ଖେଳିବାର ଉଦ୍ଦେଶ୍ୟ। ପିଲା ଯେତେ ଭାଷା ଶିଖିପାରିବେ, ସେତେ ଭଲ। ଭାଷା ଶିଖିବାକୁ ସୀମିତ ରଖିବା ଉଚିତ ନୁହେଁ। କିନ୍ତୁ ଭିତ୍ତିଭୂମିହୀନ ପରିସ୍ଥିତିରେ କେବଳ ନିୟମ କରି ପିଲାଙ୍କ ବସ୍ତାନି ଉପରେ ବୋଝ ଲଦିବା ସହିତ ପରୀକ୍ଷାରେ ଅଧିକ ଚାପ ସୃଷ୍ଟି କରିବା ଆଦୌ ଗ୍ରହଣୀୟ ନୁହେଁ।

ଏହି ପ୍ରସଙ୍ଗକୁ ନେଇ ସୋସିଆଲ ମିଡିଆରେ ୩ ଭାଷା ସୂତ୍ର ଓ ୨ ଭାରତୀୟ ଭାଷା ବାଧ୍ୟତାମୂଳକ କେତେ ଯୁକ୍ତିସଙ୍ଗତ ସେ ନେଇ ଜନସାଧାରଣଙ୍କଠାରୁ 'ଏଡିଟର ସ୍ପିକ୍' ମାଧ୍ୟମରେ ମତ ଲୋଡ଼ିଥିଲି। ପିଲାମାନଙ୍କ ଉପରେ ଅଧିକ ବୋଝ ଲଦି ଦିଆଯିବା ଠିକ୍ ନୁହେଁ ବୋଲି ଅଧିକାଂଶ ମତ ଦେଇଥିବା ବେଳେ କିଛି ସିବିଏସ୍‌ଇର ନିଷ୍ପତ୍ତି ସପକ୍ଷରେ ମତ ଦେଇଛନ୍ତି। ସୋସିଆଲ ମିଡିଆରେ ବିଭୂତି ଭୂଷଣ ମିଶ୍ର କହିଛନ୍ତି, ଦୁଇ ଭାରତୀୟ ଭାଷା ପିଲାଙ୍କ ଉପରେ ବୋଝ ଲଦିଦେବା ସହ ସେସବୁ ଭବିଷ୍ୟତରେ କୌଣସି ଭାବେ ସାହାଯ୍ୟ କରିବ ନାହିଁ। ହେମନ୍ତ କୁମାର ଉଲ୍ଲେଖ କରିଛନ୍ତି, ଯଦି କିଛି ନୂଆ କରିବାର ଅଛି ତା'ର ବିଭିନ୍ନ ଦିଗ ବିଷୟରେ ପ୍ରଥମେ ତର୍ଜମା ହେବା ଦରକାର। କ୍ଷମତାରେ ଥିବା ଲୋକ ଯେ ସବୁବେଳେ ଠିକ୍, ଏଭଳି ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ମହମ୍ମଦ ସାମସୁଲ ଆଲାମଙ୍କ ମତରେ ମାତୃଭାଷା ପଢ଼ିବା ନିଶ୍ଚୟ ଦରକାର। ଇଂଲିଶ ବ୍ୟବହାରିକ ଦୃଷ୍ଟିକୋଣରୁ ଆବଶ୍ୟକ। ତୃତୀୟ ଭାଷା ବ୍ୟକ୍ତିଗତ ପସନ୍ଦ ହେଉ। ଲକ୍ଷ୍ମୀଧର ନାଥ କହିଛନ୍ତି, ଶିକ୍ଷାବିତ୍‌ଙ୍କ ମତ ନିଆ ନ ଯାଇ ରାଜନୈତିକ ଇଚ୍ଛାରେ ଆଜିର ନିୟମ କାର୍ଯ୍ୟକାରିତା ହିଁ 'ବିକଳାଙ୍ଗ ଶିକ୍ଷା' ପାଇଁ ପ୍ରୟାସ କରାଯାଉଛି, କେବେ ଏହାର ଅନ୍ତ ଘଟିବ।

ଅନ୍ୟପକ୍ଷରେ ଚିନ୍ମୟ କୁମାର ପଣ୍ଡା କହିଛନ୍ତି, ବିରୋଧ କରିବା ନାଁରେ ବିରୋଧ କରା ନ ଯାଉ। କେବଳ ଯେ ଇଂଲିଶ୍ ଜାଣିଥିବା ଲୋକ ଉନ୍ନତି କରେ ଏଭଳି ଚିନ୍ତାଧାରା ହିଁ ସମାଜ ଉପରେ କୁପ୍ରଭାବ ପକାଏ। ବିଦ୍ୟାଧର ଚୌଧୁରୀ ଉଲ୍ଲେଖ କରିଛନ୍ତି, ବଙ୍ଗଳା କିମ୍ବା କନ୍ନଡ ଭାଷା ଶିଖାଇବା ପାଇଁ ଶିକ୍ଷକ ଅଭାବ ଥିବା ବେଳେ ସ୍ପେନୀୟ, ଚାଇନିଜ୍ ଭାଷାର ଶିକ୍ଷକ କେଉଁଠୁ ଆସିବେ।

ଏହି ପ୍ରସଙ୍ଗରେ ଶତାଧିକ ମତ ମିଳିଛି। ଅଧିକାଂଶ ପିଲାଙ୍କ ଉପରେ ବସ୍ତାନି ବୋଝ ବଢୁଥିବା କଥା ଉଠାଇଛନ୍ତି। ବାସ୍ତବରେ ଦେଖିବାକୁ ଗଲେ ପିଲା ଆନନ୍ଦରେ ପାଠ ପଢ଼ିଲେ ତା'ର ସାମଗ୍ରିକ ବିକାଶ ହୋଇପାରିବ। ବୌଦ୍ଧିକ କ୍ଷେତ୍ରରେ ବୋଝ ଲଦି ଦିଆଯାଇ ସରକାରୀ ଏଜେଣ୍ଡା ପୂରଣ ପାଇଁ ନିୟମ କରାଗଲେ ତାହାର ସୁଫଳ କଦାପି ସମାଜ ପାଇପାରିବ ନାହିଁ। ଆଇନ ପ୍ରଣୟନ କରିଦେବା ସହଜ ହୋଇଥାଏ, କିନ୍ତୁ କାର୍ଯ୍ୟକାରିତା ସର୍ବଦା ଗୁରୁତ୍ୱ ରଖିଥାଏ। ବିଶେଷକରି ଭାରତର ଶିକ୍ଷା ବ୍ୟବସ୍ଥାରେ ପ୍ରୟୋଜନ ଥିବା ପରିବର୍ତ୍ତନ ଏକତରଫା ନିଷ୍ପତ୍ତିରେ କରାଯିବା ଉଚିତ ନୁହେଁ। ଯେଉଁଭଳି ଇତିହାସକୁ ବିକୃତ କରିଦିଆଯାଇଛି, ତାହାର କୁଫଳ ପରବର୍ତ୍ତୀ ପିଢ଼ିକୁ ଭୋଗିବାକୁ ପଡ଼ିବ। ତେଣୁ ଶିକ୍ଷା ସାଙ୍ଗରେ ଖେଳିବା ପରିବର୍ତ୍ତେ ଅଭିଭାବକ ଏବଂ ଶିକ୍ଷାବିତ୍‌ମାନଙ୍କ ମତ ଲୋଡ଼ାଯାଇ ପରିବର୍ତ୍ତନ ଅଣାଯିବା ଦରକାର। ମନେରଖିବାକୁ ହେବ ଏହି ପରିବର୍ତ୍ତନ ଅସରନ୍ତି ଓ ସବୁବେଳେ ଶିକ୍ଷା ବ୍ୟବସ୍ଥାରେ ନବୀକରଣ ଆବଶ୍ୟକ।



ସୋମବାର ମଧ୍ୟାହ୍ନରେ କାଳବୈଶାଖୀ ବର୍ଷାରେ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକର ମୁଖ୍ୟ ରାସ୍ତା ଉପରେ କୁଆପଥର ବିଛାଡ଼ି ହୋଇପଡ଼ିଛି। **(ଫଟୋ: ସଚ୍ଚିଦାନନ୍ଦ ମହାକୁର)**

## ୧୦ବର୍ଷରୁ ପୁରୁଣା ବାହାର ଗାଡ଼ିର ମାଲିକାନା ପରିବର୍ତ୍ତନ ପାଇଁ ମିଳିବନି ଅନୁମତି

**କଟକ,୬।୪(କାର୍ତ୍ତିକ ସାହୁ)**

ବାହାର ରାଜ୍ୟର ୧୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଗାଡ଼ି ଯଥା ଯାତ୍ରୀବାହୀବସ୍ ଆଦି ରାଜ୍ୟରେ ମାଲିକାନା ପରିବର୍ତ୍ତନ କରିବା ଉପରେ ରୋକ୍ ଲଗାଯାଇଛି। ଓଡ଼ିଶା ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଦ୍ୱାରା ଏଭଳି ନିଷ୍ପତ୍ତି ନିଆଯାଇଛି। ଅନ୍ୟ ରାଜ୍ୟର ଖରାପ ମାନର ଯାତ୍ରୀବାହୀ ବାଣିଜ୍ୟିକ ଗାଡ଼ିକୁ ଓଡ଼ିଶାରେ ମାଲିକାନା ପରିବର୍ତ୍ତନକୁ ରୋକିବା ପାଇଁ ଏହିପଦକ୍ଷେପ ନିଆଯାଇଛି। କିନ୍ତୁ ପୂର୍ବରୁ ଅନୁମତି ନେଇସାରିଥିବା ଗାଡ଼ିରେ କୌଣସି ଅସୁବିଧା ହେବନାହିଁ। ସେହିପରି ଓଡ଼ିଶା ରାଜ୍ୟର ଗାଡ଼ି କିମ୍ବା ଆନ୍ତଃରାଜ୍ୟ ପରମିଟ୍ ଥିବା ଗାଡ଼ି ପାଇଁ ମଧ୍ୟ କୌଣସି ସମସ୍ୟା ନାହିଁ ବୋଲି ଏସ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଏସ୍‌ଟିଏ ପକ୍ଷରୁ କୁହାଯାଇଛି, ଯାତ୍ରୀମାନଙ୍କ ସୁରକ୍ଷା ଏବଂ ଆରାମଦାୟକ ଯାତ୍ରା ଆଦିକୁ ଦୃଷ୍ଟିରେ ରଖି ୨୦୨୩ ଜୁଲାଇ ୧୯ରେ ଅନୁଷ୍ଠିତ ଏସ୍‌ଟିଏ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଏସ୍‌ଟିଏ ପକ୍ଷରୁ ଏବେ ତତ୍ପରତା ପ୍ରକାଶ କରାଯାଇଛି। ବାହାର ରାଜ୍ୟର ୧୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ବାଣିଜ୍ୟିକ ଯାତ୍ରୀବାହୀ ଗାଡ଼ିଗୁଡ଼ିକର ମାଲିକାନା ଠିକଣା ପରିବର୍ତ୍ତନ ହେବ ନାହିଁ କିମ୍ବା ମାଲିକାନା ପରିବର୍ତ୍ତନ ପାଇଁ ଅନୁମତି ଦିଆଯିବ ନାହିଁ। ସେଭଳି ଗାଡ଼ିଗୁଡ଼ିକର ଟିକସ ମଧ୍ୟ ଓଡ଼ିଶାରେ ନିଆଯିବ ନାହିଁ। ଯଦିଓ ଏହା ମଧ୍ୟରେ ୨ ବର୍ଷ ୯ ମାସ ଅତିକ୍ରାନ୍ତ ହୋଇଗଲାଣି, ତଥାପି ଉକ୍ତ ବୈଠକର ନିଷ୍ପତ୍ତିକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରିବା ଦେଇ ପଦକ୍ଷେପ ନିଆଯାଉଛି। ଚଳିତ ଏପ୍ରିଲ ୨ରେ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇ ବିଭିନ୍ନ ଜିଲାରେ ଥିବା ଆଞ୍ଚଳିକ ପରିବହନ ଅଧିକାରୀ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅଥବା ସରକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଏହା ନିର୍ଦ୍ଦେଶନାମା ଜାରି ହେବା ଦିନଠାରୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି।

# ୫,୯୬୭ ଡାକ୍ତର ପଦ ଖାଲି, ଡିଗ୍ରୀଧାରୀଙ୍କୁ ମିଳୁନି ଚାକିରି

**ରାଜ୍ୟର ବିଭିନ୍ନ ସ୍ଥାନରେ ଡାକ୍ତରଙ୍କ ଅଭାବ ରହିଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ରୋଗୀମାନେ ସ୍ୱାସ୍ଥ୍ୟସେବା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମାନକ ଅନୁଯାୟୀ, ପ୍ରତ୍ୟେକ ୧ ହଜାର ଜନସଂଖ୍ୟା ଅନୁପାତରେ ଜଣେ ଡାକ୍ତର ରହିବା ଆବଶ୍ୟକ। ମାତ୍ର ଓଡ଼ିଶାରେ ୧ହଜାର ୨୬୫ ଲୋକ ପିଛା ଜଣେ ଡାକ୍ତର ରହୁଛନ୍ତି। ଏନେଇ ବିରୋଧୀ ଗୃହ ଭିତରେ ଏବଂ ବାହାରେ ସରକାରଙ୍କୁ ଘେରୁଛନ୍ତି। ନିକଟରେ ବଜେଟ ଅଧିବେଶନ କାଳରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ୍ ଉପରୋକ୍ତ ଡାକ୍ତର-ଜନସଂଖ୍ୟା ଅନୁପାତକୁ ସ୍ୱୀକାର କରିବା ସହ ବିଭାଗ ପକ୍ଷରୁ ଖାଲିଥିବା ୫ହଜାର ୯୬୭ ଡାକ୍ତର ପଦ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଥିଲେ। ମନ୍ତ୍ରୀଙ୍କ କହିବାନୁଯାୟୀ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଙ୍କୁ ସରକାରଙ୍କ ପକ୍ଷରୁ ୫,୨୪୮ ଡାକ୍ତର ପଦ ପୂରଣ କରିବାକୁ ଇଣ୍ଡେଣ୍ଟ ଦିଆଯାଇଛି। ହେଲେ ଓପିଏସ୍‌ସି ଏପର୍ଯ୍ୟନ୍ତ ଡାକ୍ତର ପଦ ପୂରଣ କରିବାରେ ସମର୍ଥ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ସୋମବାର କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟରେ ଶତାଧିକ ଡାକ୍ତରୀ ଡିଗ୍ରୀଧାରୀମାନେ ଚାକିରି ପାଇଁ ଆନ୍ଦୋଳନ ଓ ପ୍ରତିବାଦ କରିଛନ୍ତି। ରାଜ୍ୟ ସରକାର କାହିଁକି ଏଦିଗରେ ଗୁରୁତ୍ୱ ଦେଉନାହାନ୍ତି ବୋଲି ଡିଗ୍ରୀଧାରୀମାନେ ଅଭିଯୋଗ କରୁଛନ୍ତି।**

### ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଡିଗ୍ରୀଧାରୀଙ୍କ ବିକ୍ଷୋଭ, ପ୍ରତିବାଦ

**ଭୁବନେଶ୍ୱର/କଟକ,୬।୪ (ରବିନାରାୟଣ ଜେନା/ଶିଳ୍ପା ପ୍ରିୟଦର୍ଶିନୀ)**

ନିକଟରେ ବିଧାନସଭାର ବଜେଟ ଅଧିବେଶନ କାଳରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ, ଡବ୍ଲ୍ୟୁଏଚ୍‌ଓ ମାନଦଣ୍ଡ ଅନୁଯାୟୀ ଆବଶ୍ୟକ ହେଉଥିବା ଡାକ୍ତର ସଂଖ୍ୟା ଓ ଉପଲବ୍ଧ ଡାକ୍ତର ପଦବୀ ସଂଖ୍ୟାର ଅନ୍ତର ବିଶ୍ଳେଷଣ କରାଯାଇ ନିଅଣ୍ଟ ହେଉଥିବା ପଦବୀଗୁଡ଼ିକ ପର୍ଯ୍ୟାୟକ୍ରମେ ପୂରଣ କରିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା କାଉନ୍‌ସିଲ ଅଫ୍ ମେଡିକାଲ ଏଜୁକେଶନ(ଓସିଏମ୍‌ଆର୍) ଅଧୀନରେ ୩୫ ହଜାର ୯୧୪ ଏଲୋପାଥିକ ଡାକ୍ତର ପଞ୍ଜୀକୃତ ହୋଇ ଓଡ଼ିଶାର ବିଭିନ୍ନ ସରକାରୀ ମେଡିକାଲ ଓ ଘରୋଇ ମେଡିକାଲ/କ୍ଲିନିକ୍‌ରେ ସେବା ଯୋଗାଉଛନ୍ତି। ସେହିପରି ରାଜ୍ୟର ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ୧୫ହଜାର ୭୯୩ ରହିଛି। ସେଥିମଧ୍ୟରୁ ବିଭିନ୍ନ ବର୍ଗର ୯ହଜାର ୮୨୬ ଡାକ୍ତର କାର୍ଯ୍ୟରତ ଥିବାବେଳେ ୫,୯୬୭ ପଦବୀ ଖାଲି ରହିଛି। ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ କଲେଜରୁ ପ୍ରତି ବର୍ଷ ୩ ହଜାର ୨୫ ଡାକ୍ତରୀ ଛାତ୍ରୀଛାତ୍ର ଶିକ୍ଷା ସମାପ୍ତ କରୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବର୍ଷ ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି)ଙ୍କ ଦ୍ୱାରା ଚୟନ ପ୍ରକ୍ରିୟା ମାଧ୍ୟମରେ ☞**ପୃଷ୍ଠା-୪**

## ପୁରାତନ ମଧ୍ୟପ୍ରସ୍ତର ଯୁଗୀୟ ମାନବ ସଭ୍ୟତା ଠାବ

**ସୁନ୍ଦରଗଡ,୬।୪(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶାର ଦେବଗଡ଼ ଜିଲାରୁ ପ୍ରଥମ ପୁରାତନ ମଧ୍ୟ ପ୍ରସ୍ତର ଯୁଗୀୟ ମାନବ ସଭ୍ୟତାର (ପାଲେଓଲିଥିକ) ସନ୍ଧାନ ମିଳିଛି। ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ଏବଂ ପୁରୀ ପ୍ରତ୍ନତତ୍ତ୍ୱ ସର୍ଭେ ସର୍କଲର ମିଳିତ ଟିମ୍ ଏହି ବିରଳ ପ୍ରଥମ ପୁରାତନ ମଧ୍ୟ ପ୍ରସ୍ତର ଯୁଗୀୟ ସଭ୍ୟତାର ସନ୍ଧାନ କରିଛନ୍ତି। ପୁରୀ ପ୍ରତ୍ନତତ୍ତ୍ୱ ସର୍ଭେ ସର୍କଲର ଅଧୀକ୍ଷକ ଡକ୍ଟର ଦିବିଶାଦ ବ୍ରଜସୁନ୍ଦର ଗଡନାୟକ ଏବଂ ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗର ଗବେଷକ ସହକାରୀ ପ୍ରଫେସର ଡକ୍ଟର ସାକିର ହୁସେନ, ସହକାରୀ ପ୍ରଫେସର ଡକ୍ଟର ଜୟଶଙ୍କର ନାଏକଙ୍କ ପ୍ରତିନିଧିତ୍ୱରେ ଏହି ଟିମ୍ ଦେବଗଡ଼ ଜିଲା ଅନ୍ତର୍ଗତ ରିଆମାଳ ତହସିଲ ମୁଖ୍ୟାଳୟର ଓଏସଆରଟିସି ବସ ଷ୍ଟାଣ୍ଡ ନିକଟସ୍ଥ ଏକ ଛୋଟ ପାହାଡ଼ ପାଦଦେଶରୁ ☞**ପୃଷ୍ଠା-୪**



ସନ୍ଧାନ ହୋଇଥିବା ପୁରାତନ ମଧ୍ୟ ପ୍ରସ୍ତର ଯୁଗୀୟ ମାନବ ସଭ୍ୟତାର ପଥର ଉପକରଣ।

## ଏଲ୍‌ପିଜି: ବିଭାଗ ବଦଳାଇଲା କଥା

### ଛାତ୍ରୀଛାତ୍ର, ଶ୍ରମିକଙ୍କୁ ମିଳିବ ରନ୍ଧନ ଗ୍ୟାସ୍: ପ୍ରମୁଖ ସଚିବ

**ଭୁବନେଶ୍ୱର,୬।୪(ରବିନାରାୟଣ ଜେନା)**

ରାଜ୍ୟରେ ଖୋଲାବଜାରରେ ରନ୍ଧନ ଗ୍ୟାସ୍ (ଏଲ୍‌ପିଜି) ବିକ୍ରି ଉପରେ ପ୍ରତିବନ୍ଧକ ଲାଗିବା ନେଇ ରବିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ମନ୍ତବ୍ୟ ପରେ ବିଭାଗ ପକ୍ଷରୁ ଏନେଇ ସୋମବାର ସ୍ପଷ୍ଟୀକରଣ ଦିଆଯାଇଛି। ଏହି ପ୍ରସଙ୍ଗକୁ ନେଇ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଲୋକସେବା ଭବନରେ ସୋମବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୀୟ କୁମାର ସିଂ ଗଣମାଧ୍ୟମକୁ କହିଛନ୍ତି, ଛାତ୍ରୀଛାତ୍ର ଓ ଶ୍ରମିକମାନଙ୍କୁ ୫ କେ.ଜି. ସିଲିଣ୍ଡର ଯୋଗାଇ ଦିଆଯିବାରେ କୌଣସି ଅସୁବିଧା ନାହିଁ। ତୈଳ କମ୍ପାନୀଗୁଡ଼ିକ ୫ କେଜି ଏଲ୍‌ପିଜି କନେକ୍ସନ ଦେଉଛନ୍ତି। ଯେଉଁମାନେ ଚାହିଁବେ ନିଜର ପରିଚୟ ପତ୍ର ଦେଖାଇ ନେଇପାରିବେ। ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ କ୍ୟାମ୍ପ କରି ଯୋଗାଇ ଦିଆଯାଉଛି। କେବଳ ବେଆଇନ ଭେଣ୍ଡରଙ୍କ ଉପରେ କଟକଣା ଲାଗିବ। ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ବେଆଇନ ଭେଣ୍ଡରଙ୍କ ଉପରେ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସଞ୍ଜୀୟ ସିଂ କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏଲ୍‌ପିଜି ଅଭାବ ନାହିଁ। ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି। ଘରୋଇ ଗ୍ୟାସ୍‌ର ☞**ପୃଷ୍ଠା-୪**

**ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର**

**ବୌଦ୍ଧ(ଅଜିତ କୁମାର ବାରିକ):** ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଭୁତି ଭୁଷଣ ନାୟକ ଯୋଗ ଦେଇ ଜନଶୁଣାଣିର ଶୁଭାରମ୍ଭ କରିଥିଲେ। ଶିବିରରେ ସମୁଦାୟ ୮୬ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ଶିବିରରେ ୧୭ଗୋଟି ଅଭିଯୋଗର ତତ୍‌କାଳ ଫଇସଲା ହୋଇଥିଲା। ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାଳବୈଶାଖୀ ଝଡ଼ବତାସରେ ଅତାବିରା ଅନ୍ଧାର

**ଅତାବିରା,୬।୪(ଯୁଧିଷ୍ଠିର ମହାପାତ୍ର):** ଅତାବିରା ଅଞ୍ଚଳରେ ସୋମବାର ଅପରାହ୍ନରେ କାଳ ବୈଶାଖୀ ଝଡ଼ବତାସ ସହ ବର୍ଷା ଓ କରା ମାଡ଼ ହୋଇଥିଲା। ଫଳରେ ଅଞ୍ଚଳର ଅତାବିରା – ବାବେବିରା, ଅତାବିରା –କୁଲୁଣ୍ଡା, ଗୋଡ଼ଭଗା–ତାଳିଟାମ୍ପରସରା ଗ୍ରାମ୍ୟ ରାସ୍ତା ସହ ସମ୍ବଲପୁର– ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥ ଏବଂ ଗୋଡ଼ଭଗା– ତୁରୁମ ୫୪ ରାଜ୍ୟ ରାଜପଥ ଉପରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଜାମ ହୋଇଥିଲା। ଅତାବିରା ଅଗ୍ନିଶମ ବିଭାଗ ଗ୍ରାମବାସୀଙ୍କ ସହ ଯୁଦ୍ଧ କାଳୀନ ଭାବେ ରାସ୍ତାରୁ ଗଛ ହଟାଇ ଯାତାୟାତ ସ୍ୱାଭାବିକ କରିଛନ୍ତି। ତେବେ ଖବର ଲେଖା ହେବା ସୁଦ୍ଧା ଅତାବିରା ଗ୍ରୀଡ଼ର ସମସ୍ତ ବିଦ୍ୟୁତ୍ ସରୋବରାହ ବନ୍ଦ ହୋଇଯାଇଛି। ଏ ନେଇ ଅତାବିରା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରବିନାରାୟଣ ମହାନ୍ତିଙ୍କୁ ପଚାରିବାରୁ ଝଡବତାସ ଯୋଗୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି, ବର୍ତ୍ତମାନ ମଧ୍ୟ ମରାମତି କାମ ଚାଲିଛି ବୋଲି ସେ କହିଥିଲେ।

### ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ

**ଗାଇସିଲେଟ,୬।୪(ଦୁର୍ଗାପ୍ରସାଦ ତ୍ରିବେଦୀ):** ଗାଇସିଲେଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ଏବଂ ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ସମୁଦାୟ ୮୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୫୩ଟି ବ୍ୟକ୍ତିଗତ ଏବଂ ୩୬ଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ନୂତନ ଏନ୍‌ସିସି ଅଧିକାରୀଙ୍କ ଦାୟିତ୍ୱଗ୍ରହଣ

**ବୌଦ୍ଧ,୬।୪(ଅଜିତ କୁମାର ବାରିକ):** ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ନୂତନ ଏନ୍‌ସିସି ଅଧିକାରୀ ଭାବରେ



ଲେଫ୍‌ଟନାଣ୍ଟ ସଦାନନ୍ଦ ମାହାର ସୋମବାର ଯୋଗଦାନ କରିଛନ୍ତି। ସେ ୨୦୨୩ରୁ ଏନ୍‌ସିସିର କେୟାର ଟେକିଙ୍ଗ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ। କାମ୍ପଟି(ନାଗପୁର) ସ୍ଥିତ ଅଧିକାରୀ ପ୍ରଶିକ୍ଷଣ ଏକାଡେମୀରୁ ତିନି ମାସ ତାଲିମ ପାଇ ସେ ତାଙ୍କର ନୂତନ ଦାୟୀତ୍ୱରେ ଯୋଗଦେଇଛନ୍ତି। ତାଙ୍କୁ ମହାବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ମିଶ୍ର ଏବଂ ଏନ୍‌ସିସିର ପ୍ରାୟ ୫୦ ଜଣ କ୍ୟାଡେଟସ୍ ତାଙ୍କୁ ସ୍ୱାଗତ କରିଥିଲେ।

### ଜିଲା ଯୋଜନା କମିଟି ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ,୬।୪(ଅଜିତ କୁମାରବାରିକ):** ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ନବନିଯୁକ୍ତ ଯୋଜନା କମିଟି ଅଧକ୍ଷ ତଥା କନ୍ଧମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗଙ୍କୁ ଜିଲା ଓକିଲ ସଂଘ କାର୍ଯ୍ୟାଳୟଠାରେ ସୋମବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘ ସଭାପତି ସୁରେଶ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ସୁଧିର କୁମାର କର୍ଣ୍ଣ, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ଧୂରୀଣ କୁମାର ଦେହୁରୀ ଓ ତାରେଣୀ କୁମାର ମହାପାତ୍ର ଜିଲାର ବିକାଶ ନେଇ ନବନିଯୁକ୍ତ ଯୋଜନା କମିଟି ଅଧକ୍ଷ ଡାଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ନବ କୁମାର ମିଶ୍ର, ଅଶୋକ କୁମାର ମିଶ୍ର, ଅଶୋକ କୁମାର ସାହୁ, ବିଶ୍ୱଜିତ ମିଶ୍ରଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ। ସମ୍ପାଦକ ଧବଳେଶ୍ୱର ମନହୀରା ଧନ୍ୟବାଦ ଅର୍ପଣ କରିଥିଲେ।



କାଳବୈଶାଖୀ ବର୍ଷା ସହ କରା ମାଡ଼ରେ ଅତାବିରା ଅଞ୍ଚଳ ବେହାଲ ହୋଇପଡ଼ିଛି।

# କାଳବୈଶାଖୀ ବର୍ଷା ସହ କୁଆପଥର ମାଡ଼

**ଅତାବିରା, ୬।୪(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ସୋମବାର କାଳ ବୈଶାଖୀ ଝଡ଼ ବତାସ ସହ କୁଆ ପଥର ମାଡ଼ ହୋଇଛି। ଫଳରେ ଅତାବିରା ଅଞ୍ଚଳ ବେହାଲ ହୋଇପଡିଛି । ସୋମବାର ଅପରାହ୍ନ ୩ଟା ୧୨ ମିନିଟରୁ ସାଢେ ୩ଟା ଯାଏ ଅତାବିରା ବ୍ଲକର ସବୁ ଅଞ୍ଚଳରେ ତୁହାକୁ ତୁହା କାଳବୈଶାଖୀ ଝଡବତାସ, ବର୍ଷା ସାଙ୍ଗକୁ ପ୍ରଚୁର ମାତ୍ରାରେ କୁଆପଥର ମାଡ଼ ହୋଇଥିଲା। ଏଥିପାଇଁ କ୍ଷଣିକ ସମୟ ହେଲେ ଅତାବିରା ଯେ କଶ୍ମୀର ଭଳି ଭ୍ରମ ସୃଷ୍ଟି ହୋଇଯାଇଥିଲା। ବ୍ଲକର ଅତାବିରା, ଲାଦରପାଲି, ରେଙ୍ଗାଲିକେମ୍ପ, କୁଲୁଣ୍ଡା, ବାବେବିରା, ରେଙ୍ଗାଲିପାଲି, ଟାଙ୍ଗରପାଲି, ମନାପଡା, ଟିଙ୍ଗିପାଲି, ହିର୍ଲିପାଲି, ସରଣ୍ଡା, ଚକୁଳି ଫାର୍ମ, ଭୋଇପାଲି, ଖଇରପାଲି, ଗୋଡ଼ଭଗା, ଆଇଁଲାପାଲି, ଟାମ୍ପରସରା, ଦୁଲମପୁର, କୁମେଲସିଂହା ଆଦି ବହୁ ଗ୍ରାମରେ ଅଦିନିଆ ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଛି। ଅତାବିରା ଅଞ୍ଚଳର ବିଭିନ୍ନ ସ୍ଥାନରେ କରା ମାଡ଼ ସହ ଝଡ଼ବତାସ ଓ ଝିପିଝିପି ବର୍ଷା ଫଳରେ ବିଶେଷ କରି ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ଚାଷବହୁଳ ଅତାବିରା ଅଞ୍ଚଳରେ କରାଯାଇଥିବା ପନିପରିବା ସହ ଧାନ କ୍ଷେତରେ କୁଆପଥର ମାଡ଼ ହୋଇଥିବାରୁ ଚାଷୀ ଫସଲହାନି ଚିନ୍ତାରେ ପଡ଼ିଛି।



ବରପାଲି, ୬।୪(ଚିତ୍ତରଞ୍ଜନ ସାହୁ): ବରପାଲି ଅଞ୍ଚଳରେ ସୋମବାର ଅପରାହ୍ନରେ ପ୍ରବଳ ଝଡ଼ ବର୍ଷା ସହ କୁଆପଥର ମାଡ଼ ହୋଇଛି। ଏହାର ପ୍ରଭାବରେ ବ୍ୟାପକ ପରିମାଣର ପନିପରିବା ଓ ଧାନ ଫସଲ ନଷ୍ଟ ହୋଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରି ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

# ବରଗଡ଼ରେ କରାମାଡ଼, ଫସଲ ଧୂଳିସାତ୍

**ବରଗଡ଼,୬।୪(ପ୍ରେମାନନ୍ଦ ଖମାରୀ)**

ଅଧିକ ଧାନ ଉତ୍ପାଦନ ଯୋଗୁ ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲାର ଚାଷୀଙ୍କ ଦୁଃଖ ସରୁ ନାହିଁ। ଧାନବିକ୍ରି ଅବ୍ୟବସ୍ଥା ସାଧାରଣରେ ପରିଣତ ହୋଇଥିବାବେଳେ ପ୍ରକୃତିର ତାଣ୍ଡବ ବି ଚାଷୀଙ୍କ ପିଛା ଛାଡୁ ନାହିଁ। କାଳବୈଶାଖୀ ବର୍ତ୍ତମାନ ଜିଲାର ଚାଷୀଙ୍କ ପାଇଁ କାଳ ସାଜିଛି। ସୋମବାର ଅପରାହ୍ନ ପ୍ରାୟ ୩ଟାରୁ ହୋଇଥିବା ଝଡ଼ବର୍ଷା ସହିତ କରାମାଡ଼(କୁଆପଥର ବୃଷ୍ଟି) ଚାଷୀଙ୍କ ଧାନ ଏବଂ ପରିବା ଫସଲକୁ ଧୂଳିସାତ୍ କରି ଦେଇଛି। ଏହା ଜିଲାର ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି।

ଅନ୍ୟବର୍ଷ ତୁଳନାରେ ଏଥର ଅନୁକୂଳ ପାଗ ଯୋଗୁ ଜିଲାର ଚାଷୀଙ୍କ ରବି ଧାନ ଫସଲ ଭଲ ହୋଇଥିଲା। ଧାନ ବର୍ତ୍ତମାନ ଗର୍ଭ ଅବସ୍ଥାରେ ରହିଥିବାବେଳେ ଚାଷୀମାନେ ଭଲ ଅମଳ କରିବେ ବୋଲି ଆଶା ରଖିଥିଲେ। ମାତ୍ର ପ୍ରାୟ ୧୫ମିନିଟ୍ ଧରି ଜିଲାର ଅତାବିରା, ଭଟଲି, ସୋହେଲା, ବରଗଡ଼, ଗାଇସିଲେଟ୍, ବିଜେପୁର, ବରପାଲି, ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ ଯେଭଳି ଭାବେ କରାମାଡ଼ ହୋଇଛି, ଚାଷୀଙ୍କ ମଧ୍ୟରେ ସେହି ଆଶା ଉଜୁଡ଼ି ଯାଇଛି। କରାମାଡ଼ ଏତେ ପ୍ରଖର ଥିଲା ଯେ, ସବୁଜ ଧାନ ଏବଂ ପରିବା ଫସଲ ଉପରେ ଧଳା ଆବରଣ ଆଚ୍ଛାଦିତ ହୋଇଥିଲା। ଫଳରେ ଗର୍ଭ ଅବସ୍ଥାରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଟମାଟୋ, ବାଇଗଣ, କାକୁଡ଼ି, କଲରା ଆଦି ଫସଲ ମଧ୍ୟ ଯଥେଷ୍ଟ ପ୍ରଭାବିତ ହୋଇଛି। ସେହିପରି ଗଛରୁ ଆମ୍ବ ମଧ୍ୟ ଝଡ଼ି ନଷ୍ଟ ହୋଇଯାଇଛି। ତେବେ ଅମଳ ପୂର୍ବରୁ ଫସଲ ଉପରେ ଏପରି କରାମାଡ଼ ଚାଷୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି।

ଅନ୍ୟପଟେ ଝଡ଼ବର୍ଷାର ପ୍ରଭାବ ମଧ୍ୟ କମ୍ ନ ଥିଲା। ପ୍ରବଳ ବେଗରେ ପବନ ବହିବାରୁ ବିଭିନ୍ନ ସ୍ଥାନରେ ଗଛଡ଼ାଳ ଭାଙ୍ଗି ପଡ଼ିଥିଲା। ଏଭଳି ଗଛଡ଼ାଳ ଭାଙ୍ଗି ପଡ଼ିବାରୁ ୬ନମ୍ବର ଜାତୀୟ ରାଜପଥ ବରଗଡ଼ ସହର ଉପକଣ୍ଠ କଲାପାଣି ନିକଟରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସେହିପରି ବରଗଡ଼ ସହରର ଗଳିକନ୍ଦି ଜଳାର୍ଣ୍ଣବ ହୋଇ ପଡ଼ିଥିଲା। ବିଦ୍ୟୁତ ସରବରାହ ମଧ୍ୟ ଦୀର୍ଘ ସମୟ ଧରି ବ୍ୟାହତ ହୋଇପଡ଼ିଥିଲା। ତେବେ ମେଘୁଆ ପାଗ ଲାଗି ରହିଥିବାରୁ ପୁଣି ବର୍ଷା ଆଶଙ୍କା ରହିଥିବାବେଳେ ଏଭଳି ପାଗ ବର୍ତ୍ତମାନ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।



କରାମାଡ଼ ଯୋଗୁ ପ୍ରଭାବିତ ଧାନ ଫସଲ।

## ସରକାରୀ ବସ୍‌ଷ୍ଟାଣ୍ଡରେ ଚାଲିଲା ଉଚ୍ଛେଦ

**ବରଗଡ଼,୬।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ସହରକୁ ବିକଶୀତ ଏବଂ ସୌନ୍ଦର୍ଯ୍ୟକରଣ କରିବା ଲକ୍ଷ୍ୟ ନେଇ ଚାଲିଥିବା ଏହି ଉଚ୍ଛେଦ ଅଭିଯାନ ପର୍ଯ୍ୟାୟକ୍ରମେ ସହରର ବିଭିନ୍ନ ଜାଗାରେ ଚାଲିଛି। ଉଚ୍ଛେଦ ପରେ ବିଭିନ୍ନ ରାସ୍ତା ପ୍ରଶସ୍ତୀକରଣ ହେଉଥିବାବେଳେ ରାସ୍ତାପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଉଛି। ଅନ୍ୟପଟେ ଉଚ୍ଛେଦ ଯୋଗୁ ଅନେକ ଲୋକଙ୍କ ଜୀବନ ଜୀବିକା ମଧ୍ୟ ପ୍ରଭାବିତ ହେଉଛି। ଫଳରେ ପ୍ରଭାବିତ ଲୋକଙ୍କୁ ଥଇଥାନ କରିବା ଦିଗରେ ମଧ୍ୟ ତ୍ୱରିତ୍ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇ ଆସୁଛି। ତେବେ ଏହି ଉଚ୍ଛେଦ ପରେ ବରଗଡ଼ ସରକାରୀ ବସଷ୍ଟାଣ୍ଡ ପୂର୍ବାପେକ୍ଷା ଅଧିକ ବିକଶୀତ ହେବ ବୋଲି ସହରବାସୀ ଆଶା ପ୍ରକଟ କରିଛନ୍ତି।

ସୋମବାର ବରଗଡ଼ ସହର ପେଣ୍ଠସ୍ଥଳୀରେ ରହିଥିବା ସରକାରୀ ବସଷ୍ଟାଣ୍ଡ ପରିସରରେ ଉଚ୍ଛେଦ ଚାଲିଥିଲା। ଉଚ୍ଛେଦରେ ଦୀର୍ଘଦିନରୁ ସେଠାରେ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା କ୍ୟାଣ୍ଟିନକୁ ହଟାଇ ଦିଆଯାଇଥିଲା। ସେହିପରି ବସଷ୍ଟାଣ୍ଡ ସମ୍ମୁଖରେ ରହିଥିବା ଦୋକାନ ଗୃହ ଗୁଡ଼ିକୁ ମଧ୍ୟ ଉଚ୍ଛେଦ କରାଯାଇଥିଲା। ରାଜ୍ୟର ସର୍ବପୁରାତନ ସରକାରୀ ବସଷ୍ଟାଣ୍ଡ ମଧ୍ୟରୁ ବରଗଡ଼ ବସଷ୍ଟାଣ୍ଡ ଅନ୍ୟତମ। କିନ୍ତୁ ଅନ୍ୟ ବସଷ୍ଟାଣ୍ଡ ତୁଳନାରେ ଉକ୍ତ ବସଷ୍ଟାଣ୍ଡର ଆଶାତୀତ ବିକାଶ ହୋଇ ପାରି ନାହିଁ। ଅପରପକ୍ଷେ ବସଷ୍ଟାଣ୍ଡ ପରିସର ସଙ୍କୁଚିତ ହୋଇପଡ଼ି ଥିବାବେଳେ ଏଠାରେ ସର୍ବନିମ୍ନ ମୌଳିକ ସେବା ମଧ୍ୟ ଅପହଞ୍ଚ ହୋଇ ପଡ଼ିଥିବା ଅଭିଯୋଗ ହୋଇ ଆସୁଛି। ଏପରିକି ବସଷ୍ଟାଣ୍ଡ ଫାଟକ ସଂକୁଚିତ ଥିବାରୁ ଯାତ୍ରୀବାହୀ ବସ୍ ଗୁଡ଼ିକର ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ବସଷ୍ଟାଣ୍ଡରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଆଗକୁ ବରଗଡ଼ ସରକାରୀ ବସଷ୍ଟାଣ୍ଡର ବିକାଶକୁ ମୁହାଁଇବ ନା ଉଚ୍ଛେଦରେ ସୀମିତ ରହିଯିବ, ତାହା ସମୟ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ହନୁମାନ ଜୟନ୍ତୀ ପାଇଁ କଳସ ଯାତ୍ରା

**ଅତାବିରା,୬।୪(ଯୁଧିଷ୍ଠିର ମହାପାତ୍ର):** ଅତାବିରା ସଙ୍କଟ ମୋଚନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପର୍ବ ପାଳନ ଶୁଭାରମ୍ଭ ପୂର୍ବକ ସୋମବାର କଳସ ଯାତ୍ରା ସମ୍ପୂର୍ଣ୍ଣ ହୋଇଛି । ସକାଳ ସାଢେ ୧୦ଟାରେ ସ୍ଥାନୀୟ ପାର୍ବତୀ ମନ୍ଦିରସ୍ଥିତ ପୋଖରୀରୁ ସଂକଳ୍ପିତ ପୂର୍ଣ୍ଣ କଳସ ନେଇ କର୍ତ୍ତ୍ରୀ ପ୍ରତିମା ହୋତା ଏବଂ କର୍ତ୍ତା ଅରୁଣ ହୋତାଙ୍କ ସମେତ ବହୁ ମହିଳା ହନୁମାନ ମନ୍ଦିରରେ ସ୍ଥାପନ କରିଥିଲେ। ପଣ୍ଡିତ ସୌରୀଚରଣ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଆଜିଠୁଁ ହନୁମାନ ଜୟନ୍ତୀ ଯାଏ ପ୍ରତ୍ୟହ ସନ୍ଧ୍ୟା ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ତୁଳସୀ ରାମାୟଣ ନବାହ୍ନ ପାରାୟଣ ଚାଲିଛି। ୧୪ ତାରିଖ ହନୁମାନ ଜୟନ୍ତୀ ତଥା ପବିତ୍ର ପଣା ସଂକ୍ରାନ୍ତି ଅବସରରେ ସନ୍ଧ୍ୟାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ହନୁମାନ ମନ୍ଦିର ଯାଏ ଏକ ବିରାଟ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବିଭିନ୍ନ କଳାକୃତି ପ୍ରଦର୍ଶିତ ହେବ। ଏଥିପାଇଁ ପ୍ରତି ଗାଁରୁ ଏଠାକୁ କିଭଳି ଭକ୍ତ ଆସି ଶୋଭାଯାତ୍ରାରେ ସାମିଲ ହେବେ ସେଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। କଳସ ଶୋଭାଯାତ୍ରାରେ ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ, ଭାରତମାତା ସେବା ନ୍ୟାସ ସଂଗଠନର ମହିଳାମାନେ କଳସ ମୁଣ୍ଡେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ସମର ପ୍ରିମିୟର ଲିଗ୍ ଉଦ୍‌ଘାଟିତ**

## ଡେମନ କିଙ୍ଗସକୁ ହରାଇ ଡିଏସ୍ ଚାଲେଞ୍ଜର୍ସ ବିଜୟୀ

**ପାଇକମାଳ,୬।୪(ବଢ଼ ଶତପଥୀ)**

ପାଇକମାଳ ବ୍ଲକ ଡୁଡୁକିଝରିଆ ଡିଲ ଫଳ ଖେଳପଡ଼ିଆରେ ସିଜନ- ୬ ସମର ପ୍ରିମିୟର କ୍ରିକେଟ ଲିଗ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଶିକ୍ଷକ ପତିତପାବନ ସାହୁ ଓ ସମ୍ମାନିତ ଅତିଥି ଭାବେ ଯୋଗେନ୍ଦ୍ର ହଂସ, ଦେବବ୍ରତ ଦାସ ଯୋଗ ଦେଇ ଖେଳ ଉଦ୍‌ଘାଟନ କରିଥିଲେ। ରୟଲ ଚାଲେଞ୍ଜର୍ସକୁ ହରାଇ ଅନବିଟ ଏବୁଲ ଇଲେଭେନ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଡେମନ କିଙ୍ଗସକୁ ହରାଇ ଡିସି ଚାଲେଞ୍ଜର୍ସ ବିଜୟୀ ହୋଇଥିଲା। ଟୁନା ପୃଷ୍ଟି ଓ ତୁଳସୀ ହଂସ ଖେଳ ପରିଚାଳନା କରିଥିଲେ। ମଣ୍ଟୁ ଷଡଙ୍ଗୀ ସ୍କୋରର ଥିବା ବେଳେ ଆଶୁତୋଷ ତ୍ରିପାଠୀ ଧାରାବିବରଣୀ ପ୍ରଦାନ କରିଥିଲେ।

## ଓଡ଼ିଆ ପକ୍ଷ ପାଳନରେ ସ୍ୱଚ୍ଛତା ଅଭିଯାନ



**ବରଗଡ଼,୬।୪(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ପକ୍ଷ ପାଳନ ପରିପ୍ରେକ୍ଷୀରେ ସୋମବାର ବରଗଡ଼ ଜିଲା ପ୍ରଶାସନ ଓ ବରଗଡ଼ ପୌର ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ସାଇ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ ସହ ସଚ୍ଛତା ଅଭିଯାନର ଶୁଭାରମ୍ଭ କରାଯାଇଛି। ସଚ୍ଛତାକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଲକ୍ଷ୍ୟ ନେଇ 'ଓଡ଼ିଶା ପକ୍ଷ'ର ପ୍ରମୁଖ ଦିବସ ଭାବେ ସାରା ରାଜ୍ୟରେ ଆୟୋଜିତ ହେଉଥିବା ଏହି ସଚ୍ଛତା ଅଭିଯାନରେ ପୌରାଧକ୍ଷା କଳ୍ପନା ମାଝୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଛାତ୍ରୀଛାତ୍ର ଏବଂ ପୌର ପରିଷଦର କର୍ମଚାରୀ ଉପସ୍ଥିତ ରହି ସାଇ ମନ୍ଦିର ପ୍ରାଙ୍ଗଣକୁ ସଫା କରିଥିଲେ।

## ସ୍ୱୟଂପ୍ରଭା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ବରଗଡ଼,୬।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ମହିଳା ସମିତିର ସଭାଗୃହରେ ରବିବାର ସ୍ୱୟଂପ୍ରଭା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ କବି ସମ୍ମିଳନୀ ସହିତ ଅନୁଷ୍ଠାନର ମୁଖପତ୍ର ସ୍ୱୟଂପ୍ରଭା ଉନ୍ମୋଚିତ ହୋଇଥିଲା। ସଭାପତି ନୁରାବତୀ ସାହୁ, ସହ ସମ୍ପାଦିକା ସନ୍ତୋଷିନୀ ଦାଶ, ଡଃ ତପସ୍ୱିନୀ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ପୂର୍ବତନ ପ୍ରାଣୀ ଚିକିତ୍ସକ ଡା. ସନ୍ତୋଷ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ଡା. ଶଙ୍କର ରାମଚନ୍ଦାନୀ, ମାଧୁରୀ ମିଶ୍ର, ସଂସଦର ସମ୍ପାଦିକା କମଳିନୀ ଦେବୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପିକା ମନ୍ଦାକିନୀ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାହିତ୍ୟ ସଂସଦର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହିସମାରୋହରେ ଡା. ଶଙ୍କର ରାମଚନ୍ଦାନୀଙ୍କୁ ତାଙ୍କର ମହତ୍ ସେବା କାର୍ଯ୍ୟ ପାଇଁ 'ସ୍ୱୟଂପ୍ରଭା ସେବା ସମ୍ମାନରେ ସମ୍ମାନିତ କରାଯିବା ସହିତ ସେବାପୁରୁଷ ଉପାଧିରେ ଭୂଷିତ କରାଯାଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ରୀନା ଦାସଙ୍କୁ ଗାୟିକା ରତ୍ନ, ମାଧୁରୀ ମିଶ୍ରଙ୍କୁ ସ୍ୱୟଂପ୍ରଭା ସାହିତ୍ୟ ସମ୍ମାନ, ସୁପ୍ରଭା ସାମଲଙ୍କୁ ଭୂମିସୁତା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱୟଂପ୍ରଭା ସାହିତ୍ୟ ସଂସଦର ସମସ୍ତ ସଦସ୍ୟା

## ମାରୱାଡ଼ି ଧର୍ମଶାଳାରେ ଶପଥ ଗ୍ରହଣ ସମାରୋହ

**ପଦ୍ମପୁର, ୬।୪(ପ୍ରଦୀପ୍ତ ଦାଶ)**

ମାରୱାଡି ଯୁବା ମଞ୍ଚ, ପଦ୍ମପୁର ପକ୍ଷରୁ ମାରୱାଡ଼ି ଧର୍ମଶାଳାରେ ଭବ୍ୟ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ନବନିର୍ବାଚିତ ପଦାଧିକାରୀମାନେ ନିଜ ପଦ ଓ କର୍ତ୍ତବ୍ୟ ପାଇଁ ଶପଥ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବ ପ୍ରାନ୍ତୀୟ ଅଧକ୍ଷ ନରେଶ ଅଗ୍ରୱାଲ ଉପସ୍ଥିତ ରହି ଯୁବକମାନଙ୍କୁ ସମାଜ ସେବା ଓ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରେରିତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ସମାଜ ଅଧକ୍ଷ ଅମରଦୀପ ଅଗ୍ରୱାଲ ଓ ସଚିବ ବଜରଙ୍ଗଗଡ଼ଙ୍କ ଉପସ୍ଥିତି ଉଲ୍ଲେଖନୀୟ ଥିଲା। ନବନିର୍ବାଚିତ ଅଧକ୍ଷ ଆଶିଷ ବଂସଲ ଓ ସଚିବ ସିଏ ଗୋବିନ୍ଦ ଅଗ୍ରୱାଲ ସହ ଅନ୍ୟାନ୍ୟ ପଦାଧିକାରୀମାନେ ନିଷ୍ଠା ଓ ସମର୍ପଣ ସହିତ କାମ କରିବାର ସଙ୍କଳ୍ପ ନେଇଥିଲେ। କାର୍ଯ୍ୟକ୍ରମର ସଫଳ ସଂଚାଳନ ବୀର ଶର୍ମା କରିଥିଲେ ଏବଂ ଧନ୍ୟବାଦ ଜ୍ଞାପନ ଦିନେଶ ଜୈନ 'ବଣ୍ଟି' ପ୍ରଦାନ କରିଥିଲେ। ମିଡିଆ ସଂଯୋଜକ ଆଦେଶ ଶର୍ମାଙ୍କ ଦ୍ୱାରା କାର୍ଯ୍ୟକ୍ରମଟିର ବ୍ୟାପକ ପ୍ରଚାର-ପ୍ରସାର କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମାରୋହରେ ସମାଜର ଅନେକ ସଦସ୍ୟ ଓ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ମାରୱାଡ଼ି ଯୁବ ମଞ୍ଚର ଶପଥ ଗ୍ରହଣ ସମାରୋହ।

# ଉପଭୋକ୍ତା ସଂଘର ଆନ୍ଦୋଳନ ଚେତାବନୀ

**ବରଗଡ଼,୬।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଓ ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘର ମିଳିତ କାର୍ଯ୍ୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ସମାନ ସମସ୍ୟା ଦେଇ ଗତି କରୁଥିବା ଉଭୟ ଅଞ୍ଚଳର ଜନସାଧାରଣ ଅନ୍ୟ ସମସ୍ତରୀୟ ଷ୍ଟେଶନ ଗୁଡ଼ିକ ତୁଳନାରେ ସାଧାରଣ ରେଳସେବା ପାଉନଥିବାରୁ ରେଳବାଇର ବିଷମ ନୀତିକୁ ଏହି ବୈଠକରେ ସମାଲୋଚନା କରାଯାଇଥିଲା। ଦୀର୍ଘଦିନ ଧରି ଏ ଅଞ୍ଚଳରୁ ଭୁବନେଶ୍ୱରକୁ ଏକ ସକାଳୁଆ ଇଣ୍ଟରସିଟି ଏବଂ ଦିଲ୍ଲୀ ଓ ପ୍ରୟାଗରାଜ ପାଇଁ ରେଳ ସଂଯୋଗ ପାଇଁ ବିଭିନ୍ନ ଫୋରମରେ ଦାବି କରାଯାଉଛି। ମାତ୍ର ନାନା ଦେଖାଇ ରେଳବିଭାଗ ଅଗ୍ରାହ୍ୟ କରି ଦେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବରଗଡ଼ ଓ ବଲାଙ୍ଗୀରର ନିର୍ବାଚିତ ଜନ





ବୈଠକରେ ଉପସ୍ଥିତ ବରଗଡ଼ ଓ ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘର କର୍ମକର୍ତ୍ତା, ସଦସ୍ୟବୃନ୍ଦ।

### ରେଳବାଇର ଅଣଦେଖା

ପ୍ରତିନିଧିମାନେ ମଧ୍ୟ ତାକୁ ଗୁରୁତ୍ୱ ଦେଉ ନଥିବାରୁ ଜନ ପ୍ରତିନିଧିଙ୍କ ଉପରେ ବିଷୋଦଗାର ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଉପରୋକ୍ତ ଦାବି ନେଇ ରେଳ ଉପଭୋକ୍ତା ସଂଘର ସଦସ୍ୟମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ମଧ୍ୟ ବରଗଡ଼ରେ ପୁରୀ-ଗାନ୍ଧିଧାମ ଟ୍ରେନ୍‌ର ରହଣୀ ଓ ବରଗଡ଼କୁ ଡି-ଗ୍ରେଡରୁ ବି-ଗ୍ରେଡକୁ ଉନ୍ନୀତ କରିବାକୁ ବିରାଟ ଜନଆନ୍ଦୋଳନ ହୋଇଥିଲା ଏବଂ ସେଥିରେ ଶେଷରେ ଜନତାର ବିଜୟ ହୋଇଥିଲା। ଏବେ ପୁଣି ଥରେ ସେଇ ପରୀକ୍ଷାରେ ଉପନୀତ ହେବାର ସମୟ ଆସିଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଜିଲା ଯୋଜନା କମିଟିର ଅଧକ୍ଷ ନିଯୁକ୍ତ ହୋଇଥିବା ଯୋଗୁ ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ଷଡ଼ଙ୍ଗୀ ତାଙ୍କର ଏହି ଦାୟିତ୍ୱକୁ ଏକ ଆହ୍ୱାନ ରୂପେ ଗ୍ରହଣ କରି ବରଗଡ଼ ଜିଲାର ବିକାଶ ପାଇଁ ଆବଶ୍ୟକ ଯୋଜନା ପ୍ରସ୍ତୁତ କରାଯିବ ବୋଲି ସୂଚନା ଦେଇଥିଲେ। ବୈଠକରେ ବରଗଡ଼ ସଂଘ ତରଫରୁ ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଉପସଭାପତି ପ୍ରିତମ ସିଂହ, ନିର୍ମଳ କର ଓ ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଶୀ, କୋଷାଧକ୍ଷ ଗୋପାଳ ଚନ୍ଦ୍ର ଦାଶ ଏବଂ ବଲାଙ୍ଗୀର ସଂଘ ତରଫରୁ ସଭାପତି ତରୁଣ କୁମାର ମିଶ୍ର, ସମ୍ପାଦକ ବିମଳ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁନା ଅଳଙ୍କାର, ଟଙ୍କା ଲୁଟ

**ରାଉରକେଲା,୬।୪(ସଙ୍ଗୀତା ଜେନା):** ଛେଣ୍ଡ ଥାନା ଅଞ୍ଚଳରେ ବନ୍ଦ ଘରେ ପଶି ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୧୧/୨୬) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ବ୍ୟାଙ୍କ କର୍ମଚାରୀ ଭାସ୍କର ଶର୍ମା ବିଜୁ ପଟ୍ଟନାୟକ ଛକ ନିକଟ କଳିଙ୍ଗ ବିହାରରେ ରୁହନ୍ତି। ସେ କିଛିଦିନ ତଳେ ସପରିବାର କୋଲକାତା ଯାଇଥିଲେ। ସେମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋରମାନେ ଝରକା ଭାଙ୍ଗି ଘରେ ପଶିବା ସହ ଲକ୍ଷ ଲକ୍ଷ ଟଙ୍କାର ସୁନା, ରୂପା ଅଳଙ୍କାର ଏବଂ ନଗଦ ୧୫ ହଜାର ଟଙ୍କା ନେଇଯାଇଥିଲେ। ସୋମବାର କୋଲକାତାରୁ ଫେରିବା ପରେ ଶର୍ମା ଚୋରି ବିଷୟରେ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଏନ୍‌ସିଏ ଶିବିରରେ ରାଉରକେଲାର ଗୁଞ୍ଜନ

**ରାଉରକେଲା,୬।୪(ଦିନେଶ ମିଶ୍ର):** ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ) ଶିବିରରେ ତାଲିମ ପାଇଁ ରାଉରକେଲାର ଗୁଞ୍ଜନ ସାହୁ ମନୋନିତ ହୋଇଛନ୍ତି। ଗୁଞ୍ଜନ ହେଉଛନ୍ତି ରଞ୍ଜନ ସାହୁ ଓ ମନୋରମା ସାହୁଙ୍କ ପୁଅ। ସେ ବର୍ତ୍ତମାନ ଆର୍ଣ୍ଣଲଡ୍



ଇଂରାଜୀ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଛନ୍ତି। ଗୁଞ୍ଜନ ରାଉରକେଲା ପାନପୋଷ ସ୍ଥିତ ପ୍ରଗତି ସ୍ପୋର୍ଟିଂ କ୍ଲବରେ କୋଚ୍ ପ୍ରଶାନ୍ତ କାୟସ୍ଥଙ୍କଠାରୁ କ୍ରିକେଟ ତାଲିମ୍ ନେଉଛନ୍ତି। ଗୁଞ୍ଜନ ୨୦୨୫-୨୬ରେ ପ୍ରଥମ ଥର ଓଡିଶା ଅଣ୍ଡର-୧୬ ବାଳକ କ୍ରିକେଟ୍ ଦଳରେ ମନୋନିତ ହୋଇ ଜାତୀୟ ସ୍ତର କ୍ରିକେଟ ପ୍ରତିଯୋଗିତାରେ ସର୍ବାଧିକ ୯ଟି ଉଇକେଟ ନେଇଥିଲେ। ପଞ୍ଜାବ ବିପକ୍ଷରେ ସର୍ବାଧିକ ୪ଟି ଉଇକେଟ ନେଇ ଭିଭିଏସ୍ ଲକ୍ଷ୍ମଣଙ୍କୁ ସେ ପ୍ରଭାବିତ କରିଥିଲେ। ଗୁଞ୍ଜନ ଓପନିଂ ପେସ୍ ବୋଲର ସାଙ୍ଗକୁ ଜଣେ ଦକ୍ଷ ଫିଲ୍ଡର ଭାବେ ଓଡିଶା ଅଣ୍ଡର-୧୬ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ସେ ମେ ମାସ ୧୧ରୁ ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଟିମ୍-ଏ ଅହମ୍ମଦାବାଦରେ ହେବାକୁ ଥିବା ଏନସିଏ ଶିବିରରେ ଯୋଗ ଦେବେ। ଭବିଷ୍ୟତରେ ଆଇପିଏଲ ଓ ଇଣ୍ଡିଆ ଟିମ୍ ଲାଗି ଖେଳିବାକୁ ଗୁଞ୍ଜନ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏକାଡେମୀ ଗୁରୁ କିଶୋର ମାଣିଆ ଓ ପ୍ରଗତି ସ୍ପୋର୍ଟିଂ କ୍ଲବର କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



କଲୁଙ୍ଗା କେନ୍ଦୁପତ୍ର ବନାଞ୍ଚଳରେ ମହିଳାମାନେ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି।

# କେନ୍ଦୁପତ୍ର ଦେଇଛି ରୋଜଗାର

## ୫୨ହଜାର ୨ଶହ ମହିଳା ଉପକୃତ

**ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ)** ସୁନ୍ଦରଗଡ଼ ଜିଲା ରାଉରକେଲା ସହରର ଆଖପାଖ ଅଞ୍ଚଳରେ ପ୍ରାୟ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି। ବଣପାହାଡ ଘେରା ଏହି ଅଞ୍ଚଳର ଆଦିବାସୀ ମହିଳାମାନଙ୍କ ପାଇଁ କେନ୍ଦୁପତ୍ର ସଂଗ୍ରହ କରିବା ରୋଜଗାରର ଏକ ପ୍ରମୁଖ ପନ୍ଥା ପାଲଟିଛି। ରାଉରକେଲା କେନ୍ଦୁପତ୍ର ବନଖଣ୍ଡ ଅଧୀନରେ ୧୧ଟି କେନ୍ଦୁପତ୍ର ବନାଞ୍ଚଳ ରହିଛି। ୨୦୨୫ରେ ଏହି ୧୧ଟି କେନ୍ଦ୍ରପତ୍ର ବନାଞ୍ଚଳରେ ୫୭ ହଜାର ୨ଶହ ମହିଳା କେନ୍ଦୁପତ୍ର ସଂଗ୍ରହ କାର୍ଯ୍ୟରେ ସାମିଲ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ମହିଳାମାନେ ୬କୋଟି ୬ଲକ୍ଷ ୭ହଜାର କେନ୍ଦୁପତ୍ର ତୋଳି ସାରିଥିବା ବେଳେ ଏ ବାବଦକୁ ୧୧କୋଟି ୨୪ଲକ୍ଷ ୮୩ହଜାର ୫୨ଟଙ୍କା ଉପାର୍ଜନ କରିସାରିଛନ୍ତି। ଏଥିସହିତ ମହିଳାମାନେ କେନ୍ଦୁପତ୍ର ବାନ୍ଧିବା ସହିତ ପତ୍ର ଶୁଖାଇବା ଆଦି ଆନୁଷଙ୍ଗିକ କାମ ମଧ୍ୟ କରୁଛନ୍ତି। ସ୍ଥାନୀୟ ଆଦିବାସୀ ମହିଳାମାନେ ନିଜ କାମ ସହ ଖାଲି ସମୟରେ କିଛି ସମୟ କେନ୍ଦୁପତ୍ର ତୋଳିବା ଏବଂ ତତ୍ ଜନିତ ଆନୁଷଙ୍ଗିକ କାମ କରି ଅନାୟାସରେ ଦୈନିକ ଶହ ଶହ ଟଙ୍କା ରୋଜଗାର କରୁଛନ୍ତି। ଫଳରେ ବର୍ତ୍ତମାନ ଏହି ମହିଳାମାନଙ୍କ ପାଇଁ ଏହି ବନାଞ୍ଚଳ ଜୀବନ ଜୀବିକାର ଏକ ପ୍ରମୁଖ ସ୍ରୋତ ସାଜିଛି। ରାଜ୍ୟ ସରକାରଙ୍କ କେନ୍ଦୁ ଲିଫ୍ଟ ସଂରକ୍ଷଣ ଓ ବିପଣନ ଯୋଜନା ଏବେ ଏମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଏ ନେଇ କଲୁଙ୍ଗା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ନବୀନ କୁମାର ପ୍ରଧାନ କୁହନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କିଭଳି ଅଧିକରୁ ଅଧିକ କେନ୍ଦୁପତ୍ର ସଂଗ୍ରହ ହୋଇପାରିବ ଏବଂ ସରକାରଙ୍କ ରାଜସ୍ୱ ବୃଦ୍ଧି ପାଇବା ସହ ବନାଞ୍ଚଳ ଶସ୍ୟ ଶ୍ୟାମଳା ରହିବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଥିସହ ବନାଞ୍ଚଳରେ ରହୁଥିବା ଆଦିବାସୀ ମହିଳାମାନେ ଯେଭଳି ଅଧିକରୁ ଅଧିକ ଲାଭବାନ ହୋଇ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହୋଇପାରିବେ ତାହା ଆମର ଲକ୍ଷ୍ୟ ବୋଲି ପ୍ରଧାନ କହିଥିଲେ।

# ହାଇୱା ଧକ୍କାରେ ମହିଳା ଠିକା ଶ୍ରମିକ ମୃତ

**ରାଉରକେଲା,୬।୪(ଦିନେଶ ମିଶ୍ର)**

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଡିଏଭି ଉଙ୍ଗା ଛକରେ ସୋମବାର ଏକ ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ସେକ୍ଟର-୬ ସ୍ଥିତ ଜାମଟୋଲି ବସ୍ତିର ପୂଜା ନାୟକ(୨୪)। ପୋଲିସ ଏକ ମାମଲା (ନଂ.୧୬୧/୨୬) ରୁଜୁ କରି ହାଇୱାକୁ ଜବତ କରିଛି। ଅନ୍ୟପକ୍ଷେ ମୃତା ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବସ୍ତିବାସୀ ଥାନା ଘେରାଉ କରିଥିଲେ। କ୍ଷତିପୂରଣ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପୋଲିସ ସୂଚନା ଅନୁଯାୟୀ, ଜାମଟୋଲି ବସ୍ତିର ପୂଜା ଠିକା ଶ୍ରମିକ କାମ କରନ୍ତି। ସେ ସୋମବାର ସକାଳ ସାଢେ ୭ଟାରେ ସାଇକେଲ ଯୋଗେ ବାଲୁଘାଟକୁ କାମ କରିବାକୁ ଯାଉଥିଲାବେଳେ ଡିଏଭି ଉଙ୍ଗା ଛକରେ ଉକ୍ତ ହାଇୱା (ନଂ.ଓଡି୧୪ଏଚ୍/୮୮୩୮) ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କ୍ଷତିପୂରଣ ଦାବିରେ ଥାନା ଘେରିଲେ ବସ୍ତିବାସିନ୍ଦା

ଯୁବତୀଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଓ ବସ୍ତିବାସୀ ଉଦିତନଗର ଥାନା ଭିତରେ ଥିବା ହାଇୱାକୁ ଭଙ୍ଗାରୁଜା କରିବା ସହ ଥାନା ଘେରାଉ କରିଥିଲେ। ପ୍ଲାଣ୍ଟସାଇଟ୍ ଥାନାଧିକାରୀ ବିଭସ ରଞ୍ଜନ ପ୍ରଧାନ, ଟାଙ୍ଗରପାଲ୍ଲୀ ଥାନାଧିକାରୀ ଦେବେନ୍ଦ୍ର ସେଠୀ ଓ ଉଦିତନଗର ଥାନାଧିକାରୀ ଜ୍ଞାନରଞ୍ଜନ ସାହୁ ଏବଂ ସେକ୍ଟର-୭ ଥାନାଧିକାରୀ ଆର.ଏନ୍. ପାତ୍ର ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଜୋନ୍-୨ ଡିଏସ୍‌ପି ଜ୍ୟୋତିନ୍ଦ୍ର ନାଥ ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ରେଡ୍‌କ୍ରସରୁ ୨୫ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରିଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ପୋଲିସ ଥାନାରେ ଅଟକ ରଖିଥିବା ହାଇୱା ଚାଳକ ଯୋଶେଫ୍ ଲୁଗୁନ୍(୩୨)ଙ୍କୁ କୋର୍ଟଚାଲାଣ କରିବ ବୋଲି ଜଣାପଡିଛି।



ବସ୍ତିବାସିନ୍ଦା ଉଦିତନଗର ଥାନା ଘେରାଉ କରିଛନ୍ତି।

# ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ପ୍ରଥମରୁ ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦିପ୍ତା ବେହେରାଙ୍କ ତତ୍ତ୍ୱାବଧାନରେ ରାଏବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ଦାସ ଯୋଗ ଦେଇଥିଲେ। ପ୍ରଥମେ ନୂତନ ଛାତ୍ରୀଛାତ୍ରଙ୍କୁ ଫାଟକ ସମ୍ମୁଖରୁ ବନ୍ଦାପନା କରି ଗୀତ ଓ ନାଚର ତାଳେ ତାଳେ ସ୍କୁଲକୁ ଅଣାଯାଇଥିଲା। ନୂତନ ବ୍ୟାଗ, କିଟ୍, ବିସ୍କୁଟ, ଚକୋଲେଟ ସହିତ ସ୍ଲେଟ ଦେଇ ଶ୍ରେଣୀକୁ ପ୍ରବେଶ, ଅଗ୍ରପୂଜ୍ୟ ଗଣପତିଙ୍କ ପୂଜା,ଖଡିଛୁଆଁ ଆଦି କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଶକୁନ୍ତଳା ଦାଶ, ସରୋଜ ଜେନା, ମିନତୀ ଖମାରୀ,



ପ୍ରବେଶ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

ଛବି ପ୍ରଧାନ, ଅଜୟ ରାଉତ, ହରିଶଙ୍କର କାମିଲା, ସୁଶାନ୍ତ ରୟ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ପିଲାଙ୍କୁ ଚନ୍ଦନ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଶିକ୍ଷୟିତ୍ରୀ ନିବେଦିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ରୀ ଏବଂ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଣ୍ଡିତ ରୁଦ୍ର ନାରାୟଣ ପଣ୍ଡାଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା।

# ଆଧ୍ୟାତ୍ମିକ ଚେତନା ଶିବିର ଉଦ୍‌ଯାପିତ

**ରାଉରକେଲା,୬।୪(ଦିନେଶ ମିଶ୍ର):** ସେକ୍ଟର-୨୦ସ୍ଥିତ ବ୍ରହ୍ମାକୁମାରୀ ରାଜଯୋଗ ପରିସରରେ ଏକ ସପ୍ତାହବ୍ୟାପୀ ଚାଲିଥିବା ଧ୍ୟାନ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ସେକ୍ଟର-୨୦ସ୍ଥିତ ବ୍ରହ୍ମାକୁମାରୀ ରାଜଯୋଗ କେନ୍ଦ୍ରର ପରିଚାଳିକା ରାଜଯୋଗିନୀ ଅଞ୍ଜଳି ଭଉଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚିନ୍ତାମୁକ୍ତ ଜୀବନ ପାଇଁ ନିଜକୁ ଆତ୍ମା ବିବେଚିତ କରି ଆଧ୍ୟାତ୍ମିକ ଚେତନାଶକ୍ତିକୁ ଧାରଣା କରିବା ଜରୁରୀ ବୋଲି ଅଞ୍ଜଳି ଦିଦି ମତପ୍ରକାଶ କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ଉଉଣୀ ଭାଇ ଯୋଗ ଦେଇଥିଲେ। ଶିବିରରେ ରାଜଯୋଗ ସହିତ ଧ୍ୟାନ, ଆତ୍ମଜ୍ଞାନ, ମୂଲ୍ୟଶିକ୍ଷା ଓ ସକାରାତ୍ମକ ଚିନ୍ତନ ବିଷୟରେ ବିଶେଷ ଶିକ୍ଷା ଦିଆଯାଇଥିଲା। ବ୍ରହ୍ମାକୁମାର ଅମୂଲ୍ୟ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଜିଏଚ୍: ନିରାମୟରେ ମିଳୁନି ସବୁ ଔଷଧ

**ରାଉରକେଲା,୬।୪(ଦିନେଶ ମିଶ୍ର)**

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ରୋଗୀମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଉଛି। ତେବେ ଏଠାରେ ମାତ୍ର ୮୦ ପ୍ରକାର ଔଷଧ ମିଳୁଥିବାବେଳେ ଅନ୍ୟ ଔଷଧ ପାଇଁ ରୋଗୀମାନେ ଘରୋଇ ଔଷଧ ଦୋକାନ ଉପରେ ନିର୍ଭର କରୁଛନ୍ତି। ଏହାର ସୁଯୋଗରେ ଡାକ୍ତରଖାନା ବାହାରେ ଥିବା କିଛି ଦୋକାନୀ ଚଢାଦରରେ ଔଷଧ ବିକ୍ରି କରୁଛନ୍ତି। ଏହାଦ୍ୱାରା ରୋଗୀମାନେ ଶୋଷଣର ଶିକାର ହେଉଛନ୍ତି।

ରାଉରକେଲା ସହର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆର୍‌ଜିଏଚ୍‌କୁ ଆସିଥାନ୍ତି। ଏଠାକୁ ନିରାମୟ ଯୋଜନାରେ ୧୭୦ ପ୍ରକାର ଔଷଧ ଆସିବା ବ୍ୟବସ୍ଥା ରହିଥିବାବେଳେ ବର୍ତ୍ତମାନ ମାତ୍ର ୮୦ ପ୍ରକାର ଔଷଧ ଆସୁଛି। ଫଳରେ ଡାକ୍ତରଖାନା ପରିସର ବାହାରେ ଥିବା କିଛି ଔଷଧ ଦୋକାନୀ ଆର୍‌ଜିଏଚ୍‌ରେ ମିଳୁ ନ ଥିବା ଔଷଧକୁ ରୋଗୀମାନଙ୍କୁ ଚଢାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ନେଇ ଆର୍‌ଜିଏଚ୍ ନିର୍ଦ୍ଦେଶକ ଡାକ୍ତର ଆନନ୍ଦ ଗୋପାଳ ମହାନ୍ତିଙ୍କୁ ପଚାରିବାରୁ ଡାକ୍ତରଖାନା ପରିସରରେ ଥିବା ଔଷଧ ଭଣ୍ଡାରକୁ ବର୍ତ୍ତମାନ ନିରାମୟ ଯୋଜନାରେ କେତେ ପ୍ରକାର ଔଷଧ ଆସୁଛି ତାର ସମ୍ପୂର୍ଣ୍ଣ ବିବରଣୀ ମୋ ପାଖରେ ନାହିଁ। ବୁଝିବା ପରେ ତଥ୍ୟ ଦେଇପାରିବି ବୋଲି ସେ କହିଥିଲେ।

# ଭାଗବତ ଅଗଣାରେ ରାମ କଥାମୃତ ସନ୍ଧ୍ୟା

**ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବରଟୋଲିସ୍ଥିତ ଶ୍ରୀ ଶ୍ରୀ ରାମେଶ୍ୱର ବାଟିକା, ଭାଗବତ ଅଗଣା ଏବଂ ବରଟୋଲି ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ରାମ କଥାମୃତ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଯାଇଛି। ବରଟୋଲି ସାଂସ୍କୃତିକ ପରିଷଦ ସଭାପତି ରମାକାନ୍ତ ସୂତାରଙ୍କ ଅଧ୍ୟକ୍ଷତା ଏବଂ ଅଧ୍ୟାପିକା ପ୍ରିୟଙ୍କା ପଲାଇଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ତଥା ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେଶବ ନଗରର ସମ୍ପାଦକ ସୁସ୍ମିତା ମହାପାତ୍ର, ସୁସାହିତ୍ୟିକା ନିରୁପମା ପତି ଏବଂ ଆଲୋଚକ ବ୍ରଜେନ୍ଦ୍ର କୁମାର ଦାଶ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ, ହନୁମାନ ତଥା ସନାତନ ଧର୍ମ, ପରମ୍ପରା ଓ ଆଧ୍ୟାତ୍ମିକତା, ଭକ୍ତିମତା, ଆଦର୍ଶବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ଶ୍ରୀ ରାମେଶ୍ୱର ବାଟିକାର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭାଗବତ ଅଗଣା ସଭାପତି ସୁପ୍ରଭା ଆଚାର୍ଯ୍ୟ ପ୍ରାକ୍‌କଥନ ରଖିଥିଲେ। ଅଧ୍ୟାପକ କରୁଣାକର ପାଢଶାଣୀ, ରବୀନ୍ଦ୍ର ସାହୁ, ସୁରେନ୍ଦ୍ର ଦାସ, ସମୀର କୁମାର ପଟ୍ଟନାୟକ, ରଣଜିତ ବିଶ୍ୱାଳ, ତୁଷାରକାନ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଚନ୍ଦ୍ରକାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



ଭାଗବତ ସନ୍ଧ୍ୟାରେ ଉପସ୍ଥିତ ଆଲୋଚକଗଣ।

# ୨୦ ସ୍ଥାନରେ ଆର୍‌ଏମ୍‌ସି ଖୋଲିଲା ଜଳଛତ୍ର

**ରାଉରକେଲା,୬।୪ (ଦିନେଶ ମିଶ୍ର)**




ଆର୍‌ଏମ୍‌ସି ପକ୍ଷରୁ ଖୋଲିଥିବା ଜଳଛତ୍ର।

ରାଉରକେଲା ସହରରେ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ସୋମବାର ପ୍ରଥମ ପର୍ଯ୍ୟାୟରେ ୨୦ଟି ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଏହି ଜଳଛତ୍ରଗୁଡିକ ସହରର ପ୍ରମୁଖ ଛକ ଉଦିତନଗର ଆମ୍ବେଦକର ଛକ, ପାନପୋଷ ଛକ, ସିଭିଲଟାଉନଶିପ୍ ଛକ, ବିଶ୍ରା ଛକ ଆଦି ବିଭିନ୍ନ ସ୍ଥାନରେ ଖୋଲାଯାଇଛି। ଖରାଦିନରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଆର୍‌ଏମ୍‌ସି ପକ୍ଷରୁ ପ୍ରତ୍ୟେକ ଜଳଛତ୍ରରେ ୩ଟି ମାଟିହାଣ୍ଡି ସହ ସ୍ୱତନ୍ତ୍ର ଥଣ୍ଡାପାଣି ଓ ଗ୍ଲାସ୍ ବ୍ୟବସ୍ଥା ହୋଇଛି। ଏହି ଜଳଛତ୍ରକୁ ପରିଚାଳନା କରିବା ପାଇଁ ସହରରେ ଥିବା ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନିୟୋଜିତ କରାଯାଇଛି। ଏସ୍‌ଏଚ୍‌ଜି ମହିଳାମାନେ ପ୍ରତ୍ୟେକ ଦିନ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜଳଛତ୍ରରେ ରହି ପଥଚାରୀଙ୍କୁ ଜଳ ବିତରଣ କରିବେ। ଏହି ଜଳଛତ୍ର ଆସନ୍ତା ଜୁନ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡିଛି।

# ପ୍ରଗତି ଉତ୍କଳ ସଂଘରେ ପଖାଳ ଦିବସ, ବନ୍ଧୁମିଳନ କାର୍ଯ୍ୟକ୍ରମ

**ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ)**

ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ପଖାଳ ଜଡ଼ିତ। ଓଡ଼ିଆଙ୍କ ଜନଜୀବନ ସହିତ ପଖାଳର ସମ୍ପର୍କ ବହୁ ପୁରାତନ ଓ ନିବିଡ। ବିଗତ କିଛି ବର୍ଷ ହେଲା ମାର୍ଚ୍ଚ ୨୦ ତାରିଖକୁ ଆନୁଷ୍ଠାନିକ ଭାବେ ପଖାଳ ଦିବସ ଭାବେ ପାଳନ କରାଯାଉଥିଲେ ମଧ୍ୟ ଗ୍ରୀଷ୍ମଋତୁ ଆଗମନରେ ସ୍ଥାନ ବିଶେଷରେ ଓଡ଼ିଆମାନେ ଭିନ୍ନ ଭିନ୍ନ ଦିନ ଏହି ଦିବସକୁ ବନ୍ଧୁ ମିଳନ ଉତ୍ସବ ଭାବେ ଉପଭୋଗ କରିଆସୁଛନ୍ତି। ଏହି କ୍ରମରେ ରାଉରକେଲାର ପ୍ରଗତି ଉତ୍କଳ ସଂଘରେ ରବିବାର ଏହାର ବାର୍ଷିକ ସାଧାରଣ ସଭା ଅବସରରେ ପଖାଳ ଦିବସ ସହ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରତାପ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପରେ



ସଂଘର ସଦସ୍ୟମାନେ ପଖାଳ ଦିବସ ପାଳନ କରୁଛନ୍ତି।

ମଧୁ ମଣ୍ଡପରେ ପଖାଳ ଦିବସ ପାଳନ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ଓ ଉପଦେଷ୍ଟା ଶାନ୍ତନୁ କୁମାର ପରିଚ୍ଛା ଯୋଗ ଦେଇଥିଲେ। ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ଡ. ପ୍ରଭାତ କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ସମ୍ପାଦକ ଘନଶ୍ୟାମ ଦଳ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ପାଠାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ୨୩୯ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର

**ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବେଦବ୍ୟାସ ଲାୟନ୍ସ ଚକ୍ଷୁ ଓ ଜେନେରାଲ ହସ୍ପିଟାଲରେ ରୋଗୀମାନଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ସହିତ ଚଷମା ଓ ଔଷଧ ବଣ୍ଟନ କରାଯାଇଛି। ଗତ ମାର୍ଚ୍ଚ ୧ରୁ ୩୧ ତାରିଖ ମଧ୍ୟରେ ୬ଟି ଗାଁରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହିସବୁ ଶିବିରରେ ରୋଗୀମାନଙ୍କୁ ପରୀକ୍ଷା କରି ୨୩୯ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ସୋମବାର ସେମାନଙ୍କୁ ମାଗଣା ଚଷମା ଓ ଔଷଧ ବଣ୍ଟନ କରାଯାଇଥିଲା। ସଭାପତି ପବନ ଅଗ୍ରୱାଲ, ହସ୍ପିଟାଲ ଅଧ୍ୟକ୍ଷ ସୁରେଶ କେଜରିୱାଲ, ସଚିବ ବିକାଶ ବିନ୍ଦଲ, କୋଷାଧ୍ୟକ୍ଷ ଅଖିଳ ଶାହଙ୍କ ସମେତ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ।



ଅସ୍ତ୍ରୋପଚାର ହୋଇଥିବା ରୋଗୀ।

# ନବଜାତକର ଜଟିଳ ସ୍ନାୟବିକ ଅସ୍ତ୍ରୋପଚାର ସଫଳ

**ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଅଧୀନ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ୍)ର ଡାକ୍ତରୀ ଦଳ ମାତ୍ର ଦୁଇଦିନ ତଳେ ଜନ୍ମିତ ୨.୫ କି.ଗ୍ରା. ଓଜନର ଏକ ନବଜାତ ଶିଶୁର ଜୀବନ ରକ୍ଷାକାରୀ ଅସ୍ତ୍ରୋପଚାରକୁ ସଫଳ କରିଛନ୍ତି। ସୂଚନାଯୋଗ୍ୟ, ଏହି ଜଟିଳ ଅସ୍ତ୍ରୋପଚାର ଆଇଜିଏଚ୍ ତଥା ରାଉରକେଲାରେ ପ୍ରଥମ ଥର ପାଇଁ କରାଯାଇଥିଲା। ସୁଚିତ୍ରା ସିନ୍ଧିଆଙ୍କ ଏହି ଶିଶୁ ଆଇଜିଏଚ୍‌ରେ ସିଜରିଆନ୍ ସେକ୍ସନରେ ଦୁଇଟି ଗୁରୁତର ଜନ୍ମଗତ ଅସ୍ୱାଭାବିକତା-ହାଇଡ୍ରୋସେଫାଲ୍‌ସ ଏବଂ ମେନିଙ୍ଗୋମାଇଲୋସିଲ୍ ନେଇ ଜନ୍ମ ନେଇଥିଲା। ଜନ୍ମ ସମୟରେ କମ୍ ଓଜନ, ଅସ୍ୱାଭାବିକ ମୁଣ୍ଡ ଗଠନ ଏବଂ



ଅପରେଶନ ପରେ ନବଜାତକ ଏବଂ ଡାକ୍ତରୀ ଦଳ।

ପିଠି ପୃଷ୍ଠରେ ଏକ ଜନ୍ମଗତ କ୍ଷତ ଯୋଗୁ ଶିଶୁଟିର ଆଶୁ ଚିକିତ୍ସା ଆବଶ୍ୟକତା ଥିଲା। ନବଜାତ ଶିଶୁକୁ ତୁରନ୍ତ ଆଇସିୟୁକୁ ସ୍ଥାନାନ୍ତର କରାଯିବା ସହ ସିଏମ୍‌ଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଶିଶୁରୋଗ ବିଭାଗର ଅତିରିକ୍ତ ସିଏମ୍‌ଓ ଡାକ୍ତର ଅର୍ଚ୍ଚନା ବେହେରାଙ୍କ ସହିତ ଏକ ଡାକ୍ତରୀ ଦଳ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଶିଶୁର ଗୁରୁତର ଅବସ୍ଥାକୁ ଦୃଷ୍ଟିରେ ରଖି ପିତାମାତାଙ୍କ ସମ୍ମତି ସହିତ ତୁରନ୍ତ ଏକ ଅସ୍ତ୍ରୋପଚାର କରଯାଇଥିଲା। ଶିଶୁଟିର ପର୍ଯ୍ୟାପ୍ତ ଓଜନ ଏବଂ ଶକ୍ତି ବୃଦ୍ଧି କରିବା ନିମନ୍ତେ ମେନିଙ୍ଗୋମାଏଲୋସିଲର ଅସ୍ତ୍ରୋପଚାର କରାଯାଇଥିଲା। ଏହି ଅସ୍ତ୍ରୋପଚାରକୁ ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓ ସଫଳତାର ସହ ସମ୍ପାଦିତ କରିଥିବା ବେଳେ ଅତିରିକ୍ତ ସିଏମ୍‌ଓ (ଆନାସ୍ଥେସିଆ) ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ ଆନାସ୍ଥେସିଆ ସହାୟତା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ ଶିଶୁଟି ସୁସ୍ଥ ହେବାର ଲକ୍ଷଣ ଦେଖାଦେଇଥିବା ବେଳେ ମୁଣ୍ଡର ଆକାର ମଧ୍ୟ ସ୍ୱାଭାବିକ ହେବାକୁ ଲାଗିଥିଲା। ଆଇଜିଏଚ୍‌ର ଏହି ସଫଳତା ଉନ୍ନତ ସ୍ୱାସ୍ଥ୍ୟସେବା କ୍ଷମତା ଏବଂ ଅଭିଜ୍ଞ ତଥା ଉତ୍ସର୍ଗୀକୃତ ଡାକ୍ତରୀ ଦଳଙ୍କ ସମର୍ପଣ ଯୋଗୁ ସମ୍ଭବପର ହୋଇପାରିଛି।

# ମଧୁବାବୁ ମଣ୍ଡଳରେ ଭାଜପା ପ୍ରଶିକ୍ଷଣ ଶିବିର

**ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ):** ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନମଣ୍ଡଳୀର ମଧୁବାବୁ ମଣ୍ଡଳରେ ରବିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ଶିବିର ଗତ ୪ ଓ ୫ ତାରିଖରେ ସେକ୍ଟର-୮ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ସମାରୋହକୁ ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣରେ ଜିଲା ସଂଯୋଜକ ଜଗବନ୍ଧୁ ବେହେରା, ଜିଲା ପ୍ରବକ୍ତା ଗଙ୍ଗାଧର ଦାଶ, ଜିଲା ସାଧାରଣ ସମ୍ପାଦକ ନିରଞ୍ଜନ ମାହାତୋ, ଜିଲା ସମ୍ପାଦକ ପ୍ରଣତାପ ଦାସ, ସୋସିଆଲ ମିଡିଆ ସଂଯୋଜକ ନବୀନ ଗୁପ୍ତା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

**ଗଣ୍ଡପାଲିରେ ଚାଷୀ ସଚେତନତା ଶିବିର**

**ଲୋଇସିଂହା, (ସୁଶାନ୍ତ ବାରିକ):** ଆଗଲପୁର ବ୍ଲକ ନଅଗାଁ(କ) ପଞ୍ଚାୟତ ଅନ୍ତର୍ଗତ ଗଣ୍ଡପାଲି ଗ୍ରାମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ କ୍ଷେତ୍ର ଦିବସ ଶିବିର ସୋମବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ, ଜିଲା କୃଷି ଯୋଜନା ଅଧିକାରୀ ଦେବପ୍ରିୟ ପଣ୍ଡା, କୃଷି ମାର୍ଗ ଦର୍ଶିକା ଭାନୁମତି ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଇଫକୋର କ୍ଷେତ୍ର ଅଧିକାରୀ ଏସ.ମହାନ୍ତି, ରାଜୀନ୍ଦ୍ର ନାଇକ,ଶେଷଦେବ ବିଶ୍ୱାଳ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଜିଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଜନଶୁଣାଣି

**ବଲାଙ୍ଗୀର, ୬।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ସଦର ମହକୁମାସ୍ଥିତ ପଞ୍ଚାୟତ ସାଧନ କେନ୍ଦ୍ରର ବୈଠକ ଗୃହରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ଜିଲାପାଳ ଗୌରଓ ଶିବାଜୀ ଇସଲୱାର ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଆପତ୍ତି ସମ୍ପର୍କିତ ୬୫ଟି ପଞ୍ଜୀକୃତ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ସେଥିରୁ ୪ଟି ସାମୂହିକ ଓ ୬୧ଟି ବ୍ୟକ୍ତିଗତ ଦରଖାସ୍ତ ଥିଲା । ଏଥିରୁ ୭ଟି ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା । ଏହି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଶୋଭିନା ଭୋଇ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆଙ୍କ ସମେତ ବହୁ ଜିଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ ଓ ଉପସ୍ଥିତ ଥିଲେ ।

### ଖପ୍ରାଖୋଲ ବନ୍ଦ ଆଜି

**କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଦୋକାନ ଘର ଯୋଗାଣରେ ବିଳମ୍ବ ପ୍ରତିବାଦ**

**ଖପ୍ରାଖୋଲ, ୬।୪(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ମୁଖ୍ୟ ରାସ୍ତା ନିର୍ମାଣ ପାଇଁ ଦୋକାନ ଘର ଭଙ୍ଗାଯିବା ଘଟଣାର ଏକ ବର୍ଷ ବିତିଛି । ଏହା ପରେ ମଧ୍ୟ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଦୋକାନ ଘର ଯୋଗାଣରେ ବିଳମ୍ବ ପ୍ରତିବାଦରେ ବଣିକ ସଂଘ ତରଫରୁ ବନ୍ଦ ଡାକରା ଦିଆଯାଇଛି । ରାସ୍ତା ନିର୍ମାଣ ପାଇଁ ବର୍ଷେ ତଳେ ମୁଖ୍ୟ ରାସ୍ତା କଡ଼ରେ ଥିବା ଶତାଧିକ ଦୋକାନ ଘର ଭଙ୍ଗା ଯାଇଥିବା ବେଳେ ଆଜିଯାଏଁ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଦୋକାନ ଘର ଯୋଗାଣ ହୋଇନାହିଁ । ଦୋକାନୀଙ୍କୁ ଦୋକାନ ଘର ଯୋଗାଣ ପାଇଁ ଅନେକ ଥର ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ବଣିକ ସଂଘ ମଙ୍ଗଳବାର ଖପ୍ରାଖୋଲରେ ଦୋକାନ ବଜାର ବନ୍ଦ ସହ ଗାଡି ଚଳାଚଳ ବନ୍ଦ ଡାକରା ଦେଇଛି ।

### କୋର୍ଟ କର୍ମଚାରୀ କୋଠାର ଶିଳାନ୍ୟାସ

**ଟିଟିଲାଗଡ଼, ୬।୪(ଶରତ ମିଶ୍ର)**

ଟିଟିଲାଗଡ଼ ଉପକଣ୍ଠସ୍ଥ ଚାହାଁରଭଟା ଠାରେ ସୋମବାର ନୂତନ କୋର୍ଟ ବିଲଡିଂ ପରିସରରେ ଷ୍ଟାଫ୍ କ୍ୱାର୍ଟର୍ସ କୋଠାର ଶିଳାନ୍ୟାସ ହୋଇଯାଇଛି । ଏନେଇ ଭରଚୁଆଲ ଜରିଆରେ ବିଧିବଦ୍ଧ ଭାବରେ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ପ୍ରୋଟଫୋଲିଓ ବିଚାରପତି ଜଷ୍ଟିସ ମୃଦାଙ୍ଗ ସାହୁଙ୍କ ଗହଣରେ ଏହାର ଶିଳାନ୍ୟାସ କରିଥିଲେ । ଏନେଇ ଶିଳାନ୍ୟାସ ସ୍ଥଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଅତିରିକ୍ତ ଜିଲା ଓ ଦୌରା ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ, ସବଜଜ୍ କୃଷ୍ଣଚନ୍ଦ୍ର ନାୟକ, ଏସଡ଼ିଜେଏମ ସୁମିତ କୁମାର ପାଣିଗ୍ରାହୀ, ରେଳବାଇ ମାଜିଷ୍ଟ୍ରେଟ ଅଭିଷେକ କଥାଲ, ବାର ସଂଘ ସଭାପତି ବିକାଶ ଭୋଇ, ଉପସଭାପତି ପ୍ରୀତମ ପଣ୍ଡା, ସମ୍ପାଦକ କାର୍ତ୍ତିକେଶ୍ୱର ଛତର, ଯୁଗ୍ମ ସମ୍ପାଦକ ପଙ୍କଜ ବାଗ, କୋଷାଧ୍ୟକ୍ଷ ପୃଥ୍ୱୀରାଜ ସିଂ, ସରକାରୀ ଅଧିବକ୍ତା ଡମ୍ବରୁଧର କର୍ମୀ, କିଶୋର ମହାପାତ୍ର, ବୁଲାଶ୍ରୀ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

### ଜୟନ୍ତୀ ଭୋଇ ବଲାଙ୍ଗୀର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା

**କଣ୍ଟାବାଞ୍ଜି, ୬।୪(ଗୁରୁଦୟାଲ ହଂସ)**

ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ଅନୁସାରେ ସୁଶ୍ରୀ ଜୟନ୍ତୀ ଭୋଇ ହେଲେ ବଲାଙ୍ଗୀର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର



ଉପାଧକ୍ଷା । ତୁରେକେଲା ବ୍ଲକ ଜାମୁଟଝୁଲା ଗ୍ରାମର ଜୟନ୍ତୀଙ୍କ ଏହି ନିଯୁକ୍ତିରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଓ ଭାଜପା ରାଜ୍ୟ ଉପସଭାପତି ଶିବାଜି ମହାନ୍ତିଙ୍କ ପ୍ରଚେଷ୍ଟା ରହିଛି । ସୁଶ୍ରୀ ଭୋଇ ଜଣେ ଆଦିବାସୀ ମହିଳା ହୋଇଥିବା ବେଳେ ତୁରେକେଲା ବ୍ଲକ ସମ୍ପୂର୍ଣ୍ଣ ଭାବେ ଆଦିବାସୀ ବହୁଳ ହୋଇଥିବାରୁ ଆଦିବାସୀମାନଙ୍କ ବିଭିନ୍ନ ଅଧିକାର ଉପରେ ଦାବି ଉପସ୍ଥାପନ କରିବେ ବୋଲି ପ୍ରକାଶ କରିଛନ୍ତି । ଭୋଇଙ୍କ ନିଯୁକ୍ତିରେ ନଗର ଭାଜପା ସଭାପତି ବେଦବ୍ୟାସ ନାଗ, ଯୁବ ମୋର୍ଚ୍ଚା ସଭାପତି ଧର୍ମାନନ୍ଦ ଯୁଏଡ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି ।

# ସମର୍ପିତ ବ୍ୟକ୍ତିଙ୍କ ପାଇଁ ଭାଜପା ଦ୍ୱାର ଖୋଲା: କନକବର୍ଦ୍ଧନ



ମୁଖ୍ୟଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ ବରିଷ୍ଠ ଭାଜପା ନେତାମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ବଲାଙ୍ଗୀରରେ ଭାଜପାର ୪୭ତମ ସ୍ଥାପନା ଦିବସ ସମାରୋହ

**ବଲାଙ୍ଗୀର, ୬।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପଥରଚେପା ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ସୋମବାର ଭାଜପାର ୪୭ ତମ ସ୍ଥାପନା ଦିବସ ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପ୍ରଭାରୀ ତଥା ପୂର୍ବତନ ସାଂସଦ ପର୍ଶୁରାମ ମାଝି, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍‌ପ୍ରକାଶ ଯୋଷୀ, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ମଞ୍ଚାସୀନ ହୋଇଥିଲେ । ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ଭାଜପା ଦଳ ଗଠନର ଇତିହାସ, ସଂଘର୍ଷ ଏବଂ ଲକ୍ଷ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ୧୯୮୦ ମସିହାରେ କେଉଁ ପରିସ୍ଥିତିରେ ଭାଜପା ଗଠନ ହେଲା ଏବଂ ଆଜି ଦଳ କିଭଳି ସ୍ଥିତିରେ ପହଞ୍ଚିଛି ସେ ଉପରେ ଆଲୋଚନା କରି ଦଳର ମହାମନିଷୀମାନଙ୍କ ସ୍ତୁତିଚାରଣ କରିଥିଲେ । କୌଣସି ବି ଲୋକ ଯଦି ସ୍ୱଳ୍ପକାଳୀନ ସ୍ୱାର୍ଥ ନେଇ ଦଳକୁ ଆସୁଛନ୍ତି ସେମାନଙ୍କୁ କିଛି ଲାଭ ମିଳିବ ନାହିଁ । ଯେଉଁମାନେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଇଚ୍ଛୁକ ସେମାନଙ୍କ ପାଇଁ ଦଳର ଦ୍ୱାର ସବୁବେଳେ ଖୋଲା ବୋଲି ସିଂଦେଓ କହିଥିଲେ । ଭାଜପା ସଙ୍ଗଠନକୁ ଆହୁରି ସୁଦୃଢ଼ କରିବାକୁ ଦଳୀୟ କାର୍ଯ୍ୟକର୍ତ୍ତାମାନେ ପ୍ରସ୍ତୁତ ବୋଲି ସିଂଦେଓ କହିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ସାଙ୍ଗଠନିକ କାର୍ଯ୍ୟ ପାଇଁ ବରିଷ୍ଠ ଭାଜପା ନେତା ବଲାଙ୍ଗୀରର ଗିରିଶ ସିଂଦେଓ, ଟିଟିଲାଗଡର ଟିକେଲାଲ ବେହେରା, ପାଟଣାଗଡ଼ର ଦିନେଶ ଚନ୍ଦ୍ର ଖମାରୀ, ଲୋଇସିଂହାର ଭକ୍ତରାମ ସାହୁ ଏବଂ ବଲାଙ୍ଗୀରର ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ଚାନ୍ଦଙ୍କୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଓ ଅନ୍ୟ ଅତିଥିମାନେ ମାନପତ୍ର, ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାଧାରଣ ସମ୍ପାଦକ କୁନୁ ମୁଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସଭାରେ ସାଧାରଣ ସମ୍ପାଦକ ଦିନେଶ ଶର୍ମା, ଭାଜପା ଯୁବମୋର୍ଚ୍ଚା ସଭାପତି ଅମରଜିତ ପଟେଲ, କିଷାନ ମୋର୍ଚ୍ଚା ସଭାପତି ମାଧବ ସାଏ, ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜିତା ପାଣିଗ୍ରାହୀ, ଏସଟି ମୋର୍ଚ୍ଚାର ଚିତ୍ରସେନ୍ ଭୋଇ, ଏସସି ମୋର୍ଚ୍ଚାର ବିକ୍ରମ ତାଣ୍ଡି, ଓବିସି ମୋର୍ଚ୍ଚାର ମନୋଜ ହାତୀ, ବାଳକୃଷ୍ଣ ଷଡଙ୍ଗୀ, ରୁଣୁ ଗୋପାଳ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ କାର୍ଯ୍ୟକର୍ତ୍ତା ସ୍ଥାପନା ଦିବସ ସମାରୋହରେ ଯୋଗଦାନ କରିଥିଲେ । ଶେଷରେ ସାଧାରଣ ସମ୍ପାଦକ ପ୍ରଶାନ୍ତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଜପାର ପ୍ରତିଷ୍ଠା ଦିବସ



ଅତିଥି ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରୁଛନ୍ତି ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ଲୋଇସିଂହା, ୬।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ (ଖ) ଭାଜପା କାର୍ଯ୍ୟାଳୟରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ତରଫରୁ ଭାଜପାର ୪୭ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ଓଡ଼ିଶା ପଶ୍ଚିମପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁପାତ୍ର ଯୋଗଦେଇଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ମହାଲିଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଐତିହାସିକ ଉପଲବ୍ଧି ବିଷୟରେ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଦେଶକୁ ନୂତନ ସୋପାନକୁ ନେଇଯାଇଛି ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ । ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିରୋଧୀ ଦଳରୁ ବହୁ କର୍ମୀ ଯୋଗଦେଇଥିଲେ । ସେମାନଙ୍କୁ ମନ୍ତ୍ରୀ ଏବଂ ଅତିଥି ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ ଜଣାଇଥିଲେ । ସଭାକାର୍ଯ୍ୟ ପୂର୍ବରୁ କାର୍ଯ୍ୟାଳୟରେ ଦଳର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିକୁ ଅତିଥି ଉନ୍ମୋଚନ କରିଥିଲେ ।

# 'ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ'



ବଡବନ୍ଧଠାରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

## ପଞ୍ଚାୟତରେ ଅଭିଯୋଗ ଶୁଣିଲେ ନରସିଂହ

**ବଲାଙ୍ଗୀର, ୬।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ବଡ଼ବନ୍ଧ ଗ୍ରାମ ପଞ୍ଚାୟତର ବଡ଼ବନ୍ଧଠାରେ ସୋମବାର ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ । ଏହି ଅବସରରେ ମିଶ୍ର କହିଥିଲେ ଯେ, ବିଜେଡି ସରକାର ଅମଳରେ ସାଧାରଣ ଜନତାଙ୍କ ସମସ୍ୟାକୁ ସବୁବେଳେ ଅଣଦେଖା କରାଯାଉଥିଲା । ବର୍ତ୍ତମାନ ସରକାର ବଦଳିବା ପାଖାପାଖି ଦୁଇବର୍ଷ ହୋଇଯାଇଥିଲେ ହେଁ ସେସବୁ ସମସ୍ୟା ଯେମିତିକି ସେମିତି ରହିଯାଇଛି । ଲୋକଙ୍କୁ ପିଇବା ପାଣି ମିଳୁନି କି ଚାଷୀଜମିକୁ ପାଣି ମିଳୁନାହିଁ । ସମସ୍ୟା ସମ୍ପର୍କରେ ଯାହାକୁ କହିଲେ କେହି କିଛି ଶୁଣୁନାହାନ୍ତି । ଏଭଳି ଅବହେଳା ଜାରିରହିଲେ ଆଗକୁ ଜୋରଦାର ଆନ୍ଦୋଳନ ହେବ ବୋଲି ମିଶ୍ର କହିଛନ୍ତି । ବଡବନ୍ଧ ଗାଁ ମଝିରେ ଅନୁଷ୍ଠିତ ବୈଠକରେ ଆଖପାଖ ଅଞ୍ଚଳର ବିଭିନ୍ନ ଗାଁର ଲୋକ ମଧ୍ୟ ଆସି ମିଶ୍ରଙ୍କୁ ଅଭିଯୋଗ କରିଥିଲେ । ବିଶେଷକରି ଚାଷକୁ ପାଣି ନିଅଣ୍ଟ ସମସ୍ୟା ସମ୍ପର୍କରେ କହିଥିଲେ । ସୋନଗଡ ନଦୀରେ ଏକ ବ୍ୟାରେଜ କିମ୍ବା ବୃହତ ଚେକ୍ ଡ୍ୟାମ ନିର୍ମାଣ ପାଇଁ ସରକାରଙ୍କୁ ଦାବି କରାଯିବା ଉପରେ ମିଶ୍ର କହିଥିଲେ । ଏହାସହିତ ବାର୍ଦ୍ଧକ୍ୟ ଭତ୍ତା ଓ ଇନ୍ଦିରା ଆବାସ ପାଇଁ ଯୋଗ୍ୟ ହିତାଧିକାରୀମାନେ ଦରଖାସ୍ତ ଦେବାକୁ କହିଥିଲେ । ସଭାରେ ବଡବନ୍ଧ ସରପଞ୍ଚ ଜଗବନ୍ଧୁ ମେହେର, ସାରସମାଲ ସରପଞ୍ଚ ଗୋପାଳକୃଷ୍ଣ ବାଗ, କଂଗ୍ରେସ ନେତା ଅସିତ ମିଶ୍ର, ଭାଗିରଥି ମେହେର, ପ୍ରଦୀପ ପଧାନ, ପପୁ ପାତ୍ର, ମଦନଜିତ ପଧାନ, ଚିନ୍ମୟ ମିଶ୍ର, ଲାଲ ଚିନ୍ଦା, ଟିକେଶ୍ୱର ପଟଣିଆ, ଫକୀର ରାଉତ, ଦିବ୍ୟାନ ତମଲିଆ, ପିଣ୍ଟୁ ପୋଢ଼ ଉପସ୍ଥିତ ଥିଲେ ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟ ବିଚାରପତି

**ଲୋଇସିଂହା, ୬।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା କୋର୍ଟ ପରିସରରେ ବାର୍ ହଲ, ବିଶ୍ରାମଗାର ଏବଂ କୋର୍ଟ କର୍ମଚାରୀଙ୍କ ସରକାରୀ ବାସଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ଅନ୍ୟତମ ବିଚାରପତି ମୃଣାଙ୍କ ଶେଖର ସାହୁ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ସବୁ ପ୍ରକଳ୍ପ ହେବା ଦ୍ୱାରା ସମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ ମୁଖ୍ୟବିଚାରପତି ଟଣ୍ଡନ । ଏହି କାର୍ଯ୍ୟକ୍ରମରେ ଲୋଇସିଂହା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁହାନୀ ପଟ୍ଟନାୟକ, ଓକିଲ ସଂଘ ସଭାପତି ସଞ୍ଜୟ ଷଡଙ୍ଗୀ, ସମ୍ପାଦକ ଜ୍ୟୋତିରଞ୍ଜନ ପଟେଲ, ଆଇନଜୀବୀ ପ୍ରବୀଣ ତ୍ରିପାଠୀ, ଗୌରିଶଙ୍କର ସାହୁ, ଶୁଭେନ୍ଦୁ ସାହୁ, ପ୍ରୀତିରଞ୍ଜନ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ର, ସହକାରୀ ଯନ୍ତ୍ରୀ ମୁକୁନ୍ଦ କିଷାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ । କୋର୍ଟ କର୍ମଚାରୀ ଆକାଶ କୁମାର ତ୍ରିପାଠୀ,ବିବୁଲ ମହାକୁର, ପ୍ରଶାନ୍ତ ନାଗ, ସୁଦର୍ଶନ ପାଠୀ, ସୁଧାଂଶୁ ପଟେଲ ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, କୋର୍ଟ ପରିସରରେ ବାର୍ ହଲ, କ୍ୟାଣ୍ଟିନ ଓ କର୍ଲିପାଟ ଅଞ୍ଚଳରେ ବି-ଟାଇପ ୪ଟି ଓ ଏଫ୍-ଟାଇପେ ଷ୍ଟାଫକ୍ୱାର୍ଟର୍ସ ନିର୍ମାଣ ହେବା ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ବିଧାନ ନାୟକ କହିଛନ୍ତି । କିନ୍ତୁ ଏହାର ବ୍ୟୟ ଅଟକଳ କେତେ ସେ କହିପାରି ନ ଥିଲେ ।

# 'ତୀବ୍ର ହେବ ଡିଜିଟାଲ ଆନ୍ଦୋଳନ'



ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବଲାଙ୍ଗୀର ପକ୍ଷରୁ ବିଧାୟକ କଳିକେଶ ନାରାୟଣ ସିଂଦେଓ ଏବଂ ବିଧାୟକ ଇରାଶିସ୍ ଆଚାର୍ଯ୍ୟଙ୍କୁ ଦାବିପତ୍ର ଦିଆଯାଉଛି ।

## ଆଉଟସୋର୍ସିଂ କର୍ମଚାରୀ ମହାସଂଘର ବୈଠକ

### ଇରାସିସ୍, ଅରୁଣ, କଳିକେଶଙ୍କୁ ଦେଲେ ଦାବିପତ୍ର

**ବଲାଙ୍ଗୀର, ୬।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଆଉଟସୋର୍ସିଂ କର୍ମଚାରୀ ସଂଘର ସାଧାରଣ ବୈଠକ ସ୍ଥାନୀୟ ଅମଲା ଭବନ ଠାରେ ରବିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ୧୪ ବ୍ଲକରେ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଯୋଗ ଦେଇଥିଲେ । ଆଗାମୀ ଦିନରେ ସଂଘର ଦାବି ପୂରଣ ନ ହେଲେ ଡିଜିଟାଲ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବୈଠକରେ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ବିଭିନ୍ନ ସୋସିଆଲ ମିଡ଼ିଆ ମାଧ୍ୟମରେ ନିଜ ଦାବି ଗୁଡିକୁ ଉପସ୍ଥାପନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା । ମହାସଂଘ ଜିଲା ସଭାପତି ରାଜେଶ ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ବୈଠକକୁ ଜିଲା ସମ୍ପାଦକ ଚଞ୍ଚଳ ମିଶ୍ର ପରିଚାଳନା କରିଥିଲେ । ବୈଠକ ପରେ ବଲାଙ୍ଗୀର ଆସିଥିବା ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଡ. ଅରୁଣ ସାହୁ, ବିଧାୟକ କଳିକେଶ ନାରାୟଣ ସିଂଦେଓ ଏବଂ ଶାସକ ଦଳ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ଭେଟି ଜିଲା ସଂଘ ସଦସ୍ୟ ଦାବିପତ୍ର ପ୍ରଦାନ କରିଥିଲେ । ଆଉଟସୋର୍ସିଂ କର୍ମଚାରୀମାନଙ୍କ ଦାବି ପୂରଣ ଦିଗରେ ଉଚିତ୍ ପଦକ୍ଷେପ ନେବାକୁ ବିଧାୟକମାନଙ୍କୁ ଅନୁରୋଧ କରିଥିଲେ । ବିଗତ ଦିନରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ମହାସଂଘ ପକ୍ଷରୁ ଅନୁଷ୍ଠିତ ୧୦ ଦିନ ବ୍ୟାପୀ ବିଶାଳ ଗଣବିକ୍ଷୋଭ ପରେ ମୁଖ୍ୟମନ୍ତ୍ରୀ ସିଧାସଳଖ ସଂଘର ରାଜ୍ୟ ନେତୃତ୍ୱଙ୍କ ସହିତ ଆଲୋଚନା କରିଥିଲେ । ଖୁବଶୀଘ୍ର ଉଚ୍ଚସ୍ତରୀୟ କମିଟି ଗଠନ ପୂର୍ବକ ଆଉଟ୍‌ସୋର୍ସିଂ ପ୍ରଥା ଉଚ୍ଛେଦ କରାଯିବ, ଛଟେଇ ବନ୍ଦ କରି ନିୟମିତ କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏପର୍ଯ୍ୟନ୍ତ ଆଖିଦୃଶିଆ ପଦକ୍ଷେପ ନେଇ ନାହାନ୍ତି । ଦଶନ୍ଧି ଧରି କାର୍ଯ୍ୟରତ ରାଜ୍ୟର ସହସ୍ରାଧିକ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଭରସା କରି ରହିଛନ୍ତି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି । ବୈଠକରେ ଜିଲା ସଂଘ ଉପସଭାପତି ଦିଲୀପ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଆଶୁତୋଷ ବେହେରାମାଳି, ମିଡ଼ିଆ କୋର୍ଡିନେଟର ଅଭିଳାଷ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ରବୀନ୍ଦ୍ର କୁମାର ନାଏକ, ଲକ୍ଷ୍ମଣ ସାହୁ, ରିତେଶ ସାହୁ, ବିଜୟ ମିଶ୍ର, କୋଷାଧ୍ୟକ୍ଷ ଶିଶିର ଷଡ଼ଙ୍ଗୀ, ସ୍ୱପ୍ନେଶ୍ୱର ମିଶ୍ର, ରଶ୍ମିରଞ୍ଜନ ହୋତା, ସତ୍ଯାନନ୍ଦ ସେଠ, ସରୋଜ ଦେହେରୀ, ମନୋଜ ବେହେରାଙ୍କ ସମେତ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ ।

# ଓକିଲ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

**କଣ୍ଟାବାଞ୍ଜି, ୬।୪(ଗୁରୁଦୟାଲ ହଂସ)**



ବିଧାୟକ ଲକ୍ଷ୍ମଣ ବାଗଙ୍କ ସହ ଓକିଲ ସଂଘର କର୍ମକର୍ତ୍ତା ମଞ୍ଚାସୀନ ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓକିଲ ସଂଘ ପକ୍ଷରୁ ସୋମବାର ସିଭିଲ କୋର୍ଟ ପରିସରରେ ଥିବା ସଂଘ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ କଣ୍ଟାବାଞ୍ଜି ବିଧାୟକ ତଥା ବଲାଙ୍ଗୀର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଲକ୍ଷ୍ମଣ ବାଗଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧନା ସଭାରେ ସଂଘର ସଭାପତି ପ୍ରଫୁଲ୍ଲ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ସଂଘର ଉପସଭାପତି ପର୍ଶୁରାମ ସଗରିଆ, ସମ୍ପାଦକ ମନୋଜ କୁମାର ଦାଶ ମଞ୍ଚାସୀନ ଥିଲେ । ସମ୍ବର୍ଦ୍ଧନା ସଭା ପରେ କଣ୍ଟାବାଞ୍ଜି ତହସିଲ କୋର୍ଟରେ ଥିବା ବିଭିନ୍ନ ସମସ୍ୟା ଉପରେ ଏକ ଦାବିପତ୍ର ବିଧାୟକ ବାଗଙ୍କୁ ସଂଘ ତରଫରୁ ପ୍ରଦାନ କରାଯାଇଛି । ଦାବି ମଧ୍ୟରେ ଓଡ଼ିଶା ସରକାର ଜମିର ଅହେତୁକ ବେଞ୍ଚ ମାର୍କ ମୂଲ୍ୟ ବୃଦ୍ଧି, କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟରେ ୮୦୦ରୁ ଉର୍ଦ୍ଧ୍ୱ ମାମଲା ପଟ୍ଟାଦାର(ନଜୁଲ) ଜମିକୁ ରୟତ ଜମି ପରିବର୍ତ୍ତନ କରିବା, ନବ ନିର୍ମିତ ସିଭିଲ କୋର୍ଟ ପରିସରରେ ଏକ ନୂତନ ଓକିଲ ସଂଘ କାର୍ଯ୍ୟାଳୟ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ଅନୁଦାନ ପ୍ରଦାନ କରିବା ପାଇଁ ଦାବିପତ୍ର ଦେଇଥିଲେ । ଏନେଇ ରାଜସ୍ୱ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମାଧାନ କରିବା ସହ ଓକିଲ ସଂଘ କାର୍ଯ୍ୟାଳୟ ନିର୍ମାଣ ପାଇଁ ବିଧାୟକ ପାଣ୍ଠି ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ବିଧାୟକ ବାଗ ପ୍ରତିଶ୍ରୁତି ଦେଇଥିଲେ ।

# ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ବିଜେଡି ଅନିଶ୍ଚିତତାକୁ ଠେଲିଛି

**ବଲାଙ୍ଗୀର, ୬।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ବରିଷ୍ଠ ବିଜେଡି ନେତା ତଥା ନୟାଗଡ ବିଧାୟକ ଡ. ଅରୁଣ ସାହୁ ରବିବାର ଏକ ଖବରଦାତା ସମ୍ମିଳନୀରେ ଭାଜପା ସରକାରକୁ କଡା ସମାଲୋଚନା କରିଥିଲେ । ଏନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ସୋମବାର ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ପ୍ରତିକ୍ରିୟା ଲୋଡିଥିଲେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ କହିଥିଲେ ଯେ, ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ବିଜେଡି ସରକାର ସମୟରେ କ'ଣ କରିଛନ୍ତି ପ୍ରଥମେ ଉତ୍ତର ରଖନ୍ତୁ । ଏହାପରେ ସେ ଏହି ପ୍ରସଙ୍ଗରେ ଉତ୍ତର ରଖିବେ ବୋଲି କହିଥିଲେ । ବିଜେଡି ସରକାର ସମୟରେ ନବୀନ ପଟ୍ଟନାୟକ ସେ ବିଭାଗ ଦାୟିତ୍ୱରେ ଦୀର୍ଘ ୨୦ ବର୍ଷ ଧରି ରହିଥିଲେ । ମହାନଦୀ, ପୋଲାଭରମ୍ କି ଅନ୍ୟ ପ୍ରସଙ୍ଗରେ କୌଣସି କମିଟି ଗଠନ ଚିନ୍ତା କି ଆଲୋଚନା କରିଥିଲେ କି ବୋଲି ସିଂଦେଓ ପ୍ରଶ୍ନ କରିଛନ୍ତି । ଓଲଟା ମହାନଦୀ ପ୍ରସଙ୍ଗକୁ ନେଇ ଯେଉଁ ଅନିଶ୍ଚିତତା କଥା ସେମାନେ ପଚାରୁଛନ୍ତି ସେମାନେ ହିଁ ସେହି ଅନିଶ୍ଚିତତା ଭିତରେ ଏହାକୁ ପକାଇଛନ୍ତି । ଏପ୍ରିଲ ୧୩ରେ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଶେଷ ହେବ । ଛତିଶଗଡ଼ ସହ ଆଲୋଚନା ହୋଇନାହିଁ ବୋଲି ସେମାନେ ଯେଉଁ ପ୍ରଶ୍ନ ଉଠାଉଛନ୍ତି ସେମାନେ ଜାଣି ରଖିବା ଉଚିତ୍, କେନ୍ଦ୍ର ଜଳ ଆୟୋଗ ନିର୍ଦ୍ଦେଶରେ ଓଡ଼ିଶା ସରକାର କମିଟି ଗଠନ କରିସାରିଛି । ମାତ୍ର ଛତିଶଗଡ଼ କମିଟି ଗଠନ କରିନାହାନ୍ତି । ଏଣୁ ଆମେ କାହା ସହ ଆଲୋଚନା କରିବୁ ବୋଲି ସିଂଦେଓ ପ୍ରଶ୍ନ କରିଛନ୍ତି । ଗତ ୨୪ ବର୍ଷ ଭିତରେ ବିଜେଡି ସରକାର କାହିଁକି କମିଟିଟିଏ ମଧ୍ୟ ଗଠନ କଲେ ନାହିଁ ପ୍ରଥମେ କୁହନ୍ତୁ ତା'ପରେ ଆମେ ଉତ୍ତର ରଖିବୁ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି ।

# କାଳବୈଶାଖୀ ସହ କୁଆପଥର ବର୍ଷା

**ଖପ୍ରାଖୋଲ, ୬।୪(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ, ରେଙ୍ଗାଲଜୁରି ଗାଁରେ ସୋମବାର ଅପରାହ୍ନରେ କାଳବୈଶାଖୀ ସହ କୁଆପଥର ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି । କାଳବୈଶାଖୀ ଯୋଗୁ ଅନେକ ଗଛ ଡାଳ ଭାଙ୍ଗିଥିବାବେଳେ ସ୍ଥାନେ ସ୍ଥାନେ ରାସ୍ତା ଉପରେ ମଧ୍ୟ ଗଛ ପଡ଼ିଥିବା ଜଣାଯାଇଛି । କୁଆପଥର ବର୍ଷା ଯୋଗୁ ଘରଗୁଡ଼ିକର ଆଜବେଷ୍ଟର ଓ ମାଟି ଖପରମାନ ଭାଙ୍ଗି ଚୁରମାର ହୋଇଥିବାବେଳେ ଘର ବାହାରେ ଥିବା ଗାଡ଼ିମୋଟର କାଚ ମଧ୍ୟ ଭାଙ୍ଗିଯାଇଛି । ସେହିପରି ଘର ବାହାରେ ଥିବା ବିଭିନ୍ନ ଉପକରଣ ମଧ୍ୟ ଭାଙ୍ଗି ଯାଇଛି । ରବି ଧାନ, ମୁଗ, ପନିପରିବା ଆଦି ଫସଲ ବ୍ୟାପକ ନଷ୍ଟ ହୋଇଥିବାବେଳେ କୁଆପଥର ବର୍ଷା ଏତେ ମାତ୍ରାରେ ହୋଇଥିଲା ଯେ, କିଛି ସମୟ ପାଇଁ ମାଟି



ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ଗାଁରେ କୁଆପଥର ବିଛୁରିତ ହୋଇପଡ଼ିଛି ।

ଉପର ଧଳା ହୋଇ ବରଫ ବର୍ଷା ଭଳି ଦିଶିଥିଲା । ସେହିପରି କୁଆପଥର ମାଡରେ ଆମ୍ବ ଗଛର ପତ୍ର ସହ ଆମ୍ବ ଝଡି ପଡ଼ିଛି । କାଳବୈଶାଖୀ ଓ କୁଆପଥର ବର୍ଷା ଯୋଗୁ ବ୍ୟାପକ ଫସଲ, ମହୁଲ, ଚାର, ଆମ୍ବ, ତେନ୍ତୁଳି, ଲେମ୍ବୁ ଆଦି ବ୍ୟାପକ ନଷ୍ଟ ହୋଇଛି । ଏନେଇ ଖବରପାଇ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆନନ୍ଦ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିବା ସହିତ କ୍ଷୟକ୍ଷତି ବୁଲି ଦେଖିଛନ୍ତି । ଏହି ଅବସରରେ ସରପଞ୍ଚ ସୁଶୀଲ ଗୁରୁ, ଭାଜପା ନେତା ପଙ୍କଜ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

**■ ଫସଲ ନଷ୍ଟ ସହ ବ୍ୟାପକ କ୍ଷୟକ୍ଷତି**

**■ ଗାଁରେ ପହଞ୍ଚିଲା ପ୍ରଶାସନ**

କୁଆପଥର ମାଡରେ କିଛି ଲୋକ ଆହତ ହୋଇଥିବାବେଳେ ଗାଈଛେଳି ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି । ସେହିପରି ବ୍ଲକର ବିଭିନ୍ନ ଗାଁରେ ପ୍ରବଳ ପବନ ସହିତ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏନେଇ ବିଡିଓ ଷଡ଼ଙ୍ଗୀଙ୍କୁ ପଚାରିବାରୁ ୨ଟି ଯାକ ଗାଁରେ କୁଆପଥର ମାଡରେ ବ୍ୟାପକ କ୍ଷତିହୋଇଛି । ଘରର ମାଟି ଖପର ଓ ଆଜବେଷ୍ଟର ବ୍ୟାପକ କ୍ଷତି ହୋଇଛି । କ୍ଷତିଗ୍ରସ୍ତଙ୍କୁ ଶୁଖିଲା ଖାଦ୍ୟ, ମହମବତି ଆଦି ବଣ୍ଟାଯିବ ବୋଲି କହିଛନ୍ତି । ଏପରି ଘଟଣା ଅଞ୍ଚଳରେ ପ୍ରଥମ ହୋଇଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି ।

## ସଂକ୍ଷେପରେ

### ଭଗିନ୍ଦ୍ର କିଷାନ ସମ୍ବଲପୁର ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ

କୁଚିଣ୍ଡା,୬।୪(ବିରଞ୍ଚି ଦର୍କା)

ସମ୍ବଲପୁର ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ଭାବେ ବାମରା ବ୍ଲକ କରିବାହାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ଭଗିନ୍ଦ୍ର କିଷାନଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ୪୯ବର୍ଷୀୟ ଭଗିନ୍ଦ୍ର ଜଣେ ସାଧାରଣ ଆଦିବାସୀ ପରିବାରରୁ ଦୁଇଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଗ୍ରାମ୍ୟ ବିକାଶ ତଥା ଆଦିବାସୀ କଲ୍ୟାଣରେ ତାଙ୍କ ଅବଦାନକୁ ଦୃଷ୍ଟିରେ ରଖି ସରକାର ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି।

### ସ୍ୱତନ୍ତ୍ର ମାର୍ଗଦର୍ଶନ, ପରାମର୍ଶ ଶିବିର

ନାକଟିଦେଉଳ, ୬।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାଲେଭଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଣ୍ଢଲ ଆଶ୍ରମ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶନ ଓ ପରାମର୍ଶ ଶିବିର ସୋମବାର ଆୟୋଜିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିକ୍ରମ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବରଗଡ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ଅଧାପକ ଡ.ପ୍ରଶାନ୍ତ କୁମାର ଦାଶ ମୁଖ୍ୟ ଆଲୋଚକଭାବେ ଯୋଗଦେଇ ଶିଶୁମାନଙ୍କ ବହୁବିଧ ଶୈକ୍ଷିକ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଅଭିଭାବକ ଓ ଶିକ୍ଷକମାନଙ୍କର ନିରବିଚ୍ଛିନ୍ନ ପ୍ରୟାସ, ଶିଶୁର ବ୍ୟକ୍ତିତ୍ୱର ବିକାଶରେ ସହାୟକ ହୁଏ ବୋଲି ଉପସ୍ଥିତ ଶିକ୍ଷକ ଓ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପର୍ଶୁରାମ ସାହୁ, ଅଭିରାମ କାଣ୍ଡୁଲାନା, ମାନୀ କାଣ୍ଡୁଲାନା, ଗୀତାଞ୍ଜଳି ବିଶି ଓ ବାବୁଲି ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ମାଟ୍ରନ ଇଲାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଓମ୍‌ଫେଡ ସୁପରଭାଇଜରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁଚିଣ୍ଡା,୬।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା ବାମରା ବ୍ଲକ କହପାଣିଠାରେ ରବିବାର ଓମଫେଡ ବାମରା ଦୁଗ୍ଧ ମାର୍ଗ କ୍ଷେତ୍ର ପରିଦର୍ଶକ ସନ୍ତୋଷ କୁମାର ଦେହେରୀ (ସୁପରଭାଇଜର)ଙ୍କୁ ଅସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦୁଗ୍ଧ ଚାଷୀ ଅଶୋକ କୁମାର ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଡିପୁପଡା ବିଏମ୍‌ସିର ରୂପାନନ୍ଦ ପଟେଲ, ଅପରେଟର ପୂର୍ଣ୍ଣଚନ୍ଦ୍ର ନାଏକ, ନାବାର୍ଡ ପ୍ରତିନିଧି ସୋମନାଥ କୁମ୍ଭାର, କହପାଣି ଦୁଗ୍ଧ ସମବାୟ ସମିତି ଆୟୋଜକ ସୁଜାତା ଲାକ୍ରା, ରୋଶନ ପୃଷେଠ, ବିମଳ ପ୍ରଧାନ, ଆଶିଷ ଲାକ୍ରା, ଗୋପିନାଥ ନାୟକ, ବୀରକିଶୋର ପଟେଲ, ଶିବଶଙ୍କର ପାଳ, କ୍ଷୀରୋଦ ମେହେର, ବାଲ୍ୟ ଲାକ୍ରାଙ୍କ ସମେତ ସମସ୍ତ ସମବାୟ ସମିତିର ସଭାପତି, ସମ୍ପାଦକମାନେ ଯୋଗଦେଇଥିଲେ। ସେମାନେ କ୍ଷେତ୍ର ପରିଦର୍ଶକ ଦେହେରୀଙ୍କ ୩୩ବର୍ଷର କାର୍ଯ୍ୟକାଳ ମଧ୍ୟରେ ତାଙ୍କ ଉଦ୍ୟମରେ ବିଭିନ୍ନ ସ୍ଥାନରେ ନୂତନ ସମିତି ଗଠନ ସହ ଆଶାତୀତ ଭାବେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ହୋଇଥିବା ନେଇ ଆଲୋଚନା କରିଥିଲେ।

### ନିୟମ ମାନୁନାହାନ୍ତି ବେସରକାରୀ ସ୍କୁଲ

ଜମନକିରା, ୬।୪(ରବୀନ୍ଦ୍ର ପ୍ରସାଦ ଦାନୀ)

ରାଜ୍ୟରେ ଅସହ୍ୟ ତାତି ଓ ଗ୍ରୀଷ୍ମ ପ୍ରବାହ ବୃଦ୍ଧିକୁ ଦୃଷ୍ଟିରେ ରଖି ଗତ ୨ତାରିଖ ସରକାର ସମସ୍ତ ସ୍କୁଲ ସକାଳ ସାଢ଼େ ୬ ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଜମନକିରା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ଏକ ଇଂରାଜୀ ମାଧ୍ୟମ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ମାନୁ ନଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷ ସାଢ଼େ ୧୧ ଟା ପର୍ଯ୍ୟନ୍ତ ଶିକ୍ଷା ଚାଲୁ ରଖିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକଙ୍କୁ ପଚାରିବାରୁ ସ୍କୁଲ ଖୋଲିବା ଅବଧି ସମ୍ପର୍କରେ ସମସ୍ତ ଶିକ୍ଷାନୁଷ୍ଠାନକୁ ହ୍ୱାଟସ୍ ଆପ ମାଧ୍ୟମରେ ସୂଚନା ଦିଆଯାଇଥିବା କହିଛନ୍ତି। କୁଚିଣ୍ଡା ଉପଜିଲାପାଳ ସରଭାନନ ସି ଘଟଣା ସମ୍ପର୍କରେ ତଦନ୍ତ କରିବେ ବୋଲି କହିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଆମ୍ଭଙ୍କୁ ନୋଟିସ୍ ମିଳି ନଥିବା ଯୋଗୁ ସ୍କୁଲ ସାଢ଼େ ୧୧ ପର୍ଯ୍ୟନ୍ତ ଚାଲୁ ରହିଥିଲା। ଏବେ ମିଳିଥିବା ନୋଟିସ୍ ଅନୁଯାୟୀ ମଙ୍ଗଳବାରଠାରୁ ସକାଳ ସାଢ଼େ ୬ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲୁ ରଖିବୁ ବୋଲି କହିଛନ୍ତି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ




ଅଲିମ୍ପିଆନ୍ ଦୁତି ଚାନ୍ଦ୍‌ଙ୍କୁ କୁଳପତି ସମ୍ବର୍ଦ୍ଧିତ କରୁଛନ୍ତି ।



ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ାବିତ୍‌ଙ୍କ ମାର୍ଚ୍ଚପାଷ୍ଟ ।

ସମ୍ବଲପୁର,୬।୪(ପ୍ରମୋଦ ବହିଦାର)

କ୍ରୀଡା, ଉତ୍ସାହ ଓ ଯୁବଶକ୍ତିର ଏକ ଅପୂର୍ବ ସମନ୍ୱୟ ମଧ୍ୟରେ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପକ୍ଷରୁ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଏମ୍‌ୟୁ ପରିସରରେ ସୋମବାର ଅପରାହ୍ନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁଦ ଶାରୀରିକ ଓ ମାନସିକ ବିକାଶର ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଅଲିମ୍ପିଆନ ଦୁତି ଚାନ୍ଦ ଉପସ୍ଥିତ ରହି ନିଜ ବାଲ୍ୟକାଳର ସଂଘର୍ଷମୟ ସ୍ମୃତି ବଖାଣିଥିଲେ। ପ୍ରତିକୂଳ ପରିସ୍ଥିତିରେ ହାର୍ ନ ମାନି କିଭଳି ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେବ ସେ ନେଇ ଖେଳାଳିମାନଙ୍କୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଜିଏମ୍‌ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଦୁତି ଚାନ୍ଦଙ୍କ ସହ ତାଙ୍କ କ୍ରୀଡ଼ାଗୁରୁ ଶିବ ଦାସ ଏବଂ କ୍ରୀଡା ପରିଷଦ ନିର୍ଦ୍ଦେଶିକା ପ୍ରଫେସର ନମିତା ଷଡ଼ଙ୍ଗୀଙ୍କ ସହ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି

### ଯୋଗଦେଲେ ଅଲିମ୍ପିଆନ୍ ଦୁତି ଚାନ୍ଦ

ଚାରିଦିନିଆ ଖେଳକୁଦ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଶତାଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଏହି ଆୟୋଜନକୁ ଯୁବପିଢ଼ୀଙ୍କ ପାଇଁ ଏକ ସ୍ୱପ୍ନ ଓ ଆଶାର ଉତ୍ସବ ଭାବେ ଅଭିହିତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମା' ସମଲେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହାପୂର୍ବରୁ ଏଠାରେ ଅନୁଷ୍ଠିତ ଏକ ମାର୍ଚ୍ଚପାଷ୍ଟରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ନିଜର ନିଜ ଶିକ୍ଷାନୁଷ୍ଠାନ ପତକା ଧରି ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଜିଏମ୍‌ୟୁ ଓ ଭିଏସ୍‌ଏସ୍ ଷ୍ଟାଡିୟମ ପରିସରରେ ଆୟୋଜିତ ହେଉଛି।

# ଅଗ୍ନି ନିରାପତ୍ତା ସଚେତନତା ଶିବିର



ଅଗ୍ନିଶମ ବିଭାଗ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିରାପତ୍ତା ଡେମୋ ପ୍ରଦର୍ଶନ କରୁଛନ୍ତି।

ନାକଟିଦେଉଳ,୬।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଡଇଁଚା ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଅଗ୍ନି ନିରାପତ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ଅଗ୍ନିଶମ ବିଭାଗ ଅଧିକାରୀ ବିଶିକେଶନ ବିଶି ଶିବିରରେ ଯୋଗଦେଇ ପ୍ରାଥମିକ ଚିକିତ୍ସା, ଦୁର୍ଘଟଣା ସମୟରେ କିପରି ସତର୍କତା ଅବଲମ୍ବନ କରାଯିବ, ବିଭିନ୍ନ ପ୍ରକାର ଅଗ୍ନିଜନିତ ଦୁର୍ଘଟଣା ଓ ମୁକାବିଲାରେ ଅଗ୍ନିଶମ ବିଭାଗର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ମକ୍‌ଡ୍ରିଲ ମାଧ୍ୟମରେ ବିଭିନ୍ନ ପ୍ରକାରର ଦୁର୍ଘଟଣା ଓ ମୁକାବିଲା ସମ୍ପର୍କରେ ଡେମୋ ଦେଖାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଅପରପକ୍ଷରେ ପାଳଗଦା ଓ ସାଧାରଣ ଅଗ୍ନିଜନିତ ଦୁର୍ଘଟଣା ସହ ଗ୍ୟାସ ଟାଙ୍କି, ଧାତୁ, ରୋଷେଇ ସମୟରେ ତେଲ କଡେଇ ଏବଂ ବିଦ୍ୟୁତ୍ ଶଟସର୍କିଟ ଜନିତ ଅଗ୍ନିକାଣ୍ଡରୁ ନିଜକୁ କିପରି ସୁରକ୍ଷିତ ରଖିବେ ସେ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଏଥିସହିତ ଅଗ୍ନି ନିର୍ବାପକ ଯନ୍ତ୍ରର କିପରି ବ୍ୟବହାର କରାଯିବ ସେ ନେଇ ମଧ୍ୟ ସୂଚନା ଦେଇଥିଲେ। ଶିବିରରେ ଆଗ୍ନିକ ପ୍ରକାଶ ସାହୁ, ଚିରଞ୍ଜୀବ ଦାସ, ବିଭୂତି ଭୂଷଣ ସାହୁ, ଦୀପକ ଭୋଇ ଏବଂ ଧରଣୀ ବେହେରା ଯୋଗଦେଇ ବିଭିନ୍ନ ଅଗ୍ନି ଦୁର୍ଘଟଣା ଓ ଏହାର ମୁକାବିଲା ସମ୍ପର୍କିତ ଡେମୋ ଦେଖାଇଥିଲେ।

# ଭିସୁଟ୍‌ରେ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର




ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଶିବିରାର୍ଥୀମାନେ।

ସମ୍ବଲପୁର,୬।୪(ବି.ଶଙ୍କର)

ଓଡ଼ିଶା ସରକାରଙ୍କ ପୃଷ୍ଠପୋଷକତା ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ତ୍ରିଦିବସୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ରେ ସୋମବାର ଉଦ୍‌ଘାଟିତ ହୋଇଛି। ସମନ୍ୱୟକାରୀ କାର୍ଯ୍ୟକ୍ରମ ଅଧିକାରୀ ଡ. ନିବେଦିତା ପଟେଲଙ୍କ ନିର୍ଦ୍ଦେଶନା କାର୍ଯ୍ୟକ୍ରମ ହୋଇଥିଲା। ଭିସୁଟ କୁଳପତି ପ୍ରଫେସର ଡ.ଦୀପକ କୁମାର ସାହୁ ମୁଖ୍ୟ ଅତିଥି, କୁଳସଚିବ ପ୍ରଦୀପ ଡାଙ୍ଗ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ନିବେଦିତା ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏହାପରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ସ୍ୱେଚ୍ଛାସେବୀମାନଙ୍କ ପାଇଁ ପରିବେଶ ଉପଯୋଗୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଫେସର ରାକେଶ ପରିବେଶ ପ୍ରଦୂଷଣ ଓ ପରିବେଶ ସୁରକ୍ଷା ଉପରେ ସ୍ୱେଚ୍ଛାସେବୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ କୃତ୍ରିମ ବୁଦ୍ଧିମତ୍ତା ଉପରେ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଶିବିରାର୍ଥୀମାନଙ୍କର ସୃଜନଶୀଳତାର ପରୀକ୍ଷଣ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣପୂର୍ବକ ପ୍ରଥମ ଦିବସର ସମସ୍ତ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଏନ୍‌ଏସ୍‌ଏସ୍ ଅଧିକାରୀ ସୁଭଦ୍ରା ସାହୁ, ଡ.ପ୍ରିୟଦର୍ଶୀ ତପସ ରଞ୍ଜନ ସ୍ୱାଇଁ, ଅଭୟ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି

କୁଚିଣ୍ଡା,୬।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଆଗତ ହୋଇଥିବା ବିଭିନ୍ନ ସମସ୍ୟା ଓ ଅଭିଯୋଗର ଶୁଣାଣି କରି ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୋଟ ୩୪ଟି ଅଭିଯୋଗ ଆସିଥିଲା। ୨୩ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଥିଲା। ଏଥିରେ ଅଧିକାଂଶ ଅଭିଯୋଗ ପାନୀୟଜଳ ସମସ୍ୟାର ଓ ରାସ୍ତାଘାଟ ସମ୍ବନ୍ଧୀୟ ରହିଥିଲା। ଶିବିରରେ କୁଚିଣ୍ଡା ଉପଜିଲାପାଳ ସରୱନନ ସ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ଦାସ, ତହସିଲଦାର ସରିତା ଓରାମଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୨ଜଣଙ୍କୁ ହ୍ୱିଲ ଚେୟାର ଓ ୫ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଜଗମୋହନ କିଷାନ, ବ୍ଲକ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ, ସିପି ସୁଦୀପ ଲାକ୍ରା, ଆକାଉଣ୍ଟ ଅଫିସର ଅଜୟ ବାଗେ ସହଯୋଗ କରିଥିଲେ।

# ଓଡ଼ିଆ ପକ୍ଷରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ନାକଟୀଦେଉଳ ସ୍ନାତକ କଲେଜ ଛାତ୍ରୀଛାତ୍ର, ଅଧାପିକାଅଧାପକ ରାଲିରେ ବାହାରିଛନ୍ତି।

ନାକଟିଦେଉଳ, ୬।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ସୋମବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ସହ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମସ୍ତ ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରି ନାକଟିଦେଉଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ବିମଳେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ।ସେଠାରେ ଦେବାଳୟ ଚତୁଃପାର୍ଶ୍ୱ ଓ ବିନ୍ଧ୍ୟବାସିନୀ ଦେବୀ ମନ୍ଦିର ବେଢ଼ା ପରିଷ୍କାର କରିବା ସହିତ ନିକଟସ୍ଥ ରାସ୍ତା ସଫେଇ କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅଧାପକ ଦେବେଶ କୁମାର ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ହିମାଂଶୁ ବାରିକ, ଭଜ ମୋହନ ପ୍ରଧାନ, ଅଧାପିକା ଡ.ଆର୍.ପୁଷ୍ପାଞ୍ଜଳି, ଗିରିଶବାଳା ନାୟକ ଓ ଜୟନ୍ତୀ ପ୍ରଧାନ ଓଡିଆ ପକ୍ଷ ପାଳନର ବିଶେଷତ୍ୱ, ସ୍ୱଚ୍ଛ ଓଡ଼ିଶା ର ବିଭିନ୍ନ ଦିଗ ଓ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପିକା ଲିଟିନା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

# ଡିଜିଟାଲ୍ ଜନଗଣନା ସଚେତନତା ରଥର ଶୁଭାରମ୍ଭ

### ନିଜେ ନିଜ ତଥ୍ୟ ଦାଖଲ କରିବାକୁ ଏଡିଏମ୍‌ଙ୍କ ଆହ୍ୱାନ



ଅତିରିକ୍ତ ଜିଲାପାଳ ସବୁଜ ପତାକା ଦେଖାଇ ଡିଜିଟାଲ ଜନଗଣନା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୬।୪(ପ୍ରମୋଦ ବହିଦାର)

ଦେଶର ପ୍ରଥମ ଡିଜିଟାଲ୍ ଜନଗଣନା-୨୦୨୭ ପାଇଁ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଏଠାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହା ସହିତ ସେ ଏହି ଡିଜିଟାଲ୍ ଜନଗଣନାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଭୋଇ କହିଛନ୍ତି, ଜନଗଣନାରୁ ଜନକଲ୍ୟାଣ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ଠିକ୍ ତଥ୍ୟ ପ୍ରଦାନ କଲେ ହିଁ ସରକାରଙ୍କ ବିଭିନ୍ନ ଯୋଜନା ସଫଳ ହୋଇପାରିବ। ଡିଜିଟାଲ୍ ଜନଗଣନାରେ ନାଗରିକମାନେ ପ୍ରଥମ ଥର ପାଇଁ ସ୍ୱଗଣନା ବା ସେଲଫ ଆନୁମେରେଶନ ସୁବିଧା ପାଇପାରିବେ। ଏଥିପାଇଁ ସରକାରଙ୍କ ସ୍ୱତନ୍ତ୍ର ପୋର୍ଟାଲ୍ ମାଧ୍ୟମରେ ନିଜ ନିଜର ବିବରଣୀ ଦାଖଲ କରିହେବ। ଏହି ପ୍ରକ୍ରିୟା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସଚେତନତା ରଥ ସମ୍ବଲପୁର ମହାନଗମ ନିଗମ ସହିତ ଜିଲାର ସମସ୍ତ ବ୍ଲକ୍, ପୌରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପରିକ୍ରମା କରି ଲୋକଙ୍କୁ ଜନଗଣନାରେ ଡିଜିଟାଲ୍ ପଦ୍ଧତି ବିଷୟରେ ଅବଗତ କରିବ। ଲୋକମାନେ କୌଣସି ପ୍ରକାର ଭୟ ବା ଦ୍ୱନ୍ଦ୍ୱରେ ନ ରହି ନିର୍ଭୟରେ ନିଜ ତଥ୍ୟ ଠିକ୍‌ଭାବେ ପ୍ରଦାନ କରି ଦେଶର ବିକାଶରେ ସହଯୋଗ କରିବାକୁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି। ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜନଗଣନା ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଓଡ଼ିଆ ପକ୍ଷ ଉପଲକ୍ଷେ ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ

ରେଢ଼ାଖୋଲ, ୬।୪(ସନ୍ତୋଷ ବଘାର )

ଓଡ଼ିଆ ପକ୍ଷ ଉପଲକ୍ଷେ ସ୍ୱଚ୍ଛ ସମ୍ବଲପୁର, ସୁସ୍ଥ ସମ୍ବଲପୁର ସ୍ଲୋଗାନ ସହିତ ରେଢ଼ାଖୋଲ ପଞ୍ଚାୟତ ସମିତି ପକ୍ଷରୁ ସୋମବାର ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ କର୍ମଚାରୀ ରେଢ଼ାଖୋଲ ବ୍ଲକ ଚାରମାଳ ପାଞ୍ଚୟତ ଅନ୍ତର୍ଗତ ଖୁବେଲ ମନ୍ଦିରରେ ସଫେଇ କାର୍ଯ୍ୟ କରିଥିଲେ। ମନ୍ଦିରର ଚତୁଃପାର୍ଶ୍ୱ ସଫା କରି ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯିବ ବୋଲି ବିଡ଼ିଓ ସେନାପତି କହିଥିଲେ। ଏଥିରେ ଚାରମାଳ ସରପଞ୍ଚ ସଞ୍ଜୟ ପ୍ରଧାନ, ସିଆରପି, ଇଓ ଓ ବ୍ଲକ କର୍ମଚାରୀ ଯୋଗଦେଇଥିଲେ।

# ବିଦ୍ୟୁତ୍ ନାହିଁ, ପାଣି ପାଇଁ ଛାତ୍ରୀଛାତ୍ର ଡହଳବିକଳ

ଜମନକିରା, ୬।୪
(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଅନ୍ତର୍ଗତ ଷଣ୍ଢପଥର ଗାଁରେ ଥିବା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ସେବାଶ୍ରମ ସ୍କୁଲରେ ୭ ଶହରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲଗୁଡିକକୁ ଗୋଟିଏ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ଯୋଗାଣ ହୋଇଥାଏ। ହେଲେ ଉକ୍ତ ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ରବିବାରଠାରୁ ଉକ୍ତ ସବୁ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଖାଇବା, ପିଇବା, ରୋଷେଇ, ସ୍ନାନ, ଶୌଚ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସୋମବାର ପ୍ରାୟ ସାଢ଼େ ୧୧ଟାରେ କେତେଜଣ ଛାତ୍ରୀ ଶିକ୍ଷାନୁଷ୍ଠାନ ନିକଟସ୍ଥ ଏକ ପୋଖରୀକୁ ଗାଧୋଇବାକୁ ଯାଉଥିବା ଦେଖିବାକୁ ମିଳିଥିଲା। ସ୍କୁଲ ଓ ହଷ୍ଟେଲରେ ପାଣି ନ ଥିବାରୁ ସେମାନେ ବାହାରେ ଥିବା ପୋଖରୀକୁ ଯାଉଥିବା କହିଥିଲେ। ଏ ନେଇ ସ୍କୁଲ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତଙ୍କୁ ପଚାରିବାରୁ ବ୍ୟାକଅପରେ ଯାହା ଶକ୍ତି ସଞ୍ଚୟ ହୋଇ ରହିଥିଲା, ସେଥିରେ କେତେଜଣ ଛାତ୍ରୀଛାତ୍ର ସ୍ନାନଶୌଚ କରିପାରିଲେ। ଅବଶିଷ୍ଟ ପିଲା ଗାଧେଇବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ ବୋଲି ସେ କହିଥିଲେ। ବିଦ୍ୟୁତ୍ ସେକ୍ସନ ଅଧିକାରୀ ଶିବଶଙ୍କର ନାନ୍ଦୁଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି।

# ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ବୈଠକ

ସମ୍ବଲପୁର,୬।୪(ବି.ଶଙ୍କର)

ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ପ୍ରସ୍ତୁତି ଏବଂ କର୍ମକର୍ତ୍ତା ଚୟନ ବୁର୍ଲା ସ୍ଥିତ ଡିଏଫସି ଅତିଥି ଭବନଠାରେ ସୋମବାର ଅନୁଷ୍ଠିତ ହୋଇଛି। ଉପଦେଷ୍ଟା ତରଣୀସେନ ଚାନ୍ଦ ଓ ଦେବାଶିଷ ନନ୍ଦ ଏବଂ ଆଇନ ପରାମର୍ଶଦାତା ପ୍ରସନ୍ନ କୁମାର ସାହୁଙ୍କ ମିଳିତ ପରିଚାଳନାରେ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସଭାପତି ରମାକାନ୍ତ ସାହୁ, ଉପସଭାପତି ଯଶବୀର ସିଂ କୌର, ସମ୍ପାଦକ ବସନ୍ତ ମେହେର, ସହ ସମ୍ପାଦକ ରୋହନ ମିଶ୍ର, କୋଷାଧକ୍ଷ ଭାବେ ଜିତୁ ଲାମା ଚୟନ ହୋଇଥିଲେ। ମୁଖ୍ୟ ବିଶେଷ କମିଟିରେ ତ୍ରିଲୋଚନ ସିଂ କୌର, କୁନମୁନ ମହାନ୍ତି, ଲଳିତ ଲୁହା, ଶୁଭେନ୍ଦୁ ସାହୁ, ହିମାଂଶୁ ଧର, ପୱନ କୁମାର ବର୍ମା, ନଗୀ ମହାନନ୍ଦ, ରମାକାନ୍ତ ମେହେର, ଦେବେନ୍ଦ୍ର ମେହେର, ଚନ୍ଦ୍ରମଣି ବାଗ, ନରୋତ୍ତମ ମେହେର, ମଞ୍ଜୁ ବେହେରା, କଳ୍ପନା ମହାଳିକ, ଲକ୍ଷ୍ମୀ ରାଏ, ରୀନାରାଣୀ ସାହୁ, ସୁକାନ୍ତି ବାରିକ, ଶାନ୍ତି ଲାମା, ଶାନ୍ତିଲତା ମହାନ୍ତି, ମମତା ଶର୍ମା, କବିତା ଭଞ୍ଜ, ସୁବଳକାନ୍ତି ସିଂ ବାବୁ ରହିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ବୁର୍ଲା ସହରର ବିଭିନ୍ନ ଛକଗୁଡିକରେ ପ୍ରତ୍ୟେକ ରବିବାର ଥଣ୍ଡା ପାନୀୟ ଜଳ ବିତରଣ କରିବାକୁ ସ୍ଥିର କରାଯାଇଛି। ଏବଂ ଏକ ରକ୍ତଦାନ ଶିବିର ସହିତ ପ୍ରତ୍ୟେକ ପଡାଗୁଡିକୁ ପରିଦର୍ଶନ କରି ସ୍ୱଚ୍ଛତା ସହ ଲୋକମାନଙ୍କର ଅସୁବିଧା ବୁଝିବା, ରାସ୍ତା ଘାଟ, ନାଳନର୍ଦ୍ଦମା ସଫା କିପରି ରହିବ ସେନେଇ ଆଲୋଚନା କରାଯାଇଥିଲା।

# ସୁସ୍ଥ ଶରୀର, ମନ ପାଇଁ ସ୍ୱଚ୍ଛ ରହିବା ଜରୁରୀ

### ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର,୬।୪(ପ୍ରମୋଦ ବହିଦାର)




ଜ୍ୟୋତି ବିହାରରେ ସଫେଇ ଅଭିଯାନରେ ସାମିଲ ଓଡ଼ିଆ ବିଭାଗ ଛାତ୍ରୀଛାତ୍ର।

ଓଡ଼ିଆ ପକ୍ଷ ଉପଲକ୍ଷେ ସୋମବାର ବିଶ୍ୱବିଦ୍ୟାଳୟ ଜ୍ୟୋତିର୍ବିହାରରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ସ୍ନାତକୋର ଓଡ଼ିଆ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରଫେସର ନାକୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କରାଯାଯାଇଥିଲା। ଏହି ଅବସରରେ ପ୍ରଫେସର ହାଁସଦା ବକ୍ତବ୍ୟ ରଖି କହିଥିଲେ, ସୁସ୍ଥ ଶରୀର ଓ ମନ ପାଇଁ ନିଜେ ସ୍ୱଚ୍ଛ ରହିବା ସହ ନିଜ ଚତୁଃପାର୍ଶ୍ୱକୁ ପରିଷ୍କାର ରଖିବା ପ୍ରତ୍ୟେକ ନାଗରିକର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ। ସହକାରୀ ପ୍ରଫେସର ଗୋପୀନାଥ ବାଗ ଏବଂ ପ୍ରଫେସର ଶୁକମୁନି ମେହେର ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ପାଇଁ ଉତ୍ସାହିତ କରିଥିଲେ। ଅଧାପିକା ଡ. ସୁନୀତି ଦେବତା, ଡ. ସବିତାବାଳା ନାୟକ, ଡ. ବନ୍ଦିତା ନାୟକ ଏବଂ ଅଧାପକ ଡ. ଭରଦ୍ୱାଜ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ନାତକୋତ୍ତର ବିଭାଗ ସମୂହ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ଏବଂ ଓଡ଼ିଆ ପକ୍ଷ ପାଳନର ସଂଯୋଜକ ପ୍ରଫେସର ବୁଲୁ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଏହି ସ୍ୱଚ୍ଛତା ଅଭିଯାନ ପୂର୍ବକ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ପରିସରକୁ ପ୍ଲାଷ୍ଟିକମୁକ୍ତ ଓ ସ୍ୱଚ୍ଛ ରଖିବା ପାଇଁ ସମସ୍ତେ ସଙ୍କଳ୍ପ ଗ୍ରହଣ କରିଥିଲେ।

ଧରିତ୍ରୀ 52 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୭/୨୦୨୬ | Bhubaneswar, Tuesday, April 7/2026 | ପୃଷ୍ଠା-୩



ଭଦ୍ରକ ସହର ଆରଡ଼ି ଛକ ନିକଟରେ ସୋମବାର ବସ୍ ଡ୍ରାଇଭର ଓ ଫଳ ଦୋକାନୀଙ୍କ ମଧ୍ୟରେ ବିବାଦ ଯୋଗୁ ବସ୍ ଅଟକି ରହିଥିବାରୁ ସର୍ଭିସ୍ ରୋଡ୍ ଜାମ୍ ହୋଇଛି।

# ତାମିଲନାଡୁର ୯ ପୋଲିସ୍‌ଙ୍କୁ ମୃତ୍ୟୁ ଦଣ୍ଡ

## ୨୦୨୦ର ବାପପୁଅ ହାଜତ ମୃତ୍ୟୁ ମାମଲା

ମଦୁରାଇ,୬।୪

ତାମିଲନାଡୁର ଥୁଥୁକୁଡ଼ି ଜିଲା ଅନ୍ତର୍ଗତ ସାତ୍ତନ୍‌କୁଲମ୍‌ରେ ୨୦୨୦ରେ ଘଟିଥିବା ବାପପୁଅ ହାଜତ ମୃତ୍ୟୁ ମାମଲାରେ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ୍ ସୋମବାର ରାଜ୍ୟର ୯ ଜଣ ପୋଲିସ କର୍ମଚାରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ଅତ୍ୟନ୍ତ ନୃଶଂସତା ଏବଂ କ୍ଷମତା ଦୁରୁପଯୋଗର ବିରଳରୁ ବିରଳତମ ଅପରାଧକୁ ସୂଚାଉଛି ବୋଲି ଅଦାଲତ କହିଛନ୍ତି।

ବ୍ୟବସାୟୀ ପି. ଜୟରାଜ (୫୯) ଓ ତାଙ୍କ ପୁଅ ଜି. ବେନିକ୍ସ (୩୧)ଙ୍କୁ ହାଜତରେ ନିର୍ଯାତନା ଦିଆଯାଇ ହତ୍ୟା କରାଯିବା ମାମଲା ଉପରେ ୬ ବର୍ଷର ଶୁଣାଣି ପରେ ବିଚାରପତି ଜି. ମୁଥୁକୁମାରନ୍ ସମସ୍ତ ୯ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ହାଜତ ନିର୍ଯାତନା ପୂର୍ବ ପରିକଳ୍ପିତ ଥିଲା ଏବଂ ସାରା ରାତି ଚାଲିଥିଲା ବୋଲି



ଜି. ବେନିକ୍ସ ଓ ପି. ଜୟରାଜ

ସିବିଆଇ ତଦନ୍ତ ରିପୋର୍ଟରେ ଦର୍ଶାଇବା ସହ ଅପରାଧୀମାନଙ୍କୁ ସର୍ବାଧିକ ଦଣ୍ଡବିଧାନ କରିବାକୁ ନିବେଦନ କରିଥିଲା। ହାଇକୋର୍ଟ ସିବିଆଇର ଯୁକ୍ତିକୁ ଗ୍ରହଣ କରିଛନ୍ତି। ଦୋଷୀସାବ୍ୟସ୍ତ ହୋଇଥିବା ପୋଲିସ ଅଫିସରମାନେ ହେଲେ ଇନ୍ସପେକ୍ଟର ଏସ୍. ଶ୍ରୀଧର, ସବ୍‌ଇନ୍ସପେକ୍ଟର ପି. ରଘୁଗଣେଶ ଏବଂ କେ. ବାଲକ୍ରିଷ୍ଣନ୍,

☞ପୃଷ୍ଠା-୭

# ପିଲା ନଥାଇ ମଧ୍ୟାହ୍ନଭୋଜନ

## ସିଏଜି ରିପୋର୍ଟ

■ ୩୩.୧୩ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ନାଁରେ ଆସୁଥିଲା, ଖାଉଥିଲେ ୩୦.୯୪ଲକ୍ଷ

ଭୁବନେଶ୍ୱର, ୬।୪(ରବିନାରାୟଣ ଜେନା)

ରାଜ୍ୟରେ ପୂର୍ବ ସରକାର ଅମଳରେ ଛାତ୍ରୀଛାତ୍ରଙ୍କ ଯୋଜନା କିଭଳି ହରିଲୁଟ୍ ହେଉଥିଲା ତା'ର ଗୁମର ପଦାକୁ ଆସିଛି। ଶିକ୍ଷୟିତ୍ରୀ/ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ହାତବାରିସି କରି ସରକାରଙ୍କ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ଅର୍ଥ ଆତ୍ମସାତ୍ କରୁଥିଲେ। ତେବେ ଜଣେ କି ଦୁଇଜଣ, କିମ୍ବା ଗୋଟିଏ ଜିଲାରେ ନୁହେଁ, ରାଜ୍ୟର ବିଭିନ୍ନ ଜିଲାରେ ଜାଲ୍ ଛାତ୍ରୀଛାତ୍ର ଦର୍ଶାଇ ଶିକ୍ଷକମାନେ ମଧ୍ୟାହ୍ନଭୋଜନରେ ବ୍ୟାପକ ଅନିୟମିତତା କରିଛନ୍ତି ବୋଲି ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି) ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

ମାର୍ଚ୍ଚ ୩୧ରେ ସିଏଜିଙ୍କ ପକ୍ଷରୁ ମଧ୍ୟାହ୍ନଭୋଜନ ସମେତ ପୋଷଣର କାର୍ଯ୍ୟକାରିତା ଉପରେ ସମ୍ପାଦିତ ରିପୋର୍ଟରେ ଦର୍ଶାଯାଇଛି ଯେ, ରାଜ୍ୟରେ ପ୍ରକୃତ ଉପସ୍ଥାନ ଅପେକ୍ଷା ମିଡ୍ ଡେ ମିଲ୍(ଏମ୍‌ଡିଏମ୍) ପରିବେଷଣ,ପରିଚାଳନାରେ ବ୍ୟାପକ ଅମେଳ ରହିଛି। ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅକ୍ଟୋବର ୨୦୧୬ରେ ମଧ୍ୟାହ୍ନଭୋଜନ

☞ପୃଷ୍ଠା-୭

# ମଞ୍ଜୁଲତା, ମୁକ୍ତିକାନ୍ତ ବିଜେଡିରୁ ନିଲମ୍ବିତ

## ଦଳ କାହିଁକି ସସ୍‌ପେଣ୍ଡ କଲା ଜାଣିନି: ମୁକ୍ତିକାନ୍ତ

ଭୁବନେଶ୍ୱର, ୬।୪(ସୁନିତ୍ ମିଶ୍ର)

ବିଜେଡିର ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କୁ ଦଳ ସୋମବାର ନିଲମ୍ବନ କରିଛି। ମଞ୍ଜୁଲତା ବର୍ତ୍ତମାନ ବିଜେଡ଼ି ରାଜ୍ୟ ପରିଷଦ ସଦସ୍ୟ ରହିଥିଲେ। ମାତ୍ର ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ଏହାସହ ମଞ୍ଜୁଲତାଙ୍କ ସ୍ୱାମୀ ମୁକ୍ତିକାନ୍ତ ମଣ୍ଡଳଙ୍କୁ ମଧ ଦଳରୁ ନିଲମ୍ବନ କରାଯାଇଛି। ମୁକ୍ତିକାନ୍ତ ଭଦ୍ରକ ଜିଲା ବିଜେଡି ସଙ୍ଗଠନର ସଦସ୍ୟ ଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ବହୁ ବିଜେଡି ନେତା ଦଳ ଛାଡ଼ି ଭାଜପାରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। କିଛିଦିନ ତଳେ ଭଦ୍ରକ ଜିଲାର ଟାଣୁଆ ନେତା ତଥା ଭଣ୍ଡାରିପୋଖରୀର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ୨ ପୁଅ ବିଜେଡି ଛାଡି ଭାଜପାରେ ଯୋଗଦେଇଥିଲେ। ଏବେ ଭଦ୍ରକର ଆଉ ଜଣେ ୨ ଜଣ ନେତା



ମଞ୍ଜୁଲତା ମଣ୍ଡଳ ଓ ମୁକ୍ତିକାନ୍ତ ମଣ୍ଡଳ

ବିଜେଡିରୁ ନିଲମ୍ବିତ ହେବା ପରେ ସେମାନେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରୁଛି। କାରଣ ରାଜ୍ୟରୁ ବିଜେଡି ସରକାର ଯିବା

☞ପୃଷ୍ଠା-୭




# ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ସନ୍ତରଣ ପ୍ରତିଭା ଚିହ୍ନଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଗଣଧାରଣା, ସ୍ଥାନ: ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସିଲ୍କ ସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**
- ବିଶ୍ୱ ବରା ଦିବସ, ସ୍ଥାନ: ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ବାଟିକା, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ଶନିଶ୍ଚରଙ୍କ ୭ମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଗୋଡିସାହି ଶନି ମନ୍ଦିର, ସମୟ: ସକାଳ ୮ଟା।
- ବରା ଦିବସ ପାଳନ, ସ୍ଥାନ– ଢେଙ୍କାନାଳ ସହର ସୂର୍ଯ୍ୟମଣ୍ଡପ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଢେଙ୍କାନାଳ ବରା ଦିବସ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍, ସମୟ:ପୂର୍ବାହ୍ନ ୧୧ଟା।
- ବଜରଙ୍ଗ କ୍ଲବ୍ ପକ୍ଷରୁ ବରା ଦିବସ, ସ୍ଥାନ: ଢେଙ୍କାନାଳ ଶ୍ରୀ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା ୩୦।

**ଅନୁଗୋଳ**
- ବର୍ଣ୍ଣବୋଧ ବହି ବଣ୍ଟନ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଅଙ୍ଗନୱାଡି କେନ୍ଦ୍ର, ସମୟ : ସକାଳ ୭ଟା।
- ଇଗ୍ନୁର ୩୯ତମ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ଅନୁଗୋଳ ବ୍ଲକ ଡାଇମଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ଓଡ଼ିଆ ପକ୍ଷ ଅଭିଯାନ ଅନୁଯାୟୀ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ନେହେରୁବଙ୍ଗଳା, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଝାମୁଯାତ୍ରା ମହୋତ୍ସବ, ସ୍ଥାନ: ମା'ମଙ୍ଗଳା ପୀଠ, ପୋଖରିଆପଡା, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଶ୍ରୀ ମହାବୀର ମନ୍ଦିର, ବବକରପୁର, ଅଳାଇଲୋ, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଅନନ୍ତ ମହାବୀରଙ୍କ ବାର୍ଷିକ ମହୋତ୍ସବ, ସ୍ଥାନ: ନାରାୟଣପୁର, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ଚଣ୍ଡିଆଗଡି, ଆଳି, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- କଳିଙ୍ଗନଗର ଉନ୍ନୟନ ପରିଷଦ (କେଏନ୍‌ଡିଏ) ମାଷ୍ଟର ପ୍ଲାନ୍‌ର ଉପସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଅଗ୍ନିବୀର ପଞ୍ଜୀକରଣ ସଂକ୍ରାନ୍ତରେ ଭର୍ଚୁଆଲ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- କଳିଙ୍ଗନଗର ଉନ୍ନୟନ ପରିଷଦ (କେଏନ୍‌ଡିଏ) ମାଷ୍ଟର ପ୍ଲାନ୍‌ର ଉପସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ: କେଏନ୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୫ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ବର୍ଣ୍ଣବୋଧ ଦିବସ, ସ୍ଥାନ: ଜିଲା ଶିକ୍ଷା ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଦ୍ୱାଦଶ ଦିବସରେ ରାବଣ ବଦ୍ଧ ପର୍ବ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ପଞ୍ଚଦଣ୍ଡ ମେଳଣ, ସ୍ଥାନ: ନୟାଗଡ଼ ବ୍ଲକ ଭୁତଡିହି, ସମୟ: ଅପରାହ୍ନ ୨ଟା।
- ଦଣ୍ଡପର୍ବର ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା, କଣ୍ଟିଲୋ,ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ:ଅପରାହ୍ନ ୨ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଦ୍ୱାଦଶ ଦିବସ ରାତ୍ରରେ ମୁଖା ରାମଲୀଳାରେ ରାବଣ ବଧ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟାରୁ ପ୍ରାତଃ ୬ଟା।

**ନବରଙ୍ଗପୁର**
- ବର୍ଣ୍ଣବୋଧ ବହି ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୯ଟା।
- ବର୍ଣ୍ଣବୋଧ ବହି ବଣ୍ଟନ କାର୍ଯ୍ୟକ୍ରମ, ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବଦ୍ୟାଳୟ, ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- କର୍ମା ମାତା ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଇଙ୍ଗରା, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଚୈତ୍ର ଯାତ୍ରା, ସ୍ଥାନ: ପାତ୍ରୁଆ ବଡ ଦେବତା ମନ୍ଦିର, ସମୟ: ସକାଳ ୭ରୁ ଆରମ୍ଭ।
- ଇଗ୍ନୁର ୩୯ ତମ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ଶିକ୍ଷକଙ୍କ ଶିକ୍ଷା ମହାବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦପୁରରେ ଦଣ୍ଡ ଯାତ୍ରା, ସ୍ଥାନ: ହାଟପଦା କଲେଜ ରୋଡ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଭୋଟର ତାଲିକା ସଂଶୋଧନ ନେଇ ସମନ୍ୱୟ ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଦଶମନ୍ତପୁର, ସମୟ: ଅପରାହ୍ନ ୪ଟା।
- ସେଣ୍ଟ ଜାଭିୟର ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୫ଟା।

**ମାଲକାନଗିରି**
- ଚକ୍ଷୁ ଏବଂ ରକ୍ତଦାନ ଶିବିର, ସ୍ଥାନ: ବିଏସ୍‌ଏଫ କ୍ୟାମ୍ପ, ଚିତ୍ରକୋଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାର ଥ୍ରୋ ଇଭେଣ୍ଟ, ସ୍ଥାନ : ଅମୃତ ବିହାର ପରିସରସ୍ଥ ଖେଳ ପଡିଆ, ସମୟ : ସକାଳ ୬ଟା।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ, ଷ୍ଟାଡିୟମ, ସମୟ : ସକାଳ ୬ଟା।
- ଜିଲା ବିଜୁ ଜନତା ଦଳର ବୈଠକ, ସ୍ଥାନ : ସାକ୍ଷୀପଡାସ୍ଥିତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତାର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ଶିଶୁ କଥା ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ପଛୁଆ ବର୍ଗ ସଙ୍ଗଠନ ପକ୍ଷରୁ ଧାରଣା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ମା'ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମହିଷାସୁରଦରବାର ପଞ୍ଚମ ରଜନୀ, ସ୍ଥାନ: ଡୁଡୁକା, ଆଗଲପୁର ବ୍ଲକ, ସମୟ: ରାତି ୮ଟା।

**ରାଉରକେଲା**
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କୋଏଲ ନଗର ସୁଭଦ୍ରା ବସ୍ତି, ସମୟ: ସକାଳ ୮ଟା।
- କିଶୋରୀ ରତୁସ୍ରାବ ସଚେତନତା ଓ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର–୧୪ ଡିପିଏସ୍ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସିଟୁ ପକ୍ଷରୁ ବୈଠକ, ସ୍ଥାନ: ସେକ୍ଟର–୧୬ ଶ୍ରମିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିପିୟୁଟିରେ ପେନ୍–ପେପର ଏକ୍ସଜାମିନେଶନ ଉତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଧାମରା ସଂଘରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**
- ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ସ୍ଥାନ:ପିଏମ୍‌ଶ୍ରୀ ଜନତା ହାଇସ୍କୁଲ,ବରଗଡ଼, ସମୟ:ସକାଳ ୮ଟା ୩୦।
- ବାର୍ଷିକ ସାଧାରଣ ସଭା, ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଅତାବିରା, ସ୍ଥାନ: ରାମଚଣ୍ଡୀ କଲ୍ୟାଣ ମଣ୍ଡପ, ଲାଦରପାଲି, ସମୟ:ସକାଳ ୯ଟା।
- ଜନଗଣନା ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ପିଏମ୍‌ଶ୍ରୀ ଜନତା ହାଇସ୍କୁଲ, ବରଗଡ଼, ସମୟ: ଅପରାହ୍ନ ୯ଟା ୩୦।
- ଶିବପୁରାଣ ପଠନ, ସ୍ଥାନ: ମହାପାତ୍ର କଲ୍ୟାଣ ମଣ୍ଡପ, ସରଣ୍ଡା, ସମୟ: ଅପରାହ୍ନ ୨ଟା।
- ତୁଳସୀ ରାମାୟଣ ନବାହ ପାରାୟଣ (ଶ୍ରୀରାମ ଜନ୍ମ), ସ୍ଥାନ:ସଙ୍କଟ ମୋଚନ ହନୁମାନ ମନ୍ଦିର, ଅତାବିରା, ସମୟ: ସନ୍ଧ୍ୟା ୫ଟା।
- ପ୍ରଫେସର ଘନଶ୍ୟାମ ଦାଶଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**
- ରାସ୍ତା ପାଇଁ ରାସ୍ତାରୋକୋ କରିବେ ଗ୍ରାମବାସୀ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କୁର୍ଲୁଲା ସିଲେଟପଡା ଛକ, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ଉପଲକ୍ଷେ ଶିଶୁ କଥା ଦିବସ, ସ୍ଥାନ: ଭବାନୀପାଟଣା ବାପୁଜୀ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ:ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତି ୯ଟା।

**ଦେବଗଡ଼**
- ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ବିତରଣ ଉତ୍ସବ, ସ୍ଥାନ: ଦେବଗଡ଼ ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ, ମନ୍ଦାକିନୀ ପ୍ରାଥମିକ ବିଦ୍ୟାଳୟ ଓ ଧରଣୀଧର ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା'ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଷୋଳ ସୁଆଙ୍ଗ ପରିବେଷଣ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୧ଟା।

**ନୂଆପଡ଼ା**
- ଅଖଣ୍ଡ ଷୋହଳ ପ୍ରହର ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଲହୋଣ୍ଡୋପାଲି ଗାଁ, ସମୟ: ପ୍ରାତଃ ୪ଟା ୪୫ ଓ ସନ୍ଧ୍ୟା ୬ଟା ୧୫।
- ଷୋହଳପ୍ରହର ଅଖଣ୍ଡ ବିଶ୍ୱଶାନ୍ତି ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଗୋଇଯୋର ଗାଁ, ସମୟ: ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ପ୍ରାତଃ ୫ଟାରୁ ପ୍ରତି ୩ ଘଣ୍ଟାରେ।

**ଝାରସୁଗୁଡ଼ା**
- ହନୁମାନ ଚାଳିଶା ପଠନ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଟିଖିଲି, ସମୟ: ସକାଳ ୯ଟା।

# ଗୃହ ତାଲିକାରେ ଓଡ଼ିଶା ଗାଁକୁ ଛତିଶଗଡ଼ ଦର୍ଶାଉଛି ଜିଓ ଟ୍ୟାଗ୍

**ଲଖନପୁର,୬।୪(ଗୌତମ ସାହୁ)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୭ ଜନଗଣନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଗୃହ ତାଲିକାକରଣ ସ୍ୱୟଂଗଣନା କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସୀମାନ୍ତ କନକତୋରା ଗ୍ରାମପଞ୍ଚାୟତରେ ଗୃହ ତାଲିକାକରଣ କରାଯାଇଛି। ହେଲେ କନକତୋରା ପଞ୍ଚାୟତର ପ୍ରଥମ ୱାର୍ଡର ଅଧା, ଦ୍ୱିତୀୟ ୱାର୍ଡର ସମ୍ପୂର୍ଣ୍ଣ, ତୃତୀୟ ୱାର୍ଡର ଅଧା ଗୃହ ସହିତ ସୀମା ସ୍ୱୟଂଗଣନା ପାଇଁ ଜିଓ ଟ୍ୟାଗ୍ କଲେ ପଡ଼ୋଶୀ ରାଜ୍ୟର ଛତିଶଗଡ଼ ସୀମା ଦର୍ଶାଉଛି। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଗୃହ ତାଲିକାକରଣ ପାଇଁ ଲୋକମାନେ ନିକଟସ୍ଥ ଆଧାର କେନ୍ଦ୍ରରେ ଉପଯୁକ୍ତ ତଥ୍ୟ ପ୍ରଦାନ କରି ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିବା ନିୟମ ରହିଛି। ଅନ୍‌ଲାଇନ୍‌ରେ ଓଡ଼ିଶାର ଏକ ଗାଁକୁ ପଡ଼ୋଶୀ ରାଜ୍ୟ ସୀମା ଦର୍ଶାଉଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, କନକତୋରା କାଳୀ ମନ୍ଦିର ଛକରୁ ପଡ଼ୋଶୀ ରାଜ୍ୟ ଏକତାଲ ପର୍ଯ୍ୟନ୍ତ ଦୀର୍ଘ ଅଢ଼େଇ କିଲୋମିଟର ରାସ୍ତା ଛତିଶଗଡ଼ ସରକାର ନିର୍ମାଣ କରିଛନ୍ତି। ଓଡ଼ିଶା ସୀମା ମଧ୍ୟରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଲଗାଯାଇଥିବା ଜିରୋ କିଲୋମିଟରର ସୂଚନା ଫଳକକୁ ନେଇ ବିଭିନ୍ନ ଗଣମାଧ୍ୟମ ସହିତ ସୋସିଆଲ ମିଡ଼ିଆରେ କିଛିଦିନ ତଳେ ଭାଇରାଲ ହେବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସମସ୍ୟା କେବଳ ଏକ ଯାନ୍ତ୍ରିକ ତ୍ରୁଟି ନା ଏହା ଦ୍ୱିତୀୟ କୋଟିଆର ପୁନରାବୃତ୍ତି ନୁହେଁ ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହାର ଶୀଘ୍ର ସଂଶୋଧନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଏହି ଗଣନା ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର କୁଳମଣି ଦଳେଇ କହିଛନ୍ତି, ଏହା ଯାନ୍ତ୍ରିକ ତ୍ରୁଟି ହୋଇଥାଇପାରେ, ଏଥିରେ ସୁଧାର ଆଣିବୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୁଆ, ନାରୀ, ଚୋରି,**
**ନାଶେ ମଣିଷର ଶିରୀ।**

ଜୁଆ ଖେଳୁଥିବା ବ୍ୟକ୍ତି, ପରନାରୀ ପ୍ରତି କୁ ନଜର ପକାଉଥିବା ବ୍ୟକ୍ତି ଏବଂ ଚୋରି କରୁଥିବା ବ୍ୟକ୍ତି ଜୀବନକାଳରେ କେବେ ସୁଖ ସମୃଦ୍ଧି ଲାଭ କରିପାରି ନ ଥାନ୍ତି। ଦୁର୍ଭାଗ୍ୟ ଏମାନଙ୍କ ଚିର ସହଚର। ଏପରି କୁକାର୍ଯ୍ୟ କରୁଥିବା ବ୍ୟକ୍ତି ସମାଜରେ କେବଳ ନିନ୍ଦା ଅପବାଦ ପାଇବା ସାର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଗନ୍ନାଥଙ୍କର ବଡେଇ**
**କାହାକୁ ଦିଅନ୍ତି ପାଟ ପିତାମ୍ବରୀ**
**କାହାକୁ ଦିଅନ୍ତି ଗଡ଼େଇ।**

କୁହାଯାଏ ଭଗବାନଙ୍କ କୃପା ଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ଭଗବାନଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ ଓ ତାଙ୍କ କୃପା ବିନା କିଛି ମିଳି ନ ଥାଏ। ତାଙ୍କ ଲୀଳା ବୁଝିବା ମନୁଷ୍ୟଙ୍କ ପକ୍ଷେ କଷ୍ଟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୫,୯୬୭ ଡାକ୍ତର ପଦ...

ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯାଇଥାଏ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ସରକାରଙ୍କ ଯୋଜନା ଓ ବ୍ୟବସ୍ଥା ମୁତାବକ ଡାକ୍ତରୀ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ମିଳୁନାହିଁ। ଏହି ପରିପ୍ରେକ୍ଷୀରେ କଟକ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଶତାଧିକ ଡାକ୍ତରୀ ଡିଗ୍ରୀଧାରୀ ଯୁବତୀଯୁବକ ପ୍ରତିବାଦ କରିଛନ୍ତି। ଡିଗ୍ରୀଧାରୀଙ୍କ ଅଭିଯୋଗ ହେଲା, ଆୟୋଗ ପକ୍ଷରୁ ୨୦୨୫ ଫେବୃଆରୀରେ ୫,୨୪୮ ମେଡିକାଲ ଅଫିସର ପଦ ପାଇଁ ନିଯୁକ୍ତି ବିଜ୍ଞାପନ ବାହାରିଥିବାବେଳେ ଏଥିରେ ୩,୯୫୫ ଡାକ୍ତରୀ ଛାତ୍ରୀଛାତ୍ରମାନେ ଆବେଦନ କରିଥିଲେ। ଏହି ପରୀକ୍ଷା ଗତବର୍ଷ ଜୁନ୍‌ରେ ଅନୁଷ୍ଠିତ ହୋଇଥିବାବେଳେ ୨,୯୨୧ ଜଣ ପରୀକ୍ଷା ଦେଇଥିଲେ ଓ ଅଗଷ୍ଟରେ ଫଳ ପ୍ରକାଶ ପାଇଥିଲା। ୧,୮୪୦ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସେମାନଙ୍କର ସାର୍ଟିଫିକେଟ୍ ଯାଞ୍ଚ କରାଯାଇଥିଲା। ତେବେ ପରୀକ୍ଷାରେ ସାଧାରଣ ବର୍ଗଙ୍କ ସିଟ୍ ସଂଖ୍ୟା ୫୦ ପ୍ରତିଶତ ନ ଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ କୋର୍ଟ ଘଟଣାରେ ହସ୍ତକ୍ଷେପ କରିବା ସହ ଏଥିରେ ରାଜ୍ୟ ସରକାର ଚାହିଁଲେ ନିଯୁକ୍ତି ଦେଇପାରିବେ ବୋଲି ଦର୍ଶାଇଥିଲେ। ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖରେ ନିଯୁକ୍ତି ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରେ ୮୨୨ ଜଣଙ୍କ ନାମ ରହିଥିବାବେଳେ ଅନ୍ୟ ୧,୦୧୮ ଜଣଙ୍କର ନାମ ନ ଥିଲା। ତେବେ ଏହି ୧,୦୧୮ ଜଣଙ୍କ ନାମ ନିଯୁକ୍ତି ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ ଡିଗ୍ରୀଧାରୀମାନେ ପ୍ରତିବାଦ କରିଥିଲେ। ଏନେଇ ଓପିଏସ୍‌ସି ସଚିବ ବିଜୟ ଖଣ୍ଡାୟତରାଏ କହିଛନ୍ତି, ହାଇକୋର୍ଟଙ୍କ ରାୟ ମୁତାବକ ନିଯୁକ୍ତି ପ୍ରକ୍ରିୟା କରାଯିବ। ବିଭାଗ ପକ୍ଷରୁ ଯାହା ନିଷ୍ପତ୍ତି ନିଆଯିବ, ସେହିଅନୁଯାୟୀ କାର୍ଯ୍ୟ କରାଯିବ ବୋଲିସେ କହିଛନ୍ତି।

ପ୍ରତିବାଦ କରିଥିବା ଡିଗ୍ରୀଧାରୀ ଡା. ଓମ୍ ସ୍ୱୟମ୍ ପ୍ରକାଶ ରାଉତରାଏ କହିଛନ୍ତି ଯେ, ସରକାର ଏ ଦିଗରେ ଗୁରୁତ୍ୱ ଦିଅନ୍ତୁ। ଅଢ଼େଇ ବର୍ଷରୁ ଅଧିକ ହେବ ସରକାରୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଓପିଏସ୍‌ସି ପକ୍ଷରୁ ମେଡିକାଲ ଅଫିସର ପଦ ପାଇଁ ପରୀକ୍ଷା କରାଯାଇଥିଲା, ହେଲେ ସେଥିରେ ନିଯୁକ୍ତି ପ୍ରକ୍ରିୟାରେ ଅବହେଳା କରାଯାଇଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୧,୦୧୮ ଜଣ ଛାତ୍ରୀଛାତ୍ରଙ୍କ ଜୀବନ ସହ ଖେଳାଯାଉଛି। ରାଜ୍ୟରେ ଡାକ୍ତର ସଂଖ୍ୟା ଅଭାବ ରହିଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ ଏବଂ ଏ ଦିଗରେ ପୁନର୍ବିଚାର କରନ୍ତୁ।

ଡା. ବିଭାସ କୁମାର ସାହୁ କହିଛନ୍ତି, କୋର୍ଟ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। ନିଯୁକ୍ତି ତାଲିକାରେ କେବଳ ୮୨୨ ଜଣଙ୍କ ନାମ ନୁହେଁ, ବରଂ ୧୮୪୦ ଜଣଙ୍କ ନାମ ଅନ୍ତର୍ଭୁକ୍ତ କରାଯାଉ। ଏହି ଘଟଣାରେ କୋର୍ଟ ହସ୍ତକ୍ଷେପ କରିଛନ୍ତି, ହେଲେ କୋର୍ଟଙ୍କ ରାୟକୁ ପାଳନ କରାଯାଉ ନାହିଁ। ରାଜ୍ୟ ସରକାର ନିଯୁକ୍ତି ଦିଗରେ ଗୁରୁତ୍ୱ ଦିଅନ୍ତୁ। ସେହିପରି ଡା. ପ୍ରିୟମ୍ ଧଳ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦେଉଥିବାବେଳେ ଏବେ ସରକାରୀ ହସ୍ପିଟାଲରେ ଡାକ୍ତର ସଂଖ୍ୟା କମ୍ ରହିଛି। ଏପରିକି ନିଯୁକ୍ତି କରାଯାଉ ନାହିଁ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଡାକ୍ତରଙ୍କୁ ଅବହେଳା କରାଯାଇଛି, ତୁରନ୍ତ ଏଦିଗରେ ପଦକ୍ଷେପ ନିଆଯାଉ।



କଟକ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଡିଗ୍ରୀଧାରୀ ଡାକ୍ତରମାନେ ପ୍ରତିବାଦ କରୁଛନ୍ତି।

### ପୁରାତନ ମଧ୍ୟପ୍ରସ୍ତର...

ଏହି ପୁରାତନ ମଧ୍ୟ ପ୍ରସ୍ତର (ପାଲେଓଲିଥିକ) ଯୁଗର ପଥର ଉପକରଣ ଏବଂ କଳାକୃତି ଦସ୍ତାବିଜ ସନ୍ଧାନ କରିଛନ୍ତି। ରିଆମାଳ ନିକଟରେ ବାଇପାସ ରାସ୍ତା ନିର୍ମାଣ ପାଇଁ ପାହାଡ଼ରୁ ଲାଟେରାଇଟ ମାଟି ଅପସାରଣ ଯୋଗୁ ଉପକରଣଗୁଡ଼ିକ ଷ୍ଟ୍ରାଟିଗ୍ରାଫିରେ ପ୍ରକାଶିତ ହୋଇଥିଲା ଏବଂ ପୃଷ୍ଠରେ ବିଛାଡ଼ି ଦିଆଯାଇଥିଲା। ସଂଗୃହୀତ ସାମଗ୍ରୀରେ ହସ୍ତକୁଠାର, ଫାଳ କରିବା ପ୍ରସ୍ତର ଉପକରଣ( ଲେଭାଲୋଇଜ କୋର୍) ଏବଂ ଛେଲିବା ଉପକରଣ( ଫ୍ଲେକ୍ସ), ଆଲ, ସ୍କ୍ରାପର୍, ପିକ, ଡିସ୍କୋଇଡ ଏବଂ ସାଧାରଣ ପୁରାତନ ମଧ୍ୟ ପ୍ରସ୍ତର (ପାଲେଓଲିଥିକ) ଯୁଗ ସହିତ ସମାନତା ଥିବା ଅନ୍ୟାନ୍ୟ ଉପକରଣ ମଧ୍ୟ ରହିଛି। ଅଧିକ ଗବେଷଣା ନିଶ୍ଚିତ ଭାବରେ ଏହି ଅଞ୍ଚଳର ପ୍ରାଗୈତିହାସିକ ମାନବ ଜୀବନଶୈଳୀ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ ଏବଂ ପ୍ରାଥମିକ ସର୍ବେକ୍ଷଣରୁ ଜଣାଯାଇଛି ଯେ,ଏହି ପ୍ରସ୍ତର ଉପକରଣଗୁଡ଼ିକ ଅତି କମରେ ୬୦ହଜାରରୁ ୭୦ହଜାର ବର୍ଷ ପୁରୁଣା ହେବବୋଲି ଗବେଷକ ଡକ୍ଟର ଜୟ ଶଙ୍କର ନାଏକ ସୋମବାର ସୁନ୍ଦରଗଡଠାରେ ସୂଚନା ଦେଇଛନ୍ତି। ଏହି ପ୍ରତ୍ନତାତ୍ତ୍ୱିକ ଅବଶେଷର ସନ୍ଧାନ ପରେ ଏଠାରେ ବହୁ ପ୍ରାଚୀନ କାଳରେ ଏହି ପୁରାତନ ମଧ୍ୟ ପ୍ରସ୍ତର ଯୁଗର ମାନବ ସଭ୍ୟତା ବିକଶିତ ହୋଇଥିଲା ବୋଲି ଏହି ଗବେଷକମାନେ ଦାବି କରିଛନ୍ତି।

### ଏଲ୍‌ପିଜି: ବିଭାଗ...

ଅଭାବ ନ ଥିବାବେଳେ କମର୍ସିଆଲ ଗ୍ୟାସ୍ ଯୋଗାଣ ମଧ୍ୟ ସ୍ୱାଭାବିକ ହୋଇ ଆସୁଛି। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ଉପଲବ୍ଧ ହୋଇଗଲାଣି। ହସ୍ପିଟାଲ୍, ସ୍କୁଲ, ହଷ୍ଟେଲ, ଆହାର କେନ୍ଦ୍ର ଭଳି ସ୍ଥାନକୁ ୨୦ ପ୍ରତିଶତ ଯୋଗାଇ ଦିଆଯାଉଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ରହିଛି। କିଛି ସମସ୍ୟା ଆସିଲେ ସମାଧାନ କରିବେ। ବେଆଇନ କାରବାର ଉପରେ ନଜର ରଖାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆଜି ପର୍ଯ୍ୟନ୍ତ ୧୬୩୩ଟି ସ୍ଥାନରେ ଯାଞ୍ଚ କରାଯାଇ ୩୧୦୫ ସିଲିଣ୍ଡର ଜବତ କରାଯାଇଛି। ୨୮୮ କେସ୍ ରେକର୍ଡ କରାଯାଇଛି। କଳାବଜାରୀ ଓ ବେଆଇନ୍ ଗଚ୍ଛିତ ସିଲିଣ୍ଡରକୁ ଜବତ କରାଯାଉଛି। ଡିଜିଟାଲ ବୁକିଂ ପାଇଁ ପ୍ରମୁଖ ସଚିବ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି।

ସେ କହିଛନ୍ତି, ରାଜ୍ୟରେ ଏଲ୍‌ପିଜି, ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଉପଲବ୍ଧତା ବଜାୟ ରହିଛି ବୋଲି ତୈଳ ବିପଣନ କମ୍ପାନୀଗୁଡ଼ିକ ନିଶ୍ଚିତ କରିଛନ୍ତି। ଡିଲର ଏବଂ ବିତରକଙ୍କ ପାଖରେ ମଧ୍ୟ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରାଯାଇଛି। ଏହି ଅବସରରେ ତୈଳ କମ୍ପାନୀର ନୋଡାଲ ଅଫିସର କମଲଶୀଲ କହିଛନ୍ତି, ୫ କିଲୋଗ୍ରାମ ବିଶିଷ୍ଟ ସିଲିଣ୍ଡର ସନ୍ଦର୍ଭରେ, ଇ-କେୱାଇସି ମାଧ୍ୟମରେ ଘରୋଇ ସଂଯୋଗ ପ୍ରଦାନ କରାଯାଉଛି। ଛାତ୍ରୀଛାତ୍ର ଏବଂ ଶ୍ରମିକମାନଙ୍କ ପାଇଁ କେବଳ ପରିଚୟ ପତ୍ର (ଆଇଡି ପ୍ରୁଫ୍) ଦେଖାଇ ଅନୁମୋଦିତ ବିତରକଙ୍କ ନିକଟରୁ ୫ କିଲୋଗ୍ରାମର ଏଫ୍‌ଟିଏଲ୍ ସିଲିଣ୍ଡର ନେଇପାରିବେ। ଏହି ଗ୍ରାହକମାନଙ୍କ ପାଇଁ କୌଣସି ଠିକଣା ପ୍ରମାଣପତ୍ରର ଆବଶ୍ୟକତା ନାହିଁ। ଏଥିପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ବିଭିନ୍ନ ସ୍ଥାନରେ ଶିବିରମାନ ଆୟୋଜନ କରାଯାଉଛି ବୋଲି କମଲଶୀଲ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଳୁ ଯୋଗାଣ ପ୍ରସଙ୍ଗରେ ପଶ୍ଚିମବଙ୍ଗ ପରିବର୍ତ୍ତେ ଉତ୍ତରପ୍ରଦେଶରୁ ଆଣିବା ଭଳି ମନ୍ତବ୍ୟ ଦେଇ ହଟହଟା ହୋଇଥିବାବେଳେ ପରେ ଧାନକିଣାରେ ୧୫୦ କୁଇଣ୍ଟାଲ ଧାନ ବିକ୍ରି ପରେ ଚାଷୀଙ୍କୁ ଏମ୍‌ଏସ୍‌ପି ନ ମିଳିବା ଏବଂ ଏବେ ଗ୍ୟାସ୍ ପ୍ରସଙ୍ଗରେ ମଧ୍ୟ ତାଙ୍କର ବିବୃତିକୁ ନେଇ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆପଣଙ୍କ ସମସ୍ତ ଆଶା ଓ ଅଭିଳାଷ ପୂରଣ କରିବେ। ମନୋରଞ୍ଜନ ସକାଶେ ମନ ବଳିବା ସାଙ୍ଗକୁ ଯାତ୍ରାରେ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ବଡ଼ ଧରଣର ହେବ ନାହିଁ। କର୍ତ୍ତବ୍ୟନିଷ୍ଠା ଫଳରେ ସାମାଜିକ ସ୍ତରରେ ଆଦର୍ଶବାଦୀ ହୋଇ ପ୍ରଶଂସିତ ହେବେ।

**ବୃଷ**
ଯାତ୍ରା, ଋଣ ପରିଶୋଧ, ବନ୍ଧୁଙ୍କୁ ସାହାଯ୍ୟ ମାଧ୍ୟମରେ ଅର୍ଥ ବ୍ୟୟ କରାଇପାରନ୍ତି। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ଅପେକ୍ଷାକରି ବିରକ୍ତ ହେବେ। ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବା ସୌଭାଗ୍ୟ ଲାଭକରିବେ।

**ମିଥୁନ**
ଚନ୍ଦ୍ରଙ୍କ ସ୍ଥିତିର ଶୁଭ ପ୍ରଭାବ ଆଜି ଅର୍ଥ,ସମ୍ମାନ ଓ ପ୍ରତିଷ୍ଠା ପ୍ରଦାନରେ ସହାୟକ ହେବ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କର ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ହାଲୁକା ରହିବ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟହେବ।

**କର୍କଟ**
କର୍ମକ୍ଷେତ୍ରର ସମସ୍ୟା କ୍ରମଶଃ ଅପସରିଯାଉଥିବାରୁ ମାନସିକ ଅସ୍ଥିରତା ଦୂରହୋଇଯିବ। ଆପଣ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ନିଜର ଖାଇବା ପିଇବାରେ ଅବହେଳାକରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ଘରଲୋକଙ୍କୁ ଅବିଶ୍ୱାସ କରିବା ସାଙ୍ଗକୁ ପରକଥାକୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି।

**ସିଂହ**
ଆଜିର ଗ୍ରହ ସ୍ଥିତି ମଧ୍ୟମ ପ୍ରକାର ହେତୁ ଭଲ ଓ ମନ୍ଦର ମିଶ୍ରିତ ଫଳ ମାଧ୍ୟମରେ ଦିନଟି ଅତିବାହିତ ହେବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ଯେକୌଣସି ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବାପାଇଁ ସମର୍ଥ ହେବେ। ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି।

**କନ୍ୟା**
ଧନ ସ୍ଥାନକୁ ଧନାଧିପଙ୍କ ଦୃଷ୍ଟିଜନିତ ଅର୍ଥଲାଭ କାରଣରୁ ଅଟକିଥିବା କାମ ସୁବିଧାରେ ହୋଇଯିବ। ସାମାଜିକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାରକରିବା କଷ୍ଟହେବ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଆଶଙ୍କା ରହିଛି। ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**
ରାଶି ପ୍ରତି ରାଶ୍ୟାଧିପଙ୍କ ଶୁଭଦୃଷ୍ଟି କର୍ମକ୍ଷେତ୍ରରେ ଉନ୍ନତିର ପରିଚାୟକ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଦୀର୍ଘଦିନରୁ ସମ୍ପର୍କରେ ଭଙ୍ଗା ପଡ଼ିଥିବା ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ।

**ବିଛା**
ଭାଗ୍ୟାଧିପ ସ୍ଥିର ରାଶିରେ ରହି କାର୍ଯ୍ୟପଦ୍ଧତିକୁ ଠିକ୍ ପରିଚାଳନା କରିପାରନ୍ତି। ସାଧାରଣ କଥାରେ ରାଗିବା ଦ୍ୱାରା ନିଜ ପାଇଁ ଅନିଷ୍ଟକର ପରିସ୍ଥିତି ସୃଷ୍ଟି କରିପାରେ। କୌଣସି ମାଙ୍ଗଳିକ କାମରେ ବନ୍ଧୁମାନଙ୍କୁ ସାହାଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସଙ୍ଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ**
ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାହାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ରାହୁଙ୍କ ପ୍ରଭାବରେ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର**
ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ଦୀର୍ଘଦିନରୁ ସ୍ଥଗିତ ରହିଥିବା ବକେୟା ଆଜି ପାଇପାରନ୍ତି। କୌଣସି ଜନହିତକର କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣକରି ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ସ୍ୱାସ୍ଥ୍ୟ ସଚେତନତା ଅଭାବରୁ ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟପାଇବେ।

**କୁମ୍ଭ**
ଧନଭାବସ୍ଥ ମଙ୍ଗଳଙ୍କ ପ୍ରଭାବରେ ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଦୂରେଇରହିବା ଭଲ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ।

**ମୀନ**
ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିବ। କର୍ମକ୍ଷେତ୍ରର କୌଣସି ନିକଟତମ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲକରିବେ। ଦୀର୍ଘ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

ଆଜି ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ବୈଶାଖ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର–ଜ୍ୟେଷ୍ଠା/ବିଛା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୪୪ ଗତେ, ୧୦।୩୫ ମଧ୍ୟେ, ଘ.୦୧।୦୨ ଗତେ, ଘ.୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୬ ମଧ୍ୟେ ରାହୁକାଳ।

**ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶ**

କଟକ,(କାର୍ତ୍ତିକ ସାହୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାଫଳ ସୋମବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in ଓ www.bseodisha.nic.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନିମନ୍ତେ ଆବେଦନ କରିଥିବା ପରୀକ୍ଷାର୍ଥୀମାନେ ନିଜ ଫଳ ଜାଣିପାରିବେ। ୬ଷ୍ଠରୁ ୯ମ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଏହି ପ୍ରବେଶିକା ପରୀକ୍ଷା ଉଦ୍ଦିଷ୍ଟ। ଗତ ମାର୍ଚ୍ଚ ୧୩ରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

# ୧୪ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି

**ଭୁବନେଶ୍ୱର, ୬।୪(ସୁଚିସ୍ମିତା ସାହୁ)**

ଓଡ଼ିଶାର ୧୪ ବିଶ୍ୱବିଦ୍ୟାଳୟରେ ନୂଆ କୁଳପତି ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଅନୁଯାୟୀ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସୋମବାର ଦୁଇଟି ପର୍ଯ୍ୟାୟରେ ଏହି ନିଯୁକ୍ତି ଦେଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ୩ଟି ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ କରାଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୧୧ଟି ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ କରାଯାଇଛି। ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସଞ୍ଜୟ କୁମାର ପାତ୍ର ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଖଲ୍ଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଅସୀମା ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କୁ ନିଯୁକ୍ତ କରାଯାଇଥିବାବେଳେ ପ୍ରଫେସର ଶିବରାମ ତ୍ରିପାଠୀ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ପ୍ରଫେସର ବିଭୂତି ଭୂଷଣ ମଲିକ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଫେସର ଜ୍ୟୋସ୍ନା କେ.ବି. ରାଉତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ପ୍ରଫେସର ହୃଷୀକେଶ ସେନାପତିଙ୍କୁ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଇନ ୨୦୧୭ ଅନୁଯାୟୀ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତ କରାଯାଇଥିବା କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ୍, ୩ ମୃତ

**ସୋର, ୬।୪(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ଦହିସଡା ମଡର୍ନ ହୋଟେଲ ସମ୍ମୁଖରେ ରବିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ୩ଜଣ ଉତ୍ତର ପ୍ରଦେଶର ବୋଲି ଜଣାପଡ଼ିଛି । ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରାସ୍ତାକଡ଼ରେ ଖରାପ ହୋଇ ରହିଥିବା ଟ୍ରକ ପଛପଟକୁ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ଅନ୍ୟ ଏକ ଟ୍ରକ ଶକ୍ତ ଧକ୍କା ଦେଇଥିଲା। ଫଳରେ ଟ୍ରକରେ ଥିବା ୩ଜଣ ଚାପି ହୋଇଯାଇଥିଲେ। ସୋର ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଘଟଣାସ୍ଥଳରେ ଥିବା ଉଭୟ ଗାଡିକୁ ଜବତ କରିଛି।

# ୨୩ ଜିଲାରେ ଏସ୍‌ଡିସି ପାଇଁ ଅଧ୍ୟକ୍ଷ, ଉପାଧ୍ୟକ୍ଷ ନିଯୁକ୍ତ

**ଭୁବନେଶ୍ୱର, ୬।୪(ସୁନିତ୍ ମିଶ୍ର)**

ରାଜ୍ୟର ଭାଜପା ନେତୃତ୍ୱାଧୀନ ମୋହନ ଚରଣ ମାଝୀଙ୍କ ସରକାର ଶାସନକୁ ଆସିବାର ୨ ବର୍ଷ ପରେ ଧୀରେ ଧୀରେ ବିଭିନ୍ନ ପ୍ରକାର ସରକାରୀ ପଦ ପଦବୀରେ ନିଯୁକ୍ତି ଦେବା ପ୍ରକ୍ରିୟା ଆରମ୍ଭ କରିଛି। ଗତ ସପ୍ତାହରେ ୩୦ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ୪ ମନ୍ତ୍ରୀ ଏବଂ ୨୬ ଜଣ ବିଧାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହି କ୍ରମରେ ସରକାର ଆଉ ପାଦେ ଆଗକୁ ଯାଇ ସୋମବାର ୨୩ ଜିଲା ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ(ଏସ୍‌ଡିସି)ର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଦାୟିତ୍ୱ ବଣ୍ଟାଯାଇଛି।

ସେହି କ୍ରମରେ ଅନୁଗୋଳରେ ବଶିଷ୍ଠ ନାଏକ ଅଧ୍ୟକ୍ଷ ଏବଂ ସୁରୁମଣୀ ଛାତରଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ବଲାଙ୍ଗୀରରେ ବଲ୍ଲଭ ଧାରୁଆଙ୍କୁ ଅଧ୍ୟକ୍ଷ ଏବଂ ଜୟନ୍ତ ଭୋଇଙ୍କୁ ଉପାଧ୍ୟକ୍ଷ, ବାଲେଶ୍ୱର ଜିଲାରେ ବିପିନ ମାରାଣ୍ଡି ଅଧ୍ୟକ୍ଷ ଏବଂ ଝରଣା ସିଂ ଉପାଧ୍ୟକ୍ଷ, ବରଗଡ଼ରେ ଗୋବର୍ଦ୍ଧନ ଭୁଏଙ୍କୁ ଅଧ୍ୟକ୍ଷ ଓ ତିଳୋତ୍ତମା ଭୁଏଙ୍କୁ ଉପାଧ୍ୟକ୍ଷ, ବୌଦ୍ଧରେ ଦାମାରୁଧର କହଁରଙ୍କୁ ଅଧ୍ୟକ୍ଷ ଓ ଝରଣା ଜାନୀଙ୍କୁ ଉପାଧ୍ୟକ୍ଷ, ଦେବଗଡ଼ରେ ପ୍ରଶାନ୍ତ କୁମାର ବେହେରାଙ୍କୁ ଅଧ୍ୟକ୍ଷ ଓ ପ୍ରମିଳା କିଷାନଙ୍କୁ ଉପାଧ୍ୟକ୍ଷ, ଢେଙ୍କାନାଳରେ ନାଉରୀ ସିଂଙ୍କୁ ଅଧ୍ୟକ୍ଷ ଓ ସେବତୀ ଭୋଇଙ୍କୁ ଉପାଧ୍ୟକ୍ଷ, ଗଜପତିରେ କାମଦେବ ବଡନାଏକଙ୍କୁ ଅଧ୍ୟକ୍ଷ ଓ ପଙ୍କଜିନୀ ଦଳାଇଙ୍କୁ ଉପାଧ୍ୟକ୍ଷ, ଗଞ୍ଜାମ ଜିଲାରେ ନୀଳମାଧବ ପାତ୍ରଙ୍କୁ ଅଧ୍ୟକ୍ଷ ଏବଂ ଲଳିତ ପ୍ରଧାନଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି।

ସେହିପରି ଯାଜପୁର ଜିଲାରେ ରାଜେନ୍ଦ୍ର କାନ୍ଧୁଲିଆଙ୍କୁ ଅଧ୍ୟକ୍ଷ ଓ ସାନୀ ଜାରିକାଙ୍କୁ ଉପାଧ୍ୟକ୍ଷ, ଝାରସୁଗୁଡ଼ାରେ ସାମଲ ନାଏକଙ୍କୁ ଅଧ୍ୟକ୍ଷ ଏବଂ ସଞ୍ଜୁକ୍ତା ଓରାମଙ୍କୁ ଉପାଧ୍ୟକ୍ଷ, କଳାହାଣ୍ଡି ଜିଲାରେ ବିଜୟ କୁମାର ଦିଶାରୀଙ୍କୁ ଅଧ୍ୟକ୍ଷ ଓ ରୀନା ଭୋଇଙ୍କୁ ଉପାଧ୍ୟକ୍ଷ, କନ୍ଧମାଳ ଜିଲାରେ ମାନଗୋବିନ୍ଦ ପ୍ରଧାନଙ୍କୁ ଅଧ୍ୟକ୍ଷ ଓ କଳ୍ପନା କୁମାରୀ କହଁରଙ୍କୁ ଉପାଧ୍ୟକ୍ଷ, କେନ୍ଦୁଝରରେ ମମିତା ନାଏକଙ୍କୁ ଅଧ୍ୟକ୍ଷ ଏବଂ ମାନସ କୁମାର ନାଏକଙ୍କୁ ଉପାଧ୍ୟକ୍ଷ, କୋରାପୁଟରେ ଭଗବାନ ମୁଦୁଲିଙ୍କୁ ଅଧ୍ୟକ୍ଷ ଓ ସୁକାନ୍ତ ମାଝୀଙ୍କୁ ଉପାଧ୍ୟକ୍ଷ, ମାଲକାନଗିରିରେ ଗଙ୍ଗାଧର ସୋଡ଼ିଙ୍କୁ ଅଧ୍ୟକ୍ଷ ଏବଂ ସାବିତ୍ରୀ ପଡ଼ିଆମିଙ୍କୁ ଉପାଧ୍ୟକ୍ଷ, ମୟୂରଭଞ୍ଜରେ ବୁଦ୍ଧାନ ମୁର୍ମୁଙ୍କୁ ଅଧ୍ୟକ୍ଷ ଓ କୌଶଲ୍ୟା ନାଏକଙ୍କୁ ଉପାଧ୍ୟକ୍ଷ, ନବରଙ୍ଗପୁରରେ ବାସନ୍ତୀ ମାଝୀଙ୍କୁ ଅଧ୍ୟକ୍ଷ ଓ ଲିଙ୍ଗରାଜ ଭତ୍ରାଙ୍କୁ ଉପାଧ୍ୟକ୍ଷ, ନୟାଗଡ଼ରେ ତ୍ରିନାଥ ମଲିକଙ୍କୁ ଅଧ୍ୟକ୍ଷ ଓ ସମିତା ଦେହୁରୀଙ୍କୁ ଉପାଧ୍ୟକ୍ଷ, ନୂଆପଡ଼ାରେ ହୋମସିଂ ମାଝୀଙ୍କୁ ଅଧ୍ୟକ୍ଷ ଏବଂ ବେଲାମତି ମାଝୀଙ୍କୁ ଉପାଧ୍ୟକ୍ଷ, ରାୟଗଡାରେ ବିଦ୍ୟାଧର ଶବରଙ୍କୁ ଅଧ୍ୟକ୍ଷ ଏବଂ ମଞ୍ଜୁଲା ମିଣିଆକାଙ୍କୁ ଉପାଧ୍ୟକ୍ଷ, ସମ୍ବଲପୁରରେ ଭାଗୀନ୍ଦ୍ର କିଷାନଙ୍କୁ ଅଧ୍ୟକ୍ଷ ଏବଂ ସୁଷମା ମୁଣ୍ଡାଙ୍କୁ ଉପାଧ୍ୟକ୍ଷ, ସୁନ୍ଦରଗଡ଼ ଜିଲାରେ ସନ୍ତୋଷ କୁମାର ଅମାତଙ୍କୁ ଅଧ୍ୟକ୍ଷ ଏବଂ ଗାଙ୍ଗି କିଣ୍ଡୋଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି।

ସୂଚନାଯୋଗ୍ୟ, ୨୦୧୭ ମସିହାରେ ରାଜ୍ୟର ୯ଟି ଆଦିବାସୀ ବହୁଳ ଜିଲାରେ ପ୍ରଥମେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଗଠନ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୩ରେ ଆହୁରି ୧୪ଟି ଜିଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ହେଲା। ମୁଖ୍ୟତଃ ଆଦିବାସୀ ସମୁଦାୟଙ୍କୁ ସଶକ୍ତ କରିବା ସହ ୧୭୨ଟି ବ୍ଲକ୍‌ରେ ବିକାଶର ଧାରାକୁ ଆଗକୁ ନେବାକୁ ଏହା ଗଠନ କରାଯାଇଥିବା ସେହି ସମୟରେ କୁହାଯାଇଥିଲା। ସେହି କ୍ରମରେ ୨୩ ଜିଲାର ଏସ୍‌ଡିସି ଗଠନ ହେବା ସହ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନଙ୍କ ନାଁ ଘୋଷଣା କରାଯାଇଛି। ତୃଣମୂଳସ୍ତରରେ ସରକାରଙ୍କ ପ୍ରଶାସନିକ ବ୍ୟବସ୍ଥାକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ସରକାର ଏ ଦିଗରେ ପଦକ୍ଷେପ ନେଇଛନ୍ତି। ଏହିସବୁ ଜିଲା ଲାଗି ସରକାର ଅର୍ଥ ମଞ୍ଜୁର କରିସାରିବା ପରେ ଏସ୍‌ଡିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଥାଏ ସେହିସବୁ ଅଞ୍ଚଳରେ କେଉଁ କ୍ଷେତ୍ରରେ ଅର୍ଥ ଖର୍ଚ୍ଚ କରାଯିବା ସହ ବିକାଶ କରାଯାଇପାରିବ। ଏସ୍‌ଡିସି ଏହି କାର୍ଯ୍ୟକୁ ଛାଡ଼ିଦେଲେ ଆଦିବାସୀମାନଙ୍କ କଳା, ସଂସ୍କୃତିକୁ ଆଗକୁ ବଢାଇବା ଦିଗରେ କାର୍ଯ୍ୟକରେ। ଏହାଦ୍ୱାରା ସେମାନଙ୍କ ଆର୍ଥିକ ଏବଂ ସାମାଜିକ ବିକାଶ ହୋଇପାରିବ। ସୂତ୍ରରୁ ମିଳିଥିବା ଖବର ମୁତାବକ, ଏସ୍‌ଡିସିରେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବା ଅଧିକାଂଶ ବ୍ୟକ୍ତି ଭାଜପା ସହ ଜଡ଼ିତ। ଯେଉଁମାନଙ୍କୁ ଭାଜପା ୨୦୨୪ ସାଧାରଣ ନିର୍ବାଚନ ସମୟରେ ଟିକେଟ ଦେଇପାରି ନ ଥିଲା ସେମାନଙ୍କୁ ମୁଖ୍ୟତଃ ଏହି ମାଧ୍ୟମରେ ଥଇଥାନ କରିଥିବା ଚର୍ଚ୍ଚା ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ସରକାର ପ୍ରଥମେ ଜିଲା ଯୋଜନା କମିଟି ଏବଂ ବର୍ତ୍ତମାନ ଏସ୍‌ଡିସିର ପଦପଦବୀରେ ବିଭିନ୍ନ ନେତାଙ୍କୁ ଥଇଥାନ କରିବା ପରେ ଖୁବ୍‌ଶୀଘ୍ର ବିଭିନ୍ନ ବୋର୍ଡ ଓ ନିଗମରେ ନେତାଙ୍କୁ ଥଇଥାନ କରାଯିବା ସମ୍ଭାବନା ବଢ଼ିଥିବା ଚର୍ଚ୍ଚା ଚାଲିଛି।









# ସ୍ୱାସ୍ଥ୍ୟ ପାଇଁ ଏକାଠି ହେବା

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆମେ କିପରି ନୀରୋଗ ଜୀବନଯାପନ କରିପାରିବା ସେ ନେଇ ସଚେତନ ରହିବାର ସମୟ ଆସିଛି। ନିଜର ବ୍ୟସ୍ତବହୁଳ ଜୀବନ ଭିତରେ ସ୍ୱାସ୍ଥ୍ୟକୁ ଯଦି ଆମେ ସୁସ୍ଥ ନ ରଖିବା ତେବେ ତାହା ଭବିଷ୍ୟତରେ ଚିନ୍ତାର କାରଣ ସାଜିବ। ଏ ନେଇ ଅଧିକ ଜନସଚେତନତା ସୃଷ୍ଟିକରିବା ଲାଗି ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ଭାବରେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି –'ସ୍ୱାସ୍ଥ୍ୟ ପାଇଁ ଏକାଠି ହେବା, ବିଜ୍ଞାନ ସହ ଠିଆହେବା'। ସୁସ୍ଥ ମଣିଷ ହେଉଛି ଦେଶ ଓ ସମାଜର ସମ୍ବଳ। ଜଣେ ଅସୁସ୍ଥ ରହିଲେ ସେ କାର୍ଯ୍ୟକ୍ଷମ ହୋଇ ନ ଥାଏ। ଜଣେ ଲୋକ ରୋଗରେ ପଡ଼ିଲେ ତାଙ୍କର ଦୁଇ ଗୁଣ କ୍ଷତି ହୋଇଥାଏ, ଅର୍ଥାତ୍, ସେ କାମ କରିପାରନ୍ତି ନାହିଁ ଓ ତାଙ୍କ ପାଇଁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଚାରକଲେ ଆମେ ନିମ୍ନ ୪ ପ୍ରକାର ଅବସ୍ଥା ପାଇବା। ଯେଉଁମାନେ ସମ୍ପୂର୍ଣ୍ଣ ସୁସ୍ଥ, ତାଙ୍କର

**ବିଶ୍ୱ ସ୍ୱାସ୍ଥ୍ୟ ଦିବସ**



କୌଣସି ଚିକିତ୍ସା ଆବଶ୍ୟକତା ନ ଥାଏ। କିନ୍ତୁ ସେମାନେ ରୋଗ ନ ହେବା ପାଇଁ ସତର୍କ ରହିବା ଦରକାର। କେତେକ ରୋଗ ପାଇଁ ଡାକ୍ତରଖାନାରେ ରହି ଚିକିତ୍ସା ହେବାକୁ ପଡ଼ିଥାଏ। ସୁସ୍ଥ ରହିବା ମଣିଷର ଏକ ଆବଶ୍ୟକତା ଓ ଅଧିକାର। ଏଥିପାଇଁ ଆମେ ସତର୍କ ହେବା ନିହାତି ଦରକାର। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଚିକିତ୍ସକଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ନିହାତି ଦରକାର। ଅନ୍ୟପକ୍ଷରେ ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହେବା ଆବଶ୍ୟକ। ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କଠାରେ ଅଧିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବା ଆଶଙ୍କା ରହିଛି। ତେଣୁ ଏହି ସମୟରେ ସେମାନେ ନିଜକୁ ସୁସ୍ଥ ରଖିବା ଲାଗି ଅଧିକ ସତର୍କହେବା ଆବଶ୍ୟକ। ଏଥିଲାଗି ନିଜର ଖାଦ୍ୟପେୟ ପ୍ରତି ଧ୍ୟାନଦିଅନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। କୌଣସି ରୋଗର କାରଣ ବିଷୟରେ ଅବଗତ ହେବା ମାତ୍ରେ ବିଳମ୍ବ ନ କରି ଉପଯୁକ୍ତ ଚିକିତ୍ସା କରାନ୍ତୁ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ନିଜକୁ ମାନସିକ ସ୍ତରରେ ଦୃଢ଼ ରଖିବାକୁ ଚେଷ୍ଟା କରନ୍ତୁ। ସ୍ୱାସ୍ଥ୍ୟ ପ୍ରତି ଆମେ ସଚେତନ ରହିବା ନିହାତି ଦରକାର। ଏ ନେଇ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ତେଣୁ ଏଥର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ସମସ୍ତେ ଯେପରି ଅଧିକ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବେ ସେ ନେଇ ଗୁରୁତ୍ୱ ଦିଆଯାଇଛି। ବିଶେଷଭାବରେ ସମସ୍ତେ ଏକାଠିହୋଇ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟିକଲେ ଆମେ ନିଜକୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ କେତେକାଂଶରେ ରକ୍ଷା କରିପାରିବା।

## ସୁସ୍ଥ ଶରୀର ଓ ଖାଦ୍ୟ



ସୁସ୍ଥ ଶରୀର ପାଇଁ ଖାଦ୍ୟର ଆବଶ୍ୟକତା କେତେ ତାହା ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଖାଦ୍ୟପେୟରେ ଅନିୟମିତତା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକିଆଣିଥାଏ। ସବୁବେଳେ ଆମେ ଏପରି ଖାଦ୍ୟ ଖାଇବା ଦରକାର ଯାହା ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବ। ଭିଟାମିନ୍‌ଯୁକ୍ତ ତଥା ସୁଷମ ଖାଦ୍ୟ ଖାଇବା ଦରକାର। ତା'ସହ ପନିପରିବା, ତଟକା ଫଳମୂଳ ଆଦି ଆମ ଶରୀର ପାଇଁ ବେଶ୍ ଉପକାରୀ। ଆମେ ଖାଦ୍ୟ ଠିକ୍ ସମୟରେ ଖାଇବା ଦରାକର। ତା'ସହ ଆବଶ୍ୟକ ମୁତାବକ ପାଣି ପିଇବା ସହ ରାତିରେ ୭–୮ ଘଣ୍ଟା ଶୋଇଲେ ଆମ ଶରୀର କେତେକାଂଶରେ ସୁସ୍ଥ ରହିଥାଏ। ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଇବା ଭିତରେ ପାଣି ପିଇବା ଠିକ୍ ନୁହେଁ। ଖାଇବାର ଘଣ୍ଟାଏ ପରେ ପାଣି ପିଅନ୍ତୁ। ଠିକ୍ ଖାଇବା ପରେ ପରେ ଥଣ୍ଡା ଜିନିଷ, ଆଇସକ୍ରିମ୍ ଆଦି ଖାଆନ୍ତୁ ନାହିଁ। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ମନକୁ ସର୍ବଦା ଶାନ୍ତ ଓ ସକାରାତ୍ମକ ଚିନ୍ତାଧାରା ରଖି ଖାଦ୍ୟ ଖାଇବା ଦରକାର। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ।

## ମୋ ଚିକିତ୍ସା ମୋ ଅଧିକାର

ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀ ଏପରି ଏକ ଚିକିତ୍ସା ବିଜ୍ଞାନ ଯାହା ପ୍ରଥମେ ସୁସ୍ଥ ବ୍ୟକ୍ତି ସ୍ୱାସ୍ଥ୍ୟ ରକ୍ଷାର ଉପାୟ ନିର୍ଦ୍ଧାରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନକରେ। ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ, ଦାନ୍ତ ଘଷିବା, ମୁହଁ ଧୋଇବା, କୁଳି କରିବା, ନସ୍ୟ (ନାକରେ ତରଳ ପଦାର୍ଥ ପୂରଣ) ତେଲ ଲଗାଇବା, ବ୍ୟାୟାମ, ଯୋଗ, ପ୍ରାଣାୟାମ, ସ୍ନାନ, ଭୋଜନର ନିୟମ ପାଳନ ଏବଂ ଋତୁ ଅନୁଯାୟୀ ଖାଦ୍ୟ ଗ୍ରହଣ ଓ ନିୟମ ପାଳନ (ଋତୁଚର୍ଯ୍ୟା) ମାଧ୍ୟମରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷାର ଉପାୟ ଏହି ଚିକିତ୍ସା ବିଜ୍ଞାନ ହିଁ ଆମ୍ଭମାନଙ୍କୁ ଶିକ୍ଷା ଦେଇଥାଏ। ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ଆମେ ସକାଳୁ ଉଠି ମୁହଁ ଧୋଇବା, ଦାନ୍ତ ଘଷିବା କାମ ଯାହାକି ନିତ୍ୟକର୍ମ ଭାବରେ ଆଚରଣ କରୁ ତାହା ଏହି ଆୟୁର୍ବେଦ ଶାସ୍ତ୍ର ଜ୍ଞାନର ହିଁ ପଦଚିହ୍ନ। 'ସଦ୍‌ବୃତ୍ତ' ମାଧ୍ୟମରେ ଉଚିତ ସାମାଜିକ ଜୀବନଯାପନ ଓ ସୁସ୍ଥ ସମାଜ ଗଠନ ଦିଗରେ ଏହି ବିଜ୍ଞାନ ହିଁ ଚିନ୍ତା କରିଥାଏ। ନିଜେ ପ୍ରସନ୍ନ ରହିବ ଏବଂ ଅନ୍ୟମାନଙ୍କୁ ପ୍ରସନ୍ନ ରହିବାକୁ ପରାମର୍ଶ ଦେବ। ଚିନ୍ତାରହିତ, ଭୟଶୂନ୍ୟ, ବୁଦ୍ଧିମାନ, ଉତ୍ସାହୀ, ଚତୁର, କ୍ଷମାଯୁକ୍ତ, ଧାର୍ମିକ ଓ ଆସ୍ତିକ ହେବା ଉଚିତ। ସମସ୍ତ ପ୍ରାଣୀଙ୍କ ସହ ଭାଇ ପରି ବ୍ୟବହାର କରିବା ଦରକାର।

ବର୍ତ୍ତମାନ ବ୍ରାଜିଲ, ଜାମାଇକା, ଚିଲି, ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ଓମାନ ଆଦି ଅନେକ ଦେଶରେ ଆୟୁର୍ବେଦୀୟ ଚିକିତ୍ସା ଲୋକାଦୃତ ହୋଇପାରିଛି। ତେଣୁ ଆମେ କାହିଁକି ଏହି ଚିକିତ୍ସାର ଫାଇଦା ଉଠାଇବା ନାହିଁ ? ଏହି ଚିକିତ୍ସାକୁ ଆପଣେଇ ଅନେକ ରୋଗୀ ଆରୋଗ୍ୟ ହେବାର ଅନେକ ନଜିର ରହିଛି। କୋଭିଡ୍ ସମୟରେ ଏହାର ଭୂତାଣୁର ପ୍ରତିଷେଧକ ଉପାୟ ସହ ବିଭିନ୍ନ ସହଜଲବ୍ଧ ଗୁଳ୍ମୌଷଧି ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥିଲା। ସର୍ବୋପରି ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନର ଉତ୍କର୍ଷକୁ ବିଚାରକରି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ସ୍ଲୋଗାନକୁ ମନେପକାଇ ଆମେ ମୁକ୍ତକଣ୍ଠରେ କହିବା–'ପ୍ରତିଦିନ ପ୍ରତି ଘର : ଆୟୁର୍ବେଦ ଦରକାର। ମୋ ଚିକିତ୍ସା ମୋ ଅଧିକାର'।



**–ଡା. ଅନନ୍ତ କୁମାର ଆଚାର୍ଯ୍ୟ**




"ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# ପରମାଣୁ ଶକ୍ତିର ମୋହ



ସୁକାନ୍ତ କୁମାର ପଟେଲ

ପ୍ରାୟତଃ ଦୀର୍ଘ ଦିନ ଧରି ମଧ୍ୟ ପ୍ରାଚ୍ୟରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ପ୍ରମୁଖ କାରଣ ତୈଳ, ଉଗ୍ରବାଦ, ଧର୍ମ କିମ୍ବା ରାଜନୈତିକ ଆଭିମୁଖ୍ୟ ନୁହେଁ ବରଂ ଅନ୍ୟର ପରମାଣୁ ଶକ୍ତିକୁ ପ୍ରତିହତ କରିବା। ଇରାକ୍‌ଠାରୁ ଲିବ୍ୟା ପରେ ଏବେ ଇରାନ୍‌ର ପାଳି। ତେବେ ପାଶ୍ଚାତ୍ୟ ଦେଶଗୁଡ଼ିକର ପ୍ରଧାନ ନିୟମ ହେଉଛି ନିଜେ ଏକାକୀ ହେଉ କିମ୍ବା କେବେ ସଙ୍ଗଠିତ ଭାବରେ ହେଉ ସମସ୍ତ ଶକ୍ତି ଖଟାଇ ପଶ୍ଚିମ ଏସିଆରେ କାହାକୁ କେବେ ହେଲେ ପରମାଣୁ ଶକ୍ତିରେ ବଳୀୟାନ ହେବାକୁ ଦେବେ ନାହିଁ। ସମୟାନୁକ୍ରମେ ଏହି ଲକ୍ଷ୍ୟ ଏବଂ ଆଭିମୁଖ୍ୟ ବଦଳିନାହିଁ ବରଂ ଏଥିରୁ ଆକ୍ରମଣକାରୀମାନେ ବେଶ୍ ଶିକ୍ଷା ପାଇଛନ୍ତି ଯାହା ଇତିହାସରୁ ସୁସ୍ପଷ୍ଟ। ତଥାପି ନିଜେ ଖଣ୍ଡିଆ ଖାବରା ହେଲେ ମଧ୍ୟ ବାହୁସ୍ଫୋଟ ମାରିବାରେ ଆଦୌ ହେଳା କରୁ ନାହିଁ ପାଶ୍ଚାତ୍ୟ ଶକ୍ତି।

କେତେଗୁଡ଼ିଏ ଉଦାହରଣ ଦେବା ପ୍ରାସଙ୍ଗିକ ମନେହୁଏ। ୧୯୮୧ରେ ଇସ୍ରାଏଲ ଏବଂ ଇରାକ୍ ଯୁଦ୍ଧ କଥା ମନେପକାନ୍ତୁ। ଇସ୍ରାଏଲର ପ୍ରଥମ ଭୟଙ୍କର ମାରଣାସ୍ତ୍ର ଆକ୍ରମଣ ଥିଲା ସଦ୍ଦାମ ହୁସେନଙ୍କ 'ଓଶିରାକ' ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର ଉପରେ। ଯୁଦ୍ଧର ଅବସାନ ପରେ ଜାତିସଂଘର ପର୍ଯ୍ୟବେକ୍ଷକମାନେ କେବଳ ସେହି ଶକ୍ତି ଉତ୍ପାଦନ କେନ୍ଦ୍ର ଧ୍ୱଂସାବଶେଷର କିୟଦଂଶ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ। ଏଥିରୁ ଜଣାପଡେ ଯେ ପଶ୍ଚିମ ଏସିଆରେ ପରମାଣୁ ଶକ୍ତିରେ ଶକ୍ତିଶାଳୀ ହେବାର ଦୁର୍ବାର ଆଶା ଏବଂ ଇଚ୍ଛାକୁ ବଳ ପ୍ରୟୋଗ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ।

ଏ ପ୍ରକାରର ଦାବିକୁ ସାକାର ରୂପ ପ୍ରଦାନ ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ଇରାକ୍‌କୁ ସମୂହ ବିନାଶ ଅସ୍ତ୍ର ଏବଂ ଗ୍ୟାସ୍ ହାସଲ କରିଥିବା ଅଭିଯୋଗରେ ଭୟଙ୍କର ଆକ୍ରମଣ କରିଥିଲା, କିନ୍ତୁ ଅଭିଯୋଗର ସତ୍ୟତା ପ୍ରତିପାଦନ ହେଲା ନାହିଁ। ପରିଶେଷରେ ୧୯୯୦ରେ ଆମେରିକା ଦ୍ୱାରା ଇରାକ୍‌ର ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ହତ୍ୟା କରାଯାଇଥିଲା, ଯାହା ଆଜି ମଧ୍ୟ ବିସ୍ମୟକର ହୋଇରହିଛି।

ପରେ ପରେ ଲିବ୍ୟାର ଶାସକ ମୁଆମାର ଗଦାଫି ଯେ କି ଚୋରାରେ ପାକିସ୍ତାନର ପରମାଣୁ ଜନକ ଅବଦୁଲ କାଦିର ଖାଁଙ୍କ ସହାୟତାରେ ପରମାଣୁ ସମୃଦ୍ଧୀକରଣ ନିମନ୍ତେ ଚେଷ୍ଟା କରୁଥିବାରୁ ତାଙ୍କୁ ମଧ୍ୟ ଆମେରିକା ଓ ତାହାର ମିତ୍ରଦେଶଗୁଡ଼ିକ ନିହତ କରିଥିଲେ। ପାକିସ୍ତାନର ବିଜ୍ଞାନୀ ନିଜ ଦେଶରେ ପରମାଣୁ ଶକ୍ତି ସମୃଦ୍ଧୀକରଣ କରି ପରମାଣୁ ବୋମା ଖୁବ୍ ଲୁକ୍କାୟିତ ଭାବରେ ଆରମ୍ଭ କରିଥିଲେ। ସେ ମଧ୍ୟ ପରମାଣୁ ସମୃଦ୍ଧୀକରଣ ନିମନ୍ତେ ଆବଶ୍ୟକ ଯନ୍ତ୍ରାଂଶ ଗୋପନରେ ଇରାନ୍, ଲିବ୍ୟା ଏବଂ ଇରାକ୍‌କୁ ପ୍ରଦାନ କରିଥିଲେ। ଇରାକ୍ ଆକ୍ରମଣ ବର୍ଷ ଲିବ୍ୟା ବାଧ୍ୟ ହୋଇ



ଏହାର ପରମାଣୁ ସମୃଦ୍ଧି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଏହାକୁ ଅନ୍ତର୍ଜାତୀୟ ପରମାଣୁ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପରୀକ୍ଷଣ କରିବା ନିମନ୍ତେ ଅନୁମତି ପ୍ରଦାନ କରିଥିଲା।

୨୦୦୪ରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଅଧିକାରୀଙ୍କ ସହ ଆମେରିକା ଏବଂ ବ୍ରିଟେନର ମିଳିତ ପର୍ଯ୍ୟବେକ୍ଷଣରୁ ଜଣାଗଲା ଯେ ଲିବ୍ୟାରେ ପରମାଣୁ ସମୃଦ୍ଧି କାର୍ଯ୍ୟକ୍ରମ ପ୍ରାଥମିକ ସ୍ତରରେ ଏବଂ ପାକିସ୍ତାନ ବିଜ୍ଞାନୀ କାଦିରଙ୍କ ସହାୟତାରେ 'ତାଜୋରା'ଠାରେ ଗୋପନରେ ଆରମ୍ଭ କରାଯାଇଛି। କିନ୍ତୁ ଏହାକୁ ନେଇ ଅନୁସନ୍ଧାନକାରୀମାନେ ସେମାନଙ୍କର ଅନୁସନ୍ଧାନ ସଫଳ ହୋଇଛି ବୋଲି ମତ ପ୍ରକାଶ କରିଥିଲେ। ଅର୍ଥାତ ଏହା ଥିଲା ପାଶ୍ଚାତ୍ୟ ଦେଶ ନିମନ୍ତେ ସାମୂହିକ ବିଜୟ। ତେବେ ଏହାର ୮ ବର୍ଷ ପରେ ଅର୍ଥାତ୍ ୨୦୧୧ରେ ପାଶ୍ଚାତ୍ୟ ଦେଶ ସହାୟତାରେ ଲିବ୍ୟାର ସ୍ୱାଧୀନ ଗୋଷ୍ଠୀ ଦ୍ୱାରା ଗଦାଫିଙ୍କୁ ଶାସନଗାଦିରୁ ବିଚ୍ୟୁତ କରାଯାଇ ହତ୍ୟା କରାଯାଇଥିଲା। ଏଣୁ ଇରାନ୍ ହେଉ କିମ୍ବା ଅନ୍ୟ ପଶ୍ଚିମ ଏସିଆ ଦେଶ ହୁଅନ୍ତୁ ନିଜେ ଆତ୍ମସମର୍ପଣ କଲେ କିମ୍ବା ନିଜର ପରମାଣୁ କେନ୍ଦ୍ରକୁ ଅନ୍ୟଙ୍କୁ ପର୍ଯ୍ୟବେକ୍ଷଣ ନିମନ୍ତେ ସୁବିଧା ପ୍ରଦାନ କଲେ ନିଜର ସାମ୍ରାଜ୍ୟ କେବେବି ସୁରକ୍ଷିତ ରହିବ ନାହିଁ। ଏହା ପ୍ରମାଣିତ ଏବଂ ପରୀକ୍ଷିତ ହୋଇସାରିଥିବାରୁ ଇରାନ୍ ଭବିଷ୍ୟତ ନିମନ୍ତେ ନିଜକୁ ପୂର୍ବ ପ୍ରସ୍ତୁତ କରିସାରିଛି। ଯେସାକୁ ତେସା ନ୍ୟାୟରେ ଆମେରିକା, ଇସ୍ରାଏଲକୁ ପ୍ରତିଆକ୍ରମଣ କରିବା ସହ ପାଶ୍ଚାତ୍ୟ ଅଞ୍ଚଳରେ ଥିବା ପାର୍ଶ୍ୱବର୍ତ୍ତୀ ଆମେରିକାର ସାମରିକ ଘାଟିଗୁଡ଼ିକ ଉପରେ ପ୍ରତି ଆକ୍ରମଣ କରିବାକୁ ଆଦୌ ଡେରି କରି ନାହିଁ। ଏହା ଫଳରେ ଆମେରିକା ଏବଂ ଇସ୍ରାଏଲ ଯୁଦ୍ଧବିରତି ଏବଂ ପଛଘୁଞ୍ଚା ଇତ୍ୟାଦି ଅଭିନବ କୌଶଳ ଆପଣାଇବା ନିମନ୍ତେ ବାଧ୍ୟ ହୋଇଛନ୍ତି।

ଆମେ ଜାଣୁ ଯେ କୌଣସି ଯୁଦ୍ଧ ଆରମ୍ଭ କରିବା କିମ୍ବା କରାଇବା ଖୁବ୍ ସହଜ ଏବଂ ସରଳ ମଧ୍ୟ। କିନ୍ତୁ ଯୁଦ୍ଧ ବନ୍ଦ କରିବା କଠିନ। ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହେବା ପରେ ବହୁ ଯୁଦ୍ଧ ସଙ୍ଗଠିତ ହୋଇଛି ଏବଂ ଶୀତଳ ଯୁଦ୍ଧ ଅବ୍ୟାହତ ରହିଛି। ବିଶ୍ୱରେ ବଳଶାଳୀ ଦେଶଗୁଡ଼ିକ ଦୁର୍ବଳ ଦେଶକୁ ଆକ୍ରମଣ କରିବାରେ ଏବଂ ଅନ୍ୟଦ୍ୱାରା କରାଇବାରେ ବ୍ୟସ୍ତ। ରୁଷିଆ– ୟୁକ୍ରେନ ଯୁଦ୍ଧ ,ଇସ୍ରାଏଲ–ପାଲେଷ୍ଟାଇନ, ପାକିସ୍ତାନ–ଆଫଗାନିସ୍ତାନ ଏବଂ ମ୍ୟାନମାର, ସୁଦାନ, କାତାର, ସାଉଦୀ ଆରବ, ଲେବାନନ, ସିରିଆ, ଇଥିଓପିଆ, ମେକ୍ସିକୋ, ଭେନେଜୁଏଲା ପ୍ରଭୃତି ଦେଶରେ ଗୃହଯୁଦ୍ଧ, ଉଗ୍ରବାଦୀ ଯୁଦ୍ଧ ଜାରି ରହିଛି। ଯଦି ହିସାବ କରାଯାଏ ତେବେ ପ୍ରାୟ ୩୦ଟି ଦେଶ ବର୍ତ୍ତମାନ ଯୁଦ୍ଧ ବା ଆଞ୍ଚଳିକ ସଂଘର୍ଷରେ ନିମଗ୍ନ। ଯଦିଓ ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯଥାକ୍ରମେ ୩୦ଟି ଏବଂ ୫୦ଟି ଦେଶ ଭାଗ ନେଇଥିଲେ, ବର୍ତ୍ତମାନ ବିଶ୍ୱଯୁଦ୍ଧ ନ ହୋଇ ମଧ୍ୟ ସେହି ଅବସ୍ଥା। କହିବା ବାହୁଲ୍ୟ, ଅଧିକାଂଶ ଯୁଦ୍ଧରେ ଆମେରିକା ସିଧାସଳଖ ଭାବେ ସମ୍ପୃକ୍ତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା କେବଳ ଇରାକ୍ ଯୁଦ୍ଧକୁ ଛାଡିଦେଲେ ଅନ୍ୟସବୁ ଯୁଦ୍ଧରେ ପଛଘୁଞ୍ଚା ଦେଇଛି। ଆମେରିକା ସହ ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ଏବେ ଚାଲିଛି।

ଇରାକ୍ ଏବଂ ଲିବ୍ୟା ପରମାଣୁ ସମୃଦ୍ଧି ନିମନ୍ତେ ବାହ୍ୟ ଦେଶର ଯୋଗାଣ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବାବେଳେ ଇରାନ୍ ନିଜର ସ୍ୱଦେଶୀ ଜ୍ଞାନ କୌଶଳରେ ପରମାଣୁ ସମୃଦ୍ଧି କରିପାରିଛି। ବିଶେଷ କରି ନିଜର ବୈଷୟିକ ଜ୍ଞାନ କୌଶଳକୁ ଉପଯୋଗ କରି ନିଜକୁ ନିଜେ ସ୍ୱାବଲମ୍ବୀ କରାଇ ପାରିଛି। ୨୦୨୨ରୁ ଇରାନ୍‌ର ପରମାଣୁ ସମୃଦ୍ଧୀକରଣ ସୁବିଧା ପରଠାରୁ ଏହା ଉପରେ ଅନେକ ଅର୍ଥନୈତିକ ପ୍ରତିବନ୍ଧକ, ଏହାର ପରମାଣୁ କେନ୍ଦ୍ରରେ ଅନେକ ଅନ୍ତର୍ଘାତି କାର୍ଯ୍ୟ ଏବଂ ବିଶେଷ କରି ଏହାକୁ ବାଧ୍ୟତାମୂଳକ ଚୁକ୍ତି କରିବାକୁ ବାଧ୍ୟ କରାଯାଇଛି। ପରିଶେଷରେ ୨୦୧୫ର ପରମାଣୁ ଚୁକ୍ତି 'ମିଳିତ ବ୍ୟାପକ କାର୍ଯ୍ୟକ୍ରମ ଯୋଜନାରେ'ରେ ଏହାକୁ ପ୍ରାୟତଃ ବଳ ପ୍ରୟୋଗ କରି ବାଧ୍ୟତାମୂଳକ ସ୍ୱାକ୍ଷର କରାଇପାରିଛନ୍ତି।

ଲିବ୍ୟା ଏବଂ ଇରାକ୍‌ର ପରିସ୍ଥିତିରୁ ଇରାନ ଶିକ୍ଷା ପାଇଥିଲେ ମଧ୍ୟ ଆଣବିକ କ୍ଷେତ୍ରରେ ଖୁବ୍‌ଶୀଘ୍ର ଅଗ୍ରଗତି କରି ବାହ୍ୟ ଆକ୍ରମଣର ସମ୍ମୁଖୀନ ହୋଇଛି। ଇରାନ୍‌ର ଅଘୋଷିତ ପରମାଣୁ ସମୃଦ୍ଧି କେନ୍ଦ୍ର 'ଡିମୋନା' ଏବେ ସମ୍ବେଦନଶୀଳ ଅଞ୍ଚଳ, ଯେଉଁଠି କ୍ଷୁଦ୍ର ରିଆକ୍ଟରରେ ୟୁରାନିୟମରୁ ପ୍ଲାଟୋନିୟମ ଉତ୍ପାଦନ କରାଯାଉଥିଲା। ଏହା ହିଁ ଇରାନ୍‌ର ପରମାଣୁ ପ୍ରକ୍ରିୟାକରଣରେ ପ୍ରାରମ୍ଭିକ ପଦକ୍ଷେପ ଯାହା କେବଳ ଇରାନ୍ ଜାଣିଥିଲା। ଏହି ରିଆକ୍ଟର ରୁଷିଆର ଚେର୍ନୋବିଲ ରିଆକ୍ଟରଠାରୁ ଛୋଟ ଏବଂ ବିଶେଷଜ୍ଞଙ୍କ ମତରେ ଅଧିକ ସଶକ୍ତ ଯାହା, କ୍ଷେପଣାସ୍ତ୍ର ମାଡକୁ ପ୍ରତିହତ କରିବାରେ ସକ୍ଷମ। ତେବେ ପଶ୍ଚିମ ଏସିଆରେ ଏବେ ପରମାଣୁ ଅସ୍ତ୍ର ହାସଲ ନିମନ୍ତେ ପ୍ରତିଯୋଗିତା ଆରମ୍ଭ ହୋଇ ନାହିଁ। କିନ୍ତୁ ଇରାନର ପଦାଙ୍କ ଅନୁସରଣ କରିବେ ପ୍ରାୟ ଅଧିକାଂଶ ଦେଶ। ନିଜକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଆରମ୍ଭ ହେବ ଏହି ପ୍ରତିଯୋଗିତା ଯାହାକୁ ନିୟନ୍ତ୍ରଣ କରିବା ବିଶ୍ୱବାସୀଙ୍କ ପକ୍ଷରେ କଷ୍ଟକର ହେବ ଏଥିରେ ସନ୍ଦେହ ନାହିଁ। ପରମାଣୁର ମୋହ ନିଶ୍ଚିତ ଭାବେ ବିଶ୍ୱକୁ ଧ୍ୱଂସ କରିଦେବ।

**ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ**
**ମୋ:୯୪୩୭୯୩୬୭୪୪**

# ଡାକରା ଆସିନି



ଭଗବାନ ଦାଶ

ଜୀବନ ଏକ ଅଦ୍ଭୁତ ଯାତ୍ରା। ଜନ୍ମରୁ ଆରମ୍ଭ ଆଉ ମୃତ୍ୟୁରେ ଶେଷ। ନା ଜୀବ ଜାଣେ ଜନ୍ମର ମୁହୂର୍ତ୍ତ ନା ମୃତ୍ୟୁର ବି। ଏହି ପ୍ରାରମ୍ଭରୁ ସମାପ୍ତି ପର୍ଯ୍ୟନ୍ତ ବ୍ୟାପ୍ତି ବା ସମୟ ବହୁ ଅନୁଭବ, ଆଶା, ଆକାଂକ୍ଷା ଓ ସଫଳତା, ବିଫଳତାକୁ ନେଇ ଗତିଶୀଳ। ଗତି ଅଗତି ସାଜିବା ସେହି ଉପରବାଲାକୁ ହିଁ କେବଳ ଜଣା। ଆଉ ଆଗକୁ ସୃଷ୍ଟି ଦେଖିହେବ କି ନାହିଁ ତାହା ବି ତା' ଗୋଚରରେ। ସମ୍ଭାବନା ନ ଥିଲେ, ଡାକ ପକାଏ। ପାଖକୁ ଟାଣିନିଏ। ଏଇ ତ ସଂସାରର ଖେଳ। କାଳ ନ ପୂରିଲେ ବା କଣ୍ଟ ନ ପୂରିଲେ ଜୀବ ଚାହିଁଲେ ବି ଯାଇପାରେନାହିଁ, ପ୍ରାଣ ଛାଡ଼େନାହିଁ। ଏମିତି ବି କଣ୍ଟ ପୂରିଗଲେ ଯେତେ କାକୁତି ମିନତି କଲେ ବି କାଳ ମୁହୂର୍ତ୍ତେ ମଧ୍ୟ ଅଟକିପାରେନାହିଁ। ଏଥିପାଇଁ ଆସୁଥିବା ଡାକରା ହିଁ ଶେଷ ଡାକରା ସାଜେ। ଏହାପରେ ଆଉ ଡାକରା ଆସେନାହିଁ, ଏହା ବିଧି ନିର୍ଦ୍ଦିଷ୍ଟ। ତେଣୁ କଥାରେ କଥାରେ ତୁଣ୍ଡ କହିପକାଏ, 'ଡାକରା ଆସିନି' ପରା।

ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ। ସେ ଜନମ ହେଉ ବା ମରଣ, ସବୁ ଭଗବାନ୍‌ଙ୍କ ଦରବାରର ନୀତି ନିର୍ଘଣ୍ଟ। ସ୍ରଷ୍ଟାର ନିର୍ଦ୍ଧାରିତ। କିନ୍ତୁ ସୃଷ୍ଟିର ଅଗୋଚର। ତେଣୁ ସମୟେ ସମୟେ ତୁଣ୍ଡରୁ ବାହାରେ ଏବେ ବି ବଞ୍ଚିଛି। ଅପେକ୍ଷା କରିଛି ସତ୍ୟ, ହେଲେ ଡାକରା ଆସିନି। ଉକ୍ତ ବାକ୍ୟଗୁଡ଼ିକ ମାନବ ଜୀବନର ଅନିଶ୍ଚିତତାକୁ ସୂଚାଇଦିଏ। ଆକ୍ଷରିକ ଅର୍ଥରେ ଧରି ନେଇ ବୁଝାଯାଏ ଯେ, ମୃତ୍ୟୁର ଅନ୍ତିମ ଡାକରା ଆସିନାହିଁ। ସୃଷ୍ଟିରେ ବିଭୁ ଅଭିପ୍ରେତ କର୍ତ୍ତବ୍ୟ ସରିନାହିଁ। ଅର୍ଥାତ୍ ଏହା ଏକ ଧରାବନ୍ଧା ବ୍ୟବସ୍ଥା। ଯେତିକି ସମୟ ପର୍ଯ୍ୟନ୍ତ ସୃଷ୍ଟିରେ ରହିବାର ଅଛି ବା ସଂସାର ଦେଖିବାର ଅଛି କିମ୍ବା ପ୍ରଶ୍ୱାସ ନେବାର ଅଛି ସେ ପର୍ଯ୍ୟନ୍ତ ଜୀବ ଅଛି। ଯିବା ହୋଇନାହିଁ, କାରଣ ଡାକରା ଆସିନାହିଁ। ଏଇ ତ ସଂସାର।

ମଣିଷ ଜୀବନ ଯେ କେବଳ ଏକ ସୁଖର ପାରାବାର ତାହା ଭାବିବା ଭୁଲ୍। ଦୁଃଖ, ଶୋକ, ବିପଦ ଆପଦ ଓ ଭୋଗ ବୈରାଗ ବି ଏ ସବୁର ସାଥୀ। ସମୟେ ସମୟେ ଏପରି ଜୀବନ ଦୁର୍ବିଷହ ହୁଏ, ଯାହା ବଞ୍ଚିରହିବାର ଆଉ ଆବଶ୍ୟକତା ଉପଲବ୍ଧି କରେନାହିଁ। ପ୍ରଭୁଙ୍କୁ ହାତ ଯୋଡ଼େ। ଅନୁନୟ ବିନୟ ହୁଏ, କାକୁତି ମିନତି କରେ, ଡାକେ ପ୍ରଭୁ ଆଉ ନୁହେଁ, ଏଥର ନେଇଯାଅ। ମୁଁ ତ ରକ୍ଷା ପାଇବି, ତଦ୍ ସଙ୍ଗେ ସଙ୍ଗେ ମୋତେ ସେବା କରୁଥିବା ବ୍ୟକ୍ତି ସମୂହ ମଧ୍ୟ ନିସ୍ତରିଯିବେ। କିନ୍ତୁ ପ୍ରଭୁ ଶୁଣି ନ ଶୁଣିଲା ପରି ରୁହନ୍ତି। ସେ ନାଚାର। କାରଣ ସମୟ ଆସିନି। ଡାକରା ଦେବେ କିପରି ! ଅପେକ୍ଷା କରନ୍ତି ପ୍ରଭୁ ସେହି ବିଧି ନିର୍ଦ୍ଦିଷ୍ଟ ସମୟକୁ। କାଳ ଘଣ୍ଟି ବାଜେ। ଡାକରା ଆସେ ଆଉ ତତ୍‌କ୍ଷଣାତ କାର୍ଯ୍ୟକାରୀ ହୁଏ। ଜୀବନଦୀପ ଟିକକ ଲିଭିଯାଏ। ନିୟନ୍ତ୍ରଣ ସୃଷ୍ଟିକର୍ତ୍ତାଙ୍କ ହାତରେ। ଏହା ଧ୍ରୁବ ଆଉ ମନୁଷ୍ୟର ପହଞ୍ଚ ବାହାରେ। ଏହା ଧନୀ, ଦରିଦ୍ର ଜାଣେନାହିଁ।

ଡାକରା ଆସିନି, ମାନେ ଡରିଯାଅନି। ଏବେ ବି ପ୍ରାଣ ଅଛି। ବଞ୍ଚିବାର ଆଶା ତୁଟିନାହିଁ। ସତ୍ କାର୍ଯ୍ୟ, ଦୟା, କ୍ଷମା ଆଦି ଧର୍ମପଥର ପଥିକ ହୁଅ। ମନରୁ ଭୋଗ ଲାଳସା ଛାଡ଼ି ତ୍ୟାଗ, ସେବାକୁ ବ୍ରତ କର। ନିର୍ଭୀକ ହୁଅ। ଡାକରା ଆସିବାକୁ ନ ଡରି ନିଜର କଳା କର୍ମକୁ ଆଶ୍ରାକରି ପ୍ରସ୍ତୁତ ରୁହ। ''ନିଜ କଳା କର୍ମ ନିଜେ ଭୋଗେ ନର, ଏଡି ନ ପରେ ତା' ବ୍ରହ୍ମା ହରିହର।'' ନିଚ୍ଛକ ସତ୍ୟ ଅବଶ୍ୟମ୍ଭାବୀ। ଆତ୍ମ କୈନ୍ଦ୍ରିକ ଶକ୍ତି ଠୁଳକର। ନିଜ ଜୀବନଯାତ୍ରାର ଅଙ୍କ ସରିଲା ବୋଲି ଧରିନିଅ। ତୁମେ ଜଣେ କିଛି ସମୟର କଳାକାର ଥିଲ, ତୁମର ପ୍ରଦର୍ଶନ ପରେ ନାଟକଟିର ପରଦା ପଡ଼ିଗଲା ଭାବିନିଅ। ଏଥିରେ ହିଁ ଆନନ୍ଦ। କହିବା ଅତି ସହଜ, ହେଲେ ସହିବା ବଡ଼ କଠିନ। ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୁଏନାହିଁ। ତୁଣ୍ଡ ଖୋଲିଯାଏ। ଫଳରେ ନ ମିଳେ ନିଜକୁ ତୃପ୍ତି, ନା ମିଳେ ତାଙ୍କୁ ଯାହା ପ୍ରତି ଉଦ୍ଦିଷ୍ଟ। ବରଂ ଅନୁଶୋଚନା ଯନ୍ତ୍ରଣାଦାୟକ। ଡାକରା ଆସିନି, ଦୁଇଟି ଶବ୍ଦ ବିଶିଷ୍ଟ ଏକ ସାଧାରଣ ବାକ୍ୟ ନୁହେଁ। ଏହା ଗଭୀର ସତ୍ୟ ଓ ଦର୍ଶନ ସମ୍ଭୁତ। ଶିକ୍ଷଣୀୟ। ଜୀବନକୁ ଭଲ ଭାବରେ ବୁଝିବା, ଭୟଯୁକ୍ତ ରହିବା, ଏବଂ ଭୟମୁକ୍ତ ନୈତିକ ଆଧାରରେ ଚାଲିବାକୁ ପ୍ରେରଣା ଦିଏ। ସୃଷ୍ଟିରେ ମିଳିଥିବା ସମୟ ଟିକକର ସଦ୍‌ବ୍ୟବହାର କରିବାକୁ ଆତ୍ମିକ ବିଚାର ସୃଷ୍ଟିକରେ। ଭଗବାନ୍‌ଙ୍କ ଅଭିପ୍ରେତ କର୍ତ୍ତବ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ଡାକରା ଆସେନାହିଁ। ଭୋଗେଇଥିଲେ ଭୋଗିବାକୁ ହୁଏ। ହସି ହସି ଖସିଯିବା କମ୍ ଲୋକଙ୍କ ଭାଗ୍ୟରେ ଆସେ। ଗଡ଼ି ପଡ଼ି ସଢୁଥିଲେ ବି ଡାକରା ଆସେନାହିଁ। ବୋଧେ ଆହୁରି ଭୋଗିବାକୁ ଥାଏ ବୋଲି ଧରି ନିଆଯାଏ। ମୋଟାମୋଟି ଭାବେ ଭାବିନେବା 'ଡାକରା ଆସିନି' ମାନେ ଧରାପୃଷ୍ଠରେ କର୍ତ୍ତବ୍ୟ ଏବେ ବି ସରିନାହିଁ।

**ଗୁଣ୍ଡିଚା ବିହାର, ପୁରୀ**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

ଗାର୍ବେଜ କ୍ଲିନିକ୍ ବା ବର୍ଜ୍ୟ କ୍ଲିନିକ୍ କଥା ଶୁଣିଛନ୍ତି କି। ହଁ, ଏମିତିକା କ୍ଲିନିକ୍ ଚାଲିଛି ଦିଲ୍ଲୀରେ। ପ୍ରବୀଣ ନାୟକ ଇଞ୍ଜିନିୟରିଂ କ୍ୟାରିୟର ଛାଡ଼ି ଦିଲ୍ଲୀକୁ ସବୁଜ ଓ ସ୍ୱଚ୍ଛ କରିବା ସକାଶେ ଗାର୍ବେଜ କ୍ଲିନିକ୍ ଆରମ୍ଭ କରିଛନ୍ତି। ଏହି କ୍ଲିନିକ୍ ଦ୍ୱାରା ବିଦ୍ୟୁତ୍‌ଚାଳିତ ରିକ୍ସା (ଇ–ରିକ୍ସା)ରେ ଦିଲ୍ଲୀର ବିଭିନ୍ନ ସ୍ଥାନରୁ ବର୍ଜ୍ୟ ସଂଗ୍ରହ କରାଯାଉଛି। ଫଳରେ ସେହିସବୁ ସ୍ଥାନରେ ଅଳିଆ ଗଦା ଦେଖିବାକୁ ମିଳୁନାହିଁ। ପ୍ରବୀଣ ପଢା ଛାଡ଼ିଦେବା ସମୟରେ ତାଙ୍କ ପରିବାର ଏହି କାର୍ଯ୍ୟକୁ ବିରୋଧ କରୁଥିଲେ। ଏବେ ପୂରା ପରିବାର ପ୍ରବୀଣଙ୍କ କାର୍ଯ୍ୟ ସହ ସାମିଲ ହୋଇଯାଇଛନ୍ତି। ପ୍ରବୀଣଙ୍କୁ ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ ବି ସହଯୋଗ କରୁଛନ୍ତି। ବଡ଼ କଥା ହେଉଛି, ଏହି କ୍ଲିନିକ୍ ଆରମ୍ଭ କରିବା ସମୟରେ ଆବଶ୍ୟକ ଅର୍ଥ ପାଇଁ ତାଙ୍କ ସ୍ତ୍ରୀ ଗହଣା ବିକ୍ରି କରିଦେଇଥିଲେ। ଗାର୍ବେଜ କ୍ଲିନିକ୍ ୨୦୧୮ରେ ଆରମ୍ଭ କରାଯାଇଥିଲା। ଏବେ ଦିଲ୍ଲୀରେ ମୋଟ ୧୮ଟି ଏମିତିକା କ୍ଲିନିକ୍ ରହିଛି। ବର୍ଜ୍ୟ ସଂଗ୍ରହକରି ରିସାଇକ୍ଲିଂ ପାଇଁ ପଠାଯାଉଛି ଏବଂ ବ୍ୟବସାୟିକ କାରବାର ବାର୍ଷିକ ୧.୫ କୋଟି ଟଙ୍କାରେ ପହଞ୍ଚିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୭ ଏପ୍ରିଲ ୧୯୭୭

- କେନ୍ଦ୍ରର ପୂର୍ବତନ ଘରୋଇ ମନ୍ତ୍ରୀ କେ. ବ୍ରହ୍ମାନନ୍ଦ ରେଡ୍ଡି ବିପୁଳ ସଂଖ୍ୟକ ଭୋଟରେ କଂଗ୍ରେସ ସଭାପତି ନିର୍ବାଚିତ।
- ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭେନଗାଲ ରାଓ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି।

# ଶିକ୍ଷକଙ୍କ ରୂପାନ୍ତରଣକାରୀ ଭୂମିକା



ଇପ୍ସିତା ମହାନ୍ତି

'ଶିକ୍ଷା' କେବଳ ଜ୍ଞାନର ହସ୍ତାନ୍ତରଣ ନୁହେଁ। ଏହା ମନ, ମସ୍ତିଷ୍କକୁ ଗଢ଼ି ତୋଳେ। କୌଶଳ ଉଦ୍ଭାବନ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମ୍ଭାବନା ଓ କ୍ଷମତାର ବିକାଶ ପାଇଁ ଶିକ୍ଷା କାର୍ଯ୍ୟ କରିଥାଏ। ଶିକ୍ଷା ଯଦି ଏକ ସ୍ୱର୍ଣ୍ଣ ତ୍ରିଭୁଜ ହୁଏ, ବିଦ୍ୟାଳୟ, ଶିକ୍ଷାର୍ଥୀ ଏବଂ ଶିକ୍ଷକ ଏହାର ତିନୋଟି କୋଣ ସଦୃଶ। ତିନି ହେଁ ପରସ୍ପର ପରିପୂରକ। ଶିକ୍ଷକ ରୂପରେ ଶିକ୍ଷାର୍ଥୀଙ୍କ ଭୂମିକାକୁ ବ୍ୟାଖ୍ୟା କରିବା କିମ୍ବା ସେମାନଙ୍କ ନ୍ୟସ୍ତକାର୍ଯ୍ୟର ଗ୍ରେଡିଂ (ବର୍ଗୀକରଣ) କରିବାଠାରୁ ଅନେକ ଦୂର ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ। ଶିକ୍ଷା ମାଧ୍ୟମରେ ଜଣେ ବ୍ୟକ୍ତିର ବୈଚାରିକ ଶକ୍ତି ପରିପୁଷ୍ଟ ହୋଇଥାଏ। ଯେଉଁଥିରେ ଦାୟିତ୍ୱବାନ ନାଗରିକ ହେବା ପାଇଁ ମାର୍ଗଦର୍ଶନ, ପ୍ରେରଣା ଏବଂ ସଶକ୍ତୀକରଣ ଅନ୍ତର୍ଭୁକ୍ତ। ନିଜ ଭୂମିକା ଉପରେ ଚିନ୍ତନ କରିବା ଦ୍ୱାରା ଆମେ ନିଜ ଦାୟିତ୍ୱବୋଧତାକୁ ଅଧିକ ସଚେତନ ଭାବରେ ଗ୍ରହଣ କରିପାରିବା। ଏଥିସହ ଶିକ୍ଷାର୍ଥୀ ଏବଂ ସମାଜର ପରିବର୍ତ୍ତିତ ଆବଶ୍ୟକତା ସହିତ ଖାପ ଖୁଆଇ ପାରିବା।

ସମସାମୟିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକଙ୍କ ଭୂମିକା ଜ୍ଞାନର ଏକମାତ୍ର ଉତ୍ସରୁ ରୂପାନ୍ତରଣ ହୋଇ ଶିକ୍ଷଣର ସହଭାଗୀ ହୋଇଛି। ଏହି ପରିବର୍ତ୍ତନ ଛାତ୍ରୀଛାତ୍ରଙ୍କୁ ଅନୁସନ୍ଧାନ କରିବାରେ, ପ୍ରଶ୍ନ ପଚାରିବାରେ ଏବଂ ସେମାନଙ୍କର ନିଜସ୍ୱ ଚିନ୍ତାଧାରାକୁ ପ୍ରସ୍ଫୁଟିତ କରିବା ପାଇଁ ମାର୍ଗଦର୍ଶନ କରିବାରେ ଗୁରୁତ୍ୱ ପ୍ରଦାନ କରିଥାଏ। ଏହା ଏପରି ଏକ ପରିବେଶ ସୃଷ୍ଟି କରେ ଯେଉଁଠାରେ ଶିକ୍ଷାର୍ଥୀମାନେ ନିଜ ବିଚାରଧାରାକୁ ପରିପ୍ରକାଶ କରିବା, ଭୁଲ କରିବା ଏବଂ ତହିଁରୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ପାଇ ନିରାପଦ ଅନୁଭବ କରନ୍ତି। ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା ପାଇଁ ବିଭିନ୍ନ ପରିଷଦ ରହିଛି। ଶିକ୍ଷାର୍ଥୀଙ୍କ ପାଇଁ କାମ କରିବା ସମୟରେ ଶିକ୍ଷକଙ୍କ ଭୂମିକା କେତେ ଯେ ଗୁରୁତ୍ୱପୂର୍ଣ୍ଣ ତାହା ଏ ସମସ୍ତ ପରିଷଦ ଅବଗତ। ଯେତେବେଳେ ଶିକ୍ଷକଙ୍କ କଥା ଆଲୋଚନାର ପରିସରକୁ ଆସେ ସେତେବେଳେ ଗୋଟିଏ କଥା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଥାଏ ଯେ ଶିକ୍ଷାର୍ଥୀଗଣ ଯେପରି ପାଠ୍ୟକ୍ରମକୁ ଦୃଢ଼ତାର ସହିତ ବୁଝିବେ ତାହା ସୁନିଶ୍ଚିତ କରିବା ଶିକ୍ଷକଙ୍କର ପ୍ରାଥମିକ ଦାୟିତ୍ୱ।

ଶିକ୍ଷକଙ୍କ କାର୍ଯ୍ୟାବଳୀ କେବଳ ଶିକ୍ଷାଦାନ ଏବଂ ଶିକ୍ଷଣ ସାମଗ୍ରୀର ପ୍ରୟୋଗ ମଧ୍ୟରେ ସୀମିତ ନୁହେଁ। ଶିକ୍ଷାର୍ଥୀମାନେ ଚାପ ମଧ୍ୟରେ ଯେପରି କାର୍ଯ୍ୟ ସମ୍ପାଦନ କରିପାରିବେ, ଠିକ ଭାବେ ସମୟ ପରିଚାଳନା କରିବେ ଏବଂ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ ଏ ଦିଗରେ ଶିକ୍ଷକମାନେ ଅଭିନବ କୌଶଳ ବିକଶିତ କରିବା ଉଚିତ। ଏହି ପରିପ୍ରେକ୍ଷୀରେ ଶିକ୍ଷକଙ୍କଠାରେ ବିଭିନ୍ନ ବିଷୟର ପାରଦର୍ଶିତା ସହ ପରୀକ୍ଷା ପଦ୍ଧତି ଏବଂ ବିଭିନ୍ନ ଅବଧାରଣା ବିଷୟରେ ଗଭୀର ସଚେତନତା ଦାବି କରେ। ଆଜି ବିଭିନ୍ନ ପରିଷଦ(ବୋର୍ଡ)




ଦ୍ୱାରା ପରିଚାଳିତ ଆକଳନ (ପରୀକ୍ଷା)ରେ ଶିକ୍ଷାର୍ଥୀଙ୍କ ପାଇଁ ଆଧୁନିକ ଶୈକ୍ଷିକ ଦୃଶ୍ୟପଟ୍ଟରେ ବୃଦ୍ଧି ପାଉଥିବା ପ୍ରତିସ୍ପର୍ଦ୍ଧା, ସାମାଜିକ ପ୍ରତ୍ୟାଶା ଏବଂ ଶିକ୍ଷଣରେ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ସମନ୍ୱୟ ଭଳି ଏକାଧିକ ଆହ୍ୱାନ ଅନ୍ତର୍ଭୁକ୍ତ। ଶିକ୍ଷଣ ପ୍ରକ୍ରିୟାକୁ ଆକର୍ଷଣୀୟ ତଥା ସୁଗମିତ କରିବା ପାଇଁ ଡିଜିଟାଲ ଉପକରଣଗୁଡ଼ିକର ପ୍ରୟୋଗ ସହିତ ଶିକ୍ଷାର୍ଥୀଙ୍କ ବିଭିନ୍ନ ଆବଶ୍ୟକତା ପୂରଣ ପାଇଁ ଅଭିନବ ଜ୍ଞାନ କୌଶଳର ପ୍ରୟୋଗ ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀ ଯେପରି ଶିକ୍ଷଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ହେବେ ଓ ମୂଲ୍ୟବାନ ଅନୁଭବ କରିବେ ତାହା ସୁନିଶ୍ଚିତ କରିବା ଶିକ୍ଷକଙ୍କର ଦାୟିତ୍ୱ। ଏହା ସହିତ ଶିକ୍ଷାର୍ଥୀଙ୍କର ବିବିଧ ଶିକ୍ଷଣ ଆବଶ୍ୟକତାକୁ ସ୍ୱୀକାର କରିବା, ତାହାକୁ ପୂରଣ କରିବା ଏବଂ ଆବଶ୍ୟକ ସ୍ଥଳେ ଶିକ୍ଷଣକୁ ବ୍ୟକ୍ତିଗତ ସ୍ତରରେ ପ୍ରୟୋଗ କରିବା ଦରକାର। ଶିକ୍ଷାର୍ଥୀଙ୍କ ସଫଳତା ସୁନିଶ୍ଚିତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଏକଥାକୁ ମଧ୍ୟ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ଶିକ୍ଷାର୍ଥୀମାନେ ନିଜ ଶିକ୍ଷଣ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଅଛନ୍ତି, ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି ଯାହା ପ୍ରାୟତଃ ସେମାନଙ୍କ ଭବିଷ୍ୟତର ଶିକ୍ଷାଗତ ଏବଂ ବୃତ୍ତିଗତ ପଥ ନିର୍ଣ୍ଣୟ କରିଥାଏ। ଏଭଳି ସ୍ଥିତିରେ ଶିକ୍ଷକ ଭାବରେ ନିଜ ଭୂମିକାକୁ ବିଚାର କଲେ ଏକ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ପ୍ରକାଶ ପାଇଥାଏ। ଯାହା ଶୈକ୍ଷିକ କଠୋରତା, ଭାବନାତ୍ମକ ସମର୍ଥନ ଏବଂ ଜୀବନ କୌଶଳର ବିକାଶକୁ ଯୋଡିଥାଏ।

ଜଣେ ଶିକ୍ଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟରୁ ଗୋଟିଏ ହେଉଛି 'ଜୀବନବ୍ୟାପୀ ଶିକ୍ଷାର୍ଥୀ ହେବା'। ଶିକ୍ଷା ଏକ ଗତିଶୀଳ କ୍ଷେତ୍ର। ଶୈକ୍ଷିକ ପ୍ରଗତି, ସାଂସ୍କୃତିକ ପରିବର୍ତ୍ତନ ଏବଂ ପ୍ରଯୁକ୍ତିବିଦ୍ୟାର ନବସୃଜନ ସହିତ ଶିକ୍ଷକଗଣ ଅଦ୍ୟତନ ରହିବା ଜରୁରୀ। ବ୍ୟକ୍ତିଗତ ଅଭିବୃଦ୍ଧି ପ୍ରତି ଏହି ପ୍ରତିବଦ୍ଧତା କେବଳ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ପ୍ରଭାବଶାଳୀ କରେନାହିଁ ବରଂ ଶିକ୍ଷାର୍ଥୀଙ୍କ ପାଇଁ ନିରନ୍ତର ଶିକ୍ଷଣର ମୂଲ୍ୟକୁ ମଧ୍ୟ ଏକ ନମୁନା (ମଡେଲ) ରୂପେ ଗଢିତୋଳେ। ଆଲୋଚନାତ୍ମକ ଚିନ୍ତାଧାରା, ସହଯୋଗୀ ମନୋଭାବ ଏବଂ ଅନୁକୂଳନଶୀଳ ଭଳି ଶିକ୍ଷଣ ପ୍ରକ୍ରିୟା ଶିକ୍ଷାର୍ଥୀଙ୍କୁ ପରୀକ୍ଷା କକ୍ଷ ବାହାରେ ଏକାଧିକ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ କରିଥାଏ। କେବଳ ପ୍ରଗତିପତ୍ର (ରିପୋର୍ଟକାର୍ଡ)ରେ ନମ୍ବର ଦେବା ନୁହେଁ, ଶିକ୍ଷା ହେଉଛି ଶିକ୍ଷାର୍ଥୀଙ୍କୁ ଜୀବନବ୍ୟାପୀ ଦକ୍ଷତା ସହିତ ସୁସଜ୍ଜିତ କରିବା। ଶିକ୍ଷକ ଭାବରେ ଆମେ ନିଜ ଭୂମିକା ଉପରେ ପ୍ରତିଫଳନ କରିବା ଦ୍ୱାରା ମାନବ ସମ୍ବଳ ଗଢିବାରେ ସହାୟକ ହୋଇଥାଏ। ଶିକ୍ଷକତାର ସେହି ବିଶାଳ ଦାୟିତ୍ୱ ଏବଂ ସୁଯୋଗକୁ ତାହା ଆଲୋକପାତ କରିଥାଏ। ଏଥିପାଇଁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ସହିତ ଶୈକ୍ଷିକ ଜ୍ଞାନ, ଭାବନାତ୍ମକ ବୁଦ୍ଧିମତ୍ତା ଏବଂ ଅତୁଟ ସମର୍ପଣ ଅପରିହାର୍ଯ୍ୟ। ଛାତ୍ରୀଛାତ୍ରଙ୍କ ଭାବନାକୁ ପ୍ରତିପୋଷଣ କରି ସେମାନଙ୍କୁ ବିଭିନ୍ନ ପରୀକ୍ଷାରେ ଏବଂ ବୃତ୍ତିଗତ ଜୀବନରେ ସଫଳତା ଆଡ଼କୁ ଅଗ୍ରସର କରାଇପାରିବା। ଶିକ୍ଷକ ଭାବରେ ନିଜର ବହୁମୁଖୀ ଭୂମିକାକୁ ଗ୍ରହଣ କରି ଆମେ ଛାତ୍ରୀଛାତ୍ରଙ୍କ ପାଇଁ ପରିବର୍ତ୍ତନକାରୀ ଅଭିଜ୍ଞତା ସୃଷ୍ଟି କରିପାରିବା।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | 7 | |
| | 2 | | | | | | | 1 |
| 4 | | 5 | | | 6 | 8 | | |
| 5 | | | | 6 | | 2 | | |
| | 7 | 2 | | 4 | | | | |
| | 4 | 6 | 1 | | | | | 9 |
| | | | | 2 | | | 5 | |
| | | 7 | | 9 | | | 1 | |
| | | | 3 | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 4 | 6 | 1 | 8 | 2 | 5 | 7 |
| 7 | 6 | 1 | 2 | 5 | 3 | 4 | 9 | 8 |
| 5 | 8 | 2 | 4 | 9 | 7 | 6 | 1 | 3 |
| 2 | 1 | 5 | 3 | 7 | 9 | 8 | 6 | 4 |
| 6 | 7 | 8 | 5 | 4 | 1 | 9 | 3 | 2 |
| 4 | 9 | 3 | 8 | 6 | 2 | 5 | 7 | 1 |
| 1 | 5 | 7 | 9 | 8 | 4 | 3 | 2 | 6 |
| 8 | 2 | 9 | 1 | 3 | 6 | 7 | 4 | 5 |
| 3 | 4 | 6 | 7 | 2 | 5 | 1 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଦବୀ ଛଡ଼ାଇନେବା ବ୍ୟବସ୍ଥା କରାଯାଉ

ମହାଶୟ,

ତା୧୬।୩।୨୦୨୬ରିଖରେ ଓଡ଼ିଶାର ୪ଟି ରାଜ୍ୟ ସଭା ସଦସ୍ୟଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶାସକଦଳ, ବିରୋଧୀଦଳ ଓ ସ୍ୱାଧୀନ ଭାବେ ୫ ଜଣ ପ୍ରାର୍ଥୀ ଉଭାହୋଇଥିଲେ। ଯଦିଓ ବିଜେଡି–କଂଗ୍ରେସ ପ୍ରାର୍ଥୀ ଡ. ଦତ୍ତେଶ୍ୱର ହୋତା ଏହି ନିର୍ବାଚନ ବୈତରଣୀ ପାର ହୋଇଯିବା କଥା, କିନ୍ତୁ ଶେଷରେ ଏହି ୨ଦଳର କେତେଜଣ ବିଧାୟକଙ୍କ କ୍ରସ୍‌ଭୋଟିଂ ଯୋଗୁ ଦିଲୀପ ରାୟ ଜିତିଥିଲେ। ଉଭୟ ରାଜନୈତିକ ଦଳ ଯଥା କଂଗ୍ରେସ ଓ ବିଜେଡି ସେମାନଙ୍କ ଏହି ବିଧାୟକ/ବିଧାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକଲେ। ଦଳରୁ ବହିଷ୍କାର କରିବା ପ୍ରକୃତ ଦଣ୍ଡ ନୁହେଁ। ଆମ ମତରେ ଏହିପରି କ୍ରସ୍ ଭୋଟର ବିଧାୟକମାନେ ଯେଉଁ ଦଳରୁ ଠିଆହୋଇ ନିର୍ବାଚନ ଜିତିଥିଲେ ସେହି ଦଳକୁ ବିଶ୍ୱାସଘାତ କଲେ। ତେଣୁ କଡ଼ା ଆଇନ ଅଣାଯାଇ ଏପରି ବିଧାୟକମାନଙ୍କ ପଦବୀ ଛଡ଼ାଇନେବାର ବ୍ୟବସ୍ଥା କରାଯାଉ। ଯଦି ବିଧାନସଭା କାର୍ଯ୍ୟକାଳ ୧ ବର୍ଷ ବା ତା'ଠାରୁ କମ୍ ଥାଏ ସେ କ୍ଷେତ୍ରରେ ଆଉ ଏହି ଖାଲି ପଦବୀ ପାଇଁ ନିର୍ବାଚନ କରା ନ ଯାଉ। ହୁଏତ ସେମାନେ ଶାସକ ଦଳ ସହ ହାତ ମିଳାଇ ସେହି ଦଳରେ ସାମିଲ ହୋଇଯାଇପାରନ୍ତି। ଏପରି ଘଟଣା ପୂର୍ବରୁ ଘଟିଛି। ଏହି ବିଧାୟକମାନେ ଶାସକ ଦଳରୁ ଟିକେଟ ନେଇପାରନ୍ତି, ମାତ୍ର ତାଙ୍କ ପାରିବାପଣିଆ ଜଣାପଡ଼ିବ।

**–ବିନୋଦ ବିହାରୀ ନାୟକ, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ଆଜି, ମୋତେ ଛାଡ଼ି ମୁଁ ଯେ
ଭୁବନେ ଆସିଛି
ପିଇଛି ସ୍ୱପନ–ସୁଧା
ଘର ଛାଡ଼ି ମୁଁ ଯେ ଘର ସଜାଡ଼ିଛି
ମୁକତ ମହା ବସୁଧା ।

–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ**

ବାଲିଶଙ୍କରା (ସୁଦାନନ୍ଦ ବାରିକ): ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଥାନା ଅନ୍ତର୍ଗତ କୁକୁଡ଼ିହି ଗୁଙ୍ଗାଘାଟରେ ଥିବା ଏକ ନିମ୍ବ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି। ମୃତ ଯୁବକ ହେଲେ ଖରାକାନି ଗ୍ରାମର ରଞ୍ଜିତ ସେଠ (୨୬)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଓଏଲ୍‌ଆର୍ ଆଇନ କଡ଼ାକଡ଼ି ଅନୁପାଳନ ନିର୍ଦ୍ଦେଶ

**ସମ୍ବଲପୁର,୬।୪(ପ୍ରମୋଦ ବହିଦାର)**



ବୈଠକରେ ଆରଡିସିଙ୍କ ସହିତ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ତାଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ଓ ଶାସନ ସଂସ୍କାର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ଓ ଶାସନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ, ସ୍ୱଚ୍ଛ କରିବା ଲକ୍ଷ୍ୟରେ ଅନୁଷ୍ଠିତ ଏହି ବୈଠକରେ ଉତ୍ତରାଞ୍ଚଳ ଅଧୀନରେ ଥିବା ୧୨ଟି ଜିଲ୍ଲାର ତହସିଲଦାର ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ବିଶେଷ କରି ସାଧାରଣ ଜନତା ଦୈନନ୍ଦିନ ଜୀବନରେ ରାଜସ୍ୱ କାର୍ଯ୍ୟାଳୟରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ଏବଂ ନୂତନ ବୈଷୟିକ ସଂସ୍କାର ଉପରେ ଏଥିରେ ଆଲୋଚନା କରାଯାଇଥିଲା। ବୈଠକରେ ଜମି ଅଧିଗ୍ରହଣ, ଥଇଥାନ, ବସୁନ୍ଧରା ଯୋଜନା, ଜଙ୍ଗଲ ଜମି ଅଧିକାର ଏବଂ ଜବରଦଖଲ ଉଚ୍ଛେଦ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଦାଖଲ ଖାରଜ(ମ୍ୟୁଟେସନ), କିସମ ପରିବର୍ତ୍ତନ, ଜମି ବିଭାଜନ ଓ ଜମି ଚିହ୍ନଟ ପ୍ରକ୍ରିୟାକୁ କିଭଳି ସରଳୀକରଣ କରାଯାଇ ସମୟସୀମା ମଧ୍ୟରେ ଶେଷ କରାଯିବ ସେ ନେଇ ଆରଡିସି ମହାପାତ୍ର ତହସିଲଦାରମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏଥିସହ ଓଡ଼ିଶା ଭୂସଂସ୍କାର ଆଇନ(ଓଏଲଆର ଆକ୍ଟ)ର କଡ଼ାକଡ଼ି ଅନୁପାଳନ ଏବଂ ଆଇନଗତ ଜଟିଳତା ଦୂର କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ଓ ଆବାସିକ ପ୍ରମାଣପତ୍ର ହାସଲ କରିବାରେ ଲୋକେ ଯେପରି ହଇରାଣ ନ ହେବେ ତାହା ସୁନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର ଏବଂ ନୂଆପଡ଼ା ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନେ ନିଜ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସର୍ବୋତ୍ତମ ପ୍ରଶାସନିକ ଶୈଳୀ ଓ ସମସ୍ୟା ଉପସ୍ଥାପନ କରିଥିଲେ। ରାଜସ୍ୱ ସେବା ବିତରଣ ପ୍ରକ୍ରିୟାରେ ସଂସ୍କାର ଆଣିବା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରସ୍ତାବଗୁଡ଼ିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଆରଡିସି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଡିସିଙ୍କ ସଚିବ ଉପମା କାଲୋ ସ୍ୱାଗତ ଭାଷଣ ଦେଇଥିଲେ।

## ଢାବା ଭିତରକୁ ମାଡ଼ିଗଲା କାର୍, ୨ ମୃତ



ଦୁର୍ଘଟଣାଗ୍ରସ୍ତ କାର୍।

**କୁଆଁରମୁଣ୍ଡା,୬।୪(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାକି ନିକଟରେ ଥିବା ଏକ ଢାବା ଭିତରକୁ ରବିବାର ବିଳମ୍ବିତ ରାତିରେ ଏକ କାର ମାଡିଯାଇଥିଲା। ଏଥିରେ କାର ଚାଳକଙ୍କ ସମେତ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ରାଉରକେଲା ତରକେରା ଅଞ୍ଚଳର ମୋହିତ ମହାନ୍ତ(୨୩) ଓ ରାଉରକେଲା ଛେଣ୍ଡ ଫେଜ୍ -୨ର କୁନାଲ ଚନ୍ଦ୍ର ନାୟକ। କାରରେ ଥିବା ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେ ହେଲେ ବାଲୁଘାଟର ସମୀର ଗୋପ(୨୩)। ଏନେଇ ବୀରମିତ୍ରପୁର ଥାନାରେ ଏକ ଦୁର୍ଘଟଣା ମାମଲା(ନଂ.୧୫୧/୨୬) ରୁଜୁ ହୋଇଛି। ଥାନା ଆଇଆଇସି ରାମ ପ୍ରସାଦ ନାଗ ଘଟଣାର ତଦନ୍ତ ଜାରି ରଖିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ମୋହିତ, କୁନାଲ ଓ ସମୀର କାର ନଂ.ଓଡ଼ି୧୪ଏବି୯୮୩୬ ଯୋଗେ ରାଉରକେଲା ଅଭିମୁଖେ ଯାଉଥିଲେ। ହଠାତ୍ ଯମୁନାନାକି ନିକଟରେ ଥିବା ଏକ ଢାବା ଭିତରକୁ କାରଟି ଭାରସାମ୍ୟ ହରାଇ ମାଡିଯାଇଥିଲା। ଘଟଣାସ୍ଥଳରେ ମୋହିତ ଓ କୁନାଲଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ସମୀରଙ୍କୁ ସ୍ଥାନୀୟ ଲୋକେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାର ଆଇସିୟୁରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ମୃତ ମୋହିତଙ୍କ ବାପା ମୀନକେତନ ମହାନ୍ତ(୫୮) କୁଆଁରମୁଣ୍ଡା ଫାଣ୍ଡିରେ ଦେଇଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ପୁଅ ମୋହିତ ଓ ଅନ୍ୟମାନେ କୁଆଁରମୁଣ୍ଡାରୁ ରାଉରକେଲାକୁ ବିଳମ୍ବିତ ରାତିରେ ଫେରୁଥିଲେ। ଏକ ଷଣ୍ଢ ରାସ୍ତାରେ ମାଡ଼ି ଆସିବାରୁ ଭାରସାମ୍ୟ ହରାଇ କାରଟି ରାସ୍ତାପାର୍ଶ୍ୱ ଢାବାକୁ ମାଡ଼ିଯାଇଥିଲା। ଉକ୍ତ କାରକୁ ତାଙ୍କ ପୁଅ ମୋହିତ ଚଳାଉ ନ ଥିଲେ। ଛେଣ୍ଡ ଫେଜ୍-୨ର ସୁଜିତ କୁମାର ପ୍ରଜାପତି(୨୬) କାର ଚାଳକ ଥିଲେ। ସେ ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମାତ୍ର ଏହି ଅଭିଯୋଗ ଉପରେ ଉପଯୁକ୍ତ ତଦନ୍ତ କରାଯାଇ କିଏ କାର ଚଲାଉଥିଲା ଓ କାରରେ କେତେଜଣ ଥିଲେ ତାହାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି।

## ପୋଲିସ ଉପରକୁ ପଥର ମାଡ,୨ ଆହତ

ସୁନ୍ଦରଗଡ/ହେମଗିର (ଜୟ ନାରାୟଣ ମେଣ୍ଟୁଲି/ଚୈତନ୍ୟ ପଟେଲ): ହେମଗିର ଥାନା ବଲିଙ୍ଗା ଫାଣ୍ଡିଅନ୍ତର୍ଗତ ଗର୍ଜନ ବାହାଲ କୋଇଲାଖଣି ଅଞ୍ଚଳରେ ସୋମବାର ରାତିରେ ପୋଲିସ ଉପରକୁ ପଥର ମାଡ ହୋଇଛି। ଏଥିରେ ଫାଣ୍ଡି ଅଧିକାରୀ ସୁଶୀଲ ବଗର୍ତ୍ତୀ ଓ ହାବିଲଦାର ଅମରଜୀତ ପଣ୍ଡା ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଖଣି ଅଞ୍ଚଳରେ କୋଇଲା ଲୋଡିଂ ପାଇଁ ଯାଉଥିବା ଟ୍ରକ ପାର୍କିଂ ବେଳେ ରାସ୍ତା ଜାମ ହେବା ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଭିଡ ନିୟନ୍ତ୍ରଣ ବେଳେ ହଠାତ କରେଣ୍ଟ ଚାଲିଯିବାରୁ ପୋଲିସ ଉପରକୁ ପଥର ମାଡ ହୋଇଥିଲା। ଆହତ ୨ ପୋଲିସ କର୍ମଚାରୀଙ୍କୁ ହେମଗିର ଡାକ୍ତରଖାନାକୁ ନିଆଯାଇଛି। ସେମାନଙ୍କ ଅବସ୍ଥା ଠିକ ଥିବା ସଦରଏସଡିପିଓନିର୍ମଳମହାପାତ୍ରକହିଛନ୍ତି।

## ସ୍ୱଦେଶୀ ଇସ୍ପାତରେ ନିର୍ମିତ ଆଇଏନ୍‌ଏସ୍ ତାରାଗିରିର ଜଳାବତରଣ



**ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ)**

ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ ଦେଶର ସର୍ବବୃହତ୍ ଇସ୍ପାତ ଉତ୍ପାଦନକାରୀ ସେଲ୍ ଗତ ୩ ତାରିଖରେ ନୀଳଗିରି (ପ୍ରୋଜେକ୍ଟ ୧୭ଏ) ଷ୍ଟେଲଥ ଫ୍ରିଗେଟ୍‌ର ଚତୁର୍ଥ ଜାହାଜ ଆଇଏନ୍‌ଏସ୍ ତାରାଗିରିକୁ ଭାରତୀୟ ନୌସେନାରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେଲ୍ ଦ୍ୱାରା ଯୋଗାଇ ଦିଆଯାଇଥିବା ପ୍ରାୟ ୪ହଜାର ଟନ୍ ସ୍ୱତନ୍ତ୍ର ଗ୍ରେଡ୍ ଷ୍ଟିଲ ପ୍ଲେଟ୍‌ର ସମ୍ପୂର୍ଣ୍ଣ ବ୍ୟବହାରରେ ନିର୍ମିତ ଏହି ଯୁଦ୍ଧଜାହାଜ ମାଜାଗାଁ ଡକ୍ ଶିପ୍ ବିଲ୍ଡର୍ସ ଲିମିଟେଡ ଦ୍ୱାରା ପ୍ରସ୍ତୁତ ହୋଇଛି। ଏହି ସ୍ୱତନ୍ତ୍ର ଇସ୍ପାତ ସେଲ୍ ନିଜର ଉନ୍ନତ ଧାତୁ ନିର୍ମାଣ କ୍ଷମତା ଏବଂ ଉଚ୍ଚ ଗୁଣବତ୍ତା ମାନଦଣ୍ଡ ପ୍ରଦର୍ଶନରେ ବୋକାରୋ, ଭିଲାଇ ଏବଂ ରାଉରକେଲା ଭଳି ବିଭିନ୍ନ ସମନ୍ୱିତ ଇସ୍ପାତ କାରଖାନାରେ ଉତ୍ପାଦନ କରିଛି। ସେଲ୍ ଭାରତର ପ୍ରତିରକ୍ଷାକୁ ସ୍ୱଦେଶୀକରଣ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା ସହିତ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆର ପ୍ରମୁଖ ପଦକ୍ଷେପଗୁଡ଼ିକରେ ଅଗ୍ରଣୀ ରହିଆସିଛି। କମ୍ପାନୀ ପୂର୍ବରୁ ନୌସେନାର ସ୍ୱଦେଶୀ ବିମାନ ବାହକ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତ ଏବଂ ପ୍ରୋଜେକ୍ଟ ୧୭ଏ ଶ୍ରେଣୀର ପ୍ରଥମ ତିନୋଟି ଜାହାଜ ଆଇଏନ୍‌ଏସ୍ ନୀଳଗିରି, ଆଇଏନ୍‌ଏସ୍ ହିମଗିରି ଏବଂ ଆଇଏନ୍‌ଏସ୍ ଉଦୟଗିରି ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନୌଭେଳା ନିମନ୍ତେ ସ୍ୱତନ୍ତ୍ର ଇସ୍ପାତ ଯୋଗାଣ କରିଛି। ସୂଚନାଯୋଗ୍ୟ, ଆଇଏନ୍‌ଏସ୍ ତାରାଗିରିର ଏହି ସଫଳ ପ୍ରବେଶ ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତା ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ହେବା ସହ ଦେଶର ସାମୁଦ୍ରିକ ସମର କ୍ଷମତାକୁ ସୁଦୃଢ଼ କରୁଛି।

**ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

## ଡ. ପବନ କୁମାର ଅଗ୍ରୱାଲ ନୂତନ ସ୍ଥାୟୀ କୁଳପତି



**ଭବାନୀପାଟଣା,୬।୪ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୂତନ ସ୍ଥାୟୀ କୁଳପତି ଭାବେ ଡ଼. ପବନ କୁମାର ଅଗ୍ରୱାଲ ସୋମବାର ନିଯୁକ୍ତ ହୋଇଛନ୍ତି। ଏ ନେଇ ଓଡିଶା ଲୋକସଭା ଭବନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଡିସେମ୍ବର ୨୦୨୪ ଶେଷରେ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସଞ୍ଜୟ ଶତପଥିଙ୍କ ଦେହାନ୍ତ ପରେ ସ୍ଥାୟୀ କୁଳପତି ପଦବୀ ଖାଲି ପଡିଥିଲା। ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ନିବେଦିତା ନାଥ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ। ନୂତନ କୁଳପତି ଡ଼. ଅଗ୍ରୱାଲଙ୍କ ଜନ୍ମ କଳାହାଣ୍ଡି ଜିଲାର ଜୁନାଗଡ଼ ସହରରେ ହୋଇଥିବାବେଳେ ୨୦୧୯ ଠାରୁ ସେ ଭୁବନେଶ୍ୱର କୃଷି ଓ ପ୍ରଯୁକ୍ତି ବିଜ୍ଞାନ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ।

## ବାଇକ୍ ଚୋରି ଘଟଣାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

**ରେଙ୍ଗାଲି, ୬।୪(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲାରିପାଲି ଛକ ନିକଟରେ ବାଇକ ଚୋରିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରେଙ୍ଗାଲି ପୁରୁଣା ବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳ(୨୨)। ଗୁରୁତର ଟିଙ୍କୁନ ପଧାନଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ରବିବାର ରାତିରେ ଲାରିପାଲି ଛକ ନିକଟରେ ବାଇକ ଚୋରିକୁ ନେଇ ସୌମ୍ୟରଞ୍ଜନ ଓ ଟିଙ୍କୁନଙ୍କ ସହ ଅଟକ ୩ଯୁବକଙ୍କ ମାରପିଟ ହୋଇଥିଲା। ଏଥିରେ ସୌମ୍ୟରଞ୍ଜନ ଓ ଟିଙ୍କୁନ ଗୁରୁତର ହୋଇଥିଲେ। ବୁର୍ଲା ଡ଼ାକ୍ତରଖାନାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

## ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ବୃଦ୍ଧି ଐତିହାସିକ ପଦକ୍ଷେପ

**ସମ୍ବଲପୁର,୬।୪(ବି.ଶଙ୍କର)**

ଡାକ୍ତରୀ, ବୈଷୟିକ, କୃଷି ଓ ଆନୁସଙ୍ଗିକ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବୃଦ୍ଧିକୁ ଓଡ଼ିଶା କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି। ଏହା ସମାଜର ଅନ୍ତିମ ଶ୍ରେଣୀରେ ଥିବା ପ୍ରତିଭାମାନଙ୍କ ସ୍ୱପ୍ନକୁ ପୂରଣ କରିବା ଦିଗରେ ଐତିହାସିକ ପଦକ୍ଷେପ। ସୋମବାର ସମ୍ବଲପୁର ସହରସ୍ଥିତ ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶା ଅନୁସୂଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ସମ୍ବଲପୁର ଶାଖାର କର୍ମକର୍ତ୍ତାମାନେ ଏହା କହିଛନ୍ତି। ପ୍ରଥମ ଥର ପାଇଁ ଡାକ୍ତରୀ, ବୈଷୟିକ, କୃଷି ଓ ଆନୁସଙ୍ଗିକ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏସଟି ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣକୁ ୧୨ରୁ ୨୨.୫୦ ପ୍ରତିଶତ ଏବଂ ଏସସି ପାଇଁ ୮ ରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ନିଷ୍ପତ୍ତି ପ୍ରଶଂସନୀୟ ଅଟେ । ସେହିପରି ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ପାଇଁ ୧୨. ୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିବାରୁ ଏହା ଏକ ଐତିହାସିକ ପଦକ୍ଷେପ। ଏହା ଦ୍ୱାରା ରାଜ୍ୟର ସାଧାରଣ ଗରିବ ପରିବାରର ମେଧାବୀ ଛାତ୍ରୀଛାତ୍ରଙ୍କ ମେଡିକାଲ ଓ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନ ସାକାର ହେବା ସଙ୍ଗେ ସଙ୍ଗେ ଖାଲି ପଡୁଥିବା ପଦବୀଗୁଡିକ ପୂରଣ ହୋଇପାରିବ । ଦୀର୍ଘ ୭ ବର୍ଷରୁ ଅଧିକ ଦିନ ରୁ ବିଭିନ୍ନ ସଂଗଠନଗୁଡିକ ଅନୁସୂଚିତ ଜାତି ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷ୍ୟାନୁଷ୍ଠାନ ଗୁଡିକରେ ସଂଖ୍ୟାନୁପାତୀକ ସଂରକ୍ଷଣ ଦାବି କରି ଆସୁଥିଲେ । ଯାହା ବର୍ତ୍ତମାନ ସରକାର ପୁରାଣ କରିଛନ୍ତି । ଯାହା ଫଳରେ ମେଡିକାଲ କ୍ଷେତ୍ରରେ ଏସଟି ପାଇଁ ସଂଖ୍ୟା ୨୯୦ ରୁ ବୃଦ୍ଧି ପାଇ ୫୪୫, ଏସସି ପାଇଁ ୧୯୩ ରୁ ୩୯୩ ଏବଂ ଏସଇବିସି ସକାଶେ ପ୍ରଥମ ଥର ପାଇଁ ୨୭୨ଟି ସଂରକ୍ଷିତ ହେବ ବୋଲି ପରିଷଦର କର୍ମକର୍ତ୍ତାମାନେ ସୁଚିତ କରିଛନ୍ତି । ଖବରଦାତା ସମ୍ମିଳନୀରେ ଓଡିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ଭୁବନେଶ୍ୱରର ସାଙ୍ଗଠନିକ ସମ୍ପାଦକ ବରୁଣ ମୁଖି, ରାଜ୍ୟ ସଂଯୋଜକ ଯଶୋବନ୍ତ ରଣବିଡ଼ା, ଜିଲା ଶାଖା ସଭାପତି ସୁଜିତ ବୁଡ଼ା, ସମ୍ପାଦକ ଧ୍ରୁବଚରଣ ରୋହିଦାସ, ଅର୍ଥ ସମ୍ପାଦକ ଯୁଧିଷ୍ଠିର ମାଝୀ, ଉପଦେଷ୍ଟା ପ୍ରହଲ୍ଲାଦ ରୋହିଦାସ ଉପସ୍ଥିତ ଥିଲେ । ଏଥିସହ ପରିଷଦ କର୍ମକର୍ତ୍ତାମାନେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସମ୍ବଲପୁର ଏମ୍‌ପି ଓ ଅନ୍ୟ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଉପଜୋନସ୍ତରୀୟ ସଙ୍କଳ୍ପ ଗୋଷ୍ଠୀ ବୈଠକ

**ସମ୍ବଲପୁର,୬।୪(ପ୍ରମୋଦ ବହିଦାର)**

**ଗାୟତ୍ରୀ ଶକ୍ତିପୀଠରେ ବସନ୍ତ ପର୍ବ-୨୦୨୬**

ସମ୍ବଲପୁର ଗାୟତ୍ରୀ ଶକ୍ତିପୀଠ ପରିସରରେ ସୋମବାର ବସନ୍ତ ପର୍ବ ଉପଲକ୍ଷେ ଉପ ଜୋନସ୍ତରୀୟ ସଂକଳ୍ପ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଓଡ଼ିଶା ପ୍ରଭାରୀ ଶେଷଦେବ ବଡ଼ାଇ ଓ ମଙ୍ଗଳ ସିଂ ଖଣ୍ଡେଲୱାଲଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ମାତାଜୀଙ୍କ ଜନ୍ମ ଶତବାର୍ଷିକୀ ଏବଂ ଅଖଣ୍ଡ ଜ୍ୟୋତିର ଶତାବ୍ଦୀ ବର୍ଷ ପାଳନ ପାଇଁ ଏହି ବିଶେଷ ବସନ୍ତ ପର୍ବର ଆୟୋଜନ କରାଯାଇଥିଲା। ସମ୍ମିଳନୀରେ ଶାନ୍ତିକୁଞ୍ଜର ସମ୍ପାଦକ ତଥା ଭୁବନେଶ୍ୱରର ସଂଯୋଜକ ରଘୁମଣି ଦାସ, ସୌମିତ୍ର ଥନାପତି ଏବଂ ଆଞ୍ଚଳିକ ସଂଯୋଜକ ପାନାମ୍ବର ସୋର ଯୋଗ ଦେଇଥିଲେ। ଏଥିସହ ସମ୍ବଲପୁର, ବରଗଡ଼ ଓ ସୁବର୍ଣ୍ଣପୁର ଜିଲା ସଂଯୋଜକଭାବେ ମଦନ ମୋହନ ପାତ୍ର, ଅଶ୍ୱିନୀ ସାହୁ ଏବଂ କମଳ ଲୋଚନ ପ୍ରଧାନ ନିଜ ଅଞ୍ଚଳର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଚଳିତବର୍ଷ ପାଇଁ ସଙ୍ଗଠନ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ସାଧନା, ଶିକ୍ଷା, ସାହିତ୍ୟ ପଠନ, ସ୍ୱାବଲମ୍ବନ ଓ ମହିଳା ଜାଗୃତି ଅଭିଯାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ବ୍ୟତୀତ ଆସନ୍ତୁ ଗଢ଼ିବା ସଂସ୍କାରବାନ ପିଢ଼ି, ଶ୍ରୀରାମ ତୀର୍ଥ ଯୋଜନା, ବ୍ୟସନ ମୁକ୍ତି, ପରିବେଶ ସଂରକ୍ଷଣ, ଦେବସ୍ଥାପନା, ବୃକ୍ଷରୋପଣ ଏବଂ ସଂସ୍କାର ପରି ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଗାୟତ୍ରୀ ଶକ୍ତିପୀଠ ସମ୍ବଲପୁରର ଭାରପ୍ରାପ୍ତ ମ୍ୟାନେଜିଂ ଟ୍ରଷ୍ଟି ରାଜନ ପଟେଲଙ୍କ ସମେତ ତୁଷାର ପଟ୍ଟନାୟକ, ନାରାୟଣ ପଟେଲ, ନଳିନୀକାନ୍ତ ନାଥ, ଦିଲୀପ ସାନବଡ଼, ସୁରେଶ ପ୍ରଧାନ, ଦିବ୍ଯ ମେଣ୍ଡଲୀ ଓ ଦୀପ୍ତିମୟୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ୫୦୭ବୋତଲ ନିଶା କଫ୍‌ସିରପ୍ ଜବତ, ୩ଗିରଫ

**ସମ୍ବଲପୁର,୬।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଟାଉନ୍ ଥାନା ପୋଲିସ ସହରର ଆନନ୍ଦୱାର୍ଲ୍ଡ ନିକଟରେ ଚଢ଼ାଉ କରି ବିପୁଳ ପରିମାଣର ନିଶା କଫ୍ ସିରପ ବୋତଲ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କ୍ଷେତରାଜପୁର ଥାନା ଅନ୍ତର୍ଗତ ନନ୍ଦିନୀ କଲୋନୀର ହେମନ୍ତ ମେହେର(୩୨), ଫାର୍ମରୋଡ୍ ଛକର ପୀତାମ୍ବର ପଟେଲ(୩୫) ଏବଂ ଟାଉନ୍ ଥାନା ଅନ୍ତର୍ଗତ ମୁଦିପଡ଼ାର ଅଜୟ ସିଂ(୩୫)। ସେମାନଙ୍କ ନିକଟରୁ ଶହେ ମିଲିଲିଟର ବିଶିଷ୍ଟ ୫୦୭ ବୋତଲ ସିଲ୍ଡ ନିଶା କଫ୍ ସିରପ ବୋତଲ୍, ଏକ କାର(ନଂ.ଓଡି-୧୫-ଏଡି-୯୮୩୪), ଏକ ସ୍କୁଟି(ନଂ.ଓଡି-୧୫-ୱାଇ-୮୦୬୮) ଏବଂ ନଗଦ ୧,୮୯୦ ଟଙ୍କା ଜବତ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ସୋମବାର ଭୋର ସମୟରେ ମଲ୍ ପଛପଟେ ନିଶା କଫ୍ ସିରପ କାରବାର ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏସଆଇ ଡି. ମିଶ୍ରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ହି ନିଶା କାରବାର ପଛରେ ଆଉ କାହାର ସମ୍ପୃକ୍ତି ରହିଛି ଏବଂ କଫସିରପ୍ କେଉଁଠାରୁ ଅଣାଯାଉଥିଲା, ସେ ନେଇ ପୋଲିସ ଅଭିଯୁକ୍ତମାନଙ୍କୁ ପଚରାଉଚରା କରୁଛି। ଏ ନେଇ ଟାଉନ୍‌ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।


**OFFICE OF THE MUNICIPAL COUNCIL : JAGATSINGHPUR**

No. 2087 Dt.31/03/2026

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**Bid Reference No. JSPURM-02/2025-26/Dt.**

**No.13001/41/2627** : On behalf of the Jagatsinghpur Municipality, on-line e-tender **Item Rate Bids** are invited by the Executive Officer, Jagatsinghpur Municipality from the intending **registered suppliers / manufacturers / agencies** and eligible category of bidders in conformity with the Detailed Tender Call Notice for execution of the work **"Exterior Glass Paneling work for Office Building of Jagatsinghpur Municipality"** as mentioned in the DTCN.

1. Total No. of works for which Tenders invited: 01 No.
2. Place of Execution: Inside of Jagatsinghpur Municipality.
3. Eligible Class of Contractors: Registered suppliers/ manufacturers/ agencies as indicated against each work mentioned in the Tender Call Notice.
4. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from 11 A.M on 02-04-2026 to 5 P.M on 16-04-2026 for online bidding.
6. Bids received online will be opened at 11 A.M on 17.04.2026.
7. The bidder must possess valid and compatible Digital Signature Certificate (DSC).
8. The DTCN for 01 No. of work shall be available in the e-procurement portal https://www.tendersodisha.gov.in for on-line bidding.

Sd./- Executive Officer
Jagatsinghpur Municipality

OIPR-13001/13087/1/26-27/0001

**Government of Odisha**
**Department of Panchayati Raj & Drinking Water**
**Office of the Panchayat Samiti, Bhadrak**

Invitation of Bids (IFB)

Bid Identification No. PSB-16/2025-26

e-mail:ori-bbhadrak@nic.in Fax/TEL:********

No.19001/8/2627: Bid documents consisting of Work, Estimated amount for put to tender, Cost of Tender Paper, Time of Completion, Class of Contractor, the set of terms and conditions of contract and other necessary documents can be seen from the Office of Panchayat Samiti, Bhadrak.

1. Name of the Work : As per DTCN
2. No. of Works : 1 no's of package
3. Estimated Cost for put to tender : As per DTCN
4. Period of Completion : 06 Calendar Months each
5. Date and Time of availability of bid documents : From 02.04.2026 at 10.30 am hours to 20.04.2026 at 11.00 am. Hours
6. Last date/time for receipt/drop of bid in the office. : 20.04.2026 at 11.00 am
7. Date of opening of Bids : 20.04.2026 at 03.00 PM hours
8. Class of Contractor : "C" & "D" Class
9. Name of the Officer Inviting Bids : Block Development Officer Panchayat Samiti Bhadrak

Further details can be seen from the office of Panchayat Samiti, Bhadrak on working hours. Any addendum/corrigendum/cancellation of tender can also be seen at the office of the undersigned. The detailed information is also available on district website **"https://bhadrak.odisha.gov.in."**

Sd./- Block Development Officer
Panchayat Samiti, Bhadrak

OIPR-19001/19031/1/26-27/0003

GOVERNMENT OF ODISHA No.32001/16/2627

**OFFICE OF THE SUPERINTENDING ENGINEER POTTERU IRRIGATION DIVISION,**

**AT/PO : BALIMELA, DIST : MALKANGIRI (ODISHA)**

e-mail Id : eepid78@gmail.com

**e-Procurement Notice No. - SE-PID-BML-01/2026-27**

| | | | |
|---|---|---|---|
| 1. | No. of works | : | 1 (One) |
| 2. | Approx. Estimated cost | : | ₹ 33.34 Lac |
| 3. | Eligibility of the bidders | : | Registered & licensed security service agencies for deployment of security personnel |
| 4. | Period of completion | : | 335 days |
| 5. | Date & time of availability of bid document in the portal | : | 10.04.2026 (10:00 A.M.) to 20.04.2026 (05:00 P.M.) |
| 6. | Last date/time for receipt of bid in the portal | : | 20.04.2026 (05:00 P.M.) |
| 7. | Date of opening of the bids on-line | ; | 21.04.2026 (11:00 A.M.) |
| 8. | Name & address of the O.I.T | : | Superintending Engineer, Potteru Irrigation Division, At/po : Balimela, District : Malkangiri |

Further details can be seen from the e-procurement portal http://tendersodisha.gov.in

Sd./- Superintending Engineer
Potteru Irrigation Division, Balimela

OIPR-32001/32052/1/26-27/0001

**GOVT. OF ODISHA, DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**RENGALI RIGHT CANAL DIVISION NO.VI, JAGATPUR, CUTTACK**

e-mail id- eerrcd6jagatpur@gmail.com

**'e' Procurement Notice**

No.32001/17/2627: The Superintending Engineer, Rengali Right Canal Division No-VI, Jagatpur Cuttack on behalf of the Governor of Odisha invites online percentage basis bids in single cover system for construction of the work as detailed below: 1.Name of the Work : 03 Nos. of Works. 2. Tender Cost: Rs.12.65 lakh to 39.68 lakh. 3. Bid Document Cost: Rs.6,000.00 (Online) for each work. 4. Bid Security : Rs.12,700.00 to Rs.39,700.00 (Online). 5. Class of Contractor: 'C' & 'B' Class and 'Govt. Registered Firm dealing with Sub-Soil Exploration Work' 6. Period of Completion: 02 to 03 Calendar Months. 7. Other details are as follows:

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No-VI, Jagatpur Cuttack | SERRCDVI-05/2025-26 | 07.04.2026 10.00 AM | 18.04.2026 5.30 PM | 20.04.2026 11.00 AM |

8. Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.

Sd./- Superintending Engineer,
Rengali Right Canal Division No-VI, Jagatpur, Cuttack

OIPR-32001/32527/1/26-27/0001

**ROURKELA DEVELOPMENT AUTHORITY**
**UDITNAGAR: ROURKELA-769012**

No.487/RDA, dated 31.03.26

**PROCLAMATION**

No.13001/33/2627: It is hereby informed to the General public that Mahabir Prasad Agarwal, S/o- Late Maliram Agarwal, has applied for permission for transfer of House site No.S3H2-16, under **Leftout Site & Services Scheme, Gopabandhunagar, Stage-II, Chhend** in favour of **Smt. Sitan Parida**, W/o- Sri Sanjay Kumar Parida. Anybody has got objection to the proposed transfer, he/she may file objection petition before the undersigned within 15 (Fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./-Secretary
Rourkela Development Authority

OIPR-13001/13250/1/26-27/0001

**GOVERNMENT OF ODISHA**
**DEPARTMENT OF P.R. & D.W**
**INVITATION FOR BIDS (IFB)**

Identification No.AGLB-05/2025-26

E-mail address: ori-bangul@nic.in

No.19001/5/2627: 1. The Block Development Officer, Angul on behalf of the Governor of Orissa invites Percentage rate civil bids in single cover system for the works as detailed in the table, from the class of eligible contractors as mentioned in Col 4 (four), registered with the State Government and contractors of equivalent grade/ Class registered with Central Government / MES/ Railways to be eventually drawn up in PWD P-I form, for execution of Building (Civil Work). The proof of registration from the appropriate authority shall be enclosed alongwith the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement.

1. Sale of Bid Documents : 08.04.2026 to 17.04.2026 (upto 5.30 PM)
2. Received of Bid documents : 08.04.2026 to 18.04.2026 **(through speed post or registered post only)**
3. Opening of Bid documents : 21.04.2026 at 11.00 P.M.

The details of the Eligibility criteria, EMD, enclosures etc. alongwith the list of projects can be viewed & downloaded from the district website i.e. https://www.angul.odisha.gov.in. and can be seen in the office of Panchayat Samiti, Angul during office hours only.

Sd./-
Block Development Officer, Angul

OIPR-19001/19073/1/26-27/0001

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଶଙ୍କରା (ହୃଦାନନ୍ଦ ବାରିକ): ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଥାନା ଅନ୍ତର୍ଗତ କୁକୁଡ଼ିହି ଡୁଙ୍ଗାଘାଟରେ ଥିବା ଏକ ନିମ୍ବ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ ହୋଇଛି। ମୃତ ଯୁବକ ହେଲେ ଝରାକାନି ଗ୍ରାମର ରଞ୍ଜିତ ସେଠ (୨୬)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଓଏଲ୍‌ଆର୍ ଆଇନ କଡ଼ାକଡ଼ି ଅନୁପାଳନ ନିର୍ଦ୍ଦେଶ

ସମ୍ବଲପୁର, ୬।୪(ପ୍ରମୋଦ ବହିଦାର)



ବୈଠକରେ ଆର୍‌ଡିସିଙ୍କ ସହିତ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ(ଆରଡିସି) ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ତାଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ଓ ଶାସନ ସଂସ୍କାର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ଓ ଶାସନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ, ସ୍ୱଚ୍ଛ କରିବା ଲକ୍ଷ୍ୟରେ ଅନୁଷ୍ଠିତ ଏହି ବୈଠକରେ ଉତ୍ତରାଞ୍ଚଳ ଅଧୀନରେ ଆସୁଥିବା ୧୨ଟି ଜିଲାର ତହସିଲଦାର ଓ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ବିଶେଷ କରି ସାଧାରଣ ଜନତା ଦୈନନ୍ଦିନ ଜୀବନରେ ରାଜସ୍ୱ କାର୍ଯ୍ୟାଳୟରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ଏବଂ ନୂତନ ବୈଷୟିକ ସଂସ୍କାର ଉପରେ ଏଥିରେ ଆଲୋଚନା କରାଯାଇଥିଲା। ବୈଠକରେ ଜମି ଅଧିଗ୍ରହଣ, ଥଇଥାନ, ବସୁନ୍ଧରା ଯୋଜନା, ଜଙ୍ଗଲ ଜମି ଅଧିକାର ଏବଂ ଜବରଦଖଲ ଉଚ୍ଛେଦ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଦାଖଲ ଖାରଜ(ମ୍ୟୁଟେସନ), କିସମ ପରିବର୍ତ୍ତନ, ଜମି ବିଭାଜନ ଓ ଜମି ଚିହ୍ନଟ ପ୍ରକ୍ରିୟାକୁ କିଭଳି ସରଳୀକରଣ କରାଯାଇ ସମୟସୀମା ମଧ୍ୟରେ ଶେଷ କରାଯିବ ସେ ନେଇ ଆରଡିସି ମହାପାତ୍ର ତହସିଲଦାରମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏଥିସହ ଓଡ଼ିଶା ଭୂସଂସ୍କାର ଆଇନ(ଓଏଲ୍‌ଆର ଆକ୍ଟ)ର କଡ଼ାକଡ଼ି ଅନୁପାଳନ ଏବଂ ଆଇନଗତ ଜଟିଳତା ଦୂର କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ଓ ଆବାସିକ ପ୍ରମାଣପତ୍ର ହାସଲ କରିବାରେ ଲୋକେ ଯେପରି ହଇରାଣ ନ ହେବେ ତାହା ସୁନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ସୁବର୍ଣ୍ଣପୁର ଏବଂ ନୂଆପଡ଼ା ଜିଲାରୁ ଆସିଥିବା ପ୍ରତିନିଧିମାନେ ନିଜ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସର୍ବୋତ୍ତମ ପ୍ରଶାସନିକ ଶୈଳୀ ଓ ସମସ୍ୟା ଉପସ୍ଥାପନ କରିଥିଲେ। ରାଜସ୍ୱ ସେବା ବିତରଣ ପ୍ରକ୍ରିୟାରେ ସଂସ୍କାର ଆଣିବା ପାଇଁ ବିଭିନ୍ନ ଜିଲାରୁ ଆସିଥିବା ପ୍ରସ୍ତାବଗୁଡ଼ିକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଆରଡିସି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ସମ୍ବଲପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଡିସିଙ୍କ ସଚିବ ଉପମା କାଲୋ ସ୍ୱାଗତ ଭାଷଣ ଦେଇଥିଲେ।

## ଢାବା ଭିତରକୁ ମାଡ଼ିଗଲା କାର୍, ୨ ମୃତ



ଦୁର୍ଘଟଣାଗ୍ରସ୍ତ କାର୍।

କୁଆଁରମୁଣ୍ଡା,୬।୪(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାଳି ନିକଟରେ ଥିବା ଏକ ଢାବା ଭିତରକୁ ରବିବାର ବିଳମ୍ବିତ ରାତିରେ ଏକ କାର ମାଡ଼ିଯାଇଥିଲା। ଏଥିରେ କାର ଚାଳକଙ୍କ ସମେତ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ରାଉରକେଲା ତରକେରା ଅଞ୍ଚଳର ମୋହିତ ମହାନ୍ତ(୨୩) ଓ ରାଉରକେଲା ଛେଣ୍ଡ ଫେଜ୍ -୨ର କୁନାଲ ଚନ୍ଦ୍ର ନାୟକ। କାରରେ ଥିବା ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ସେ ହେଲେ ବାଲୁଘାଟର ସମୀର ଗୋପ(୨୩)। ଏନେଇ ବୀରମିତ୍ରପୁର ଥାନାରେ ଏକ ଦୁର୍ଘଟଣା ମାମଲା(ନଂ.୧୫୧/୨୬) ରୁଜୁ ହୋଇଛି। ଥାନା ଆଇଆଇସି ରାମ ପ୍ରସାଦ ନାଗ ଘଟଣାର ତଦନ୍ତ ଜାରି ରଖିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ମୋହିତ, କୁନାଲ ଓ ସମୀର କାର ନଂ.ଓଡ଼ି୧୪ଏବି୮୩୬ ଯୋଗେ ରାଉରକେଲା ଅଭିମୁଖେ ଯାଉଥିଲେ। ହଠାତ୍ ଯମୁନାନାଳି ନିକଟରେ ଥିବା ଏକ ଢାବା ଭିତରକୁ କାରଟି ଭାରସାମ୍ୟ ହରାଇ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ମୋହିତ ଓ କୁନାଲଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ସମୀରଙ୍କୁ ସ୍ଥାନୀୟ ଲୋକେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାର ଆଇସିୟୁରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ମୃତ ମୋହିତଙ୍କ ବାପା ମୀନକେତନ ମହାନ୍ତ(୫୮) କୁଆଁରମୁଣ୍ଡା ଫାଣ୍ଡିରେ ଦେଇଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ପୁଅ ମୋହିତ ଓ ଅନ୍ୟମାନେ କୁଆଁରମୁଣ୍ଡାରୁ ରାଉରକେଲାକୁ ବିଳମ୍ବିତ ରାତିରେ ଫେରୁଥିଲେ। ଏକ ଷଣ୍ଢ ରାସ୍ତାରେ ମାଡ଼ି ଆସିବାରୁ ଭାରସାମ୍ୟ ହରାଇ କାରଟି ରାସ୍ତାପାର୍ଶ୍ୱ ଢାବାକୁ ମାଡ଼ିଯାଇଥିଲା। ଉକ୍ତ କାରକୁ ତାଙ୍କ ପୁଅ ମୋହିତ ଚଳାଉ ନ ଥିଲେ। ଛେଣ୍ଡ ଫେଜ୍-୨ର ସୁଜିତ କୁମାର ପ୍ରଜାପତି(୨୬) କାର ଚାଳକ ଥିଲେ। ସେ ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମାତ୍ର ଏହି ଅଭିଯୋଗ ଉପରେ ଉପଯୁକ୍ତ ତଦନ୍ତ କରାଯାଇ କିଏ କାର ଚଳାଉଥିଲା ଓ କାରରେ କେତେଜଣ ଥିଲେ ତାହାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି।

## ପୋଲିସ ଉପରକୁ ପଥର ମାଡ, ୨ ଆହତ

ସୁନ୍ଦରଗଡ/ହେମଗିର (ଜୟ ନାରାୟଣ ମେଣ୍ଟୁଳି/ଚୈତନ୍ୟ ପଟେଲ): ହେମଗିର ଥାନା ବଲିଙ୍ଗା ଫାଣ୍ଡିଅନ୍ତର୍ଗତ ଗର୍ଜନ ବାହାଲ କୋଇଲାଖଣି ଅଞ୍ଚଳରେ ସୋମବାର ରାତିରେ ପୋଲିସ ଉପରକୁ ପଥର ମାଡ ହୋଇଛି। ଏଥିରେ ଫାଣ୍ଡି ଅଧିକାରୀ ସୁଶୀଲ ବଗର୍ତ୍ତୀ ଓ ହାବିଲଦାର ଅମରଜୀତ ପଣ୍ଡା ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଖଣି ଅଞ୍ଚଳରେ କୋଇଲା ଲୋଡିଂ ପାଇଁ ଯାଉଥିବା ଟ୍ରକ ପାର୍କିଂ ବେଳେ ରାସ୍ତା ଜାମ ହେବା ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଭିଡ ନିୟନ୍ତ୍ରଣ ବେଳେ ହଠାତ କରେଣ୍ଟ ଚାଲିଯିବାରୁ ପୋଲିସ ଉପରକୁ ପଥର ମାଡ ହୋଇଥିଲା। ଆହତ ୨ ପୋଲିସ କର୍ମଚାରୀଙ୍କୁ ହେମଗିର ଡାକ୍ତରଖାନାକୁ ନିଆଯାଇଛି। ସେମାନଙ୍କ ଅବସ୍ଥା ଠିକ ଥିବା ସଦର ଏସଡିପିଓ ନିର୍ମଳ ମହାପାତ୍ର କହିଛନ୍ତି।

# ସ୍ୱଦେଶୀ ଇସ୍ପାତରେ ନିର୍ମିତ ଆଇଏନ୍‌ଏସ୍ ତାରାଗିରିର ଜଳାବତରଣ



ରାଉରକେଲା,୬।୪(ବିପ୍ଳବ ରଞ୍ଜନ ଦାଶ)

ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ ଦେଶର ସର୍ବବୃହତ୍ ଇସ୍ପାତ ଉତ୍ପାଦନକାରୀ ସେଲ୍ ଗତ ୩ ତାରିଖରେ ନୀଳଗିରି (ପ୍ରୋଜେକ୍ଟ ୧୭ଏ) ଷ୍ଟେଲଥ ଫ୍ରିଗେଟ୍‌ର ଚତୁର୍ଥ ଜାହାଜ ଆଇଏନ୍‌ଏସ୍ ତାରାଗିରିକୁ ଭାରତୀୟ ନୌସେନାରେ ସାମିଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ସେଲ୍ ଦ୍ୱାରା ଯୋଗାଇ ଦିଆଯାଇଥିବା ପ୍ରାୟ ୪ହଜାର ଟନ୍ ସ୍ୱତନ୍ତ୍ର ଗ୍ରେଡ୍ ଷ୍ଟିଲ ପ୍ଲେଟ୍‌ର ସମ୍ପୂର୍ଣ୍ଣ ବ୍ୟବହାରରେ ନିର୍ମିତ ଏହି ଯୁଦ୍ଧଜାହାଜ ମାଜାଗାଁ ଡକ୍ ଶିପ୍ ବିଲ୍ଡର୍ସ ଲିମିଟେଡ ଦ୍ୱାରା ପ୍ରସ୍ତୁତ ହୋଇଛି। ଏହି ସ୍ୱତନ୍ତ୍ର ଇସ୍ପାତ ସେଲ୍ ନିଜର ଉନ୍ନତ ଧାତୁ ନିର୍ମାଣ କ୍ଷମତା ଏବଂ ଉଚ୍ଚ ଗୁଣବତ୍ତା ମାନଦଣ୍ଡ ପ୍ରଦର୍ଶନରେ ବୋକାରୋ, ଭିଲାଇ ଏବଂ ରାଉରକେଲା ଭଳି ବିଭିନ୍ନ ସମନ୍ୱିତ ଇସ୍ପାତ କାରଖାନାରେ ଉତ୍ପାଦନ କରିଛି। ସେଲ୍ ଭାରତର ପ୍ରତିରକ୍ଷାକୁ ସ୍ୱଦେଶୀକରଣ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା ସହିତ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆର ପ୍ରମୁଖ ପଦକ୍ଷେପଗୁଡ଼ିକରେ ଅଗ୍ରଣୀ ରହିଆସିଛି। କମ୍ପାନୀ ପୂର୍ବରୁ ନୌସେନାର ସ୍ୱଦେଶୀ ବିମାନ ବାହକ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତ ଏବଂ ପ୍ରୋଜେକ୍ଟ ୧୭ଏ ଶ୍ରେଣୀର ପ୍ରଥମ ତିନୋଟି ଜାହାଜ ଆଇଏନ୍‌ଏସ୍ ନୀଳଗିରି, ଆଇଏନ୍‌ଏସ୍ ହିମଗିରି ଏବଂ ଆଇଏନ୍‌ଏସ୍ ଉଦୟଗିରି ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନୌଭେଳା ନିମନ୍ତେ ସ୍ୱତନ୍ତ୍ର ଇସ୍ପାତ ଯୋଗାଣ କରିଛି। ସୂଚନାଯୋଗ୍ୟ, ଆଇଏନ୍‌ଏସ୍ ତାରାଗିରିର ଏହି ସଫଳ ପ୍ରବେଶ ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତା ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ହେବା ସହ ଦେଶର ସାମୁଦ୍ରିକ ସମର କ୍ଷମତାକୁ ସୁଦୃଢ଼ କରୁଛି।

**ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

## ଡ. ପବନ କୁମାର ଅଗ୍ରୱାଲ ନୂତନ ସ୍ଥାୟୀ କୁଳପତି



ଭବାନୀପାଟଣା,୬।୪ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୂତନ ସ୍ଥାୟୀ କୁଳପତି ଭାବେ ଡ଼. ପବନ କୁମାର ଅଗ୍ରୱାଲ ସୋମବାର ନିଯୁକ୍ତ ହୋଇଛନ୍ତି। ଏ ନେଇ ଓଡିଶା ଲୋକସଭା ଭବନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଡିସେମ୍ବର ୨୦୨୪ ଶେଷରେ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସଞ୍ଜୟ ଶତପଥିଙ୍କ ଦେହାନ୍ତ ପରେ ସ୍ଥାୟୀ କୁଳପତି ପଦବୀ ଖାଲି ପଡିଥିଲା। ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ନିବେଦିତା ନାଥ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ। ନୂତନ କୁଳପତି ଡ଼. ଅଗ୍ରୱାଲଙ୍କ ଜନ୍ମ କଳାହାଣ୍ଡି ଜିଲାର ଜୁନାଗଡ଼ ସହରରେ ହୋଇଥିବାବେଳେ ୨୦୧୯ ଠାରୁ ସେ ଭୁବନେଶ୍ୱର କୃଷି ଓ ପ୍ରଯୁକ୍ତି ବିଜ୍ଞାନ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ।

## ଭବାନୀଶଙ୍କର ହେଲେ ଓଏସ୍‌ଏପି ୨ୟ ବାଟାଲିୟନର କମାଣ୍ଡାଣ୍ଟ

ବାଲିଶଙ୍କରା,୬।୪(ହୃଦାନନ୍ଦ ବାରିକ)

ଓଏସଏପି ୨ୟ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟରୁ ବର୍ତ୍ତମାନ କମାଣ୍ଡାଣ୍ଟ ହେଲେ ଭବାନୀ ଶଙ୍କର ସେଠ। ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ବନ୍ଧବାହାଲ ପଞ୍ଚାୟତ ବନ୍ଧବାହାଲ ଗ୍ରାମରେ ଭବାନୀ ଶଙ୍କର ସେଠଙ୍କ ଜନ୍ମ। ୧୯୯୪ ମସିହାରେ ଓଡ଼ିଶା ପୋଲିସରେ ସର୍ଜେଣ୍ଟ ଭାବେ ଯୋଗଦେଇଥିଲେ। ପରେ ୨୦୦୬ରେ ରିଜର୍ଭ ଇନ୍ସପେକ୍ଟର, ୨୦୧୦ ମସିହାରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୨୦୧୯ରେ ଡେପୁଟି କମାଣ୍ଡାଣ୍ଟ ଓ ୨୦୨୪ରେ କମାଣ୍ଡାଣ୍ଟ ଇନଚାର୍ଜ ଭାବେ ଝାରସୁଗୁଡା ୨ୟ ବାଟାଲିୟନ କାର୍ଯ୍ୟରତ ଥିଲେ। ପରେ ଓଏସଏପି ୨ୟ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ହୋଇଥିଲେ। ବର୍ତ୍ତମାନ ସେ ଓଏସଏପି ୨ୟ ବାଟାଲିୟନର କମାଣ୍ଡାଣ୍ଟ ହୋଇଛନ୍ତି। ଚାକିରି କ୍ଷେତ୍ରରେ ସେ ବିଭିନ୍ନ ପ୍ରକାର ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୧-୨୨ ମସିହାରେ ଡିଜିପି ଡିସ୍କ ଓ ୨୦୨୨ ମସିହାରେ ମାଓବାଦୀ ଦମନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ଆନ୍ତରିକ ସୁରକ୍ଷାର ମେଡାଲ ପାଇଛନ୍ତି। ସୁନ୍ଦରଗଡ଼ରେ ଆୟୋଜିତ ୮୦ତମ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୋଲିସ ଚାକିରିରେ ଯୋଗ ଦେଲାପରେ ସେ ରାଜ୍ୟ ପୋଲିସ ଫୁଟବଲ ଦଳର ସଦସ୍ୟ ରହିଥିଲେ। ଫୁଟବଲ ଖେଳରୁ ଅବସର ନେଲାପରେ ଫୁଟବଲ, ହକି, ଆଥଲେଟିକ୍ସ, କବାଡ଼ି ଓ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଟିମ ମ୍ୟାନେଜର ଓ ଟୁର୍ନାମେଣ୍ଟ କମିଶନର ଭାବେ ନିଯୋଜିତ ହୋଇଥାନ୍ତି। ସୁନ୍ଦରଗଡ଼ରେ ଆୟୋଜିତ ହେଉଥିବା ରାଜ୍ୟ ପୋଲିସ ଫୁଟବଲ ପ୍ରତିଯୋଗିତା କେବଳ ନୁହେଁ, ସେ ଅଲ ଇଣ୍ଡିଆ ହକି ଚାମ୍ପିୟନଶିପ, ତ୍ରିପୁରାରେ ହୋଇଥିବା ଆୟୋଜିତ ଅଲ ଇଣ୍ଡିଆ ବିଏନ ମଲ୍ଲିକ ଫୁଟବଲ ଚାମ୍ପିୟନଶିପ, କେନ୍ଦୁଝର ଜିଲାରେ ରାଜ୍ୟ ପୋଲିସର କବାଡ଼ି ଓ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଅଫିସର ଭାବେ ଯୋଗଦେଇଥିଲେ। ଅଲ ଇଣ୍ଡିଆ କ୍ଲଷ୍ଟର ପୋଲିସ ଚାମ୍ପିୟନଶିପ ଗତ ମାର୍ଚ୍ଚ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ଜାମ୍ମୁଠାରେ ଆୟୋଜିତ ହୋଇଥିବାବେଳେ ସେଠାରେ ମ୍ୟାନେଜର ଭାବେ ଯୋଗଦେଇ କାର୍ଯ୍ୟଭାର ତୁଲାଇଥିଲେ।

## ବାଇକ୍ ଚୋରି ଘଟଣାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

ରେଙ୍ଗାଲି, ୬।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲାରିପାଲି ଛକ ନିକଟରେ ବାଇକ ଚୋରିକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରେଙ୍ଗାଲି ପୁରୁଣା ବସ୍ତିର ସୌମ୍ୟରଞ୍ଜନ ବିଶ୍ୱାଳ(୨୨)। ଗୁରୁତର ଟିକୁନ ପଧାନଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ରବିବାର ରାତିରେ ଲାରିପାଲି ଛକ ନିକଟରେ ବାଇକ ଚୋରିକୁ ନେଇ ସୌମ୍ୟରଞ୍ଜନ ଓ ଟିକୁନଙ୍କ ସହ ଅଟକ ୩ଯୁବକଙ୍କ ମାରପିଟ ହୋଇଥିଲା। ଏଥିରେ ସୌମ୍ୟରଞ୍ଜନ ଓ ଟିକୁନ ଗୁରୁତର ହୋଇଥିଲେ। ବୁର୍ଲା ଡ଼ାକ୍ତରଖାନାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

# ଇସ୍ପାତ ସହରରେ ଶ୍ରୀ ଶ୍ୟାମ ଆଖଡ଼ା କାର୍ଯ୍ୟକ୍ରମ

ରାଉରକେଲା,୬।୪(ସଙ୍ଗୀତା ଜେନା)



ଭକ୍ତମାନେ ଭଜନ ପରିବେଷଣ କରୁଛନ୍ତି ।

ରାଉରକେଲା ସହରର ମହାରାଜା ଅଗ୍ରସେନ ଭବନ ପରିସରରେ ଶ୍ରୀ ଶ୍ୟାମ ଗୁଣଗାନ ମହୋତ୍ସବ-୨୦୨୬ ପାଇଁ ଶ୍ରୀ ଶ୍ୟାମ ସେବା ସଂଘ ଦ୍ୱାରା ଶ୍ରୀ ଶ୍ୟାମ ଆଖଡ଼ାର ଏକ ଭବ୍ୟ ଦୁଇଦିନିଆ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହନ୍ତ ଶ୍ରୀ ମୋହନ ଦାସ ମହାରାଜ ଏବଂ ଶ୍ୟାମଲିନ ଭକ୍ତ ଶିରୋମଣି ମହନ୍ତ ଆଲୁ ସିଂହ ମହାରାଜ ଖାଟୁଧାମଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ରବିବାର ବାବାଙ୍କ ଦିବ୍ୟ ଜ୍ୱାଳା ପ୍ରଜ୍ୱଳନ ସହିତ ଛପନ ଭୋଗ ଅର୍ପଣ କରାଯାଇଥିଲା। ରୀତିନୀତି ଅନୁଯାୟୀ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ ଭଜନ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟଙ୍କ ସମେତ ରାଉରକେଲା, ସିମଡେଗା, ଝାରସୁଗୁଡା, ସମ୍ବଲପୁର, ବିଶ୍ରା, ରାଜଗାଙ୍ଗପୁର ଏବଂ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ୟାମ ଭକ୍ତ ଅଂଶଗ୍ରହଣ କରିଥିଲେ।

## ବେଆଇନ ଗୋରୁ ଚାଲାଣ: ୪ କୋର୍ଟ ଚାଲାଣ

ଭବାନୀପାଟଣା,୬।୪ (ଉତ୍ତମ କୁମାର ଦାଶ)



ଗୋରୁ ଚାଲାଣ କରି ଗିରଫ ୪ ଅଭିଯୁକ୍ତ।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ରିଷଗାଁ ବାଇପାସ୍ ରାସ୍ତାରେ ସୋମବାର ପୋଲିସ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଏକ କଣ୍ଟେନର ଜବତ ସହ ୪ଜଣଙ୍କୁ ଗିରଫ କରିଛି। ନୂଆପଡ଼ାରୁ ଆନ୍ଧ୍ରପ୍ରଦେଶ ଯାଉଥିବା ଏହି କଣ୍ଟେନରରେ ବେଆଇନ ଗୋରୁ ଚାଲାଣ ହେଉଥିବା ଖବର ପାଇ ପ୍ରଥମେ ଗୋରକ୍ଷକମାନେ ଅଟକାଇ ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହି ବେଆଇନ କାର୍ଯ୍ୟରେ ସାମିଲ ଥିବା ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଜିଲାର ମମିଡ଼ି ଶିବା (୪୨), ଆଇ ରାଜୁ (୪୦), କେରଳର ଜୋବିଶ ପି କୁରିଆନ (୪୯) ଓ ତାମିଲନାଡୁର ଟି ଶଶୀ କୁମାର (୩୮)ଙ୍କୁ ଗିରଫ କରି ଆନିମଲ ଆକ୍ଟରେ କୋର୍ଟ ଚାଲାଣ କରିଛି। ସେହିପରି ଏଥିରେ ବ୍ୟବହୃତ କଣ୍ଟେନର (କେଏ୫୧-ବି୮୯୩୮)କୁ ପୋଲିସ ଜବତ କରି ଥାନାକୁ ଆଣିଛି। ଏ ନେଇ ସଦର ଥାନାରେ ପୋଲିସ ଏକ ମାମଲା (ନଂ.୧୨୪/୨୬) ରୁଜୁ କରିଥିବା ସ୍ଥାନୀୟ ଏସ୍‌ଡିପିଓ ନରେଶ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରବିବାର ଏହି ଥାନା ଅନ୍ତର୍ଗତ ବଣ୍ଡେଲଗୁଡା ଗ୍ରାମରୁ ବେଆଇନ ଗୋରୁ ମାଂସ ଜବତ ହୋଇଥିଲା।


**OFFICE OF THE MUNICIPAL COUNCIL : JAGATSINGHPUR**

No. 2087 Dt.31/03/2026

**COMPETITIVE BIDDING THROUGH e-Procurement**
**NOTICE INVITING TENDER**
Bid Reference No. JSPURM-02/2025-26/Dt.

**No.13001/41/2627** : On behalf of the Jagatsinghpur Municipality, on-line e-tender **Item Rate Bids** are invited by the Executive Officer, Jagatsinghpur Municipality from the intending **registered suppliers / manufacturers / agencies** and eligible category of bidders in conformity with the Detailed Tender Call Notice for execution of the work **"Exterior Glass Paneling work for Office Building of Jagatsinghpur Municipality"** as mentioned in the DTCN.

1. Total No. of works for which Tenders invited: 01 No.
2. Place of Execution: Inside of Jagatsinghpur Municipality.
3. Eligible Class of Contractors: Registered suppliers/ manufacturers/ agencies as indicated against each work mentioned in the Tender Call Notice.
4. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from 11 A.M on 02-04-2026 to 5 P.M on 16-04-2026 for online bidding.
6. Bids received online will be opened at 11 A.M on 17.04.2026.
7. The bidder must possess valid and compatible Digital Signature Certificate (DSC).
8. The DTCN for 01 No. of work shall be available in the e-procurement portal https://www.tendersodisha.gov.in for on-line bidding.

Sd./- Executive Officer
Jagatsinghpur Municipality

OIPR-13001/13087/1/26-27/0001

**Government of Odisha**
**Department of Panchayati Raj & Drinking Water**
**Office of the Panchayat Samiti, Bhadrak**
Invitation of Bids (IFB)
Bid Identification No. PSB-16/2025-26
e-mail:ori-bbhadrak@nic.in Fax/TEL:********

No.19001/8/2627: Bid documents consisting of Work, Estimated amount for put to tender, Cost of Tender Paper, Time of Completion, Class of Contractor, the set of terms and conditions of contract and other necessary documents can be seen from the Office of Panchayat Samiti, Bhadrak.

1. Name of the Work : As per DTCN
2. No. of Works : 1 no's of package
3. Estimated Cost for put to tender : As per DTCN
4. Period of Completion : 06 Calendar Months each
5. Date and Time of availability of bid documents : From 02.04.2026 at 10.30 am hours to 20.04.2026 at 11.00 am. Hours
6. Last date/time for receipt/drop of bid in the office. : 20.04.2026 at 11.00 am
7. Date of opening of Bids : 20.04.2026 at 03.00 PM hours
8. Class of Contractor : "C" & "D" Class
9. Name of the Officer Inviting Bids : Block Development Officer Panchayat Samiti Bhadrak

Further details can be seen from the office of Panchayat Samiti, Bhadrak on working hours. Any addendum/corrigendum/cancellation of tender can also be seen at the office of the undersigned. The detailed information is also available on district website **"https://bhadrak.odisha.gov.in."**

Sd./- Block Development Officer
Panchayat Samiti, Bhadrak

OIPR-19001/19031/1/26-27/0003

GOVERNMENT OF ODISHA No.32001/16/2627
**OFFICE OF THE SUPERINTENDING ENGINEER**
**POTTERU IRRIGATION DIVISION,**
AT/PO : BALIMELA, DIST : MALKANGIRI (ODISHA)
e-mail Id : eepid78@gmail.com
**e-Procurement Notice No. - SE-PID-BML-01/2026-27**

| | | |
|---|---|---|
| 1. | No. of works | 1 (One) |
| 2. | Approx. Estimated cost | ₹ 33.34 Lac |
| 3. | Eligibility of the bidders | Registered & licensed security service agencies for deployment of security personnel |
| 4. | Period of completion | 335 days |
| 5. | Date & time of availability of bid document in the portal | 10.04.2026 (10:00 A.M.) to 20.04.2026 (05:00 P.M.) |
| 6. | Last date/time for receipt of bid in the portal | 20.04.2026 (05:00 P.M.) |
| 7. | Date of opening of the bids on-line | 21.04.2026 (11:00 A.M.) |
| 8. | Name & address of the O.I.T | Superintending Engineer, Potteru Irrigation Division, At/po : Balimela, District : Malkangiri |

Further details can be seen from the e-procurement portal http://tendersodisha.gov.in

Sd./- Superintending Engineer
Potteru Irrigation Division, Balimela

OIPR-32001/32052/1/26-27/0001

**GOVT. OF ODISHA, DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER,**
**RENGALI RIGHT CANAL DIVISION NO.VI, JAGATPUR, CUTTACK**
e-mail id- eerrcd6jagatpur@gmail.com
**'e' Procurement Notice**

No.32001/17/2627: The Superintending Engineer, Rengali Right Canal Division No-VI, Jagatpur Cuttack on behalf of the Governor of Odisha invites online percentage basis bids in single cover system for construction of the work as detailed below: 1.Name of the Work : 03 Nos. of Works. 2. Tender Cost: Rs.12.65 lakh to 39.68 lakh. 3. Bid Document Cost: Rs.6,000.00 (Online) for each work. 4. Bid Security : Rs.12,700.00 to Rs.39,700.00 (Online). 5. Class of Contractor: 'C' & 'B' Class and 'Govt. Registered Firm dealing with Sub-Soil Exploration Work' 6. Period of Completion: 02 to 03 Calendar Months. 7. Other details are as follows:

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No-VI, Jagatpur Cuttack | SERRCDVI-05/2025-26 | 07.04.2026 10.00 AM | 18.04.2026 5.30 PM | 20.04.2026 11.00 AM |

8. Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/ Cancellation to the above notice will be published in the Govt. website www.tendersodisha.gov.in.

Sd./- Superintending Engineer,
Rengali Right Canal Division No-VI, Jagatpur, Cuttack

OIPR-32001/32527/1/26-27/0001

**ROURKELA DEVELOPMENT AUTHORITY**
**UDITNAGAR: ROURKELA-769012**
No.487/RDA, dated 31.03.26
**PROCLAMATION**

No.13001/33/2627: It is hereby informed to the General public that Mahabir Prasad Agarwal, S/o- Late Maliram Agarwal, has applied for permission for transfer of House site No.S3H2-16, under **Leftout Site & Services Scheme, Gopabandhunagar, Stage-II, Chhend** in favour of **Smt. Sitan Parida**, W/o- Sri Sanjay Kumar Parida. Anybody has got objection to the proposed transfer, he/she may file objection petition before the undersigned within 15 (Fifteen) days from the date of publication of this proclamation. Objection petition shall not be entertained after expiry of the stipulated period.

Sd./-Secretary
Rourkela Development Authority

OIPR-13001/13250/1/26-27/0001

**GOVERNMENT OF ODISHA**
**DEPARTMENT OF P.R. & D.W**
**INVITATION FOR BIDS (IFB)**
Identification No.AGLB-05/2025-26
E-mail address: ori-bangul@nic.in

No.19001/5/2627: 1. The Block Development Officer, Angul on behalf of the Governor of Orissa invites Percentage rate civil bids in single cover system for the works as detailed in the table, from the class of eligible contractors as mentioned in Col 4 (four), registered with the State Government and contractors of equivalent grade/ Class registered with Central Government / MES/ Railways to be eventually drawn up in PWD P-I form, for execution of Building (Civil Work). The proof of registration from the appropriate authority shall be enclosed alongwith the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement.

1. Sale of Bid Documents : 08.04.2026 to 17.04.2026 (upto 5.30 PM)
2. Received of Bid documents : 08.04.2026 to 18.04.2026 **(through speed post or registered post only)**
3. Opening of Bid documents : 21.04.2026 at 11.00 P.M.

The details of the Eligibility criteria, EMD, enclosures etc. alongwith the list of projects can be viewed & downloaded from the district website i.e. https://www.angul.odisha.gov.in. and can be seen in the office of Panchayat Samiti, Angul during office hours only.

Sd./-
Block Development Officer, Angul

OIPR-19001/19073/1/26-27/0001



ଇଷ୍ଟର ମଣ୍ଡେ ଉତ୍ସବ ପାଳନ ଅବସରରେ ଉତ୍ତରପ୍ରଦେଶର ମୋରାଦାବାଦରେ ସୋମବାର ଲୋକେ ଏକ ଶୋଭାଯାତ୍ରାରେ ଭାଗ ନେଇଛନ୍ତି।

# ଦିଲ୍ଲୀ ବିଧାନସଭାରେ କାର୍ ପୂରାଇଥିବା ବ୍ୟକ୍ତି ଗିରଫ

ନୂଆଦିଲ୍ଲୀ,୬।୪

ଦିଲ୍ଲୀ ବିଧାନସଭା ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହୋଇଛି। ସୋମବାର ଅପରାହ୍ନରେ ମାସ୍କ ପିନ୍ଧିଥିବା ଜଣେ ବ୍ୟକ୍ତି ବ୍ୟାରିକେଡ୍ ଏବଂ ମୁଖ୍ୟ ଫାଟକ ଅତିକ୍ରମ କରି ବିଧାନସଭା ପରିସରରେ କାର୍ ପୂରାଇ ଦେଇଥିଲେ। ସେ ବାଚସ୍ପତି ବିଜେନ୍ଦ୍ର ଗୁପ୍ତାଙ୍କ ଚାମ୍ବର ନିକଟକୁ ଯାଇ ଫାଟକ ବାହାରେ ଏକ ଫୁଲତୋଡ଼ା ରଖି ଖସି ପଳାଇଥିଲେ। କିଛି ଘଣ୍ଟାର ତଲାସି ଅଭିଯାନ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ କାର୍‌କୁ ଜବତ କରାଯାଇଛି। ଅଭିଯୁକ୍ତ ସରବଜିତ ସିଂ ବୋଲି ଜଣାପଡ଼ିଛି। ତାଙ୍କ କାର୍‌କୁ ରୁପ୍‌ନଗର ଅଞ୍ଚଳରୁ ଜବତ କରାଯାଇଛି।

ଦିଲ୍ଲୀ ବିଧାନସଭାର ବଜେଟ ଅଧିବେଶନ ନିକଟରେ ଶେଷ ହୋଇଥିବାବେଳେ ଏକାଧିକ ବୋମା ଧମକ ଆସିବା ଲାଗି ରହିଛି। ଇତିମଧ୍ୟରେ କାର୍ ଜବରଦସ୍ତ ବିଧାନସଭା ପରିସରରେ ପଶିଯିବାକୁ ନେଇ ସୁରକ୍ଷା କର୍ମୀମାନେ ଭୟଭୀତ ହୋଇଯାଇଥିଲେ। କାର୍‌ରେ ଉତ୍ତରପ୍ରଦେଶର ରେଜିଷ୍ଟ୍ରେଶନ ନମ୍ବର ରହିଛି। ଅପରାହ୍ନ ପ୍ରାୟ ୨ଟା ବେଳେ ଉକ୍ତ ଟାଟା ସିଏରା କାର୍‌ଟି ୨ ନମ୍ବର ଗେଟ୍ ଅତିକ୍ରମ କରି ବିଧାନସଭା ପରିସରରେ ପ୍ରବେଶ କରିଥିଲା। ଏହାର ନମ୍ବର ପ୍ଲେଟ୍‌ରେ ୟୁପି-୨୬ ଏଜେଡ୍ ୮୦୯୦ ଲେଖାଯାଇଛି। ୨ ନମ୍ବର ଗେଟ୍ ଦେଇ ଭିଆଇପିମାନେ ପ୍ରବେଶ କରୁଥିବାବେଳେ ସେଠାରେ ସୁରକ୍ଷା



ଦାୟିତ୍ୱରେ ସିଆରପିଏଫ୍ ଯବାନ ମୁତୟନ ଥିଲେ। ଏହା ସତ୍ତ୍ୱେ କାର୍ କିପରି ଭିତରେ ପ୍ରବେଶ କରି ଖସି ପଳାଇବାକୁ ସକ୍ଷମ ହେଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅଭିଯୁକ୍ତ ଜଣକ ବାଚସ୍ପତିଙ୍କ କାର୍ ଉପରକୁ ଶ୍ୟାହି ଫିଙ୍ଗିଥିବା ଜଣାପଡ଼ିଛି। ବୋମା ନିଷ୍କ୍ରିୟକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ବିସ୍ଫୋରକ କିମ୍ବା ଅନ୍ୟ କୌଣସି ସନ୍ଦେହଜନକ ପଦାର୍ଥ ମିଳିନାହିଁ।

# ଯୁଦ୍ଧବିରତି ପ୍ରସ୍ତାବକୁ ଇରାନର ପ୍ରତ୍ୟାଖ୍ୟାନ

ଦୁବାଇ/ତେହରାନ୍,୬।୪

ଇରାନ ବିରୋଧରେ ଆକ୍ରମଣ ଜାରି ରହିଥିବାବେଳେ ରବିବାର ବିଳମ୍ବିତ ରାତିରେ ୪୫ ଦିନିଆ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥଙ୍କ ପକ୍ଷରୁ ଇରାନ ଏବଂ ଆମେରିକାକୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଅସ୍ଥାୟୀ ଯୁଦ୍ଧବିରତି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଦେଇଛି। ଆଲୋଚନା ପାଇଁ ତେହରାନ୍ ସୋମବାର କେତେକ ସର୍ତ୍ତ ରଖିଥିବା ଏହାର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ନ୍ୟୁଜ୍ ଏଜେନ୍ସି କହିଛି। ଇରାନ ସ୍ଥାୟୀ ଯୁଦ୍ଧବିରତି ଚାହେଁ। ପାକିସ୍ତାନ ଜରିଆରେ ଇରାନ ଏହାର ଜବାବ ଆମେରିକାକୁ ଜଣାଇ ଦେଇଛି। ଆମେ ସାଧାରଣ ଭାବେ ଅସ୍ତ୍ରବିରତି ପ୍ରସ୍ତାବକୁ ଗ୍ରହଣ କରିବୁ ନାହିଁ ବୋଲି ଇରାନର କୂଟନୈତିକ ମିଶନ ମୁଖ୍ୟ ମୋଜତାବା ଫେର୍ଦୌସି କହିଛନ୍ତି। ଆଉଥରେ ଆକ୍ରମଣ ହେବନି ଏହାର ଗ୍ୟାରେଣ୍ଟି ସହ ଆମେ ସ୍ଥାୟୀ ଭାବେ ଯୁଦ୍ଧ ବନ୍ଦ ଚାହୁଁ ବୋଲି ସେ କହିଛନ୍ତି।

ଇଜିପ୍ଟ, ପାକିସ୍ତାନ ଏବଂ ତୁର୍କି ମଧ୍ୟସ୍ଥଙ୍କଠାରୁ ଯୁଦ୍ଧବିରତି ପ୍ରସ୍ତାବ ଆସିଥିଲା। ସ୍ଥାୟୀ ଯୁଦ୍ଧବିରତିରେ ପହଞ୍ଚିବା ନିମନ୍ତେ ଏହି ୪୫ ଦିନିଆ ସାମୟିକ ଅସ୍ତ୍ରବିରତି ଆଲୋଚନା ପାଇଁ ପର୍ଯ୍ୟାପ୍ତ ସମୟ ଦେବ ବୋଲି ଆଶା କରାଯାଉଛି। ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଅରାଗାଚି ଏବଂ ଆମେରିକାର ମଧ୍ୟପ୍ରାଚ୍ୟ ପ୍ରତିନିଧି ଷ୍ଟିଭ୍ ୱିଟ୍‌କଫ୍‌ଙ୍କ ପାଖକୁ ଏହି ପ୍ରସ୍ତାବ ପଠାଯାଇଥିଲା। ମଙ୍ଗଳବାର ପର୍ଯ୍ୟନ୍ତ ଦିଆଯାଇଥିବା ମହଲତ ସମୟସୀମା ମଧ୍ୟରେ ଇରାନ ସରକାର ଯଦି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ନ ଖୋଲନ୍ତି, ତେବେ ସେଠାର ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ବ୍ରିଜ୍‌ଗୁଡ଼ିକୁ ଧ୍ୱଂସ କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ତେହରାନ୍‌କୁ କଡ଼ା ଚେତାବନୀ ଦେଇଥିଲେ।

## ଇରାନରେ ଅଟକିଥିବା ୩୪୫ ମତ୍ସ୍ୟଜୀବୀ ଚେନ୍ନାଇ ଫେରିଲେ

ୱାଶିଂଟନ,୬।୪

ଯୁଦ୍ଧ ଯୋଗୁ ଇରାନରେ ଅଟକି ରହିଥିବା ମୋଟ ୩୪୫ ଜଣ ଭାରତୀୟ ମତ୍ସ୍ୟଜୀବୀ ସୁରକ୍ଷିତ ଫେରିଛନ୍ତି। ସେମାନେ ସ୍ଥଳପଥରେ ଆର୍ମେନିଆ ଯାଇ ସେଠାରୁ ବିମାନ ଯୋଗେ ଶନିବାର ରାତିରେ ଚେନ୍ନାଇରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ତାମିଲନାଡୁ ଓ ଅନ୍ୟ ଉପକୂଳବର୍ତ୍ତୀ ରାଜ୍ୟର ବାସିନ୍ଦା। ସ୍ୱତନ୍ତ୍ର ବିମାନ ଯୋଗେ ଚେନ୍ନାଇ ଅନ୍ତର୍ଜାତୀୟ ବିମାନବନ୍ଦରର ପହଞ୍ଚିଥିବା ମତ୍ସ୍ୟଜୀବୀମାନଙ୍କୁ ଅଫିସରମାନେ ପାଛୋଟି ନେଇଥିଲେ। ମତ୍ସ୍ୟଜୀବୀମାନେ ଅନେକ ମାସ ହେଲା ଇରାନ ସମୁଦ୍ରରେ କାମ କରୁଥିଲେ। ଇରାନ ଏବଂ ଆର୍ମେନିଆ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ବହିର୍ବ୍ୟାପାର ମନ୍ତ୍ରଣାଳୟ ସେମାନଙ୍କୁ ଫେରାଇ ଆଣିବା ବ୍ୟବସ୍ଥା କରିଥିଲା।

## ପାକିସ୍ତାନରେ ବର୍ଷା ବିପ୍ରାତ ମୃତ୍ୟୁସଂଖ୍ୟା ୪୫

ପେଶାୱର,୬।୪(ପି.ଟି.)

ଉତ୍ତରପଶ୍ଚିମ ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶରେ ୧୦ଦିନ ହେଲା ଲାଗିରହିଥିବା ବର୍ଷା ବିପ୍ରାତରେ ଅନ୍ୟୁନ ୪୫ ଜଣଙ୍କ ଜୀବନ ଯିବା ସହ ୧୦୫ ଜଣ ଆହତ ହୋଇଛନ୍ତି। ମାର୍ଚ୍ଚ ୨୫ରୁ ସେଠାରେ ଲଗାଣବର୍ଷା ଯୋଗୁ ବହୁ କ୍ଷୟକ୍ଷତି ହେଲାଣି। ମୃତ ୪୫ ଜଣଙ୍କ ମଧ୍ୟରେ ୨୩ ଜଣ ପିଲା, ୧୭ ପୁରୁଷ ଓ ୫ ମହିଳା ଅଛନ୍ତି। ପ୍ରବଳ ବର୍ଷାରେ ବିଭିନ୍ନ ଜିଲାରେ ୪୪୨ଟି ଘର ଭାଙ୍ଗି ବହୁ ଧନଜୀବନ କ୍ଷତି ଘଟିଛି।

## ଭାରତକୁ ଅନ୍ଧାରରେ ରଖାଯାଇଛି

### ତଥ୍ୟ ସୁରକ୍ଷାକୁ ନେଇ ବର୍ଷିଲେ ରାହୁଲ

ନୂଆଦିଲ୍ଲୀ,୬।୪

ଭାରତର ତଥ୍ୟ ସାର୍ବଭୌମତ୍ୱକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶ୍ୱ ପ୍ରଯୁକ୍ତି ଦୌଡ଼ରେ ଭାରତ ନେତୃତ୍ୱ ନେବା ଆବଶ୍ୟକ ହେଉଥିବାବେଳେ ତଥ୍ୟ ସୁରକ୍ଷାକୁ ନେଇ ଦେଶକୁ ଅନ୍ଧାରରେ ରଖାଯାଉଥିବା ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି। ଭାରତର ତଥ୍ୟ ଏହାର ଜନସାଧାରଣଙ୍କର ଏବଂ କୃତ୍ରିମ ବୁଦ୍ଧିମତ୍ତା ଅର୍ଥନୀତିରେ ଏଆଇ ପ୍ରସ୍ତୁତ କରିବା, କମ୍ପାନୀର ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟିରେ ଏହା ସବୁଠୁ ବଡ଼ ସାମର୍ଥ୍ୟ। ସେଥିପାଇଁ ଆମେରିକା ସହ ଭାରତର ବାଣିଜ୍ୟ ଚୁକ୍ତିନାମା ପ୍ରସଙ୍ଗରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସରକାରଙ୍କୁ ପଚାରିବାକୁ ଚାହେଁ ବୋଲି ବିରୋଧୀ ଦଳ ନେତା କହିଛନ୍ତି। ଆମ ତଥ୍ୟ ଆମେରିକାର ହସ୍ତଗତ ହେବାରେ ରହିଥିବା ପ୍ରତିବନ୍ଧକକୁ ହ୍ରାସ କରାଗଲା କାହିଁକି? ଆମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ଅର୍ଥନୈତିକ ତଥ୍ୟ ଏବଂ ସରକାରୀ ଡାଟାବେସ୍ ଭାରତରେ ରହିବ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

## ଆଇଆର୍‌ଜିସି ଗୋଇନ୍ଦା ମୁଖ୍ୟ ନିହତ

ଜେରୁଜେଲମ୍,୬।୪



ମାଜିଦ ଖାଡେମି

ଇସ୍ରାଏଲ୍ ବାୟୁସେନା ଆକ୍ରମଣରେ ଇରାନ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଗୋଇନ୍ଦା ମୁଖ୍ୟ ମାଜିଦ ଖାଡେମି ନିହତ ହୋଇଥିବା ଏହାର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ସୋମବାର ଘୋଷଣା କରିଛନ୍ତି। ଇରାନର ସବୁ ନେତାଙ୍କୁ ଜଣକ ପରେ ଜଣେ ହତ୍ୟା କରିବାକୁ କାଟ୍‌ଜ ଧମକ ଦେଇଛନ୍ତି। ଇସ୍ରାଏଲ୍ ସେନାର ଟାର୍ଗେଟେଡ୍ ଆକ୍ରମଣରେ ଖାଡେମିଙ୍କ ମୃତ୍ୟୁ ଘଟିଥିବା ନେଇ ଇରାନ ସରକାରୀ ଗଣମାଧ୍ୟମ ସ୍ୱୀକାର କରିଛି। ପୂର୍ବରୁ ଇରାନ ଗୋଇନ୍ଦା ମୁଖ୍ୟ ଥିବା ମହମ୍ମଦ କାଜେମିଙ୍କୁ ଇସ୍ରାଏଲ୍ ୨୦୨୫ ଜୁନ୍ ଯୁଦ୍ଧରେ ହତ୍ୟା କରିଥିଲା। ଏହାପରେ ଖାଡେମି ଆଇଆର୍‌ଜିସି ଗୋଇନ୍ଦା ମୁଖ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ।

## ଇରାନରେ ଏୟାରଷ୍ଟ୍ରାଇକ୍: ୨୫ ମୃତ

### ସାଉଥ୍ ପାର୍ସ ପେଟ୍ରୋକେମିକାଲ ପ୍ଲାଣ୍ଟ ଉପରେ ଆକ୍ରମଣ



ତେହରାନ୍‌ର ଶରିଫ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ପରିସରରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍।

ଦୁବାଇ,୬।୪

ଇସ୍ରାଏଲ୍ ଏବଂ ଆମେରିକା ସୋମବାର ଇରାନର ବିଭିନ୍ନ ଅଞ୍ଚଳରେ କ୍ରମାଗତ ଆକ୍ରମଣ ଜାରି ରଖିବାରୁ ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ଇରାନର ସାଉଥ୍ ପାର୍ସ ପ୍ରାକୃତିକ ଗ୍ୟାସ୍ ଫିଲ୍ଡ ଏବଂ ପେଟ୍ରୋକେମିକାଲ ପ୍ଲାଣ୍ଟ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିବାବେଳେ ତେହରାନ୍ ମିଶାଇଲ୍‌ରେ ଏହାର ଜବାବ ଦେଇଛି। ଇସ୍ରାଏଲ୍ ଏବଂ ଏହାର ସହଯୋଗୀ ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ଇରାନ ଆକ୍ରମଣ କରିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଇଥିବା ମହଲତ ସମୟସୀମା ଶେଷ ହେବାକୁ ଯାଉଥିବାବେଳେ ମଧ୍ୟସ୍ଥମାନେ ଉଭୟ ପକ୍ଷଙ୍କୁ ନୂଆ ଯୁଦ୍ଧବିରତି ପ୍ରସ୍ତାବ ଦେଇଛନ୍ତି।

ଇସ୍ରାଏଲ୍ ଓ ଆମେରିକାର ଯୁଦ୍ଧବିମାନଗୁଡ଼ିକ ସୋମବାର ତେହରାନ୍ ଆକାଶରେ ଦୀର୍ଘସମୟ ଧରି ଉଡ଼ିବା ସହ ବୋମାବର୍ଷା କରିଥିଲେ। ଶରିଫ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ପରିସରରେ ଏୟାରଷ୍ଟ୍ରାଇକ୍ ପରେ ସହରର ଆଜାଦି ସ୍କୋୟାର ନିକଟରୁ ବହଳ କଳାଧୂଆଁ ଉଠୁଥିବା ଦେଖାଯାଇଥିଲା। ଏହି ଆକ୍ରମଣରେ ଅନ୍ୟମାନଙ୍କ ମଧ୍ୟରେ ଇରାନ ରିଭଲ୍ୟୁଶନାରି ଗାର୍ଡର ଗୋଇନ୍ଦା ମୁଖ୍ୟ ମେଜର ଜେନେରାଲ ମାଜିଦ ଖାଡେମି ନିହତ ହୋଇଥିବା ଏହାର ସରକାରୀ ଗଣମାଧ୍ୟମ କହିଛି। ସେହିପରି ବିଶ୍ୱର ସର୍ବବୃହତ୍ ଗ୍ୟାସ୍ ଫିଲ୍ଡ ଭାବେ ପରିଚିତ ସାଉଥ୍ ପାର୍ସ ପ୍ରାକୃତିକ ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ ହୋଇଥିବା ସେଠାର ଫାର୍ସ ନ୍ୟୁଜ୍ ଏଜେନ୍ସି ଓ ଅନ୍ୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଏଥିପାଇଁ ଇସ୍ରାଏଲ୍ ଓ ଆମେରିକାକୁ ଦୋଷାରୋପ କରାଯାଇଛି। ତେବେ ଉକ୍ତ ଆକ୍ରମଣ ପାଇଁ ଇସ୍ରାଏଲ୍ କିମ୍ବା ଆମେରିକା ନିଜକୁ ଦାୟୀ କରିନାହାନ୍ତି। ପୂର୍ବରୁ ଇସ୍ରାଏଲ୍ ଉକ୍ତ ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିଥିଲା। କାତାରର ଶକ୍ତି ଭିତ୍ତିଭୂମି ଉପରେ ଇରାନ ଯଦି ଆକ୍ରମଣ ଜାରି ରଖେ, ତେବେ ଆମେରିକା ଏହାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ ବୋଲି ଧମକ ଦେଇଥିଲା।

ଇସ୍ରାଏଲ୍‌ର ହାଇଫା ସହରରେ ଇରାନର ମିଶାଇଲ୍ ମାଡ଼ରେ ଏକ ଆବାସିକ ଘର ଧ୍ୱଂସ ହୋଇଥିବାବେଳେ ୪ ଜଣଙ୍କ ମୃତ୍ୟୁ ଘଟିଛି। ତେହରାନ୍‌ର ମିଶାଇଲ୍ ଏବଂ ଡ୍ରୋନ୍‌ଗୁଡ଼ିକୁ ପ୍ରତିହତ କରିବା ପାଇଁ କୁଏଟ୍, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ସାଉଦି ଆରବ ସେମାନଙ୍କ ଏୟାର ଡିଫେନ୍ସକୁ ସକ୍ରିୟ କରିଛନ୍ତି।

## ୟୁସିସି, ଏକ ରାଷ୍ଟ୍ର ଏକ ନିର୍ବାଚନ ଭାଜପାର ଅଧୁରା କାର୍ଯ୍ୟସୂଚୀ: ମୋଦି

ନୂଆଦିଲ୍ଲୀ, ୬।୪(ପି.ଟି.)

ସମାନ ନାଗରିକ ସଂହିତା (ୟୁସିସି) ଏବଂ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଭାଜପାର ଅଧୁରା କାର୍ଯ୍ୟସୂଚୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି। ଏହା ଉପରେ ଗମ୍ଭୀର ଭାବେ ବିଚାରବିମର୍ଶ ଚାଲିଛି ଓ ସକାରାତ୍ମକ ଅଗ୍ରଗତି ହୋଇଛି ବୋଲି ଭାଜପାର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଦଳୀୟ ନେତା ଓ କର୍ମୀମାନଙ୍କୁ ଭର୍ଚୁଆଲି ଉଦ୍‌ବୋଧନ ଦେଇ କହିଛନ୍ତି। ଭାଜପା ପ୍ରଥମ ଦଳ ଭାବେ ୧୯୯୪ରେ ମହିଳା ସଂରକ୍ଷଣ ପ୍ରସଙ୍ଗ ଉଠାଇଥିଲା। ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ୨୦୨୯ ସାଧାରଣ ନିର୍ବାଚନରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ ଶାସନ କାଳରେ ଜରୁରୀ ସ୍ଥିତି ଏବଂ ଅତ୍ୟାଚାର ଯୋଗୁ ଭାଜପା କର୍ମୀମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅନେକ ଭାଜପା କର୍ମୀ ସେମାନଙ୍କ ଜୀବନକୁ ବଳି ଦେଇଥିଲେ। ପଶ୍ଚିମବଙ୍ଗ ଏବଂ କେରଳ ଭଳି ରାଜ୍ୟରେ ହିଂସାକାଣ୍ଡ ରାଜନୈତିକ ସଂସ୍କୃତିରେ ପରିଣତ ହୋଇଥିଲା। ଦେଶକୁ ବିକଶିତ ଏବଂ ଆତ୍ମନିର୍ଭରଶୀଳ କରାଇବା ଭାଜପାର ଲକ୍ଷ୍ୟ। ଏହିଦିଗରେ ଦଳ ଉଦ୍ୟମ ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏକ ରାଷ୍ଟ୍ର ଏକ ନିର୍ବାଚନ ବ୍ୟବସ୍ଥାରେ ସାରା ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ସବୁ ରାଜ୍ୟ ବିଧାନସଭା ନିର୍ବାଚନ କରାଇବା ଲକ୍ଷ୍ୟ ରଖାଯାଇଛି। ସେହିପରି ୟୁସିସି ବଳରେ ଧର୍ମ ନିର୍ବିଶେଷରେ ସାରା ଦେଶରେ ବିବାହ, ପୋଷ୍ୟସନ୍ତାନ ଗ୍ରହଣ ଆଦିରେ ସମାନ ଆଇନ ଲାଗୁ କରିବା ଲକ୍ଷ୍ୟ ରହିଛି। ଭାଜପା ନେତୃତ୍ୱରେ ଏନ୍‌ଡିଏ ୨୫ ବର୍ଷ ପୂରଣ କରିଛି। ଏହା ଏକମାତ୍ର ମେଣ୍ଟ, ଯିଏକି ଦେଶର ସ୍ୱାର୍ଥ ଏବଂ ଜନସାଧାରଣଙ୍କ କଲ୍ୟାଣ ଦିଗରେ କାର୍ଯ୍ୟ କରୁଛି ବୋଲି ମୋଦି କହିଛନ୍ତି।

## ଚନ୍ଦ୍ର ମାଧ୍ୟାକର୍ଷଣ ବଳୟ ମଧ୍ୟରେ ଆର୍ଟେମିସ୍-୨ ମହାକାଶଚାରୀ



ହ୍ୟୁଷ୍ଟନ୍,୬।୪

ଆମେରିକା ମହାକାଶ ପ୍ରଶାସନ ନାସାର ଆର୍ଟେମିସ୍-୨ ମିଶନରେ ଯାଇଥିବା ୪ ମହାକାଶଚାରୀ ସୋମବାର ଭୋର ସମୟରେ ଚନ୍ଦ୍ର ମାଧ୍ୟାକର୍ଷଣ ପ୍ରଭାବ ବଳୟ ମଧ୍ୟରେ ପ୍ରବେଶ କରିଛନ୍ତି। ମହାକାଶରେ ସେମାନେ ସର୍ବାଧିକ ଦୂରତା ଅତିକ୍ରମ କରିବା ରେକର୍ଡର ନିକଟତର ହୋଇଛନ୍ତି। ସେମାନେ ଚନ୍ଦ୍ରର ଦୂର ପାର୍ଶ୍ୱର ଏପରି ଏକ ସୁନ୍ଦର ଓ ବିଶାଳ ଦୃଶ୍ୟ ଦେଖିବାକୁ ପାଇଛନ୍ତି,

### ସର୍ବାଧିକ ଦୂରତା ଅତିକ୍ରମ ରେକର୍ଡର ନିକଟତର

ଯାହା ପୂର୍ବରୁ କୌଣସି ମାନବ ଚକ୍ଷୁ ଦେଖି ନ ଥିଲା। ନାସାର ଏହି ଚନ୍ଦ୍ର ଅଭିଯାନରେ ୩ ଆମେରିକୀୟ ଏବଂ ଜଣେ କାନାଡୀୟ ମହାକାଶଚାରୀ ଚନ୍ଦ୍ରର ଅତି ନିକଟ ଦେଇ ଗତି କରିବେ। ୨ ବର୍ଷ ପରେ ଚନ୍ଦ୍ରର ଦକ୍ଷିଣ ମେରୁରେ ମାନବ ପାଦ ପକାଇବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ହେବ। ଗତ ସପ୍ତାହରେ ଫ୍ଲୋରିଡ଼ାସ୍ଥିତ ମହାକାଶ କେନ୍ଦ୍ରରୁ ଚନ୍ଦ୍ର ଅଭିଯାନରେ ଯାଇଥିବା ମହାକାଶଚାରୀ ପୃଥିବୀଠାରୁ ସର୍ବାଧିକ ଦୂରତା ୨,୫୨,୭୫୭ ମାଇଲ୍ ଅତିକ୍ରମ କରିବେ।

## ଗୁଡ୍‌ନ୍ୟୁଜ୍ ଦେଲେ କରିଶ୍ମା



କରିଶ୍ମା ତନ୍ନା

ମୁମ୍ବାଇ

ଅଭିନେତ୍ରୀ କରିଶ୍ମା ତନ୍ନା ଖୁବଶୀଘ୍ର ମା' ହେବାକୁ ଯାଉଛନ୍ତି। ସେ ତାଙ୍କ ସ୍ୱାମୀ ବରୁଣ ବାଙ୍ଗେରାଙ୍କ ସହ ଫଟୋ ଶେୟାର କରି ପ୍ରଶଂସକଙ୍କୁ ଏହି ଶୁଭ ଖବର ଦେଇଛନ୍ତି। ଏବେ ଉଭୟଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଥିବା ପୋଷ୍ଟ ସହିତ କରିଶ୍ମା ଏକ ହୃଦୟସ୍ପର୍ଶୀ କ୍ୟାପ୍‌ସନ ଲେଖିଛନ୍ତି: ଏକ ଛୋଟ ଚମତ୍କାର। ଆମର ସର୍ବଶ୍ରେଷ୍ଠ ଉପହାର। ଅଗଷ୍ଟ ୨୦୨୬। ଏହି ଖବର ଆସିବା ମାତ୍ରେ ଖୁସି କପୁର, ଅମ୍ରିତା ଆରୋରା, ବିପାଶା ବସୁ ଏବଂ କୃତିକା କାମରାଙ୍କ ଭଳି ଷ୍ଟାରମାନେ ପ୍ରଥମେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। କରିଶ୍ମା ଦୁଇ ଦଶନ୍ଧି ଧରି ଭାରତୀୟ ମନୋରଞ୍ଜନ ଶିଳ୍ପରେ ଏକ ପରିଚିତ ଚେହେରା। ସେ ୨୦୦୧ରେ ସୁପରହିଟ୍ ଶୋ କ୍ୟୁଁକି ସାସ ଭି କଭି ବହୁ ଥି ସହିତ କ୍ୟାରିଅର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବିଗ୍ ବସ୍ ୮ରେ ସେ ପ୍ରଥମ ରନର୍ସ-ଅପ୍ ହୋଇଥିଲେ। କରିଶ୍ମା ଏବଂ ବ୍ୟବସାୟୀ ବରୁଣ ବାଙ୍ଗେରା ୫ ଫେବୃଆରୀ ୨୦୨୨ରେ ମୁମ୍ବାଇରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

ସୌନ୍ଦର୍ଯ୍ୟ

# ଗ୍ରୀଷ୍ମଋତୁରେ ରୂପଚର୍ଯ୍ୟା

ସକାଳେ ଘରୁ ବାହାରିବା ସମୟରେ ଲୁକ୍ ପରଫେକ୍ଟ ଲାଗିଥାଏ। ଏହି ଫ୍ରେଶ୍‌ନେସ୍ ଖରାବେଳକୁ ମଉଳିଯାଇଥାଏ। କେବେ ତ୍ୱଚା ଅଏଲୀ ଦେଖାଯାଇଥାଏ ଏବଂ ଫାଉଣ୍ଡେଶନ ଲଗାଇଥିଲେ ପ୍ୟାଚ୍ ପରି ଦେଖାଯାଇଥାଏ ଏବଂ ଆଇଲାଇନର ଚାରିଆଡ଼େ ଲାଗିଯାଏ। ବାରମ୍ବାର ପୂରା ମେକ୍‌ଅପ୍ ନେବା ସହଜ ହୋଇ ନ ଥାଏ। ଏଥିପାଇଁ ଛୋଟମୋଟ ସ୍ମାର୍ଟ ଟ୍ରିକ୍ସ ଆପଣାଇ ଅଧିକ ପରିଶ୍ରମ ନ କରି ଲୁକ୍‌କୁ ପୁନର୍ବାର ଫ୍ରେଶ୍ ଲାଗିପାରେ। ଜାଣନ୍ତୁ ଏ ବିଷୟରେ...

-ମୁହଁରୁ ଯଦି ଝାଳ ବୋହୁଛି ତେବେ ମୁହଁକୁ ପୋଛନ୍ତୁ ନାହିଁ। ଏହାକୁ ହାଲ୍‌କା ଭାବେ ମେକ୍‌ଅପ୍ ସାହାଯ୍ୟରେ ଟଚ୍‌ଅପ୍ କରନ୍ତୁ। ଯଦି ତ୍ୱଚା ଅଏଲୀ ଦେଖାଯାଉଛି ତେବେ ଟିସୁ ସାହାଯ୍ୟରେ ରଗଡ଼ନ୍ତୁ ନାହିଁ। ଏହାଦ୍ୱାରା ମେକ୍‌ଅପ୍ ସଫା ହୋଇଯାଏ। ଭଲ ହେବ ଟିସୁ ସାହାଯ୍ୟରେ ତ୍ୱଚାକୁ ଥାପିଦିଅନ୍ତୁ। ଏହାଦ୍ୱାରା ଏକ୍ସଟ୍ରା ଅଏଲ ବାହାରିଯିବ ଏବଂ ମେକ୍‌ଅପ୍ ବି ଠିକ୍ ରହିବ।





-ଫେସ୍ ମିଷ୍ଟ ଦ୍ୱାରା ଇନ୍‌ଷ୍ଟାଣ୍ଟ ଫ୍ରେଶ୍‌ନେସ୍ ଲାଗିଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରିଥାଏ। ଫଳରେ ଏହାଦ୍ୱାରା ମେକ୍‌ଅପ୍ ସେଟ୍ ହୋଇଯାଏ। ହାଲ୍‌କା ସ୍ପ୍ରେ ଆପଣଙ୍କ ଲୁକ୍‌କୁ ରିଭାଇଜ୍ କରିପାରିବ। ଖାସ୍ କଥା ହେଲା ଫେଶ୍ ମିଷ୍ଟ ଦ୍ୱାରା ମେକ୍‌ଅପ୍ ଭାରି ଲାଗି ନ ଥାଏ। ଏହାଦ୍ୱାରା ନାଚୁରାଲ ଗ୍ଲୋ ଦେଖାଯାଇଥାଏ।

-କମ୍ପାକ୍ଟ ପାଉଡର ଅଏଲ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ। ହାଲ୍‌କା କମ୍ପାକ୍ଟ ପାଉଡର ଟ୍ୟାବ୍ କରିବା ବହୁ ସହଜ ଉପାୟ। ଏହାଦ୍ୱାରା ମୁହଁ ସାଇନ୍ କମ୍ କରିଥାଏ। ସ୍କିନ୍ ମ୍ୟାଟ୍ ଦେଖାଯାଇଥାଏ। ଧ୍ୟାନରଖନ୍ତୁ, ଅଧିକ ପାଉଡର ଲଗାଇବା ଦ୍ୱାରା ମୁହଁ ଫିକା ଲାଗେ। ଏଥିପାଇଁ ଯେତିକି ଆବଶ୍ୟକ କମ୍ପାକ୍ଟ ପାଉଡର ସେତିକି ଲଗାନ୍ତୁ।

-ଚାରିଆଡେ ଲେସି ହୋଇଯାଇଥିବା ଆଇଲାଇନର ଲାଗିବା ଖରାଦିନରେ ସାଧାରଣ କଥା। ଏହାକୁ ଠିକ୍ କରିବାକୁ ହେଲେ କଟନ୍ ସ୍ୱାବ୍ ନିଅନ୍ତୁ, ଏହାକୁ ହାଲ୍‌କା ଭାବେ ଖରାପ ହୋଇଥିବା ଭାଗକୁ ସଫାକରନ୍ତୁ। ଏହାପରେ ଆଇଲାଇନରକୁ ଠିକ୍ ଭାବେ ଲଗାନ୍ତୁ। ଏହି ଛୋଟ ଟଚ୍‌ଅପ୍ ପୂରା ଲୁକ୍‌କୁ ତୁରନ୍ତ ଶାର୍ପ ବନାଇଥାଏ।

## ଗୃହିଣୀଙ୍କ ପାଇଁ..

ଆଜିକାଲି ବଜାରରେ ମିଳୁଥିବା ବିଭିନ୍ନ ପନିପରିବାରେ ପେଷ୍ଟିସାଇଡ୍ ବ୍ୟବହର ହେବା ସାଧାରଣ କଥା। ହେଲେ ଏହାକୁ କିଣି ସାରିବା ପରେ କିପରି ଏଥିରୁ ପେଷ୍ଟିସାଇଡ୍ ଦୂର କରିବେ ଜାଣନ୍ତୁ ଏ ସମ୍ପର୍କରେ ...



**ପାଣି:** ଫଳ ଓ ପନିପରିବାକୁ ପାଣିରେ ଭଲ ଭାବେ ୨-୩ ମିନିଟ୍ ପର୍ଯ୍ୟନ୍ତ ରଗଡ଼ି ଧୋଇ ନିଅନ୍ତୁ। ଫଳରେ ଏଥିରେ ଲାଗିଥିବା ଧୂଳି, ବ୍ୟାକ୍ଟେରିଆ ଏବଂ ପେଷ୍ଟିସାଇଡ୍ କିଛି ପରିମାଣରେ ଦୂର ହୋଇଯିବ।

**ଲୁଣପାଣି:** ପନିପରିବାକୁ ବଜାରରୁ କିଣି ଆଣି ତାକୁ ଲୁଣପାଣିରେ ୧୦-୧୫ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାଦ୍ୱାରା କିଛି ମାତ୍ରାରେ ପେଷ୍ଟିସାଇଡ୍ ଧୋଇହୋଇଯିବ।

**ବେକିଂ ସୋଡ଼ା**

ସେଓ, ଟମାଟୋ, କଶ୍ମୀର ଲଙ୍କା ଆଦି ସଫାକରିବା ପାଇଁ ବେକିଂ ସୋଡ଼ା ଭଲ କାମ କରିଥାଏ।

ଖାଦ୍ୟରୁଚି

## ମିକ୍ସ ସ୍ପ୍ରାଉଟ୍

**ଆବଶ୍ୟକ ସାମଗ୍ରୀ:** ଭିଜା ହୋଇଥିବା ମିକ୍ସ ସ୍ପ୍ରାଉଟ୍ ଅଧା କପ, ସିଝା ହୋଇଥିବା ସୁଇଟ୍ କର୍ନ ଅଳ୍ପ ପରିମାଣରେ, ଛୋଟ ଆକାରରେ କଟାହୋଇଥିବା ପିଆଜ ଅଧାକପ, ଟମାଟୋ, କାକୁଡ଼ି, ଲେମ୍ବୁରସ ଅଧା ଚାମଚ, ଚିଲି ଫ୍ଲେକ୍ସ ଅଧା ଚାମଚ, ଅରେଗାନୋ ଅଧା ଚାମଚ, ଗୋଲମରିଚ ପାଉଡର ଅଧା ଚାମଚ, ଛୋଟ ଆକାରରେ କଟାହୋଇଥିବା ଧନିଆପତ୍ର (ଆବଶ୍ୟକତା ଅନୁଯାୟୀ)।

**ପ୍ରସ୍ତୁତି ପ୍ରଣାଳୀ:** ସ୍ପ୍ରାଉଟ୍ ବ୍ୟବହାର କରିବା ପୂର୍ବରୁ ତାକୁ ଭଲ ଭାବେ ଧୋଇନିଅନ୍ତୁ। ଏବେ ସବୁ ସ୍ପ୍ରାଉଟ୍ ଏବଂ କର୍ନ ପକାନ୍ତୁ। ଏଥିରେ କଟାହୋଇଥିବା ପିଆଜ, କାକୁଡ଼ି,ଟମାଟୋକୁ ପକାନ୍ତୁ। ବର୍ତ୍ତମାନ ସେଥିରେ ଲେମ୍ବୁ ରସ ପକାନ୍ତୁ। ବର୍ତ୍ତମାନ ବିଟ୍ ଲୁଣ,ଚାଟ୍ ମସଲା, ଅରେଗାନୋ,ଚିଲି ଫ୍ଲେକ୍ସ, ଗୋଲମରିଚ ପାଉଡର ପକାନ୍ତୁ। ଏଥର ମିକ୍ସ ସ୍ପ୍ରାଉଟ୍ ପ୍ରସ୍ତୁତ ହୋଇଗଲା। ସେଥିରେ ଧନିଆପତ୍ର ପକାଇ ଏବେ ପରଷି ପାରିବେ।



# ଖୁସିର ରହସ୍ୟ

ଖୁସି ରହିବାକୁ ସମସ୍ତେ ଚାହାନ୍ତି। କିନ୍ତୁ ଏହାକୁ କିପରି ହାସଲ କରାଯିବ, କିପରି ଜୀବନରେ ଏହା ବଜାୟ ରହିବ ଏହି କଥାକୁ ନେଇ ଲୋକେ ଅନଭିଜ୍ଞ ଥାନ୍ତି, ଯେତେବେଳେ କି ଖୁସି କୌଣସି ଦୁର୍ଲଭ ଜିନିଷ ନୁହେଁ ଏହା ଛୋଟ ଛୋଟ କଥାରେ ବି ଲୁଚି ରହିଥାଏ, ପୁଣି ନିଜ ଆଖପାଖରେ। ତେଣୁ ଆପଣ କେମିତି ନିଜ ପାଇଁ ଖୁସି ଖୋଜିବେ ତାହା ଆପଣଙ୍କ ଉପରେ ହିଁ ନିର୍ଭର କରେ....



ଶାନ୍ତିର ଅନ୍ୟତମ ମାଧ୍ୟମ ହେଉଛି ଖୁସି। ବେଳେବେଳେ ଏହାକୁ କେତେକେ ବହୁ କଠିନ ଏବଂ ଦୁର୍ଲଭ ବୋଲି ଭାବିଥାନ୍ତି। କିନ୍ତୁ ଖୁସି କୌଣସି ବହୁ ବଡ଼ କିମ୍ବା ଜଟିଳ ଉପଲବ୍ଧି ନୁହେଁ। ନିଜର ଜୀବନଶୈଳୀକୁ ଏକ ନୂଆ ରୂପ ଦିଅନ୍ତୁ। ଏକ ବ୍ୟବସ୍ଥିତ ଜୀବନଶୈଳୀ ଆପଣଙ୍କ ମନରେ ଅନେକାଂଶରେ ଖୁସି ଆଣିପାରିବ। ଆଉ ସେହି ଖୁସି ଆପଣଙ୍କ ଜୀବନକୁ ଏକ ନୂଆ ରାସ୍ତାରେ ନେଇଯାଇପାରିବ।

**ମନରେ ରହିଛି ଖୁସି**

ଖୁସି ବାହାର ଜିନିଷରେ ନୁହେଁ ମାନସିକ ଅନୁଶାସନ ଦ୍ୱାରା ଆସିଥାଏ। ଏକ ଖୁସିମୟ ଜୀବନ ପାଇଁ ପ୍ରଥମେ ମନରୁ କ୍ରୋଧ, ଈର୍ଷା ଏବଂ ନକାରାତ୍ମକ ଭାବନା ଦୂରକରିବାକୁ ଚେଷ୍ଟାକରନ୍ତୁ। କାରଣ ଯେପର୍ଯ୍ୟନ୍ତ ଆପଣ ଏଭଳି ସମସ୍ୟା ସହ ଜଡ଼ିତ ହୋଇ ରହିବେ ସେପର୍ଯ୍ୟନ୍ତ ଖୁସିର ଝଲକ ପାଇବା ସହଜ ହେବ ନାହିଁ। ତେଣୁ ନିଜର ଆଚାର ବ୍ୟବହାର ଏବଂ କଥାବାର୍ତ୍ତା ଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ଦେଖିବେ ଧୀରେ ଧୀରେ ଆପଣ ଖୁସିର ନିକଟବର୍ତ୍ତୀ ହୋଇପାରିବେ।

**ଖୁସିର ୫୦-୧୦-୪୦ ସୂତ୍ର**

ଖୁସି ପାଇବାକୁ ହେଲେ କେତୋଟି ସୂତ୍ର ପ୍ରତି ଧ୍ୟାନ ଦିଅନ୍ତୁ। ଖୁସିର ସ୍ତରକୁ ନିର୍ଦ୍ଧାରିତ କରିବାକୁ ହେଲେ ୫୦-୧୦-୪୦ ସୂତ୍ରକୁ ଆପଣେଇ ପାରନ୍ତି। ଏହି ନିୟମ ଅନୁସାରେ ଖୁସିର ଘଟକ ଏହି ପ୍ରକାର- ୫୦ ପ୍ରତିଶତ ଜେନେଟିକ୍ସ - ଆମର ଅଧା ଖୁସି ଆମର ସେଟ୍ ପଏଣ୍ଟ ବା ଆନୁବଂଶିକ କାରଣ ଉପରେ ଆଧାରିତ ହୋଇଥାଏ। ୧୦ପ୍ରତିଶତ ଜୀବନର ପରିସ୍ଥିତି ବାହାର ପରିସ୍ଥିତି ଯେମିତି ଧନ,ବୈବାହିକ ସ୍ଥିତି ,ସ୍ୱାସ୍ଥ୍ୟ ଏବଂ ଚାକିରି। ଆମର ସମ୍ପୂର୍ଣ୍ଣ ଖୁସିର ୪୦ପ୍ରତିଶତ ଭାଗ ଆମର ନିଜର ବିଚାର,ବ୍ୟବହାର,ଦୈନିକ ଅଭ୍ୟାସ ଉପରେ ନିର୍ଭର କରିଥାଏ। ତେଣୁ ଖୁସି ପାଇବାକୁ ହେଲେ ଏହି ସୂତ୍ର ପ୍ରତି ନିହାତି ଭାବରେ ଅଧିକ ଧ୍ୟାନଦେବା ଆବଶ୍ୟକ।



**ଖୁସିର ସିଦ୍ଧାନ୍ତ ଆପଣାନ୍ତୁ**

ଖୁସିରେ କିଛି ଖାସ୍ ସିଦ୍ଧାନ୍ତ ରହିଛି। ନିଜର ମାନସିକତାକୁ ସକାରାତ୍ମକ ପରିବେଶରେ ରଖିବାକୁ ଚେଷ୍ଟା କରନ୍ତୁ। କେହି କେହି ଆପଣଙ୍କର ଭଲ ଗୁଣକୁ ପ୍ରଶଂସା କଲେ ଆପଣ ଖୁସି ହୋଇଥାଆନ୍ତି। ତେଣୁ ଏଥିଲାଗି ନିଜର ବ୍ୟବହାର ମାର୍ଜିତହେବା ନିହାତି ଦରକାର। ବଡ଼ ଚ୍ୟାଲେଞ୍ଜ ବଦଳରେ ଛୋଟ ଲକ୍ଷ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ। ଭଲ ଅଭ୍ୟାସ ଆପଣାଇ ପାରିଲେ ଆପଣ ନିଜ ଜୀବନକୁ ଖୁସିରେ ରଖିପାରିବେ।

**ସାମାଜିକ ସମ୍ପର୍କ**

ନିଜକୁ ଖୁସିରେ ରଖିବାକୁ ହେଲେ ପ୍ରଥମେ ନିଜର ପଡ଼ୋଶୀ ଏବଂ ପରିଚିତ ବ୍ୟକ୍ତିବିଶେଷଙ୍କ ସହ ମଧୁର ସମ୍ପର୍କ ସ୍ଥାପନ କରନ୍ତୁ। କାରଣ ଅନ୍ୟମାନଙ୍କ ସହଯୋଗରେ ଆପଣ କେତେକାଂଶରେ ନିଜକୁ ଖୁସିରେ ରଖିପାରିବେ। ଯେଉଁମାନଙ୍କ ସହ ମିଶୁଛନ୍ତି ସେମାନଙ୍କ ସହ ସମ୍ପର୍କ କିପରି ଆହୁରି ମଧୁର ହୋଇପାରିବ ଚେଷ୍ଟାକରନ୍ତୁ। ପଡ଼ୋଶୀଙ୍କ ସୁଖଦୁଃଖରେ ଠିଆ ହୁଅନ୍ତୁ। ତେବେ ସେମାନେ ଆପଣଙ୍କର ସୁବିଧା ଅସୁବିଧା ସମୟରେ ଆପଣଙ୍କୁ ସାହାଯ୍ୟ କରିବେ। ତେଣୁ ଖୁସି ସହ ସାମାଜିକ ସମ୍ପର୍କ ଓତପ୍ରୋତ ଭାବରେ ଜଡ଼ିତ। ଏହାକୁ ଯେତେ ମଧୁର ଆଉ ମଜଭୁତ ରଖିବେ ଆପଣ ନିଜକୁ ସେତେ ଖୁସିର ମାହୋଲ ଭିତରେ ରଖିପାରିବେ। ଆଉ ଏସବୁ ଆପଣଙ୍କ ଉପରେ ହିଁ ସମ୍ପୂର୍ଣ୍ଣ ଭାବରେ ନିର୍ଭରକରେ। ସାମାଜିକ ସମ୍ପର୍କ ଯଦି ସୁମଧୁର ହେଲା, ତେବେ ତାହା ଆପଣଙ୍କ ମନରେ ସକାରାତ୍ମକ ଭାବନା ଜାଗ୍ରତ କରିବ। ତା'ସହ ଆପଣଙ୍କୁ ଅନେକାଂଶରେ ଶାନ୍ତି ମିଳିବ।

**ସୃଷ୍ଟି କରନ୍ତୁ ହସର ମାହୋଲ**

ମଜାଦାର ଏବଂ ହସାଉଥିବା ମୁହୂର୍ତ୍ତକୁ ସାଇତି ରଖନ୍ତୁ। ଯେମିତି ଡିଜିଟାଲି କିମ୍ବା ଫଟୋ ମାଧ୍ୟମରେ ହେଉ କି ଭିଡିଓ। ଏହାକୁ ଆପଣ ପରେ ଦେଖି ଖୁସି ହୋଇପାରିବେ। ସେ ମଜାଦାର କାର୍ଟୁନ୍ ହେଉ କି କୌଣସି ମଜାଦାର କାହାଣୀ ପଢ଼ି କେତେକାଂଶରେ ମନକୁ ହାଲ୍‌କା କରିପାରିବେ। ମଝିରେ ମଝିରେ ସାଙ୍ଗସାଥୀଙ୍କ ସହ ମିଳାମିଶା କରନ୍ତୁ। ଏହାଦ୍ୱାରା ଭାବର ଆଦାନ ପ୍ରଦାନ ହେବା ଦ୍ୱାରା ମନ ହାଲ୍‌କା ଲାଗିଥାଏ।

**ଛୋଟ ଛୋଟ ପରିବର୍ତ୍ତନ**

ଆପଣଙ୍କର ଛୋଟ ଛୋଟ ଅଭ୍ୟାସ ଯଦି ଅନ୍ୟମାନଙ୍କୁ ପ୍ରଭାବିତ କରିପାରିଲା ତେବେ ସେଥିଯୋଗୁ ଆପଣ କେତେକାଂଶରେ ଖୁସିରେ ରହିପାରିବେ। ନିଜ ମନର ଭାବନାରେ ପରିବର୍ତ୍ତନ ଆଣନ୍ତୁ। ନିଜ ମୁଡ୍‌କୁ ଏଭଳି ରଖନ୍ତୁ ଯାହା ଆପଣଙ୍କ ପରିବେଶକୁ ସବୁବେଳେ ଖୁସିରେ ଭରିଦେବ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଅଯଥା କଥାରେ ନିଜକୁ ଛନ୍ଦି ଦେଲେ ସବୁ କିଛି ଅଡୁଆ ତଡୁଆ ହୋଇଯାଇଥାଏ। ତେଣୁ ନିଜକୁ ଏଭଳି ପରିବେଶରେ ରଖନ୍ତୁ ଯାହା ଆପଣଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟିକରିବ ଏବଂ ଆପଣ ଅନେକ ସମୟରେ ଖୁସିରେ ରହିବେ।





## ଫୁଲଗଛ ଲଗାଉଥିଲେ...

ବର୍ତ୍ତମାନ ଖରା ଏତେ ପ୍ରଖର ହେଲାଣି ଯେ ଯେଉଁମାନେ ଫୁଲଗଛ ଲଗାଇବାକୁ ସଉକ ରଖନ୍ତି, ସେମାନେ ଏଥିପାଇଁ ଚିନ୍ତିତ ରହିଥାନ୍ତି, କିନ୍ତୁ ଏମିତି କିଛି ଫୁଲଗଛ ଅଛି ଯାହା ଅତ୍ୟଧିକ ଖରା ହେଲେ ବି ଏହାର ପ୍ରଭାବ ଏତେଟା ପଡି ନ ଥାଏ। ଜାଣନ୍ତୁ ଏପରି ଫୁଲଗଛ ବିଷୟରେ..

**ବୋଗନାବିଲିୟା :** ଏହାକୁ ମରୁଭୂମିର ରାଜା କହିଲେ ବି ଭୁଲ୍ ହେବନି। କାଗଜ ପରି ଦେଖାଯାଉଥିବା ଏହି ରଙ୍ଗ ବେରଙ୍ଗର ଫୁଲ ପ୍ରଚଣ୍ଡ ଖରାରେ ବି ସତେଜ ଦେଖାଯାଇଥାଏ। ଏହାକୁ କମ୍ ଦେଖାଶୁଣା କରିବାକୁ ପଡ଼ିଥାଏ ଏବଂ କମ୍ ପାଣିର ଆବଶ୍ୟକ ହୁଏ।

**ଲେଣ୍ଟାନା :** ଛୋଟ ଛୋଟ ରଙ୍ଗିନ ଫୁଲର ଗୁଚ୍ଛ ଏହି ଗଛ ପ୍ରଜାପତିଙ୍କର ବହୁତ ପସନ୍ଦ। ଏହି ଗଛଟି ଖରାକୁ ବହୁତ ସହଜରେ ସହି ପାରିଥାଏ। ବାଲ୍‌କୋନି ରେଲିଂରେ ଏହା ବହୁତ ସୁନ୍ଦର ଦେଖାଯାଇଥାଏ।

**ଜେରେନିୟମ୍:** କ୍ଲାସିକ୍ ପସନ୍ଦ କରୁଥିବା ଲୋକଙ୍କୁ ଏହା ବହୁ ପସନ୍ଦ ଆସିଥାଏ। ଭଲ ଜଳ ନିଷ୍କାସନ ହେଉଥିବା ମାଟିରେ ଭଲଭାବେ ଫୁଲ ଭର୍ତ୍ତି ହୋଇ ରହିଥାଏ।

**ପେଣ୍ଟାସ୍**

ତାରା ପରି ଆକାର ଥିବା ଏହି ଫୁଲ ଖରାଦିନେ ବହୁ ତାଜା ଏବଂ ଫ୍ରେଶ୍ ଦେଖାଯାଇଥାଏ। ଏହା ଅଲଗା ଅଲଗା ଉଚ୍ଚତାରେ ଦେଖିବାକୁ ମିଳିଥାଏ। ଆପଣ ଏହାକୁ ନିଜ ବାଲ୍‌କୋନି ସ୍ପେସ୍‌କୁ ଦେଖି ଚୟନ କରିପାରିବେ।

**ବିଙ୍କା ସଦାବାହାର:** ଯେମିତି ଏହାର ନାମ ସେମିତି ଏହା ସବୁ ସିଜିନ୍‌ରେ ଫୁଲ ଫୁଟିଥାଏ। ଯେତେବେଳେ ଖରା ଯୋଗୁ ଅନ୍ୟ ଫୁଲଗଛଗୁଡ଼ିକ ଝାଉଁଳି ପଡୁଥିବା ବେଳେ ଏହାର ଚମକ ସେପରି ରହିଥାଏ।

**ପାର୍ସଲେନ୍:** ଯଦି ଆପଣ ଅଧିକ ବ୍ୟସ୍ତ ରହୁଛନ୍ତି ତେବେ ଆପଣଙ୍କ ଲାଗି ବେଷ୍ଟ ହେଉଛି ପାର୍ସଲେନ୍। ଏହାର ମାଂସଳ ପତ୍ର ପାଣିକୁ ବଞ୍ଚାଇ ରଖିଥାଏ। ସୂର୍ଯ୍ୟଙ୍କ ପ୍ରଥମ କିରଣ ସହ ଏହାର ଫୁଲ ମଧ୍ୟ ଫ୍ରେଶ୍ ରହିଥାଏ। ଖରାଦିନେ ଫୁଲ



ଗଛଗୁଡ଼ିକୁ ସକାଳୁ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଏବଂ ଅସ୍ତ ହେବା ପରେ ପାଣି ଦେବା ଆବଶ୍ୟକ। କୁଣ୍ଡରେ ଶୁଖିଲା ଘାସପତ୍ର ଆଦିକୁ ମଲ୍‌ଚିଂ କରିବା ଦ୍ୱାରା ପାଣି କୁଣ୍ଡରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ।

## ପାଣି କେଉଁ ବଟଲରେ ପିଇବେ..

ଜଳ ହିଁ ଜୀବନ। ପାଣି ପିଇବା ପାଇଁ କିଏ ପ୍ଲାଷ୍ଟିକ୍ ବଟଲ ବ୍ୟବହାର କରନ୍ତି ତ ଆଉ କିଏ ତମ୍ବା ନ ହେଲେ ଷ୍ଟିଲ୍। ଘରୁ ବାହାରିବା ସମୟରେ ଅଧିକାଂଶ ଲୋକ ପାଣି ବଟଲ ନିଜ ବ୍ୟାଗ୍‌ରେ ନେଇ ଚାଲିଥାଆନ୍ତି। କିନ୍ତୁ ଆପଣ ଏହା ଜାଣିଛନ୍ତି କି ଷ୍ଟିଲ୍ କି ତମ୍ବା ବଟଲ କେଉଁଥିରେ ପାଣି ପିଇବା ଭଲ। ଜାଣନ୍ତୁ ଏ ସମ୍ପର୍କରେ...

ବିଶେଷଜ୍ଞଙ୍କ ମତରେ ଆପଣ ଯେଉଁପରି ଭାବେ ବୋତଲରେ ପାଣି ପିଉଛନ୍ତି ଏହାର ପଜିଟିଭ୍ ଏବଂ ନେଗେଟିଭ୍ ପ୍ରଭାବ ପଡ଼ିଥାଏ। ଯଦି ଆପଣ ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଛନ୍ତି ଆଜି ଏହି ଅଭ୍ୟାସ ଛାଡ଼ି ଦିଅନ୍ତୁ। ପ୍ଲାଷ୍ଟିକ୍ ବୋତଲ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ହୋଇଥାଏ।

-ଆୟୁର୍ବେଦିକ ଅନୁସାରେ ତମ୍ବା ବୋତଲରେ ପ୍ରାକୃତିକ ଆଣ୍ଟିମାଇକ୍ରୋବିୟଲ ଗୁଣ ରହିଛି। ଏହା ଶରୀରରେ ଥିବା ହାନିକାରକ ବ୍ୟାକ୍ଟେରିଆକୁ ଦୂରକରିଥାଏ। ଯଦି ଆପଣ ତମ୍ବା ବୋତଲରେ ପାଣି ରଖୁଛନ୍ତି ସେହି ପାଣି ପିଇବା ଦ୍ୱାରା ଇମ୍ୟୁନିଟି ବୃଦ୍ଧି ହୋଇଥାଏ।

-ତମ୍ବା ବୋତଲରେ ପାଣି ପଇଲେ ଏହା ପାଚନ କ୍ରିୟାକୁ ଭଲ କରିଥାଏ। ଏହା ଶରୀରରେ ଥାଇରଏଡ୍‌କୁ ନିୟନ୍ତ୍ରଣରେ ରଖିଥାଏ। ଏହା ମଧ୍ୟ ଭୋକ ବଢ଼ାଇବା ସହ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ।

-ତମ୍ବା ବୋତଲକୁ ପ୍ରତିଦିନ ସଫାକରିବା ଆବଶ୍ୟକ। ଏଥିପାଇଁ ଲେମ୍ବୁ, ଲୁଣ ସିର୍‌କା ଘୋଳର ବ୍ୟବହାର କରି ବୋତଲକୁ ସଫା କରିପାରିବେ। ବୋତଲ ସଫା କରିସାରିବା ପରେ ତାକୁ ଭଲଭାବେ ଧୋଇଦିଅନ୍ତୁ।



-ଷ୍ଟିଲ୍ ବୋତଲରେ ପାଣି ରଖିବା ଦ୍ୱାରା ଏଥିରୁ କୌଣସି ପ୍ରକାର ରସାୟନ ଗନ୍ଧ ଆସି ନ ଥାଏ। ଏଥିରେ ମଧ୍ୟ ପାଣି ଥଣ୍ଡା ଗରମ ରହିଥାଏ।

-ଷ୍ଟିଲ୍ ବୋତଲକୁ ସଫା କରିବାକୁ ହେଲେ ଆପଣ ଲିକ୍ୟୁଇଡ୍ ୱାଶ୍ ଦ୍ୱାରା ସଫା କରିପାରିବେ। ଭିତର ପାଖ ସଫା କରିବାକୁ ହେଲେ ଗୋଟେ ବ୍ରଶ୍ ନେଇପାରିବେ।



ବିଏସ୍‌ଇ ସେନ୍‌ସେକ୍ସ
୭୪,୧୦୬.୮୫(+୭୮୭.୩୦)



୧ ଡଲାର = ୯୨.୯୯ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୦୯.୯୦ ଡଲାର

# ରେଳ ସ୍କ୍ରାପ୍ ବିକ୍ରିରୁ ୨୯୦.୨୨ କୋଟି ରାଜସ୍ୱ ହାସଲ

## ଗତ ବର୍ଷ ତୁଳନାରେ ୭.୭୭% ଅଭିବୃଦ୍ଧି



ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ସ୍କ୍ରାପ୍ ବିନିଯୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହା ସର୍ବକାଳୀନ ସର୍ବାଧିକ ୨୯୦.୨୨ କୋଟି ରାଜସ୍ୱ ଆଦାୟରେ ରେକର୍ଡ ସୃଷ୍ଟି କରିଛି। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରେଲୱେ ବୋର୍ଡର ୨୬୦ କୋଟି ଲକ୍ଷ୍ୟଠାରୁ ୩୦.୨୨ କୋଟି ଅଧିକ ଓ ୧୧.୬୨% ବୃଦ୍ଧି ଅଟେ। ଏହି ସଫଳତା ପୂର୍ବ ବର୍ଷର ପ୍ରାୟ ୨୬୯.୩ କୋଟି ଟଙ୍କାର ସର୍ବୋତ୍ତମ ସ୍କ୍ରାପ୍ ନିଷ୍କାସନ ରାଜସ୍ୱ ତୁଳନାରେ ୭.୭୭% ବୃଦ୍ଧିକୁ ଦର୍ଶାଉଛି। 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅଧୀନରେ ଡିଭିଜନ, କର୍ମଶାଳା ଏବଂ ଲୋକୋ ସେଡ୍‌ଗୁଡ଼ିକରେ ନିରନ୍ତର ଓ କେନ୍ଦ୍ରିତ ଭାବେ ଚାଲିଥିବା ସ୍ୱଚ୍ଛତା ଅଭିଯାନର ଫଳସ୍ୱରୂପ ଏହି ସଫଳତା ହାସଲ ହୋଇଛି। ଏହି ପଦକ୍ଷେପଗୁଡ଼ିକ କେବଳ ରାଜସ୍ୱ ବୃଦ୍ଧିକୁ ତ୍ୱରାନ୍ୱିତ କରିନାହିଁ, ବରଂ ସ୍ୱଚ୍ଛ ପରିବେଶ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ପରିଚାଳନାଗତ କାର୍ଯ୍ୟକୁଶଳତା ବୃଦ୍ଧିରେ ମଧ୍ୟ ଉଲ୍ଲେଖନୀୟ ଭାବେ ସହାୟକ ହୋଇଛି। ୪୦,୩୪୨ ମେଟ୍ରିକ ଟନ୍‌ରୁ ଅଧିକ ପରିତ୍ୟକ୍ତ ରେଳ ଏବଂ ରେଳପଥ ସାମଗ୍ରୀ, ୫ ଲକ୍ଷରୁ ଅଧିକ ପିଏସ୍‌ସି ସ୍ଲିପର ଏବଂ ବହୁ ପରିମାଣର ଲୌହ ସ୍କ୍ରାପ୍ ନିଷ୍କାସନ ସାମଗ୍ରୀ ଏଥିରେ ରହିଛି। ଏହାବ୍ୟତୀତ ବୈଦ୍ୟୁତିକ ଏବଂ ଡିଜେଲ ଇଞ୍ଜିନ, କୋଚ ଏବଂ ୱାଗନକୁ ନେଇ ଗଠିତ ରୋଲିଙ୍ଗ ଷ୍ଟକ୍‌କୁ ଦକ୍ଷତାର ସହ ନିଲାମ କରାଯାଇଥିଲା।

# ଗ୍ରାହକକୈନ୍ଦ୍ରିକ ଆଭିମୁଖ୍ୟ ଆମକୁ ସ୍ୱତନ୍ତ୍ର କରିଛି

**ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମି କ୍ଷେତ୍ରର ଅନ୍ୟତମ ପ୍ରତିଷ୍ଠିତ ସଂସ୍ଥା ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ 'ଓଡ଼ିଶା ଟ୍ରାନ୍ସଫର୍ମର୍ସ ପ୍ରାଇଭେଟ ଲିମିଟେଡ' (ଓଟିପିଏଲ୍) ର ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି ଜୀବନ କୁମାର ବଡୁ। ୩୭ ବର୍ଷରୁ ଅଧିକ ଶିଳ୍ପ ଅଭିଜ୍ଞତା ସହିତ ସେ ଓଟିପିଏଲ୍‌କୁ ଉଚ୍ଚମାନର ବୈଦ୍ୟୁତିକ ଟ୍ରାନ୍ସଫର୍ମର ପ୍ରସ୍ତୁତକାରୀ ଅଗ୍ରଣୀ ସଂସ୍ଥାରେ ପରିଣତ କରିଛନ୍ତି। ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସେ ଜଣେ ପ୍ରମୁଖ ବ୍ୟକ୍ତି ହୋଇଥିବାବେଳେ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ଏକ ପ୍ରେରଣାଦାୟୀ ହୋଇ ରହିଛନ୍ତି। ଜୀବନ କୁମାର ବଡୁଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର...**



ଜୀବନ କୁମାର ବଡୁ




**ପ୍ର- ୧୯୮୮ ମସିହାରେ ଓଟିପିଏଲ୍ ପ୍ରତିଷ୍ଠା ପରଠାରୁ ଏହାର ନିରନ୍ତର ଅଭିବୃଦ୍ଧିରେ କେଉଁ ପ୍ରମୁଖ କାରକଗୁଡ଼ିକ ସହାୟକ ହୋଇଛି?**

ଉ-୧୯୮୮ରୁ ଦୃଢ଼ ଉତ୍ପାଦନ କ୍ଷମତା, ଗୁଣାତ୍ମକ ପ୍ରମାଣପତ୍ର, ସମଗ୍ର ଭାରତରେ ଏକ ବିବିଧ ଗ୍ରାହକ ଆଧାର, ନିର୍ଭରଯୋଗ୍ୟ ବିକ୍ରୟ ପରବର୍ତ୍ତୀ ସେବା ଏବଂ ସ୍ଥିର ନେତୃତ୍ୱ ମାଧ୍ୟମରେ ଓଟିପିଏଲ୍‌ର ନିରନ୍ତର ଅଭିବୃଦ୍ଧି ହୋଇଛି। ଏହାଦ୍ୱାରା ଆମେ ଓଡ଼ିଶା ଏବଂ ବାହାରେ ପାୱାର ଡିଷ୍ଟ୍ରିବ୍ୟୁଶନ ଟ୍ରାନ୍ସଫର୍ମରର ଏକ ବିଶ୍ୱସ୍ତ ଯୋଗାଣକାରୀ ଭାବରେ ନିଜକୁ ପ୍ରମାଣିତ କରିଛୁ।

**ପ୍ର- ଟ୍ରାନ୍ସଫର୍ମର ଏବଂ ବୈଦ୍ୟୁତିକ ଉପକରଣ ଶିଳ୍ପ ବର୍ତ୍ତମାନ କେଉଁ ପ୍ରମୁଖ ଆହ୍ୱାନ ଦେଇ ଗତି କରୁଛି?**

ଉ- ଭାରତରେ ଟ୍ରାନ୍ସଫର୍ମର ଏବଂ ବୈଦ୍ୟୁତିକ ଉପକରଣ ଶିଳ୍ପ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। କଞ୍ଚାମାଲ ମୂଲ୍ୟରେ ଅସ୍ଥିରତା, ବିଶେଷକରି ତମ୍ବା ଏବଂ ଇସ୍ପାତ ସହିତ କଠୋର ନିୟାମକ ଏବଂ ଦକ୍ଷତା ମାନଦଣ୍ଡ ଏହି ଶିଳ୍ପକୁ ପ୍ରଭାବିତ କରୁଛି। ଏହାବ୍ୟତୀତ ବିଦ୍ୟୁତ୍ କ୍ଷେତ୍ରରେ ଚାଲିଥିବା ସଂସ୍କାର ଯୋଗୁ ଆଧୁନିକୀକରଣ ଏବଂ ଅକ୍ଷୟ ଶକ୍ତିର ସଂଯୋଗର ଆବଶ୍ୟକତା ବଢ଼ିଛି, ଯାହା ଉତ୍ପାଦନକାରୀଙ୍କ ପାଇଁ ଖର୍ଚ୍ଚ, ନିୟମ ପାଳନ ଏବଂ ସାମଗ୍ରିକ ପ୍ରତିଯୋଗିତାକୁ ପ୍ରଭାବିତ କରୁଛି।

**ପ୍ର- ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଟ୍ରାନ୍ସଫର୍ମର ଉତ୍ପାଦନ ଶିଳ୍ପରେ ଆପଣଙ୍କ କମ୍ପାନୀ ନିଜକୁ କିପରି ସ୍ୱତନ୍ତ୍ର କରିପାରିଛି?**

ଉ- ଏହି ପ୍ରତିଯୋଗିତାମୂଳକ କ୍ଷେତ୍ରରେ କେବଳ ଉପକରଣ ତିଆରି କରିବା ଯଥେଷ୍ଟ ନୁହେଁ, ଏଥିପାଇଁ ବିଶ୍ୱାସ, ଦକ୍ଷତା ଏବଂ ପରିବର୍ତ୍ତନଶୀଳତା ଆବଶ୍ୟକ। ଆମ କମ୍ପାନୀର ଗୁଣବତ୍ତା, ନବସୃଜନ, ଠିକ୍ ସମୟରେ ବିତରଣ, ବିକ୍ରୟ ପରବର୍ତ୍ତୀ ସେବା ଏବଂ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ଯୋଗୁ ଆମକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରିପାରିଛି।

**ପ୍ର- ଓଟିପିଏଲ୍ ବର୍ତ୍ତମାନ କେଉଁ ପ୍ରକାରର ବୈଷୟିକ ପ୍ରଗତି କିମ୍ବା ଉଚ୍ଚ-ଦକ୍ଷତାବିଶିଷ୍ଟ ଡିଜାଇନ ଉପରେ ପୁଞ୍ଜି ବିନିଯୋଗ କରୁଛି?**

ଉ- ଆମେ ଉଚ୍ଚ-ଦକ୍ଷତାସମ୍ପନ୍ନ ଟ୍ରାନ୍ସଫର୍ମର ଡିଜାଇନରେ ନିବେଶ କରୁଛୁ, ଯାହା ଶକ୍ତି ସଞ୍ଚୟ, ସ୍ଥାୟିତ୍ୱ ଏବଂ ସ୍ମାର୍ଟ-ଗ୍ରୀଡ୍ ଅନୁକୂଳତା ଉପରେ ଧ୍ୟାନ ଦେଇଥାଏ। ଭାରତର ଅକ୍ଷୟ ଶକ୍ତି ଅଭିଯାନ ଏବଂ କଠୋର ଦକ୍ଷତା ମାନଦଣ୍ଡ ସହ ତାଳ ମିଳାଇବା ପାଇଁ ଆମେ ଲୋ-ଲସ୍ କୋର୍ ସାମଗ୍ରୀ ଏବଂ ଅତ୍ୟାଧୁନିକ ମନିଟରିଂ ସିଷ୍ଟମ ବ୍ୟବହାର କରୁଛୁ।

**ପ୍ର- ଅକ୍ଷୟ ଶକ୍ତିର ସଂଯୋଗ, ସ୍ମାର୍ଟ ଗ୍ରୀଡ୍ ଏବଂ ଜାତୀୟ ସ୍ତରର ବଡ଼ କମ୍ପାନୀଙ୍କ ପ୍ରତିଯୋଗିତା ଭଳି ନୂତନ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଓପିଟିଏଲ୍ କିଭଳି ପ୍ରସ୍ତୁତ ହେଉଛି?**

ଉ- ଗ୍ରାହକ ସନ୍ତୁଷ୍ଟିକୁ ଦୃଷ୍ଟିରେ ରଖି ସେମାନଙ୍କର ଆବଶ୍ୟକତା ଓ ଚାହିଦା ଅନୁସାରେ ସରଞ୍ଜାମ ଯୋଗାଇ ଦିଆଯାଉଛି। ଯାହାକି ଦୀର୍ଘସ୍ଥାୟୀ ହୋଇପାରୁଛି ଏବଂ ଏହା ଦ୍ୱାରା ଗ୍ରାହକ ଆନନ୍ଦିତ ହେଉଛନ୍ତି।

# ପାରସ୍ୟ ଉପସାଗରରେ ଅଟକିଛି ଭାରତର ୧୬ ଜାହାଜ

## ଷ୍ଟ୍ରେଟ୍ ଅଫ୍ ହର୍ମୁଜ ପାର କଲା ୨ ଏଲ୍‌ପିଜି ଜାହାଜ




ନୂଆଦିଲ୍ଲୀ, ୬।୪ (ପି.ଟି.)

ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁ ସାମୁଦ୍ରିକ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍' ଦେଇ ତୈଳ, ଗ୍ୟାସ୍ ଓ ଅନ୍ୟାନ୍ୟ ସାମଗ୍ରୀ ବୋଝେଇ ଜାହାଜଗୁଡ଼ିକ ପାର ହେବା ଇରାନ୍‌ର ନିୟନ୍ତ୍ରଣାଧୀନ ରହିଛି। ଅର୍ଥାତ୍ ଇରାନ୍ ଇଚ୍ଛାରେ ଜାହାଜଗୁଡ଼ିକ ଗନ୍ତବ୍ୟ ସ୍ଥଳକୁ ଯାଇପାରୁଛି। ଗତ ଫେବୃଆରୀ ୨୮ରୁ ଇରାନ୍ ବିରୋଧରେ ଯୁଦ୍ଧ ଚଳାଇଥିବା ଆମେରିକା ଓ ଇସ୍ରାଏଲ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଖୋଲିବାରେ ଏଯାଏ ସଫଳ ହୋଇପାରୁନାହାନ୍ତି। ଫଳରେ ଅନେକ ଦେଶର ମାଲବାହୀ ଜାହାଜଗୁଡ଼ିକ ଅଟକି ରହିଛି। ଏଥିମଧ୍ୟରେ ୧୮ଟି ଭାରତୀୟ ଜାହାଜ ପାରସ୍ୟ ଉପସାଗର ଅଞ୍ଚଳରେ ଅଟକି ରହିଥିବାବେଳେ ୨ଟି ଏଲ୍‌ପିଜି ଜାହାଜ ସୁରକ୍ଷିତ ଭାବେ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରି ଭାରତୀୟ ବନ୍ଦର ଅଭିମୁଖେ ଯାତ୍ରା କରୁଥିବା ଜଣାପଡ଼ିଛି। ତଥାପି ଆହୁରି ୧୬ଟି ଜାହାଜ ଅଟକି ରହିଛି। ଏହାର ପ୍ରଭାବରେ ଭାରତର ବିଭିନ୍ନ ସ୍ଥାନରେ ରନ୍ଧନ ଗ୍ୟାସ୍ ଅଭାବଜନିତ ଗୁରୁତର ସଙ୍କଟ ଦେଖାଦେଇଛି।

ସୋମବାର ଏକ ଖବରଦାତା ସମ୍ମିଳନୀରେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଲ କହିଛନ୍ତି, ପ୍ରାୟ ୪୬,୬୫୦ ଟନ୍ ଏଲ୍‌ପିଜି ବହନ କରୁଥିବା 'ଗ୍ରୀନ୍ ସାନ୍ୱି' ନାମକ ଜାହାଜ ଏପ୍ରିଲ ୭ରେ ଭାରତୀୟ ବନ୍ଦରରେ ପହଞ୍ଚିବ। ସେହିପରି ୧୫,୫୦୦ ଟନ୍ କାର୍ଗୋ ସହ 'ଗ୍ରୀନ୍ ଆଶା' ଜାହାଜ ଏପ୍ରିଲ ୯ ସୁଦ୍ଧା ଭାରତୀୟ ଉପକୂଳରେ ପହଞ୍ଚିବାକୁ ଧାର୍ଯ୍ୟ କରାଯାଇଛି। ପଶ୍ଚିମ ଏସିଆ ସଙ୍କଟ ସତ୍ତ୍ୱେ ଭାରତୀୟ ସାମୁଦ୍ରିକ କାର୍ଯ୍ୟକଳାପ ସୁରକ୍ଷିତ ଏବଂ ଅପରିବର୍ତ୍ତିତ ରହିଛି। ବର୍ତ୍ତମାନ ଏହି ଅଞ୍ଚଳରେ ୪୩୩ ଜଣ ନାବିକଙ୍କ ସହ ୧୬ଟି ଭାରତୀୟ ପତାକାଧାରୀ ଜାହାଜ ରହିଛନ୍ତି ବୋଲି ସଚିବ ମଙ୍ଗଲ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ ପକ୍ଷରୁ ଇରାନ୍ ଉପରେ ଆକ୍ରମଣ ଓ ଏହାର ପାଲଟା ଜବାବ ପରେ ଏହି ରଣନୈତିକ ଜଳପଥ ପ୍ରାୟତଃ ବନ୍ଦ ରହିଥିଲା। ଏହା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ୮ଟି ଭାରତୀୟ ଏଲ୍‌ପିଜି ଟ୍ୟାଙ୍କର ସୁରକ୍ଷିତ ଭାବେ ଏହି ପଥ ଅତିକ୍ରମ କରିଛି। ଏବେ ପାରସ୍ୟ ଉପସାଗରରେ ଅଟକି ରହିଥିବା ୧୬ଟି ଜାହାଜ ମଧ୍ୟରେ ଗୋଟିଏ ଏଲ୍‌ଏନ୍‌ଜି ଜାହାଜ, ଦୁଇଟି ଏଲ୍‌ପିଜି ଟ୍ୟାଙ୍କର, ଛଅଟି ଅଶୋଧିତ ତୈଳବାହୀ ଜାହାଜ, ତିନୋଟି କଣ୍ଟେନର ଜାହାଜ ଏବଂ ଅନ୍ୟାନ୍ୟ କାର୍ଗୋ ଜାହାଜ ରହିଛି। ଇରାନ ପକ୍ଷରୁ ଜଳପଥ ଅତିକ୍ରମ ପାଇଁ କୌଣସି ଶୁଳ୍କ ଆଦାୟ କରାଯାଉଥିବା ନେଇ ମନ୍ତ୍ରଣାଳୟ ପାଖରେ ସୂଚନା ନାହିଁ ବୋଲି ସଚିବ ମଙ୍ଗଲ ସ୍ପଷ୍ଟ କରିଛନ୍ତି।

ଭାରତ ନିଜର ରନ୍ଧନ ଗ୍ୟାସ ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନୀ ଉପରେ ନିର୍ଭର କରୁଥିବା ବେଳେ ଏହି ଜାହାଜଗୁଡ଼ିକର ଆଗମନ ଦେଶରେ ଦେଖାଦେଇଥିବା ଏଲପିଜି ଅଭାବକୁ କିଛି ମାତ୍ରାରେ ଦୂର କରିବାରେ ସହାୟକ ହେବ। ଗତ ବର୍ଷ ଭାରତରେ ୩୩.୧୫ ମିଲିୟନ ଟନ୍ ଏଲ୍‌ପିଜି ବ୍ୟବହୃତ ହୋଇଥିଲା, ଯେଉଁଥିରୁ ୯୦ ପ୍ରତିଶତ ଆମଦାନୀ ପଶ୍ଚିମ ଏସିଆରୁ କରାଯାଇଥିଲା।

# ନିୟୁ ହଣ୍ଟର ବୁଲେଟ୍‌ର ଶୁଭାରମ୍ଭ



କେନ୍ଦୁଝର,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର ଡାଙ୍ଗରପଡ଼ାସ୍ଥିତ ରୟାଲ ଏନ୍‌ଫିଲ୍ଡର ଡିଲରଶିପ ସାଇ ଅଟୋମୋବାଇଲଠାରେ ବହୁ ପ୍ରତୀକ୍ଷିତ ନିୟୁ ହଣ୍ଟର ବୁଲେଟ୍‌ର ଶୁଭାରମ୍ଭ ହୋଇଛି। ଶୋ'ରୁମ୍ ପକ୍ଷରୁ ଅନୁଷ୍ଠିତ ଏକ ବିଶେଷ କାର୍ଯ୍ୟକ୍ରମରେ ସାଇ ଅଟୋମୋବାଇଲର ସିଇଓ ପ୍ରବୀଣ ମହାପାତ୍ର, ରୟାଲ ଏନ୍‌ଫିଲ୍ଡର କଷ୍ଟମର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ମଡେଲଟି ଗ୍ରାହକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇପାରିବ ଏବଂ ଏଥିରେ ଅପଡେଟ ଫିଚର ଗ୍ରାହକ ପାଇବେ ବୋଲି ମହାପାତ୍ର କହିଛନ୍ତି।

# ୧୦ ନିୟୁତ ହୋଣ୍ଡା ଗାଡ଼ି ବିକ୍ରି

ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)

ଦୁଇ-ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ପୂର୍ବାଞ୍ଚଳରେ ମୋଟ ୧୦ ନିୟୁତ ଗାଡ଼ି ବିକ୍ରି ମାଇଲଖୁଣ୍ଟ ହାସଲ କରିଛି, ଯାହା ପଶ୍ଚିମବଙ୍ଗ, ବିହାର, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟସମୂହ ସମସ୍ତ ପ୍ରମୁଖ ବଜାରରେ ଏହାର ଅଭିବୃଦ୍ଧି ଯାତ୍ରାରେ ଏକ ଉଲ୍ଲେଖନୀୟ ଅଧ୍ୟାୟ ହୋଇଛି। କୋଲକାତା, ପାଟନା, ରାଞ୍ଚି, ଭୁବନେଶ୍ୱର ଏବଂ ଗୁଆହାଟୀ ଭଳି ସମସ୍ତ ପ୍ରମୁଖ ସହରଗୁଡିକର ସମର୍ଥନରେ ଏହି ଅଭିବୃଦ୍ଧିରେ ପଶ୍ଚିମବଙ୍ଗ ଏବଂ ବିହାର ମୁଖ୍ୟ ଅବଦାନ ରଖିଛନ୍ତି। ସ୍କୁଟରଗୁଡ଼ିକ ମଧ୍ୟରେ ଆକ୍ଟିଭା ଏବଂ ଡିଓ ବେଶି ଲୋକାଦୃତ ହୋଇପାରିଛି। ମୋଟରସାଇକେଲ ବର୍ଗରେ ଏସ୍‌ପି ୧୨୫ ଏବଂ ଶାଇନ୧୨୫ ବିକ୍ରିରେ ଉଲ୍ଲେଖନୀୟ ଅବଦାନ ରଖିଛି। ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଡାଇରେକ୍ଟର (ସେଲ୍‌ସ ଆଣ୍ଡ ମାର୍କେଟିଂ) ମୁତ୍ସୁଓ ଉସୁଇ କହିଛନ୍ତି, ପୂର୍ବାଞ୍ଚଳରେ ୧୦ ନିୟୁତ ଗାଡ଼ି ବିକ୍ରିର ମାଇଲଖୁଣ୍ଟ ବିବିଧ ବଜାରରେ ଗ୍ରାହକମାନଙ୍କର ଦୈନନ୍ଦିନ ଗମନାଗମନ ଆବଶ୍ୟକତା ସହିତ ଆମର ଉତ୍ପାଦଗୁଡ଼ିକ କିଭଳି ସଂଯୁକ୍ତ ହୋଇଛି, ତାହା ପ୍ରତିଫଳିତ କରୁଛି।

# ଭବିଷ୍ୟତ ହେଲ୍‌ଥ କେୟାର ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)

ହେଲ୍‌ଥ କେୟାର କନସଲ୍ଟିଂ ସେବା ପ୍ରଦାନକାରୀ ସଂସ୍ଥା ଅଡିଟମେଟ ପକ୍ଷରୁ ସିଇଓ ରାଉଣ୍ଡ ଟେବୁଲ - ହେଲଥ କେୟାର ୨୦୨୬ର ପ୍ରଥମ ସଂସ୍କରଣ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରମୁଖ ହସ୍ପିଟାଲଗୁଡ଼ିକରୁ ୨୫ରୁ ଅଧିକ ସିଇଓ ଓ ହେଲଥ୍ କେୟାରର ବ୍ୟକ୍ତିତ୍ୱ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡ. ସୁଚିନ୍ ବଜାଜ୍, ସନ୍ଧ୍ୟା ଶ୍ରୀରାମ, ଡ. ଆଲୋକ ଲୋଢ଼ ଓ ନରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରାଉଣ୍ଡଟେବୁଲରେ ଭବିଷ୍ୟତ ହେଲଥ କେୟାର, ଅପରେଶନାଲ ଏକ୍ସେଲେନ୍ସ, ରେଭେନ୍ୟୁ ଇଣ୍ଟେଗ୍ରିଟି, ଡିଜିଟାଲ ଟ୍ରାନ୍ସଫର୍ମେଶନ ଓ ଓଡ଼ିଶାରେ ମେଡିକାଲ ଟୁରିଜମ୍ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଗଭର୍ନାନ୍ସ, ରିସ୍କ ଓ କଣ୍ଟ୍ରୋଲ୍ ମାଧ୍ୟମରେ ହେଲଥ କେୟାରକୁ ସୁଦୃଢ଼ କରିବା ଏହାର ବିଷୟବସ୍ତୁ ରହିଥିଲା। କାର୍ଯ୍ୟକ୍ରମଟି ରାକେଶ କୁମାର ପାତ୍ର, ଅମୂଲ୍ୟ କୁମାର ପ୍ରଧାନ, କ୍ଷିତିଶ ଚନ୍ଦ୍ର ପାତ୍ର ଓ ସତ୍ୟାନନ୍ଦ ରାଉତରାୟଙ୍କ ଦ୍ୱାରା ଆୟୋଜିତ ହୋଇଥିଲା।

# ବିଦେଶୀ ନିବେଶକଙ୍କ ପାଇଁ ୧୬ ଲକ୍ଷ କୋଟିକୁ ନିବେଶ ସୀମା ବୃଦ୍ଧି

ନୂଆଦିଲ୍ଲୀ, ୬।୪

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ଙ୍କ ପାଇଁ ଭାରତୀୟ ଡେବ୍ଟ ମାର୍କେଟରେ ନିବେଶ ସୀମା ବୃଦ୍ଧି କରିଛି। ୨୦୨୬-୨୭ ବର୍ଷ ପାଇଁ ଏହି ସୀମାକୁ ୧୬.୩୨ ଲକ୍ଷ କୋଟି ଟଙ୍କା କରିଦିଆଯାଇଛି। ଏହାଦ୍ୱାରା ବିଦେଶରୁ ଅଧିକ ଟଙ୍କା ଭାରତକୁ ଆସିବ ବୋଲି ଆଶା କରାଯାଉଛି। ଏହି ନୂଆ ନିୟମ ଅନୁଯାୟୀ ନିବେଶ ସୀମା ଦୁଇ ପର୍ଯ୍ୟାୟରେ ବଢ଼ିବ। ଏପ୍ରିଲ୍‌ରୁ ସେପ୍ଟେମ୍ବର ୨୦୨୬ ଯାଏ ୧୫.୫୧ ଲକ୍ଷ କୋଟି ଏବଂ ଅକ୍ଟୋବରରୁ ମାର୍ଚ୍ଚ ୨୦୨୭ ଯାଏ ୧୬.୩୨ ଲକ୍ଷ କୋଟି ଟଙ୍କା ହେବ। ଏହା ଦ୍ୱାରା ବଜାରରେ ଅଧିକ ଟଙ୍କା ଆସିବ, ସରକାରଙ୍କୁ କମ୍ ସୁଧରେ ଋଣ ମିଳିବ ଏବଂ ଦେଶର ଉନ୍ନୟନ କାମରେ ସହାୟତା ମିଳିବ ବୋଲି ଆଶା କରାଯାଉଛି। ତେବେ ଆରବିଆଇ ପୁରୁଣା ନିୟମରେ ପରିବର୍ତ୍ତନ କରିନାହିଁ। ସରକାରୀ ବଣ୍ଡରେ ୬%, ରାଜ୍ୟ ବଣ୍ଡରେ ୨% ଏବଂ କମ୍ପାନୀ ବଣ୍ଡରେ ୧୫% ପର୍ଯ୍ୟନ୍ତ ବିଦେଶୀ ନିବେଶ କରାଯାଇପାରିବ। ଏହି ନିୟମ ଅର୍ଥନୀତିକୁ ସୁରକ୍ଷିତ ରଖିବା ପାଇଁ ରଖାଯାଇଛି। କମ୍ପାନୀ ବଣ୍ଡ ପାଇଁ ମଧ୍ୟ ସୀମା ବଢ଼ାଯାଇଛି। ଏଥି ସହ କିଛି ନୂଆ ନିୟମ ମଧ୍ୟ ଲାଗୁ ହେବ। ଏହି ନିଷ୍ପତ୍ତି ଭାରତର ଅର୍ଥନୀତିକୁ ଆହୁରି ଶକ୍ତିଶାଳୀ କରିବ ଏବଂ ବିଦେଶୀ ନିବେଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି।

# କୋଇଲା ଗ୍ୟାସିଫିକେଶନରେ ଜିନ୍ଦଲ ଷ୍ଟିଲ ଆଗୁଆ

ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)



ଜିନ୍ଦଲ୍ ଷ୍ଟିଲ୍ କମ୍ପାନୀ ଦେଶୀ କୋଇଲା ବ୍ୟବହାର କରି ଗ୍ୟାସିଫିକେଶନ୍ ପ୍ରକ୍ରିୟା ଆରମ୍ଭ କରିଛି। ଏହାଦ୍ୱାରା ଭାରତର ଶକ୍ତି ସୁରକ୍ଷା ବଢ଼ିଛି ଏବଂ କମ୍ କାର୍ବନ୍ ଷ୍ଟିଲ୍ ତିଆରି ହେଉଛି। ଜିନ୍ଦଲ୍ ଷ୍ଟିଲ୍ ଭାରତର ପ୍ରଥମ କୋଇଲା ଗ୍ୟାସିଫିକେଶନ୍ ଆଧାରିତ ଡାଇରେକ୍ଟ ରିଡ୍ୟୁସ୍‌ଡ ଆୟରନ୍ (ଡିଆରଆଇ) ପ୍ଲାଣ୍ଟ ତିଆରି କରିଛି। ଏଥିରେ ସିନଗ୍ୟାସ୍ ବ୍ୟବହାର କରି ଲୌହ ତିଆରି କରାଯାଉଛି। ଏହା ବିଶ୍ୱରେ ପ୍ରଥମ ଥର ପାଇଁ ହୋଇଛି। ପ୍ରାକୃତିକ ଗ୍ୟାସ୍, ଏଲପିଜି, ଏବଂ ପ୍ରୋପେନ୍ ଅଭାବ ହେତୁ ଜିନ୍ଦଲ୍ ଷ୍ଟିଲ୍ ଗ୍ୟାଲଭାନାଇଜିଂ ଏବଂ କଲର୍ କୋଟିଂ ଲାଇନ୍ ଫର୍ନେସରେ ସିନଗ୍ୟାସ୍ ବ୍ୟବହାର କରିଛି। ଷ୍ଟିଲ୍ ଶିଳ୍ପରେ ଏହା ପ୍ରଥମ ଥର ହୋଇଛି। ଏହାଦ୍ୱାରା ଇନ୍ଧନ ଅଭାବ ସମସ୍ୟା କମିଛି। କମ୍ପାନୀ ବ୍ଲାଷ୍ଟ ଫର୍ନେସରେ ମଧ୍ୟ ସିନଗ୍ୟାସ୍ ଇଞ୍ଜେକ୍ଟ କରିଛି। ଏହା ଦ୍ୱାରା ବିଦେଶରୁ ଆସୁଥିବା କୋକିଂ କୋଇଲା କମ୍ ଲାଗୁଛି ଏବଂ ଷ୍ଟିଲ୍ ତିଆରିରେ କାର୍ବନ୍ ନିର୍ଗମ କମିଛି। ଜିନ୍ଦଲ୍ ଷ୍ଟିଲ୍ ଷ୍ଟିଲ୍ ତିଆରିର ସମସ୍ତ ପ୍ରକ୍ରିୟାରେ ସିନଗ୍ୟାସ୍ ବ୍ୟବହାର କରୁଛି। ଜିନ୍ଦଲ୍ ଷ୍ଟିଲ୍ ଅନୁଗୋଳର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ପିକେ ବିଜୁ ନାୟର କହିଛନ୍ତି, ଦେଶୀ କୋଇଲାରୁ ତିଆରି ସିନଗ୍ୟାସ୍ ବିଦେଶରୁ ଆସୁଥିବା ମିଥାନଲ୍, ଆମୋନିଆ, ଆମୋନିୟମ୍ ନାଇଟ୍ରେଟ୍ ଏବଂ ଏଲ୍‌ଏନ୍‌ଜି ବଦଳରେ ବ୍ୟବହାର କରାଯାଇପାରିବ।

# ଶ୍ୟାମ ମେଟାଲିକ୍ସ ସିଲ୍

## ପରିବେଶ ସୁରକ୍ଷା ନିୟମ ଉଲ୍ଲଂଘନ



ପ୍ରଦୂଷଣ ବୋର୍ଡ, ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ରେଙ୍ଗାଲିସ୍ଥିତ ଶ୍ୟାମ ମେଟାଲିକ୍ସ ଓ ଏନର୍ଜି ଲିମିଟେଡ୍‌କୁ ସିଲ୍ କରାଯାଉଛି।

ସମ୍ବଲପୁର/ରେଙ୍ଗାଲି,୬।୪
(ପ୍ରମୋଦ ବହିଦାର/ଦେବବ୍ରତ ପଣ୍ଡା)

ପରିବେଶ ସୁରକ୍ଷା ନିୟମ ଉଲ୍ଲଂଘନ ପାଇଁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ ବିରୋଧରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ସୋମବାର ସକାଳୁ କମ୍ପାନୀର ଏକାଧିକ ଗୁରୁତ୍ୱପୂର୍ଣ୍ଣ ୟୁନିଟ୍‌କୁ ସିଲ୍ କରି ଦିଆଯାଇଛି। ସିପିସିବି ପକ୍ଷରୁ ଗତ ମାର୍ଚ୍ଚ ୩୦ ତାରିଖରେ ଜାରି ଏକ ନିର୍ଦ୍ଦେଶନାମା ଅନୁସାରେ ପରିବେଶ(ସୁରକ୍ଷା) ଆଇନ ୧୯୮୬ର ଧାରା ୫ ଅନୁଯାୟୀ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଫଳରେ କମ୍ପାନୀର ଫେରୋ ଆଲୟ ପ୍ଲାଣ୍ଟର ସମସ୍ତ ୭ଟି ଫର୍ନେସ୍, ଦ୍ୱିତୀୟ ଓ ତୃତୀୟ ୟୁନିଟର ଇସ୍ପାତ ତରଳାଇବା ଶପ୍(ଏସ୍‌ଏମ୍‌ଏସ୍), ଦ୍ୱିତୀୟ ୟୁନିଟର ପେଲେଟ୍ ପ୍ଲାଣ୍ଟ ସମେତ ଡିଆର୍‌ଆଇ କିଲନ୍‌ର ୩, ୪ ଓ ୫ ନମ୍ବର ୟୁନିଟ୍‌କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଇଛି। ଅଗଷ୍ଟ ୨୦୨୪ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୋଲକାତା ଆଞ୍ଚଳିକ ନିର୍ଦ୍ଦେଶାଳୟର ଏକ ଟିମ୍ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ପ୍ଲାଣ୍ଟରୁ ନିର୍ଗତ ହେଉଥିବା ପ୍ରଦୂଷଣର ମାତ୍ରା ନିର୍ଦ୍ଧାରିତ ମାନଦଣ୍ଡଠାରୁ ଯଥେଷ୍ଟ ଅଧିକ ଥିବା ଜଣାପଡିଥିଲା। ଏହା ପରିବେଶକୁ ପ୍ରଦୂଷଣ କରୁଥିବା ୧୭ଟି ବର୍ଗ ମଧ୍ୟରୁ ଅନ୍ୟତମ। ବିଶେଷକରି ଡିଆର୍‌ଆଇ-୧, ଡିଆର୍‌ଆଇ-୨ ଏବଂ ଏଏଫ୍‌ବିସି ବଏଲରରୁ ନିର୍ଗତ ଧୂଳିକଣାର ପରିମାଣ ସୀମା ବାହାରେ ଥିବାରୁ ଏହା ଜନଜୀବନ ଉପରେ କୁପ୍ରଭାବ ପକାଉଥିଲା। ପୂର୍ବରୁ ବୋର୍ଡ ପକ୍ଷରୁ ଏହି ତ୍ରୁଟିରେ ସୁଧାର କରି ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନୋଟସ ଦିଆଯାଇଥିଲା। ମାତ୍ର ଏହାକୁ ଗୁରୁତ୍ୱ ନ ଦେବାରୁ ଶେଷରେ ସୋମବାର ପ୍ଲାଣ୍ଟକୁ ସିଲ୍ କରାଯାଇଛି। ପ୍ଲାଣ୍ଟର ବିଭିନ୍ନ ୟୁନିଟ୍‌ର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ସହ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହାକୁ ପୁନଃ ସଂଯୋଗ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଉକ୍ତ କମ୍ପାନୀରୁ ନିର୍ଗତ ପାଉଁଶ ଓ ଧୂଳି ପ୍ରଭାବରେ ହେଉଥିବା ବ୍ୟାପକ ପ୍ରଦୂଷଣକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ପ୍ରଦୂଷଣ ମାତ୍ରା ନିୟନ୍ତ୍ରଣ ବାହାରକୁ ଯାଉଥିବା ନେଇ ଦୀର୍ଘ ଦିନର ଅଭିଯୋଗ ପରେ ଏହି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭାରତରେ ୨୦-୨୫% ମହଙ୍ଗା ହେବ କପଡ଼ା

ନୂଆଦିଲ୍ଲୀ, ୬।୪

ପଶ୍ଚିମ ଏସିଆ ଯୁଦ୍ଧ ଏବେ ଭାରତର ସାଧାରଣ ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଉଛି। ଖାଦ୍ୟ, ପେଟ୍ରୋଲ ଏବଂ ଗାଡ଼ି ମରାମତି ପରେ ଏବେ କପଡ଼ା ମଧ୍ୟ ମହଙ୍ଗା ହେବାର ସମ୍ଭାବନା ଦେଖାଦେଇଛି। ଆଗାମୀ ଦିନରେ କପଡ଼ାର ଦାମ୍ ୨୦ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ। ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ, ଯୁଦ୍ଧ ଯୋଗୁଁ ଇନ୍ଧନ ଏବଂ କଞ୍ଚା ମାଲର ଦାମ୍ ବଢ଼ିଛି। କଟନ୍ କପଡ଼ା ତିଆରି ମହଙ୍ଗା ହୋଇଛି। ସିନ୍ଥେଟିକ୍ କପଡ଼ାରେ ବ୍ୟବହୃତ କ୍ରୁଡ୍ ଅଏଲ୍ ମହଙ୍ଗା ହେବାରୁ ପଲିଷ୍ଟରର ଦାମ୍ ଗତ ୨-୩ ମାସରେ ପ୍ରାୟ ୨୫% ବଢ଼ିଛି। ଗ୍ୟାସ୍ ସିଲିଣ୍ଡର ନ ମିଳିବା ଏବଂ ବିଦ୍ୟୁତ୍ ଖର୍ଚ୍ଚ ବଢ଼ିବାରୁ ଶିଳ୍ପର ମୋଟ ଖର୍ଚ୍ଚ ୮ ରୁ ୧୦% ବଢ଼ିଛି। ଶିପିଂ ଖର୍ଚ୍ଚ ମଧ୍ୟ ବଢ଼ିଛି। ପୂର୍ବରୁ ୪୦ ଫୁଟ୍ କଣ୍ଟେନରର ଖର୍ଚ୍ଚ ୧୨୦୦ ଡଲାର୍ ଥିଲା, ଏବେ ତାହା ୧୯୦୦ ରୁ ୨୦୦୦ ଡଲାର୍ ହୋଇଛି। ଯୁଦ୍ଧ ଯୋଗୁ ଟେକ୍ସଟାଇଲ୍ ଶିଳ୍ପର ୪୦ରୁ ୪୫ ହଜାର କଣ୍ଟେନର ବିଭିନ୍ନ ବନ୍ଦରରେ ଅଟକି ରହିଛି। ଟେକ୍ସଟାଇଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆର ଭାଇସ୍ ପ୍ରେସିଡେଣ୍ଟ ଯୋଗେଶ ମହାଜନଙ୍କ କହିବାନୁସାରେ, ସିନ୍ଥେଟିକ୍ ଫାଇଲାମେଣ୍ଟର ଦାମ୍ ୨୫ ରୁ ୩୦% ବଢ଼ିଛି। ଅନେକ ମିଲ୍ ଉତ୍ପାଦନ ସମୟ ୧୮ ଘଣ୍ଟାରୁ କମାଇ ୧୦ ଘଣ୍ଟା କରିଦେଇଛନ୍ତି। ଏହାର ପ୍ରଭାବ କାର୍ପେଟ୍, କମ୍ବଳ ଏବଂ ବେଡ୍ ଶିଟ୍ ଉପରେ ମଧ୍ୟ ପଡ଼ିଛି। ସୂଚନା ଥାଉକି, ଗ୍ୟାସ୍ ଅଭାବ ଏବଂ ଦରବୃଦ୍ଧି ଯୋଗୁ ଅନେକ ଶ୍ରମିକ ଗାଁକୁ ଫେରି ଯାଉଛନ୍ତି, ଯାହାକି ଟେକ୍ସଟାଇଲ୍ ଶିଳ୍ପକୁ ପ୍ରଭାବିତ କରୁଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାମଲା ରୁଜୁ ସହ ଏନ୍‌ଆଇଏର ତଦନ୍ତ ଆରମ୍ଭ

## ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା

- ବିସ୍ଫୋରଣରେ ଆର୍‌ଡିଏକ୍ସ ଭଳି ରାସାୟନିକ ପ୍ରଦାର୍ଥ ମିଳିଥିଲା
- ଶେହନ୍‌ବାଜ ଏବଂ ମା'ଙ୍କ ମୃତ୍ୟୁ ପରେ ସତ ବଖାଣିବେ ବାନ୍ଧବୀ
- ଆକାଉଣ୍ଟକୁ ବାହାର ରାଜ୍ୟରୁ ଟଙ୍କା ଆସିଥିବାର ମିଳିଛି ପ୍ରମାଣ
- ଆନ୍ତଃରାଜ୍ୟ ଆତଙ୍କୀଙ୍କ ସହ ଲିଙ୍କ୍ ଖୋଜୁଛି ଏନ୍‌ଆଇଏ

ଭୁବନେଶ୍ୱର,୬।୪(ତ୍ରିନାଥ ମହାନ୍ତି)

ସୁନ୍ଦରପଦା ଆଜାଦ୍‌ନଗରରେ ଗତ ଜାନୁଆରୀ ୨୭ରେ ହୋଇଥିବା ବିସ୍ଫୋରଣ ଘଟଣାରେ ସୋମବାର ରାଜ୍ୟ ଏନ୍‌ଆଇଏ ମାମଲା ରୁଜୁ କରିବା ସହ କମିଶନରେଟ୍ ପୋଲିସ ଠାରୁ ପୂର୍ଣ୍ଣ ତଦନ୍ତ ଭାର ନିଜ ହାତକୁ ନେଇଛି। ବିସ୍ଫୋରଣ ଘଟିଥିବା ସ୍ଥାନରୁ ଏନ୍‌ଆଇଏ ଏବଂ ଫୋରେନ୍‌ସିକ୍ ଟିମ୍ ଜବତ କରିଥିବା ସାମଗ୍ରୀକୁ ଲ୍ୟାବ୍‌କୁ ପଠାଯାଇଥିଲା। ବିସ୍ଫୋରଣରେ ଆର୍‌ଡିଏକ୍ସ ଭଳି କେମିକାଲ ପଦାର୍ଥ ବ୍ୟବହାର ହୋଇଥିବା ରିପୋର୍ଟ ଆସିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏନ୍‌ଆଇଏ ଅଧିକାରୀ। ଏହି ଆର୍‌ଡିଏକ୍ସ ଭଳି ପଦାର୍ଥ ମୃତ ଶେହନୱାଜ ମଲ୍ଲିକ ଓରଫ ମୁଫି ଏବଂ ତାଙ୍କ ମା' ଲିଜାତୁନ କେଉଁଠୁ ଆଣିଥିଲେ, ତାହା ସନ୍ଦେହ ଘେରକୁ ଆସିଛି। ମୁଫିଙ୍କ ଆନ୍ତଃରାଜ୍ୟ ଆତଙ୍କୀ ସଂଗଠନ ସହ ଲିଙ୍କ୍ ରହିଥାଇପାରେ ବୋଲି ଏନ୍‌ଆଇଏ ସନ୍ଦେହ କରୁଛି। କାରଣ ଆର୍‌ଡିଏକ୍ସ ଭଳି ରାସାୟନିକ ପଦାର୍ଥକୁ ଆତଙ୍କୀମାନେ ବିସ୍ଫୋରଣରେ ବ୍ୟବହାର କରନ୍ତି। ସେନେଇ ଏନ୍‌ଆଇଏ ସୋମବାରଠାରୁ ଖୋଳତାଡ଼ ଆରମ୍ଭ କରିଦେଇଛି। ଏଥିସହ



ବିସ୍ଫୋରଣରୁ ବର୍ତ୍ତି ଯାଇଥିବା ମୁଫିଙ୍କ ବାନ୍ଧବୀ ଏବଂ ସାଙ୍ଗଙ୍କୁ ଏନ୍‌ଆଇଏ ପୁଣି ପଚରାଉଚରା କରୁଛି। ବଡ଼ କଥା ହେଲା ,ଆର୍‌ଡିଏକ୍ସ ଭଳି ପଦାର୍ଥ ଲିଙ୍କ୍ ଆସିବା ପରେ ମୁଫି ଏବଂ ତାଙ୍କ ମା'ଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିଲା। ଆକାଉଣ୍ଟକୁ କିଛି ରାଜ୍ୟ ବାହାର ସନ୍ଦିଗ୍ଧ ବ୍ୟକ୍ତି ଟଙ୍କା ପଠାଇଥିବା ତଥ୍ୟ ମିଳିଥିଲା। ଏହି ବ୍ୟକ୍ତିମାନେ କିଏ ଏବଂ କାହିଁକି ମୁଫି ଏବଂ ତାଙ୍କ ମା'ଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ, ସେନେଇ ଅଧିକ ଖୋଳତାଡ଼ କରାଯାଉଛି। ଏନ୍‌ଆଇଏର ଏକ ସ୍ପେଶାଲ ଟିମ୍ ଗଠନ କରାଯାଇ ଏହାର ତଦନ୍ତ କରାଯାଉଛି। ଏପରିକି ଯେଉଁମାନେ ଟଙ୍କା ପଠାଇଛନ୍ତି ସେମାନଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଏନ୍‌ଆଇଏର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଆଜାଦନଗର ବିସ୍ଫୋରଣର ସିସିଟିଭି ଭାଇରାଲ ହେବାପରେ ସାରା ଦେଶରେ ଭୟର ବାତାବରଣ ଖେଳିଯାଇଥିଲା। ଭିଡିଓରେ ୩ଟି ପାଣିଟାଙ୍କି ପଛରେ ୪ଜଣ ରହିଥିବା ବେଳେ ବୋମା ମୁଫି ଭିଡୁଥିଲେ। ମୁଫିଙ୍କ ମା' ମଝିରେ ମଝିରେ ଏଣେତେଣେ ଅନାଉଥିବା ସିସିଟିଭିରୁ ଦେଖିବାକୁ ମିଳିଥିଲା। ଏହାପରେ ଟ୍ରେନ୍ ଯିବା ଶବ୍ଦ ଶୁଭିବା ପରେ ୧୪ଟା ୪୫ ମିନିଟ ୫୫ ସେକେଣ୍ଡରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପାଣିଟାଙ୍କି ପଛପଟ ନିଆଁ ଏବଂ ଧୂଆଁମୟ ହୋଇଯାଇଥିଲା। ଏହାପରେ ମୁଫିଙ୍କ ହାତ ଛିଣ୍ଡି ଯାଇଥିବାବେଳେ ଗୋଡ଼ରୁ ମାଂସ ଉଡ଼ି ପଳାଇଥିଲା। ଦେହରେ ନିଆଁ ଲାଗିବା ଅବସ୍ଥାରେ ସେ ପାଣିଟାଙ୍କି ଆଗକୁ ଆସି ବସିପଡ଼ି ପାଣି ଟ୍ୟାପ୍ ଖୋଲିଥିଲେ। ସେହିସମୟରେ ମୁଫିଙ୍କ ମା' ନିଆଁଲଗା ଅବସ୍ଥାରେ ଦୌଡ଼ି ଆସିବା ସମୟରେ ମୁଫି ତାଙ୍କ ଦେହରୁ କପଡ଼ା କାଢି ଦେଇଥିଲେ। ମୁଫିଙ୍କ ବାନ୍ଧବୀ ଚିତ୍କାର କରି ତାଙ୍କ ନିକଟକୁ ଆସିବା ପରେ ସେ ତାଙ୍କୁ ପାଣି ଟ୍ୟାପ୍ ଖୋଲିବାକୁ କହୁଥିବା ଭିଡିଓରେ ଦେଖିବାକୁ ମିଳିଥିଲା। ବିସ୍ଫୋରଣରେ ଆର୍‌ଡିଏକ୍ସ ଭଳି ରାସାୟନିକ ପଦାର୍ଥ ମିଳିଥିବାରୁ କୌଣସି ସ୍ଥାନରେ ବଡ଼ ବିସ୍ଫୋରଣର ଯୋଜନା କରୁଥିବାର ଆଶଙ୍କା କରୁଛି ଏନ୍‌ଆଇଏ। ବିସ୍ଫୋରଣ ସାମଗ୍ରୀ ଏବଂ ଅନ୍ୟାନ୍ୟ ରିପୋର୍ଟ ରାଜ୍ୟ ଏନ୍‌ଆଇଏ ଦିଲ୍ଲୀ ମୁଖ୍ୟାଳୟକୁ ପଠାଇଥିଲା। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଏନ୍‌ଆଇଏ ତଦନ୍ତକୁ ଆଗକୁ ନେଇଛି। ପ୍ରକାଶ ଯେ, ହତ୍ୟା ଉଦ୍ୟମ, ବେଆଇନ ଅସ୍ତ୍ରଶସ୍ତ୍ର ଭଳି ସଙ୍ଗିନ ମାମଲା ମୁଫିଙ୍କ ବିରୋଧରେ ରହିଛି। ତେଣୁ ସେ କିଛି ବଡ଼ ଅଘଟଣ କରିବା ଯୋଜନାରେ ଥିବା ଏନ୍‌ଆଇଏ ଆଶଙ୍କା କରୁଛି।

# ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ ପରେ ଉଦ୍ଧାର

## ଗୋଟିଏ କାର ଜବତ, ଡ୍ରାଇଭର, ଜଣେ ଯୁବକ ଅଟକ

ପାଟକୁରା, ୬।୪(ରବୀନ୍ଦ୍ର ନାଥ ବାରିକ )

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ କୁଳତୁଠି ସନ୍ଥ ଅରକ୍ଷିତ ଦାସ ମନ୍ଦିର ନଦୀବନ୍ଧ ଗଡା ନିକଟରୁ ସୋମବାର ଯୁକ୍ତ ୨ ଦ୍ୱିତୀୟ ବର୍ଷର ନାବାଳିକା ଛାତ୍ରୀ କଲେଜରୁ ଫେରୁଥିବା ବେଳେ କେତେକ ଦୁର୍ବୃତ୍ତ କାରରେ ତାଙ୍କୁ ଅପହରଣ କରିନେଇ ଯାଇଥିଲେ। ଘଟଣା ଜଣାପଡିବା ପରେ ଛାତ୍ରୀଙ୍କ ବାପା ପାଟକୁରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୬/୨୬ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିବା ସହ ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରିଛି। ବ୍ୟବହୃତ କାର ଜବତ କରିବା ସହ ଡ୍ରାଇଭର ଏବଂ କାରରେ ଥିବା ଅନ୍ୟ ଜଣେ ଯୁବକଙ୍କୁ ଅଟକ ରଖାଯାଇ ପଚାର ଉଚରା କରାଯାଉଛି।

ଅଭିଯୋଗରୁ ଜଣାଯାଇଛି, ଅପହୃତା ଛାତ୍ରୀ ଜଣକ ସାଙ୍ଗ ସହିତ ସ୍ଥାନୀୟ କଲେଜରେ କୋଚିଂ ନେବାପାଇଁ ସକାଳ ୭ଟାର ଘରୁ ଯାଇଥିଲେ। ତେବେ କୋଚିଂ ସାରି ପୂର୍ବାହ୍ନ ପ୍ରାୟ ୧୦ଟାରେ ଘରକୁ ଫେରୁଥିବା ବେଳେ ନଦୀବନ୍ଧ ଗଡା ନିକଟରେ ଗୋଟିଏ କାର ଆସି ସେମାନଙ୍କ ସାଇକେଲ ଆଗରେ ଅଟକି ଥିଲା। କେତେଜଣ ସେହି କାରରୁ ବାହାରି ନାବାଳିକାଙ୍କୁ ଜୋର ଜବରଦସ୍ତ ଅପହରଣ କରି ନେଇଥିଲେ। ସାଙ୍ଗରେ ଥିବା ଅନ୍ୟ ଜଣେ ଛାତ୍ରୀଙ୍କଠାରୁ ସମସ୍ତ ବିଷୟ ବୁଝି ସାରିବାପରେ ନାବାଳିକାଙ୍କ ବାପା ଝିଅକୁ ଉଦ୍ଧାର ପାଇଁ ପାଟକୁରା ଥାନାରେ ଅଭିଯୋଗ କରିଥିଲେ।

# ୧୧.୨୮ ଲକ୍ଷ ଭତ୍ତା ଟଙ୍କା ଆତ୍ମସାତ୍ କରି ପିଇଓ ଗିରଫ

ଭୁବନେଶ୍ୱର,୬।୪(ତ୍ରିନାଥ ମହାନ୍ତି)

ସରକାରୀ ଅର୍ଥ ହେରଫେର ମାମଲାରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦିଲୀପ କୁମାର ପ୍ରଧାନଙ୍କୁ ଭିଜିଲାନ୍ସ ଗିରଫ କରିଛି। ଦିଲୀପଙ୍କୁ ସ୍ପେଶାଲ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଦିଲୀପ ବାଲିପାଟଣା ପଞ୍ଚାୟତ ସମିତିରେ କାର୍ଯ୍ୟରତ ଥିବା ସମୟରେ ୨୦୨୩ ଜାନୁୟାରୀରୁ ୨୦୨୪ ଜୁଲାଇ ମଧ୍ୟରେ ମଧୁବାବୁ ପେନସନ ଯୋଜନାରେ ଆସିଥିବା ୧୧ଲକ୍ଷ ୨୮ ହଜାର ୬ଶହ ଟଙ୍କା ହଡ଼ପ କରିଥିଲେ। ଏହି ଭତ୍ତା ଟଙ୍କା ବାଲିଅନ୍ତା ବ୍ଲକ୍ ପମ୍ପାଲୋ ଗ୍ରାମ ପଞ୍ଚାୟତ ଏବଂ ରାଜସ ଗ୍ରାମ ପଞ୍ଚାୟତର ହିତାଧିକାରୀଙ୍କ ପାଇଁ ଆସିଥିଲା। ମାତ୍ର ଦିଲୀପ ହିତାଧିକାରୀଙ୍କୁ ନ ବାଣ୍ଟି ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ଭତ୍ତା ନ ମିଳିବାରୁ ହିତାଧିକାରୀମାନେ ବରିଷ୍ଠ ଅଧିକାରୀଙ୍କୁ ଜଣାଇଥିଲେ। ବ୍ଲକ୍ ପକ୍ଷରୁ ଛାନ୍‌ଭିନ୍ ପରେ ଦିଲୀପ ଉକ୍ତ ଅର୍ଥ ହଡ଼ପ କରିଥିବା ଜଣାପଡ଼ିବା ପରେ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ୰ମାଳତୀ ମହାନ୍ତି

ଆବିର୍ଭାବ: ୦୨।୧୦।୧୯୪୮
ତିରୋଧାନ: ୦୭।୦୪।୨୦୦୯

ଦୀର୍ଘ ଷୋହଳ ବର୍ଷ ହେଲା ତୁମେ ଦିବ୍ୟ ପଥର ଯାତ୍ରୀ ହେଲେ ସୁଦ୍ଧା ଆମେ ସମସ୍ତେ ଅହରହ ତୁମ ସୂକ୍ଷ୍ମସତ୍ତା ଅନୁଭବ କରୁଛୁ। ଅଦୃଶ୍ୟ ଭାବରେ ତୁମେ ଆମ ସୁଖ ଦୁଃଖର ସାଥୀ ହୋଇଛ । ଆମକୁ ଆଲୋକର ପଥ ଦେଖାଇଛ। ଯେଉଁଠି ଥାଅ ପଛେ ସୁଖରେ ଥାଅ, ଶାନ୍ତିରେ ଥାଅ । ତୁମ ଆଶୀର୍ବାଦରେ ଆମକୁ ସିକ୍ତ କରୁଥାଅ ।

ଶୋକସନ୍ତପ୍ତ– ସ୍ୱାମୀ, ପୁତ୍ର, କନ୍ୟା ଓ ଆତ୍ମୀୟସ୍ୱଜନ, ସ୍ୱାମୀ: ଡ. ରାମଚନ୍ଦ୍ର ପଟ୍ଟନାୟକ, ପୁତ୍ର-କନ୍ୟା: ସବ୍ୟସାଚୀ, ମହାଶ୍ୱେତା, ଶୁଚିସ୍ମିତା, ପୁତ୍ରବଧୂ ଓ ଜ୍ୱାଇଁ- ମନୋରମା, ସତ୍ୟନାରାୟଣ, ମନୋଜ ରାମାନୁଜନ, ଆତ୍ମୀୟସ୍ୱଜନ, ଶାନ୍ତି, ବାସନ୍ତୀ, ଭାନୁ, ଟୁନି, ରୋମାନି, ଇଲୁ, ପିଙ୍କି, ଶାନ୍, ବିଭାନ୍, ଓବୁ, ରିଆନ୍ ଓ ଅନ୍ୟମାନେ

ଧ-୫୦


# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯବାନ ଗୁରୁତର

- ଚିକିତ୍ସା ପାଇଁ ରାଞ୍ଚି ଏୟାରଲିଫ୍ଟ
- ଓଡ଼ିଶା- ଝାଡ଼ଖଣ୍ଡ ସୀମାରେ ସର୍ଚ୍ଚ ଅପରେଶନ ଜାରି

ବଣାଇଁ, ୬।୪(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଂଲଗ୍ନ ଛୋଟନାଗରା ଥାନା ବାଲିବା ଗାଁ ନିକଟସ୍ଥ ଚାଡ୍ରିଡେରା ଜଙ୍ଗଲରେ ସୋମବାର ପୁଣି ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଛି। ଏଥିରେ କୋବ୍ରା ୨୦୫ ବାଟାଲିୟନର ଜଣେ ଯବାନ ଗୁରୁତର ହୋଇଛନ୍ତି। ଆହତ ଯବାନ ଅନୁଜ କୁମାରଙ୍କୁ ଉତ୍ତମ ଚିକିତ୍ସା ପାଇଁ ରାଞ୍ଚି ଏୟାରଲିଫ୍ଟ କରାଯାଇଥିବା ସୂଚନା ମିଳିଛି। ଘଟଣା ପରେ ଝାଡ଼ଖଣ୍ଡ ସୀମା ସଂଲଗ୍ନ ସମଗ୍ର ସରଣ୍ଡା ଜଙ୍ଗଲକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେଶନକୁ ଜୋରଦାର୍ କରାଯାଇଥିବା ଚାଇବସା ଉପଖଣ୍ଡ ପୋଲିସ ଅଧିକାରୀ ବାହାମନ ଟୁଟି ସୂଚନା ଦେଇଛନ୍ତି।

୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ସମ୍ପୂର୍ଣ୍ଣ ମାଓବାଦୀ ମୁକ୍ତ ଭାରତ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଧାର୍ଯ୍ୟ କଷ୍ଟକୁ ମାଓବାଦୀ ଚ୍ୟାଲେଞ୍ଜ ଦେଇ କାର୍ଯ୍ୟକଳାପ ଜାରି



ଆହତ ଯବାନ ଅନୁଜ କୁମାର

ରଖିଛନ୍ତି। ସରଣ୍ଡା ଜଙ୍ଗଲ ଅଞ୍ଚଳ ଦେଶର ସବୁଠୁ ସମ୍ବେଦନଶୀଳ ମାଓବାଦୀ ପ୍ରଭାବିତ ଅଞ୍ଚଳ ଗୁଡ଼ିକ ମଧ୍ୟରୁ ଗୋଟିଏ। ଘଞ୍ଚ ଜଙ୍ଗଲ ଏବଂ ଦୁର୍ଗମ ଭୌଗୋଳିକ ପରିସ୍ଥିତି ସହିତ ଦୁଇଟି ରାଜ୍ୟ ଓଡ଼ିଶା ଓ ଝାଡ଼ଖଣ୍ଡର ସମିଶ୍ରଣ ଅଞ୍ଚଳ ଥିବାରୁ ଏହା ମାଓବାଦୀଙ୍କ ଲୁଚିବା ପାଇଁ ସହାୟକ ସ୍ଥଳ ସାଜିଛି। ଏତେ ଦିନର ଅପରେଶନ ପରେ ଯଦିଓ କିଛି ମାଓବାଦୀ ନେତା ନିହତ ହୋଇଛନ୍ତି ହେଲେ ଏବେ ବି ଟପ ମାଓନେତା ମିଶ୍ରି ବେଶ୍ରା ଓ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଦୁର୍ଦ୍ଧାନ୍ତ ମାଓବାଦୀ ଭୁଶୁଡ଼ି ପଡିଥିବା ସଙ୍ଗଠନକୁ ସୁଦୃଢ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏବେ ବି ଉଭୟ ରାଜ୍ୟ ପୋଲିସ ସାଧାରଣ ଜନତାଙ୍କ ବିଶ୍ୱାସଭାଜନ ନ ହେବା ଯୋଗୁ ଅନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ସକ୍ରିୟ ମାଓବାଦୀଙ୍କୁ ଆତ୍ମସମର୍ପଣ କରାଇବା କ୍ଷେତ୍ରରେ ଏକ ବିରାଟ ପ୍ରତିବନ୍ଧକ ସାଜିଥିବା କାରଣ ଠିକ ବୋଲି ବିବେଚିତ ହେଉଛି । ସତର୍କତା ଅବଲମ୍ବନ ସହ ଗୋଇନ୍ଦା ତଥ୍ୟକୁ ଅଧିକ କ୍ରିୟାଶୀଳ କରିବା ଓ ସାଧାରଣ ଜନତାଙ୍କ ବିଶ୍ୱାସ ଭାଜନ ହେଲେ ଯାଇ ମାଓବାଦୀ ଦମନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି ।

# ବ୍ୟବସାୟୀଙ୍କୁ ଆକ୍ରମଣ କରି ୭ କେଜି ରୁପା ଲୁଟିନେଲେ

ପୁରୁଷୋତ୍ତମପୁର,୬।୪ (ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ସୋମବାର ଦିନ ଦ୍ୱିପ୍ରହରରେ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ତାଙ୍କଠାରୁ ୭ କେଜି ରୁପା ଅଳଙ୍କାର ଲୁଟ ହୋଇଥିବା ଅଭିଯୋଗ ହୋଇଛି। ବ୍ୟବସାୟୀ ଜଣକ ହେଲେ ଗଡ଼ସାହିର ଅଭିମନ୍ୟୁ ନାୟକ(୫୫)।

ସବୁଦିନ ଭଳି ଅଭିମନ୍ୟୁ ରୁପା ଅଳଙ୍କାର ଧରି ବ୍ୟବସାୟ ପାଇଁ ନିଜ ବାଇକ୍‌ରେ ଯାଉଥିଲେ। ହତାପୁର-ଖୋସାଳପଲୀ ରାସ୍ତାରେ ୨ଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ଆକ୍ରମଣ କରି ରୁପା ଅଳଙ୍କାର ଭର୍ତ୍ତି ବ୍ୟାଗ୍‌ଟିକୁ ଲୁଟି ନେଇଛନ୍ତି। ଅଭିମନ୍ୟୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଚିତ୍କାର କରୁଥିବା ବେଳେ ନିକଟସ୍ଥ ଜମିରେ କାମ କରୁଥିବା କେତେଜଣ ବ୍ୟକ୍ତି ଆସି ତାଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଭିମନ୍ୟୁ ଥାନାରେ ଅଭିଯୋଗ କରିଛନ୍ତି। ରାସ୍ତାରେ ବାରମ୍ବାର ବ୍ୟବସାୟୀଙ୍କ ଉପରେ ଆକ୍ରମଣ ନେଇ ବହୁ ବ୍ୟବସାୟୀ ଥାନାକୁ ଯାଇ ଜଣାଇବା ସହ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି କରିଛନ୍ତି।



ଥାନାକୁ ଅଭଯୋଗ ଲାଗି ଆସିଥିବା ବ୍ୟବସାୟୀମାନେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୃଦ୍ଧାଙ୍କୁ ଆକ୍ରମଣ

ଦିଗପହଣ୍ଡି,୬।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ ଝରିପଦର ଗ୍ରାମର ଏନ.କସ୍ତୁରୀ ରେଡ୍ଡୀ(୭୦) ଙ୍କୁ ତାଙ୍କ ପଡୋଶୀ ଭି.ଭିକି ରେଡ୍ଡୀ, ଭି.ମାମି ରେଡ୍ଡୀ ଓ ମାମିଙ୍କ ଭଉଣୀ ଘରୁ ଟାଣି ନେଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ରବିବାର ମଧ୍ୟାହ୍ନରେ ବୃଦ୍ଧା ଜଣକ ଘରେ ଏକୁଟିଆ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଆକ୍ରମଣ କରାଯାଇଥିଲା। ବୃଦ୍ଧାଙ୍କ ଝିଅ ଏନ.ପଦ୍ମା ରେଡ୍ଡୀ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ନଂ.୧୪୬/୨୬ ଅନୁଯାୟୀ ଅଭିଯୁକ୍ତ ମାନଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ତଦନ୍ତକାରୀ ଅଧିକାରୀ ଏସଆଇ ସୋଫିଆ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି। ଘରର କାନ୍ଥ ନିର୍ମାଣକୁ କେନ୍ଦ୍ରକରି ୨ପଡୋଶୀଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି ଶତ୍ରୁତା ଲାଗିରହିଛି। ରବିବାର ମଧ୍ୟାହ୍ନରେ ଜଣେ ଅଚିହ୍ନା ଯୁବକ ମାମିଙ୍କ ଘରକୁ ଆସିଥିଲେ। କସ୍ତୁରୀ ଯୁବକଙ୍କ ପରିଚୟ ମାଗିବାକୁ କେନ୍ଦ୍ରକରି ମାମିଙ୍କ ପୁଅ ଭିକିଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଭିକି, ମାମି ଓ ଭୁଲୁକି ଗ୍ରାମର ମାମିଙ୍କ ଭଉଣୀ ବୃଦ୍ଧାଙ୍କୁ ଆକ୍ରମଣ କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।


# Classified Everyday 0674-2580101, 9692975378



REAL ESTATE
SALE

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH- 16 ସନ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/ General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-03

Now Matrimonial ads. only on Wednesday & Sunday Book 1 Get 1 FREE

Farm house measuring 30 acres in two adjacent patches near Devkund (Mayurbhanj) having Cashew Plantation, Ponds, Three Phase connection with all establishment and machinery for sale. Contact: 8328903885. D-52




All types of physiotherapy and massage contact 9556924059 / 7656969134. D-06

Newly open spa positively health benefits (Expert therapist). Kalpana - 8984846329. D-76957

Newly open SPA health benefits relax refresh good therapist. 8658466886. D-76959

## AFFIDAVIT

I, Santosh Kumar Behera, S/o- Krutibas Behera, R/o- Mani Colony, Panposh, P.O.- Rourkela-04, P.S.- Raghunathpali, Dist.- Sundargarh, Odisha, declare by this affidavit No. 109, dtd. 03.04.2026 that, my actual and correct name is Santosh Kumar Behera but in my Aadhaar Card No. XXXX XXXX 3441 my name has been mentioned as Santosh Ku Behera. That Santosh Ku Behera and Santosh Kumar Behera is one and same person. D-53

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Notary Public, Titilagarh, dt. 06.04.2026, I, Ahalya Rana, W/o- Miniketan Rana, R/o: Village-Ghantabahali, P.O.- Siskela, P.S.- Saintala, Dist.- Balangir (Odisha), PIN- 767032 declare that now I have changed my Son's name from Adrash Rana to Adarsa Rana. Henceforth, he shall be known as Adarsa Rana for all purposes.

Ahalya Rana D-54

By virtue of an affidavit sworn before Notary Public, Puri, dated 01.04.2026, I, Sri Hrushikesh Das, S/o- Mahanta Sri Banshidhar Das, Address: Ramji Matha, Chudanga Sahi, Puri Town, Puri declare that I have changed my name from Kameshwer to Hrushikesh Das. Henceforth, I shall be known as Sri Hrushikesh Das for all purposes. D-56

I, PATHANA DAS (Formerly PRATAP DAS), S/o- Late Dasarathi Das, B. Nuagam, Rangipur, Golanthara, Ganjam, Odisha, PIN- 760003, declare that I have renounced PRATAP DAS and assumed PATHANA DAS. I shall be known as PATHANA DAS in all records and transactions. Request all to recognize me, my wife and children by this name.

Signature:
PRATAP DAS (Former)
PATHANA DAS (New)
Sd./- Deponent D-55

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ଅର୍ଡର ୫, ରୁଲ୍ ୨୦ ଅନୁଯାୟୀ
ଧାମନଗର ମୁକାମ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ ଅଦାଲତ
ମୋକଦ୍ଦମା ନମ୍ବର ୪୯/୯୮(ଚୂଡ଼ାନ୍ତ ଡ଼ିକ୍ରୀ)

ଶ୍ରୀମତୀ କନକଲତା ମହାରଣା ଓଗେର ....ଦରଖାସ୍ତକାରୀମାନେ

(ବନାମ)

ଶ୍ରୀ ଖଗେଶ୍ୱର ମହାରଣା ଓଗେର ......ଅପରପକ୍ଷମାନେ

ଅପରପକ୍ଷ ନ୪ମ୍ବର ରବି ମହାରଣା, ବ୪୦ର୍ଷ, ପିତା- ୰ମାଧ ମହାରଣା, ସା- ମଙ୍ଗରାଜପୁର, ପୋ/ଥାନା- ତିହିଡ଼ି, ଜି- ଭଦ୍ରକ

ଅପରପକ୍ଷଙ୍କ ପ୍ରତି

ଏତଦ୍ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛିକି ଦରଖାସ୍ତକାରୀ ଆପଣଙ୍କ ବିରୁଦ୍ଧେ ନିମ୍ନ ତଫସିଲ ବୃତ୍ତିପକ୍ଷେ ଉକ୍ତ ଚୂଡ଼ାନ୍ତ ଡ଼ିକ୍ରୀ କେସ୍ ଆଗତ କରିଅଛନ୍ତି। ଆପଣଙ୍କୁ ବାରମ୍ବାର ସମନ ପଠାଯାଇଥିଲେ ମଧ ଆପଣ ଜାଣିଶୁଣି ସମନ ଗ୍ରହଣ କରୁନାହାନ୍ତି ଓ କୋର୍ଟରେ ହାଜର ହେଉ ନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଅଛିକି ଆପଣ ତା୨୧।୦୪।୨୬ରିଖ ଦିନ ଘ୭.୩୦ଟିକା ସମୟେ ଅତ୍ର କୋର୍ଟରେ ଆପଣ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ପକ୍ଷ ରଖିବେ ନଚେତ୍ ଗଏର ହାଜରରେ ମୋକଦ୍ଦମା ଆଇନ ଅନୁଯାୟୀ ଫଏସଲା କରାଯିବ।

ତଫସିଲ ବୃତ୍ତି

୧) ଜିଲ୍ଲା- ଭଦ୍ରକ, ମୌଜା ବୟାଙ୍ଗ ଡ଼ିହି, ଖା୨୮୦ତା ଖ୨୮୯ ସଡ଼ା କିସମ ଘରବାରି ଏ୦.୧୨ଡି. ଯାହାକି ସନ୧୩୩୦ ସାଲ ବନ୍ଦୋବସ୍ତର ଖା୯୧୭ତା ଖ୩୭୭ ସଡ଼ା ଏ୦.୧୭ଡି.ର ଅଂଶବିଶେଷ ଅଟେ। ୨) ଜି- ଭଦ୍ରକ, ମୌଜା- ବୟାଂଡ଼ିହି ଖା୬୬ତା ଖ୨୮୪ସଡ଼ା କିସମ ଘରବାରି ଏ୦.୦୫ଡି, ଯାହାକି ସନ ୧୩୩୦ ସାଲ ବନ୍ଦୋବସ୍ତର ଖା୯୧୭ତା ଖ୩୭୭ ସଡ଼ା ଏ୦.୧୭ଡି. ଅଂଶବିଶେଷ ଅଟେ।

ଆମ୍ଭର ସ୍ୱାକ୍ଷର ଅତ୍ର ଅଦାଲତର ମୋହର ଯୁକ୍ତେ ଦିଆଗଲା
ସିଜେଜେଡି, ଧାମନଗର

ଧ-୫୧

# ଚିନ୍ତା ବଢ଼ାଉଛି ନୂଆ ଅବକାରୀ ନୀତି

**କଳାହାଣ୍ଡି ଅବକାରୀ ରାଜସ୍ୱ**

**ଟାର୍ଗେଟ ୧୦୧ କୋଟି, ଆଦାୟ ୮୭କୋଟି ୮୩ଲକ୍ଷ**

ଭବାନୀପାଟଣା, ୬।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଦେଶୀ ଓ ବିଦେଶୀ ମଦର ଚାହିଦା ପ୍ରତିବର୍ଷ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଗତବର୍ଷ ସରକାର ୩୩ ପ୍ରତିଶତ ରାଜସ୍ୱ ଆଦାୟ ଟାର୍ଗେଟ ଦେଇଥିଲେ। ଜିଲା ଉପରେ ୧୦୧ କୋଟି ଟଙ୍କାର ରାଜସ୍ୱ ଆଦାୟ ଲଦିଦିଆଯାଇଥିବାବେଳେ ୨୦୨୫-୨୬ ବର୍ଷରେ ଆଦାୟ ହୋଇଛି ୮୭କୋଟି ୮୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା। ଏବେ ପୁଣି ସରକାରଙ୍କ ନୂଆ ଅବକାରୀ ନୀତି ଦ୍ୱାରା ଜିଲାରେ ମଦ ଭାସିବ। ଜିଲାରେ ଦୁଇଟି ଇକୋ ରିଟ୍ରିଟ ଜାକମ ଓ ରାବନଦର ଥିବାବେଳେ ବହୁ ସଂଖ୍ୟାରେ ନଦୀ, ନାଳ, ଝରଣା, ପୋଖରୀ ଓ ଡ୍ୟାମ୍ ରହିଛି। ଅବକାରୀ ନୀତି ପ୍ରକାରେ ଏହିସବୁ ସ୍ଥାନରେ ମଦ ବିକ୍ରି ହୋଇପାରିବ। 'ମଦ କୁଟୀର' ନାଁରେ ଯେ କେହି ଆବେଦନ କରି ମଦ ବିକ୍ରିର ସୁଯୋଗ ପାଇପାରିବେ। ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ଭାଗବତ ଟୁଙ୍ଗି ପଛେ ଚୁଲିକୁ ଯାଉ, ମଦ କୁଟୀର ଖୋଲାଯାଇ ବିକ୍ରିହେଉ ନୀତି ଆପଣେଇ ନେଇଛନ୍ତି। ପର୍ଯ୍ୟଟନ ବିଭାଗ ଜରିଆରେ ମଦ କୁଟୀର ପାଇଁ ଆବେଦନ କଲେ ତାହା ବିଚାରକୁ ନିଆଯିବ ବୋଲି ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଜିଲାବ୍ୟାପୀ ହାତପାହାନ୍ତରେ ଦେଶୀ ବିଦେଶୀ ମଦ ମିଳୁଥିବା ସମୟରେ ସରକାର ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଆଉଟିକେ ସୁବିଧାଜନକ ବ୍ୟବସ୍ଥା ହାତକୁ ନେଇ ରାଜସ୍ୱ ବୃଦ୍ଧିର ନୂଆ କୌଶଳ ପ୍ରଣୟନ କରିଛନ୍ତି। ପ୍ରତିବର୍ଷ ଜିଲାରେ ସଡକ ଦୁର୍ଘଟଣାରେ ପ୍ରାୟ ୧୭୫ରୁ ୨୦୦ଜଣଙ୍କ ଜୀବନ ଯାଉଛି। ଅଧିକାଂଶ ଦୁର୍ଘଟଣା ମଦପିଇ ଘଟୁଥିବା ସତ୍ତ୍ୱେ ମଦର ବହୁଳ ବିକ୍ରି ସମସ୍ତଙ୍କ ଚିନ୍ତା ବଢ଼ାଇଦେଇଛି। ମଦ ପିଉଥିବା ବ୍ୟକ୍ତି ଟିକେ ଦୂରରେ ଥିବା ସରକାରୀ ଭାଟିକୁ ନ ଯାଇ କୋଚିଆ ହୁଅନ୍ତୁ କି ଚୋରା ବେପାରୀଙ୍କ ପାଖରେ ପହଞ୍ଚି ମଦ କିଣୁଥିବା ନିତିଦିନିଆ ଘଟଣା ହୋଇସାରିଛି। ସେମାନଙ୍କୁ ସାବାଡ଼ କରିବା ସମ୍ଭବ ହେଉନାହିଁ ବୋଲି ଖୋଦ ଅବକାରୀ ଅଧୀକ୍ଷକ ଅନେକ ସମୟରେ କହିଛନ୍ତି। କେଉଁଠି ନକଲି ମଦର କାରଖାନା ଚାଲୁଛି ତ କିଏ ବିଲ ନ ଦେଇ ମଦ ବିକ୍ରି କରୁଛି। ବିକ୍ରିବଟାରେ କୌଣସି ଅଙ୍କୁଶ ରହୁନାହିଁ। ୨୦୧୯ ବର୍ଷରେ ସରକାରଙ୍କ ଅବକାରୀ ବିଭାଗ କଳାହାଣ୍ଡି ପାଇଁ ୪୨କୋଟି ଟଙ୍କାର ଟାର୍ଗେଟ ଦେଇଥିବାବେଳେ ରାଜସ୍ୱ ଆଦାୟ ହୋଇଥିଲା ୪୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା। ଚଳିତ ଆର୍ଥିକ ବର୍ଷ ପାଇଁ ଟାର୍ଗେଟ ୧୦୧କୋଟି ଥିବାବେଳେ ଜାନୁଆରୀ ସୁଦ୍ଧା ୮୭କୋଟି ୮୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇସାରିଛି। ମଦର ବହୁଳ ବିକ୍ରି କେବଳ ଟାର୍ଗେଟଠାରୁ ରାଜସ୍ୱ ଆଦାୟ ବୃଦ୍ଧି କରୁଛି ତା'ନୁହେଁ ହିଂସାକାଣ୍ଡ, ଦୁର୍ଘଟଣା ଓ ଅସାମାଜିକ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି କରିଚାଲିଛି। ଅନ୍ୟପକ୍ଷରେ ଟାର୍ଗେଟ ପୂରଣ ପାଇଁ ଅବକାରୀ ବିଭାଗ ଯେଉଁ ଚଢ଼ାଉ କରିଛି ତାହା ଆଶ୍ଚର୍ଯ୍ୟଜନକ। ଚଳିତବର୍ଷ ପ୍ରାୟ ୯କୋଟି ୬ଲକ୍ଷ ଟଙ୍କାର ବେଆଇନ ମଦପୋଚ ନକଲି ଦେଶୀ ବିଦେଶୀ ମଦ, ଗଞ୍ଜେଇ ଓ ମହୁଲ ଫୁଲ ଜବତ ହୋଇଛି। ତତ୍‌ସହିତ ୧୨୯ଟି ଦୁଇ ଚକିଆ ଯାନ ଓ ୧୭ଟି ଚାରିଚକିଆ ଯାନ ଧରାପଡ଼ିଥିବା କୁହାଯାଇଛି। ଜିଲାରେ ଅନ୍‌ସପ୍ ୨୨ଟି ଥିବାବେଳେ ଅଫ୍‌ସପ୍ ୩୪ଟି ରହିଛି। ଆସନ୍ତା ମାସରୁ ଅଫ୍‌ସପ୍ ଲାଗି ଟେଣ୍ଡର ଡକାଯାଇ ଲଟେରି ଉଠାଯିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ମଦ ବିକ୍ରି ପରେ ବିଲ ପୈଠ କରାଯିବା କଥା। ତାହା କାଁ ଭାଁ କେଉଁଠି ଦିଆଯାଉଛି। ତଥ୍ୟ ଅନୁସାରେ ଗତ ବର୍ଷ ଏପ୍ରିଲରୁ ବର୍ତ୍ତମାନ ସୁଦ୍ଧା ୩୧୪୬ଟି ଅବକାରୀ ମାମଲା ହୋଇଥିବାବେଳେ ୯୪୩୯୫୦ କେଜି ପୋଚ, ବେଆଇନ ରନ୍ଧା ମଦ ୬୬୬୧୪ ଲିଟର, ବେଆଇନ ସରକାରୀ ଦେଶୀ ମଦ ୧୪୫୧୮ ଲିଟର ଚଢ଼ାଉ ବେଳେ ଜବତ ହୋଇଛି। ହେଲେ ନକଲି ମଦ କାରବାର ବହୁଳ ଭାବେ ଚାଲିଥିବା ସତ୍ତ୍ୱେ ଧରାପଡିଛି କେବଳ ୩୮୯ଲିଟର। ଗତ ବର୍ଷ ମୁଖିଗୁଡ଼ାରେ ନକଲି ମଦ କାରଖାନା ଉପରେ ଚଢ଼ାଉ କରିବା ସମୟରେ ବିପୁଳ ପରିମାଣର ମଦ ଓ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଥିଲା। କଳାହାଣ୍ଡି ଜିଲାରେ ନକଲି ମଦ ଏବଂ ଗଳିକନ୍ଦିରେ ଯେଉଁଭଳି ମଦ ବିକ୍ରି ଚାଲିଛି ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଲେ ଦୁର୍ଘଟଣା ହ୍ରାସ ପାଇବା ସହିତ ଅସାମାଜିକ ତତ୍ତ୍ୱଙ୍କ ଦୌରାତ୍ମ୍ୟ ରୋକାଯାଇପାରିବ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି।




## ସଂକ୍ଷେପରେ

### ଭାଜପାର ପ୍ରତିଷ୍ଠା ଦିବସ

ବୋଡ଼େନ,୬।୪ (ଟିକେଶ୍ୱର ନାଗ): ନୂଆପଡ଼ା ଜିଲା ବୋଡ଼େନ ଭାଜପା କାର୍ଯ୍ୟାଳୟଠାରେ ପାତାଳଗଙ୍ଗା ମଣ୍ଡଳ ସଭାପତି ନୀଳାମ୍ବର ମେହେରଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସେହିପରି ସପେନେଶ୍ୱର ମଣ୍ଡଳ ସଭାପତି ରାଜ କିଶୋର ହେର୍ଣ୍ଣାଙ୍କ ସଭାପତିତ୍ୟରେ ଆମଗୁଡ଼ାଠାରେ ମଣ୍ଡଳସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ସଭାରେ ପୂର୍ବତନ ଖଡିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଓ ସାଂସଦ ପ୍ରତିନିଧି ଲମ୍ବୋଦର ନିଆଲ, ପୂର୍ବତନ ମଣ୍ଡଳ ସଭାପତି ବିଜୟ ବେହେରା, ହରି ପ୍ରଧାନୀ, ଇଲୁଆସ ମହମ୍ମଦ, ମହେନ୍ଦ୍ର କୁମାର ଅଗ୍ରୱାଲ, ଜ୍ୟୋତି କୁମାର ଦଣ୍ଡସେନା ସମେତ ଦୁଇଟି ମଣ୍ଡଳର କର୍ମକର୍ତ୍ତା ଯୋଗଦାନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦଳୀୟ କାର୍ଯ୍ୟକର୍ତ୍ତା।

### ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ଖଡ଼ିଆଳ,୬।୪(ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁନୀଲ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଯୁକ୍ତଦୁଇ ଅଧକ୍ଷ ଡ଼. ରଣବୀର ସିଂହ ମୁଖ୍ୟ ଅତିଥି ଓ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ଼. ତରୁଣ କୁମାର ପ୍ରଧାନ, କ୍ରୀଡ଼ା ଶିକ୍ଷକ ଡ଼. ସରୋଜ କୁମାର ପଣ୍ଡା, ବିଭାଗୀୟ ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା ଅର୍ପିତା ମଞ୍ଜରୀ ପଣ୍ଡା, ଅଧ୍ୟାପିକା ପାୟଲ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବାଣିଜ୍ୟ ବିଭାଗର ଛାତ୍ର ସଂକଳ୍ପ ତ୍ରିବେଦୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶୃଙ୍ଖଳିତ ରାଜନୀତି ସମାଜ ତଥା ଜାତି ଗଠନରେ କିପରି ନିୟୋଜିତ ହୋଇପାରିବ ସେ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶେଷରେ ଦ୍ୱିତୀୟବର୍ଷ ଛାତ୍ରୀ ପରି ଟଣ୍ଡନ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଆପଥର ବର୍ଷା, ଯାତାୟାତ ବାଧାପ୍ରାପ୍ତ



ଭବାନୀପାଟଣା,୬।୪(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡରେ ସୋମବାର ମଧ୍ୟାହ୍ନରେ ପ୍ରବଳ ଝଡ଼ବର୍ଷା ସହ କୁଆପଥର ବର୍ଷା ହୋଇଥିଲା। ବିଶେଷ କରି ଉପଖଣ୍ଡର ଧର୍ମଗଡ଼ ଓ ଜୁନାଗଡ଼ରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। କୁଆପଥର ମାଡ଼ ଯୋଗୁ ଧର୍ମଗଡ଼-ଭବାନୀପାଟଣା-ଛତିଶଗଡ ଜାତୀୟ ରାଜପଥ ୧୩୦ ସି'ରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି କୁଆପଥର ମାଡ଼ରେ ଆମ୍ବ ସହ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି, ଯାହାକୁ ନେଇ ସ୍ଥାନୀୟ ଚାଷୀମାନେ ଚିନ୍ତାରେ ଅଛନ୍ତି। ଅନ୍ୟପଟେ ଜୋ ପବନବର୍ଷା ଯୋଗୁ ଦୀର୍ଘ ସମୟ ଧରି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

# ୯୧ ଅଭିଯୋଗର ଶୁଣାଣି କଲେ ଜିଲାପାଳ




ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି ଜିଲାପାଳ।

ନୂଆପଡ଼ା,୬।୪ (ମକାରୁ ବେମାଲ)

ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶଙ୍କ ସହ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ୍ ଖାନ୍, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ ମାଧବୀ ଲତା, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଣଜିତ ନାୟକ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୮୧ଟି ବ୍ୟକ୍ତିଗତ ଓ ୧୦ଟି ଗୋଷ୍ଠୀଗତ ଏଭଳି ମୋଟ ୯୧ ଅଭିଯୋଗର ଜିଲାପାଳ ଶୁଣାଣି କରିଥିଲେ। ଏହିସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ବେଦବାଇ ଶବର ଓ ଜାନକୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ତତ୍କାଳ ସହାୟତା ପ୍ରଦାନ କରିଥିଲେ। ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ପ୍ରକାଶ ସାହୁ, ଡେପୁଟି କଲେକ୍ଟର ଚିନ୍ମୟ ସାଗର ଓ ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଅପରାହ୍ନରେ ବିରୋମାଲ ପଞ୍ଚାୟତରେ ପରିବର୍ଦ୍ଧିତ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପ୍ରବାସୀ ଶ୍ରମିକ ସଚେତନତା, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୂଆପଡ଼ା,୬।୪ (ମକାରୁ ବେମାଲ): ନୂଆପଡ଼ା ସଦର ବ୍ଲକ କେନ୍ଦୁବାହାରା ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା (ପିଇଟି) ଶିକ୍ଷୟିତ୍ରୀ ଗୋଦାବରୀ ରାଉତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ଶିକ୍ଷକ ସଂଘ ବ୍ଲକ ସଭାପତି ଜିତେନ୍ଦ୍ର ଖମାରୀ ମୁଖ୍ୟଅତିଥି, ଶାରୀରିକ ଶିକ୍ଷା ଶିକ୍ଷକ ମହତାବ ଆଡ଼ୟୁଆଡ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ତାଙ୍କ ନିରାମୟ ଜୀବନ କାମନା କରିଥିଲେ। ସଭାରେ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ କିଶୋର ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସୀମା ସାହୁ ଧନ୍ୟବାଦ ଦେଇଥିଲେ।

# ଆଦିବାସୀ ସଂସ୍କୃତି ଭବନ ପାଇଁ ପ୍ରକ୍ରିୟା ଆରମ୍ଭ

ଥୁଆମୂଳ ରାମପୁର, ୬।୪ (ଦୁର୍ଗା କୀର୍ତ୍ତି)

**ପୁରୁଣା ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ**

ଥୁଆମୂଳ ରାମପୁରରେ ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ସରକାର ନୂତନ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଆଇଟିଡିଏ ପକ୍ଷରୁ ଜମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ପତ୍ର ଲେଖାଯାଇଥିବା ବେଳେ ଏହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଉତ୍ସାହ ମଧ୍ୟରେ ପର୍ଯ୍ୟଟନ ସ୍ଥଳୀ କୋଷାବରା 'ହେଲୋ ପଏଣ୍ଟ'ଠାରେ ଅଧାପନ୍ତରିଆ ହୋଇପଡ଼ିଥିବା ଆଦିବାସୀ ସଂଗ୍ରହାଳୟର କାର୍ଯ୍ୟକାରିତାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ 'ହେଲୋ ପଏଣ୍ଟ'ଠାରେ ଏକ ସଂଗ୍ରହାଳୟ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଦିବାସୀଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର, ବେଶଭୂଷା ଓ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀକୁ ସଂରକ୍ଷିତ କରି ରଖିବା। ମାତ୍ର ପ୍ରାଚୀନ ସାମଗ୍ରୀ ବଦଳରେ ସଂଗ୍ରହାଳୟ ଗୃହ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପୂର୍ବରୁ ଥିବା ସଂଗ୍ରହାଳୟକୁ ସମ୍ପୂର୍ଣ୍ଣ ନ କରି ନୂଆ ପ୍ରକଳ୍ପ ଘୋଷଣା କରିବା ପ୍ରହସନ ନୁହେଁ କି ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଅଞ୍ଚଳବାସୀଙ୍କ ମତରେ, ସରକାର ପ୍ରଥମେ ହେଲୋ ପଏଣ୍ଟ ସଂଗ୍ରହାଳୟକୁ ଗୁରୁତ୍ୱ ଦେଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରନ୍ତୁ। ପ୍ରଶାସନ ଏହି ଦିଗରେ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୨୨ ଅଭିଯୋଗର ତତ୍କାଳ ସମାଧାନ



ଜିଲାପାଳ ଜଣେ ଦିବ୍ୟାଙ୍ଗଙ୍କୁ ସ୍ୱୟଂଚାଳିତ କୃତ୍ରିମ ହାତ ପ୍ରଦାନ କରୁଛନ୍ତି।

ଭବାନୀପାଟଣା,୬।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୨୭ ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୮୧ ଓ ସାମୂହିକ ୨୪ ରହିଥିବାବେଳେ ୨୨ ଆପତ୍ତି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜଣେ ଦିବ୍ୟାଙ୍ଗଙ୍କୁ ସ୍ୱୟଂଚାଳିତ କୃତ୍ରିମ ହାତ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ହରେକୃଷ୍ଣ ଶତପଥି, ମୁଖ୍ୟ ନିର୍ବାହୀ ଯନ୍ତ୍ରୀ (ପୂର୍ତ୍ତ) ଶିବାଜୀ ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷରେ ସ୍ୱଚ୍ଛତା ଅଭିଯାନ

ଖଡ଼ିଆଳ,୬।୪ (ସୁଜିତ କୁମାର ପ୍ରଧାନ)

ଓଡ଼ିଆ ପକ୍ଷ ଅବସରରେ ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ. ରଣବୀର ସିଂହଙ୍କ ଅଧକ୍ଷତାରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ. ସୁରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରୁ ଅଳିଆ ଆବର୍ଜନ ସଫା କରାଯାଇ ତାହାକୁ ପୋଡ଼ିଦିଆଯାଇଥିଲା। ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ତରୁଣ କୁମାର ପ୍ରଧାନ, ଛାତ୍ରକଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ଡ. ମହାଦେବ ଭୋଇ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ।

# ଓଡ଼ିଆ ଭାଷା ପଢ଼ିବା, ଲେଖିବାକୁ ଆହ୍ୱାନ



ଗଣଦୌଡ଼ରେ ସାମିଲ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ।

ନୂଆପଡ଼ା,୬।୪ (ମକାରୁ ବେମାଲ)

ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ନୂଆପଡ଼ାରେ ଏକ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଜିଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଗଣଦୌଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ଶ୍ରମ ଅଧିକାରୀ ଜସ୍ମିନ ସାହୁ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବାର୍ଲା, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାରଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ, କ୍ରୀଡ଼ାବିତ, ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ। ବିଭିନ୍ନ ସ୍କୁଲ ଓ କଲେଜର ପ୍ରାୟ ୫୩୨ ଛାତ୍ରୀଛାତ୍ର ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଜିଲାପାଳ ଗଣଦୌଡର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସହ ସମସ୍ତଙ୍କୁ ଓଡ଼ିଆ ଭାଷା ପଢ଼ିବା, ଲେଖିବା ଓ କହିବା ପାଇଁ ଆହ୍ୱାନ ଦେଇଥିଲେ। ବିବାହ କିମ୍ବା ଅନ୍ୟ ନିମନ୍ତ୍ରଣ ପତ୍ର ଓଡ଼ିଆ ଭାଷାରେ ଲେଖିବାକୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ଧାନଖଳା

କେସିଙ୍ଗା,୬।୪ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଶିରୋଲ ଗ୍ରାମ ପଞ୍ଚାୟତରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଥିବା ଧାନଖଳାକୁ ନେଇ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ଚାଷୀଙ୍କ ସୁବିଧା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ଖଳା ନିର୍ମାଣ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କଳାହାଣ୍ଡି ପକ୍ଷରୁ ୭ଲକ୍ଷ ୩୨ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଶିରୋଲ ଗ୍ରାମର ଜଣେ ଠିକାଦାରଙ୍କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଏହି ଖଳା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ଗ୍ରାମର ଚାଷୀ ଧାନ କାଟି ଏହି ଖଳାରେ ମଡ଼ାଇ ସୁବିଧାରେ ଘରୁ ନେଇପାରିଥାନ୍ତେ। କିନ୍ତୁ ଠିକାଦାର ଜଣକ ଖଳାର ଚତୁଃପାର୍ଶ୍ୱରେ ଫାଉଣ୍ଡେଶନ ଉଠାଇ ନୀରବ ରହିଗଲେ। ଖଳା ଉପରେ ଆଉ କଂକ୍ରିଟ କରାଗଲା ନାହିଁ। ଫଳରେ ଦୀର୍ଘ ୩ବର୍ଷ ହେଲା ଏହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଏ ନେଇ ଚାଷୀମାନେ ବ୍ଲକ ପ୍ରଶାସନକୁ ଅଭିଯୋଗ କରିଥିଲେ ସୁଦ୍ଧା ସୁଫଳ ପାଇନାହାନ୍ତି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରୁ ଠିକାଦାର କାମ ନ କରିବାରୁ ଖଳା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି, ଏହାର ବିଲ ମଧ୍ୟ କରାଯାଇ ନାହିଁ ବୋଲି ସେ ପ୍ରକାଶ କରିଥିଲେ। କାମଟି ଅନ୍ୟ ଠିକାଦାରଙ୍କୁ ଦିଆଯାଇ ସମ୍ପୂର୍ଣ୍ଣ କରିବାକୁ ଚାଷୀମାନେ ବିଡିଓଙ୍କ ନିକଟରେ ଦାବି କରିଛନ୍ତି।



ଅର୍ଦ୍ଧନିର୍ମିତ ଧାନଖଳା।

# ପାହାଡ଼ ଚଢ଼ି ଆଦିବାସୀଙ୍କ ଦୁଃଖ ବୁଝିଲେ ସିଡିଓ

ଥୁଆମୂଳ ରାମପୁର, ୬।୪ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କନ୍ଦାଗୁଡ଼ା, କେନ୍ଦୁଗୁଡ଼ା ଓ ଦେର୍ଲାଠି ଭଳି ଅପହଞ୍ଚ ଗ୍ରାମଗୁଡ଼ିକରେ ପ୍ରଥମ କରି ପହଞ୍ଚିଛି ଜିଲା ପ୍ରଶାସନ। କଳାହାଣ୍ଡି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଆଇଏଏସ୍ ସୌମ୍ୟ ରଞ୍ଜନ ପ୍ରଧାନ ଶନିବାର ଏକ ଉଚ୍ଚସ୍ତରୀୟ ଟିମ୍ ସହ ପ୍ରାୟ ୧୦ କି.ମି. ପାହାଡ଼ିଆ ଦୁର୍ଗମ ପଥ ଅତିକ୍ରମ କରି ଏହି ଗ୍ରାମଗୁଡ଼ିକରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ପରିଦର୍ଶନ ସମୟରେ ସିଡିଓ ପ୍ରଧାନ ବିଶେଷ କରି ଦେର୍ଲାଠି ଗ୍ରାମର ସମସ୍ୟା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଗ୍ରାମର ୨୨ ପରିବାର ମଧ୍ୟରୁ ୯ ପରିବାର ପାହାଡ଼ ତଳେ ଝାଟିମାଟି ଘରେ ରହୁଥିବା ବେଳେ ବାକି ୧୩ ପରିବାର ଆଜି ବି ପାହାଡ଼ ଶିଖରରେ ରହୁଛନ୍ତି। ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସିଡିଓ କନ୍ଦାଝାପି ନିକଟରେ ଏକ ସ୍ୱତନ୍ତ୍ର 'କ୍ଲଷ୍ଟର କଲୋନି' ନିର୍ମାଣ ପାଇଁ ଯୋଜନା କରିଛନ୍ତି। ଏହି ଯୋଜନା ଅଧୀନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସମସ୍ତ ପରିବାରକୁ ପକ୍କାଘର ସହ ପାନୀୟ ଜଳ, ବିଜୁଳି, ପକ୍କା ରାସ୍ତା, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ସିଡିଓଙ୍କ ସହ ଗସ୍ତରେ ଏପିଡି ଅମୂଲ୍ୟ ବାଉଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ପ୍ରତାପ ସାହୁ, ବିପିସି ରାଜେନ୍ଦ୍ର ନାରାୟଣ ଦେବ, ପିଇଓ ବସିଷ୍ଠ ସବର, ଗୋରା ସିଂ ମାଝୀ, ଜିଆର୍‌ଏସ୍ ବୈକୁଣ୍ଠ ଦିଶାରି ପ୍ରମୁଖ ସାମିଲ ଥିଲେ। ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଥିଲେ ହେଁ ଏହି ଯୋଜନା ଯେମିତି କାଗଜକଲମରେ ସୀମିତ ନ ରହେ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



ଗ୍ରାମବାସୀଙ୍କ ସହ ଆଲୋଚନା ଅବସରରେ ସିଡିଓ ଓ ଅନ୍ୟ ଅଧିକାରୀ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ବୌଦ୍ଧ,୬।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଭୁତି ଭୁଷଣ ନାୟକ ଯୋଗ ଦେଇ ଜନଶୁଣାଣିର ଶୁଭାରମ୍ଭ କରିଥିଲେ। ଶିବିରରେ ସମୁଦାୟ ୮୬ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ୭୭ ଅଭିଯୋଗ ଥିବା ବେଳେ ୯ ଗୋଟି ସାମୁହିକ ଅଭିଯୋଗ ଥିଲା। ଶିବିରରେ ୧୭ଗୋଟି ଅଭିଯୋଗର ତତ୍‌କାଳ ଫଇସଲା ହୋଇଥିଲା। ଶିବିରରେ ଚାରି ଜଣଙ୍କୁ ୧୮,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୟସ ତୁଳନାରେ ବଢୁନି ଶରୀର

ସୋନପୁର,୬।୪(ମୃତ୍ୟୁଞ୍ଜୟ ଶତପଥୀ)



■ ଚାଲିପାରୁନାହାନ୍ତି କି ଭଲ ଭାବେ ଖାଉନାହାନ୍ତି
■ ଗୀତାଞ୍ଜଳିଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ମା, ବାପା ଚିନ୍ତାରେ

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଟିକ୍ରାପଡାର ଚନ୍ଦ୍ରାବତୀ ଓ ସୁବଳ ମେହେରଙ୍କ ଅଲିଅଳ ଝିଅ ଗୀତାଞ୍ଜଳି(୨୨)। ସେ ଯୁକ୍ତ ୩ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ମା' ଚନ୍ଦ୍ରାବତୀ ଓ ବାପା ସୁବଳ ଚିନ୍ତିତ ହୋଇ ପଡିଛନ୍ତି। ଗୀତାଞ୍ଜଳିଙ୍କ ଶରୀର ବଢୁନି। ଯିଏ ଦେଖିବେ ତାଙ୍କୁ ୩ ବର୍ଷର ଶିଶୁ ଭାବିବେ। ଚଲାବୁଲା ଆଦୌ କରି ପାରୁନାହାନ୍ତି। ଭଲ କରି ଖାଉନାହାନ୍ତି। ସବୁବେଳେ ମା' ଓ ବାପା ତାଙ୍କୁ କୋଳରେ ଧରି ବୁଲୁଛନ୍ତି। ତାଙ୍କର ଜିନ୍‌ଗତ ସମସ୍ୟା କି ହରମୋନ ଜନିତ ତୃଟି ରହିଛି ତାହା ସ୍ପଷ୍ଟ ହୋଇପାରିନି। ଗରିବ ବୁଣାକାର ପରିବାର କିଭଳି ଝିଅର ଉଚ୍ଚତର ଚିକିତ୍ସା କରିବେ ସେଇ ଚିନ୍ତାରେ ଅଛନ୍ତି।

ଚନ୍ଦ୍ରକାନ୍ତୀ ଓ ସୁବଳଙ୍କର ୩ ଝିଅ ଗୋଟିଏ ପୁଅ। ବଡ ଝିଅ ବାହା ହୋଇ ଶ୍ୱଶୁର ଘରକୁ ଗଲାଣି। ସାନ ଝିଅ ଓ ପୁଅ ବେଶ ସୁସ୍ଥ ସବଳ। ତେବେ ମଝିଆ ଝିଅ ଗୀତାଞ୍ଜଳିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ମା' ଚନ୍ଦ୍ରକାନ୍ତୀ କୁହନ୍ତି ଚତୁର୍ଥ ଶ୍ରେଣୀରେ ପଢିବା ପର୍ଯ୍ୟନ୍ତ ଝିଅ ଭଲ ଥିଲା। ପାଠ ପଢିବା ସହ ଖେଳକୁଦ କରୁଥିଲା। ହଠାତ୍ ଜ୍ୱର ହେବା ପରେ ଗୀତାଞ୍ଜଳିଙ୍କ ହାତଗୋଡ ମୋଡି ହୋଇ ଯାଇଥିଲା। ସେ ମୁର୍ଚ୍ଛା ହୋଇ ଯାଇଥିଲେ। ଝିଅର ଚିକିତ୍ସା ପାଇଁ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଡାର୍ଫିଜିମ୍ ରୋଗ ବୋଲି କହିଥିଲେ। ଯେତେ ଚିକିତ୍ସା କଲେ ମଧ୍ୟ ଝିଅ ସ୍ୱାସ୍ଥ୍ୟ ଭଲ ହେବା ବଦଳରେ ବିଗିଡିବାରେ ଲାଗିଲା। ବାପା ସୁବଳ ଝିଅକୁ ସାଇକେଲରେ ବସାଇ ସ୍କୁଲ ଠାରୁ କଲେଜ ପର୍ଯ୍ୟନ୍ତ ନେଲେ। ଗୀତାଞ୍ଜଳି ଭଲ ପାଠ ପଢିବା ସହ ବିଏ ପାସ କରିଛନ୍ତି। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହେବାରେ ଲାଗିଛି। ଧାର କରଜ କରି ଝିଅର ଚିକିତ୍ସା କରିବା ପରେ ମଧ୍ୟ ସ୍ୱାସ୍ଥ୍ୟର ଉନ୍ନତି ହୋଇନି। ଏଥିପାଇଁ ଅଧିକ ଅର୍ଥ ଆବଶ୍ୟକ। କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସହାୟତା କରିବାକୁ ମା' ଚନ୍ଦ୍ରକାନ୍ତୀ ଓ ବାପା ସୁବଳ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ କୁହନ୍ତି, ଝିଅର ପିଟ୍ୟୁଟାରି ଗ୍ଲାଣ୍ଡରେ ସମସ୍ୟା ଅଛି। ହରମୋନ କ୍ଷରଣ ନ ହେବାରୁ ସ୍ୱାସ୍ଥ୍ୟଗତ ସମସ୍ୟ ଦେଖା ଦେଇଛି। ପରୀକ୍ଷା କଲା ପରେ ରୋଗର ଠିକ୍ କାରଣ ଜଣାପଡିବ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଡାକ୍ତର ଦାଶ କହିଛନ୍ତି।

# ସିନ୍ ରିକ୍ରିଏସନ କଲା ପୋଲିସ

ଅମରପାଲି,୬।୪(ପୀତାମ୍ବର ସାହୁ)

## ଗାଁଦାଣ୍ଡରେ ଯୁବକଙ୍କୁ ପିଟି ହତ୍ୟା ଘଟଣା, ଆଉ ୨ଗିରଫ



ପିତାମହୁଲ ହତ୍ୟାକାଣ୍ଡରେ ଗିରଫ ୨ ଅଭିଯୁକ୍ତ।

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ଗାଁ ଦାଣ୍ଡରେ ସୁମନ୍ତ ରଣା(୩୯)ଙ୍କୁ ପିଟି ପିଟି ହତ୍ୟା ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପିତାମହୁଲ ଗ୍ରାମର ପ୍ରାଣବନ୍ଧୁ ସାହୁ( ୩୯) ଓ ପିଙ୍କୁ ଜେନା (୩୫)। ଉଭୟଙ୍କୁ ପୋଲିସ କଟକରୁ ଗିରଫ କରିଛି। ଧରିବା ପରେ ଉଭୟଙ୍କୁ ପୋଲିସ ସୋମବାର ହତ୍ୟାକାଣ୍ଡସ୍ଥଳକୁ ଆଣି ସିନ୍ ରିକ୍ରିଏସନ କରିଥିଲା। ହତ୍ୟା କାଣ୍ଡରେ ବ୍ୟବହୃତ ଏକ ଇଟା ଏବଂ ଠେଙ୍ଗାକୁ ଜବତ କରିଛି ପୋଲିସ। ଗତ ମାର୍ଚ୍ଚ ୨୫ ତାରିଖରେ ପିତାମହୁଲ ଗାଁ ଦାଣ୍ଡରେ ବସି ସୁମନ୍ତ ଅନ୍ୟ କେତେଜଣଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ଦୁଇ ଅଭିଯୁକ୍ତ ସୁମନ୍ତଙ୍କୁ ଏକ ଇଟାରେ ଆକ୍ରମଣ କରିବା ସହିତ ଠେଙ୍ଗାରେ ପିଟି ଥିଲେ। ଫଳରେ ସୁମନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ବଡ଼ଭାଇଙ୍କ ଅଭିଯୋଗ ଆଧାରରେ ସୁବଳୟା ଥାନାରେ ଏକ ମାମଲା(ନଂ. ୫୪/୨୬) ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଥିଲା। ଏହି ହତ୍ୟାକାଣ୍ଡ ପାଇଁ ଉସୁକାଇ ଥିବା ଅଭିଯୋଗରେ ପୋଲିସ ପିତାମହୁଲ ଗ୍ରାମର ନନ୍ଦକିଶୋର ମହାକୁର ଓ ତାଙ୍କ ପୁଅ ନୀଳମଣି ମହାକୁରଙ୍କୁ ଗତ ମାର୍ଚ୍ଚ ୨୮ରେ ଗିରଫ କରିଥିଲା। ତେବେ ଉଭୟ ଅଭିଯୁକ୍ତ ଫେରାର ଥିବାରୁ ପୋଲିସ ସେମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଗତ ରବିବାର ରାତିରେ ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଯାଇଥିବା ଏକ ପୋଲିସ ଟିମ ଉଭୟଙ୍କୁ କଟକରୁ ଗିରଫ କରିଥିଲା। ଏହି ଘଟଣାରେ ଏ ଯାଏ ୪ଜଣଙ୍କୁ ପୋଲିସ ଗିରଫ କରି ସାରିଲାଣି।

# ଶ୍ରୀରାମଲୀଳା: ତରଣୀସେନ ବଧ ମଞ୍ଚସ୍ଥ

ବୌଦ୍ଧ,୬।୪(ଅଜିତ କୁମାର ବାରିକ)

ବୌଦ୍ଧ ଗଡଜାତର ଗଣପର୍ବ ଶ୍ରୀରାମଲୀଳା ଯାତ୍ରା ରଘୁନାଥ ମନ୍ଦିରର ମାରୁତିମଣ୍ଡପରେ ରାମନବମୀଠାରୁ ଚାଲିଆସୁଥିବା ବେଳେ ରବିବାର ଯାତ୍ରାର ଏକାଦଶ ଦିବସ ଥିଲା। ଏହି ଦିବସରେ ମଞ୍ଚସ୍ଥ ହୋଇଛି ନାଟକ ତରଣୀସେନ ବଧ। କୁମ୍ଭକର୍ଣ୍ଣ ଭଳି ଭାଇକୁ ହରାଇ ଲଙ୍କପତି ରାବଣ ଦୁଃଖରେ ଭାଙ୍ଗି ପଡିବା ସହିତ ଲଙ୍କାଗଡରେ ଉଠିଥିଲା କ୍ରନ୍ଦନର ଲହରି। ରାବଣର ଦୁଃଖ ଦେଖି ସାନଭାଇ ବିଭୀଷଣର ଏକମାତ୍ର ପୁତ୍ର ବିଷ୍ଣୁଭକ୍ତ ତରଣୀସେନ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ଯୁଦ୍ଧ କରିବାକୁ ଯୁଦ୍ଧ ଭୂମିକୁ ଯିବାକୁ ପ୍ରସ୍ତୁତ ହୋଇଛି। ରାକ୍ଷସ ସେନା ପକ୍ଷରୁ ଯୁଦ୍ଧ କରୁଥିଲେ ମଧ୍ୟ ତରଣୀସେନ ମନରେ ରହିଛି ଅଭିଳାଷା ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିବ। ମାତାଙ୍କଠାରୁ ଶିକ୍ଷା କରିଥିବା ଯୁଦ୍ଧ କଳା ସହିତ ପିତା ବିଭୀଷଣ ଓ ପୁତ୍ର ତରଣୀସେନ ମଧ୍ୟରେ ଘମାଘୋଟ ଯୁଦ୍ଧରେ ପରାଜିତ ହୁଅନ୍ତି ବିଭୀଷଣ। ଶେଷରେ ପ୍ରଭୁଙ୍କୁ ମଧ୍ୟ ପରାଜିତ କରି ତରଣୀସେନ ମାଗନ୍ତି ମୁକ୍ତି। ହେଲେ ଭଗବାନ ତରଣୀସେନକୁ ବଧ କରି ମୁକ୍ତି ଦେବାକୁ ନାସ୍ତି ବାଣି ଶୁଣାନ୍ତି। ବହୁ ଅନୁରୋଧ ପରେ ଶ୍ରୀରାମ ତରଣୀସେନକୁ ବଧ କରି ବୈକୁଣ୍ଠରେ ସ୍ଥାନ ଦିଅନ୍ତି। ତରଣୀସେନ ଚରିତ୍ରରେ ବରିଷ୍ଠ କଳାକାର ରଞ୍ଜନ କୁମାର ବାରିକ ଚମତ୍କାର ଅଭିନୟ କରିଥିଲେ। କଳାକାର ଶିରିଷ ବେହେରା, ଜନାର୍ଦ୍ଦନ ମିଶ୍ର, ବିଶ୍ୱାମିତ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ଜଗଦୀଶ ବାରିକ, ସନ୍ତୋଷ ବାଘ, ମୁକେଶ ପ୍ରଧାନ, ପ୍ରମୋଦ ପ୍ରଧାନ, ଶାନ୍ତନୁ ବେହେରା, ଦିବାକର ଜେନା ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ।



ବୌଦ୍ଧ ଗଡଜାତର ଗଣପର୍ବ ............. ରାମଲୀଳା ଯାତ୍ରା ନାଟକର ଦୃଶ୍ୟ।

# ବରିଷ୍ଠ ନାଗରିକ ସଂଘର ବୈଠକ

ତରଭା, ୬।୪(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦେବେନ୍ଦ୍ର ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଜାଗାକୁ ନେଇ ପ୍ରଶାସନକୁ ଲିଖିତ ଆବେଦନ କରିବାକୁ ନେଇ ଆଲୋଚନା ହୋଇଥିଲା। ତରଭା ସାମ୍ବାଦିକ ସଂଘ ଆବାହକତ୍ୱରେ ଚାଲିଥିବା ସବ୍‌ଡିଭିଜନ ଦାବିକୁ ବୈଠକରେ ପୂର୍ଣ୍ଣ ସମର୍ଥନ ଜଣାଯାଇଥିଲା। ତରଭା ସହରକୁ ସବ୍‌ଡିଭିଜନରେ ପରିଣତ କରିବା ଦାବିନେଇ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ବାଇକ ଶୋଭାଯାତ୍ରା ବାହାର କରି ଜନସଚେତନତା ସୃଷ୍ଟି କରିବାକୁ ଶୈଳେନ୍ଦ୍ର କୁମାର ସାହୁ ଦେଇଥିବା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇ ଏହାର ଦାୟିତ୍ୱ କାର୍ଯ୍ୟନିର୍ବାହୀ ସଭାପତି ଅଶୋକ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ, କୋଷାଧ୍ୟକ୍ଷ ଧୀରେନ୍ଦ୍ର ବିଜୟ ସାହୁ, ଅକ୍ଷୟ କୁମାର ବାଘ, କ୍ଷେତ୍ରବାସୀ ସାହୁ, ବୃକୋଦର ମେହେର ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ କୋଷାଧ୍ୟକ୍ଷ ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# ଦେବାଳୟ, ଐତିହ୍ୟ ସ୍ଥଳୀରେ ସ୍ୱଚ୍ଛତା ଅଭିଯାନ

ସୋନପୁର,୬।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିନରେ ସୋମବାର ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ସହରସ୍ଥିତ ଦେବାଳୟ ଓ ଐତିହ୍ୟ ସ୍ଥଳୀମାନଙ୍କରେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ମା' ସୁରେଶ୍ୱରୀ ପୀଠ ଏବଂ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ ସଫା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଲୀନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହାସହିତ ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲା କ୍ରୀଡା ଓ ଯୁବ ସେବା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ଓ ଜିଲା ନିଜାରତ ଅଧିକାରୀ ସତ୍ୟବ୍ରତ ସାହୁ, ସହକାରୀ ଅଗ୍ନିଶମ ବିଭାଗ ଅଧିକାରୀ ଧୀରେନ୍ଦ୍ର ନାଥ ଦେ ପ୍ରମୁଖ ଉପସ୍ଥିତ ଥିଲେ। ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଙ୍ଗଠନ, ସୋନପୁର ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ର, ପୌର ପରିଷଦ ସ୍ୱଚ୍ଛ ସାଥୀ ଓ ସଚେତନ ନାଗରିକମାନେ ସକ୍ରିୟ ଭାବେ ସଫେଇ କାର୍ଯ୍ୟରେ ଭାଗ ନେଇଥିଲେ। ପୌର ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତେ ପ୍ରତିଦିନ ନିଜ ଘର, ସାହି ଓ ଧାର୍ମିକ ସ୍ଥଳୀମାନଙ୍କୁ ସଫା ରଖିବା ପାଇଁ ସଚେତନ କରିବା ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ମାଝୀ ସୂଚନା ଦେଇଥିଲେ।



ମନ୍ଦିର ପରିସରରେ ସଫେଇ କରାଯାଉଛି।

# ବନ୍ଦ ପୂର୍ବରୁ ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୋଲିସ

ବୀରମହାରାଜପୁର, ୬।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବନ୍ଦ ଦାବି ଆମ ଆଦମୀ ପାର୍ଟି(ଏଏପି) ପକ୍ଷରୁ ସୋମବାର ୮ଘଣ୍ଟିଆ ବୀରମହାରାଜପୁର ବନ୍ଦ ଡାକରା ଦିଆଯାଇଥିଲା। ଏଥିସହିତ ସୁବର୍ଣ୍ଣପୁର ଏସପି, ସୁବଳୟା ଥାନାଧିକାରୀ ଏବଂ ସୁବର୍ଣ୍ଣପୁର ଖଣି ଅଧିକାରୀଙ୍କ ବଦଳି ଦାବି କରିଥିଲା ଦଳ। ପୂର୍ବ ଘୋଷଣା ଅନୁଯାୟୀ ସୋମବାର ବୀରମହାରାଜପୁର ମୁଖ୍ୟ ଛକଠାରେ ଏଏପି ଜିଲା ସଭାପତି ପୃଥ୍ୱୀରାଜ ଜଗଦଲାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମକର୍ତ୍ତା ମୁଖ୍ୟଛକଠାରେ ରାସ୍ତା ଅବରୋଧ କରିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ କେ.କେ.ହରିପ୍ରସାଦ, ପ୍ରତାପ କୁମାର ରଣାଙ୍କ ସମେତ ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ ରାଓ, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ତେବେ ବନ୍ଦ ଡାକରା ନେଇ ପ୍ରଶାସନଠାରୁ ଅନୁମତି ନେଇ ନ ଥିବା ଏବଂ ହିଂସାତ୍ମକ ଉପାୟରେ ବନ୍ଦ ହେଉଥିବା ଅଭିଯୋଗରେ ପୋଲିସ ଏଏପି ଜିଲା ସଭାପତି ଜଗଦଲାଙ୍କ ସହିତ ଯୁବ ସମାଜସେବୀ ତଥା କଂଗ୍ରେସ ନେତା ପ୍ରିୟବ୍ରତ ସାହୁ ଓ ଅନ୍ୟ କେତେଜଣଙ୍କୁ ଆନ୍ଦୋଳନସ୍ଥଳରୁ ଉଠାଇ ନେଇଥିଲା। ବନ୍ଦ ଅବଧି ପୂରିବା ପରେ ବ୍ୟକ୍ତିଗତ ମୁଚାଲିକାରେ ସମସ୍ତଙ୍କୁ ଅପରାହ୍ନ ୩ଟାରେ ପୋଲିସ ଛାଡିଥିଲା। ଅପରପକ୍ଷରେ ପୋଲିସ ମୁଖ୍ୟ ଆନ୍ଦୋଳନକାରୀଙ୍କୁ ଉଠେଇ ନେବା ପରେ କାଁ ଭାଁ କିଛି ଦୋକାନ ଖୋଲାଥିବାବେଳେ ସରକାରୀ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ଖୋଲା ରହିଥିଲା। ଦୈନିକ ପରିବା ବଜାର ବନ୍ଦ ରହିଥିଲା। ଥାନାରୁ ବାହାରିବା ପରେ କଂଗ୍ରେସ ନେତା ପ୍ରିୟବ୍ରତ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରୁଥିବା ବେଳେ ସରକାରୀ ଦଳର ପ୍ରରୋଚନାରେ ମୋତେ ଓ ଏଏପିର ଜିଲା ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କୁ ଯୋର୍ ଜବରଦସ୍ତ ପୋଲିସ ଉଠାଇ ନେବାକୁ ମୁଁ ନିନ୍ଦା କରୁଛି।



କଂଗ୍ରେସ ନେତା ପ୍ରିୟବ୍ରତ ସାହୁ ଓ ଏଏପି ସଭାପତି ପୃଥ୍ୱୀରାଜ ଜଗଦଲାଙ୍କୁ ପୋଲିସ ଉଠାଇ ନେଉଛି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୋନପୁର,୬।୪(ମୃତ୍ୟୁଞ୍ଜୟ ଶତପଥୀ)

## ୫୪ ପଞ୍ଜୀକୃତ ଅଭିଯୋଗରୁ ୧୦ ସାମୂହିକ

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାୟକ ଶିବିରରେ ଯୋଗଦାନ କରି ମୋଟ ୫୪ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୪୪ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଥିଲା। ସମସ୍ତ ସାମୂହିକ ଓ ବ୍ୟକ୍ତିଗତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୋନପୁର ବିଡିଓ ପ୍ରତୀକ କୁମାର କାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ତହସିଲଦାର ଜି. ରଶ୍ମିରେଖା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁ, ସିଡିଏମ୍‌ଏଣ୍ଡପିଏଚଓ ଉଷାରାଣୀ ଦାଶ ଓ ଡିଆଇପିଆରଓ ଅର୍ଜୁନ ମାଝୀଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।



ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ବୌଦ୍ଧରେ ଭାଜପାର ପ୍ରତିଷ୍ଠା ଦିବସ

ବୌଦ୍ଧ,୬।୪(ଅଜିତ କୁମାର ବାରିକ)

ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ସୋମବାର ବୌଦ୍ଧ ଜିଲା ଭାଜପା ପକ୍ଷରୁ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ସତ୍ୟାନନ୍ଦ ପାଣ୍ଡେ, ତପନ କୁମାର ଡାଙ୍ଗ, ପିନାକର ରଣା, ପୂର୍ବତନ ଜିଲା ସଭାପତି ବିପ୍ରଚରଣ ମହାନ୍ତି ଜିଲାରେ ଭାଜପାର ସଂଘର୍ଷମୟ ସମୟ ଉପରେ ମତ ବ୍ୟକ୍ତ କରିଥିଲେ। ଜିଲା ସମ୍ପାଦକ ରାଜ କୁମାର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦେବି: ରଘୁନାଥ

ବୀରମହାରାଜପୁର, ୬।୩ (ଯୁଗଳ କିଶୋର ମିଶ୍ର)

## ଜିଲା ଯୋଜନା ବୋର୍ଡ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର ଜିଲା ଯୋଜନା ବୋର୍ଡର ନୂତନ ଅଧକ୍ଷ ଭାବେ ରାଜ୍ୟ ସରକାର ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ନିଯୁକ୍ତ ଦେଇଛନ୍ତି। ନିଯୁକ୍ତି ପାଇବା ସୋମବାର ପୂର୍ବାହ୍ନରେ ଭାଜପା ଦଳ ତରଫରୁ ବିଧାୟକ ଜଗଦଲାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭୁବନେଶ୍ୱରରୁ ଆସିବ ପରେ କମିରା ଛକଠାରେ ତାଙ୍କୁ ଦଳୀୟ କର୍ମକର୍ତ୍ତା ସ୍ୱାଗତ କରିଥିଲେ। କମିରା ସରପଞ୍ଚ ଅନୁସୂୟା ପଧାନ, ମଣ୍ଡଳ ସଭାପତି ଅଶୋକ ସାହୁ, ସପନ ପଧାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବୀରମହାରାଜପୁର ମୈତ୍ରୀ ସଦନ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ମୈତ୍ରୀ ସଦନଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଭାଜପା ଜିଲା ସଭାପତି ବେଣୁଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଦଳୀୟ ଉପସଭାପତି ଶରତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ, ବିଧାୟକ ପ୍ରତିନିଧି ପଦାର୍ଥ ଜଗଦଲା,ଏମ୍‌ପି ନୋମିନୀ ନଳିନୀ ପଣ୍ଡା, ଯୁବ ନେତା ବିପିନ ପଣ୍ଡା,ଏସ୍‌ସି ସେଲ ସଭାପତି ସୁମନ୍ତ ଜଗଦଲା, ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଜଗଦଲା କହିଥିଲେ, ମୋତେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲାର ସର୍ବାଙ୍ଗୀନ ଉନ୍ନତି କରିବା ମୋର ପ୍ରଥମ କର୍ତ୍ତବ୍ୟ। କାର୍ଯ୍ୟକ୍ରମକୁ ବୀରମହାରାଜପୁର ଭାଜପା ମଣ୍ଡଳ ସଭାପତି ରମେଶ ପଣ୍ଡା ସଂଯୋଜନା କରିଥିଲେ।

# ସୁବର୍ଣ୍ଣପୁରର ବିକାଶ ତ୍ୱରାନ୍ୱିତ ହେବ

ସୋନପୁର,୬।୪(ମୃତ୍ୟୁଞ୍ଜୟ ଶତପଥୀ)




ଯୋଜନା କମିଟି ଅଧକ୍ଷ ବିଧାୟକ ଜଗଦଲାଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଯୋଜନା କମିଟି ଅଧକ୍ଷ ରଘୁନାଥଙ୍କୁ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟିର ନୂତନ ଅଧକ୍ଷ ଭାବେ ଚୟନ ହେବା ପରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ସୋମବାର ସୁବର୍ଣ୍ଣପୁର ଆସିଥିଲେ। ତାଙ୍କୁ ଜିଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ଅପରାହ୍ନରେ ସ୍ଥାନୀୟ ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଜଗଦଲାଙ୍କୁ ସ୍ୱାଗତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାପାଳ ଡ.ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୋମ୍ୟାରୂପା ରଥଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ତାଙ୍କର ମତ ରଖି ଅଧକ୍ଷ ଜଗଦଲାଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଜିଲା ପ୍ରଶାସନ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟି ସହିତ ମିଳିମିଶି କାମ କରିବ ବୋଲି ପ୍ରତିକ୍ରିୟା ରଖିଥିଲେ। ଆରକ୍ଷୀ ଅଧୀକ୍ଷକ ନାୟକ ବିଧାୟକଙ୍କୁ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିଧାୟକ ଜଗଦଲା ନିଜ ପ୍ରତିକ୍ରିୟାରେ ଜିଲାର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ଜିଲାରେ ସରକାରୀ ଅନୁଦାନ ପଡ଼ିରହିଛି। ଯୋଜନା ଅଭାବରୁ ଖର୍ଚ୍ଚ ହୋଇପାରିନି। ଖୁବଶୀଘ୍ର ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ କମିଟିର ବୈଠକ କରାଯିବ। ଯୋଜନା ଅନୁସାରେ ଜିଲାର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ମସଜିଦ ଗଳି ସମ୍ମୁଖ ୧୪୩ ନମ୍ବର ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୮ଟା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ସ୍ଥାନୀୟ ବେଲଢ଼ିପା ଗ୍ରାମର ରବନ ଲାକ୍ରା(୭୦)। ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ବଡ଼ଗାଁରେ କୁଆପଥର ମାଡ଼

ବଡ଼ଗାଁ, ୬।୪(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଗତମାସ କୁଆପଥର ବୃଷ୍ଟି ଓ ବର୍ଷା ଯୋଗୁ ବିଶେଷ କରି ପନିପରିବା ଚାଷ ଓ ଗହମ ଚାଷ ଉପରେ ପ୍ରଭାବ ପଡ଼ିଥିଲା। ଏଥିସହ ବିଲାତି, ବାଇଗଣ, ତରଭୁଜ, ଭେଣ୍ଡି ଆଦି ଚାଷ କିଛିକାଂଶରେ ନଷ୍ଟ ହୋଇଥିଲାବେଳେ ସୋମବାର ଅପରାହ୍ନରେ କୁଆପଥର ବୃଷ୍ଟି ଯୋଗୁ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କଠାରୁ ଜଣାପଡିଛି। ଏଥିଯୋଗୁ ପନିପରିବା ଦର ବୃଦ୍ଧି ହେବାର ଆଶଙ୍କା ପ୍ରକାଶ ପାଇଛି।

### କୁଆପଥର ମାଡ଼ରେ ପନିପରିବା ଚାଷ ଉଜୁଡ଼ିଲା

ବାଲିଶଙ୍କରା, ୬।୪(ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ପବନ ସହିତ କୁଆପଥର ମାଡ ହୋଇଥିଲା। ଫଳରେ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଋଣ କରି ଚାଷ କରିଥିବା ଚାଷୀଙ୍କ ଫସଲ ନଷ୍ଟ ହୋଇଥିବାରୁ ଚାଷୀକୁଳ ଏବେ ଚିନ୍ତାରେ। ସେହିପରି ଜୋରରେ ପବନ ବହିବା ଯୋଗୁ କେତେଜଣଙ୍କ ଘର ଛପର ଓ ଆଜବେଷ୍ଟସ ଉଡି ଯାଇଛି। କୁଆପଥର ମାଡ଼ରେ ଆଜବେଷ୍ଟସ ଫିଟି ଯାଇଛି । ସୋଲାର ପ୍ୟାନେଲ ଓ ଯାନବାହନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି।

### କଇଁତରା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ

ବାଲିଶଙ୍କରା,୬।୪(ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକର କଇଁତରା ଗ୍ରାମରେ ଭକ୍ତିମୟ ପରିବେଶ ମଧ୍ୟରେ ଭବ୍ୟ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାଭାବେ ରଞ୍ଜିତ ଭଇଁସାଲ ଓ ତାଙ୍କ ସହଧର୍ମିଣୀ କୁନୁ ଭଇଁସାଲ ତୁଲାଇଥିଲେ। ଗତ ୨ ତାରିଖରେ ଅଧିବାସରେ ନିକଟସ୍ଥ ନଦୀରୁ ୧୦୮ କଳସ ଜଳ ଧାରଣ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ୩ତାରିଖ ନାମ ଆରମ୍ଭ କରି ୫ ତାରିଖ ଛାଡିଥିଲେ। ୫ ତାରିଖରେ ନଗର ପରିକ୍ରମା ସହ ଦଧିଭଣ୍ଡ ଭଞ୍ଜନ କରାଯାଇଥିଲା। ଗ୍ରାମର ଦେବେନ୍ଦ୍ର ପଟେଲ, ସୋନୁ, ଯୁକ୍ତେଶ୍ୱର, ଜିତୁ ନାଏକ, ମନୋଜ ପଟେଲ, ବିକାଶ, ସୁବୋଧ ପଟେଲ, ଦୈତାରୀ ପଟେଲ, ଘନଶ୍ୟାମ, ମୀନକେତନ, ବିନୟ, ରାଜୀବ, ବିମଲ, ବନମାଳୀ ପଟେଲ, ଜ୍ୟୋତ୍ସ୍ନାମୟୀ, ଦେବକୀ, ଲିଲି, ପିଙ୍କି, ରଶ୍ମିତା ପଟେଲ, ରୂପ ନାଏକ ସମେତ ସମସ୍ତ ଯୁବବର୍ଗ ଓ ଗ୍ରାମବାସୀ ସହାୟତାର ହାତ ବଢାଇଥିଲେ।

### ଆହତ କୁଟୁରାକୁ ଜଙ୍ଗଲରେ ଛାଡିଲା ବନ ବିଭାଗ

ଲହୁଣୀପଡା,୬।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ବାଙ୍କୀ ରେଞ୍ଜ ଅନ୍ତର୍ଗତ ବଡ଼ ପୁରୁଣାପଣି ପଞ୍ଚାୟତ ଗୁଲଜାର ନଗର ବସ୍ତିର ଜଣଙ୍କ ଘରୁ ଆହତ କୁଟୁରାକୁ ଶୁକ୍ରବାର ବନ ବିଭାଗ ଉଦ୍ଧାର କରିବା ସହିତ ଚିକିତ୍ସା କରି ରବିବାର ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ, ସମରଦରୀ ଜପ୍ତି ଜଙ୍ଗଲ ପଟୁ ଏକ କୁଟୁରା ଜଙ୍ଗଲ ବାହାରକୁ ଆସିଥିବା ବେଳେ କୁକୁର ମାନେ ଆକ୍ରମଣ କରିଥିଲେ। ଫଳରେ କୁଟୁରାଟି ଜଙ୍ଗଲ ପାର୍ଶ୍ୱରେ ଥିବା ଜୁନିଆନି ଗ୍ରାମ ଗୁଲଜାର ନଗର ବସ୍ତିର ଜଣକ ଘରେ ପଶି ଯାଇଥିଲା। ଏ ସମ୍ପର୍କରେ ବନ ବିଭାଗକୁ ସୂଚନା ଦେବାରୁ ବନ ବିଭାଗ ବସ୍ତିରେ ପହଞ୍ଚି ଆହତ କୁଟୁରାକୁ ଉଦ୍ଧାର କରି ଲହୁଣୀପଡା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ। କୁଟୁରା ସୁସ୍ଥ ହେବା ପରେ ରବିବାର ବାଙ୍କୀ ରେଞ୍ଜର କୈଳାସ ଚନ୍ଦ୍ର କିଷାନଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ହରିଷ ଚନ୍ଦ୍ର ଜେନା, ପାରା ସ୍କାର୍ଡ, ବନ କର୍ମଚାରୀ ମାନେ ସମରଦରୀ ଜପ୍ତି ଜଙ୍ଗଲରେ ଛାଡି ଦେଇଥିବା ଜଣାପଡ଼ିଛି।

# ପ୍ରତିଶ୍ରୁତି ମିଳୁଛି, କାମ ହେଉନି

■ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ମୌଳିକ ସୁବିଧାରୁ ବଞ୍ଚିତ ଝିରପାଣି ହରିଜନ ପଡ଼ାବାସୀ

■ ରାସ୍ତା ନ ଥିବାରୁ ଯାତାୟାତରେ ସମସ୍ୟା

କୁତ୍ରା,୬।୪ (ଦେବାଶିଷ ସାହୁ)



ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କିରିଙ୍ଗସେରା ପଞ୍ଚାୟତ ଝିରପାଣି ହରିଜନପଡା ବାସିନ୍ଦାଙ୍କ ଦୁଃଖ କହିଲେ ନ ସରେ। ୪୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ମୌଳିକ ସୁବିଧାରୁ ବଞ୍ଚିତ ପଡ଼ାବାସୀ। ସାମାନ୍ୟ ରାସ୍ତା ଟିକିଏ ପାଇଁ ବର୍ଷ ବର୍ଷ ଧରି ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଦୌଡିଦୌଡି ନୟାନ୍ତ ହେଲେଣି। ହେଲେ ପ୍ରତିଶ୍ରୁତିରେ ବିତୁଛି ବର୍ଷ ବର୍ଷ। ସ୍ୱାଧୀନତା ପରବର୍ତ୍ତୀ ଅନେକ ବିକାଶ ଯୋଜନା ଆସିଥିଲେ ମଧ୍ୟ ଏହି ଗ୍ରାମଟି ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଏହି ପଡାଟି କୁତ୍ରା ବ୍ଲକ ମୁଖ୍ୟାଳୟରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ଯାତାୟାତ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ। ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପରେ ୨୦୧୯ ମସିହାରେ ମହାତ୍ମା ଗାନ୍ଧୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧ କିଲୋମିଟର ଏକ ମାଟି ରାସ୍ତା ନିର୍ମାଣ ହୋଇଥିଲା। ପରେ ଏହା କଂକ୍ରିଟ କରିବା ପରିବର୍ତ୍ତେ ସେମିତି ବର୍ଷ ବର୍ଷ ରହି ବର୍ଷାରେ ଏହି ରାସ୍ତା ଧୋଇଯାଇ ବର୍ତ୍ତମାନ ପୂରାପୂରି ଅଚଳ ହୋଇପଡ଼ିଛି। ଏହାର ପରିଣାମରେ ଲୋକମାନେ ବିଲ ଓ ହୁଡ଼ା ଦେଇ ଯାତାୟାତ କରିବାକୁ ବାଧ ହେଉଛନ୍ତି। ସବୁଠାରୁ ଦୁଃଖଦ ଦୃଶ୍ୟ ହେଉଛି ଗୁରୁତର ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ଗ୍ରାମକୁ ପହଞ୍ଚିପାରୁନାହିଁ। ଫଳସ୍ୱରୂପ ଗ୍ରାମବାସୀମାନେ ପ୍ରାୟ ଦେଢ଼ କିଲୋମିଟର ଦୂର ପର୍ଯ୍ୟନ୍ତ ଖଟିଆରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ବାଧ ହେଉଛନ୍ତି। କୁନି କୁନି ପିଲାମାନେ ଅଙ୍ଗନୱାଡି, ବିଦ୍ୟାଳୟ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକ ପରିମାଣରେ ବର୍ଷା ହେଲେ ବିଦ୍ୟାଳୟ ଯାଇପାରୁ ନାହାନ୍ତି ଛାତ୍ରୀଛାତ୍ର। ପାଠ ପଢାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ସେହିପରି ଦୈନିକ କାମ ପାଇଁ ଯାତାୟାତ ମଧ୍ୟ ବିପର୍ଯ୍ୟସ୍ତ ହୋଇପଡୁଛି। ଗ୍ରାମବାସୀମାନେ ପୂର୍ବରୁ ବ୍ଲକ ପ୍ରଶାସନଙ୍କୁ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ରାସ୍ତାରେ ଗାର୍ଡୱାଲ ଓ କଲଭର୍ଟ ନିର୍ମାଣ ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଗ୍ରାମର ଦୀପକ ମହାନନ୍ଦିଆ, ଶିବଜନ ବଡାଇକ, ରାଜକୁମାର ବଡାଇକ, ଦିଲୀପ ବନଛୋର, ଗଙ୍ଗାଧର ଗାନ୍ଧୀ ଓ ଭିଷାଲ ଗାନ୍ଧୀ ସହିତ ଅନ୍ୟାନ୍ୟ ଗ୍ରାମବାସୀ ଶୀଘ୍ର ଏହି ରାସ୍ତାକୁ ପକ୍କା କରିବାକୁ ଦାବି କରିଛନ୍ତି। ସେମାନେ କହିଛନ୍ତି ଯଦି ଶୀଘ୍ର କାମ ଆରମ୍ଭ ନ ହୁଏ ତେବେ ବର୍ଷାଋତୁରେ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେବେ। ଏଭଳି ପରିସ୍ଥିତି ଦୃଷ୍ଟିରେ ରଖି ପ୍ରଶାସନ ଶୀଘ୍ର ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏନେଇ ବିଡିଓ ଗୋପୀନାଥ ଖାଖାଙ୍କୁ ଯୋଗାଯୋଗ କରିବାରୁ, ଖୁବ୍ ଶୀଘ୍ର ଡିଏମ୍‌ଏଫ୍ ପାଣ୍ଠିରୁ ରାସ୍ତା କରିବାକୁ ସେ କହିଛନ୍ତି। ଏନେଇ ସରପଞ୍ଚ ମଲି କୁଜୁରଙ୍କୁ ତାଙ୍କ ମୋବାଇଲ ନଂ. ୮୧୧୪୭୨୦୮୬୨ରେ ଯୋଗାଯୋଗ କରିବାରୁ ତାହା ସୁଇଚ୍ ଅଫ ଥିଲା।

## ସୁନ୍ଦରଗଡ଼ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଦାବି



ବିଧାୟକ ଯୋଗେଶ ସିଂହ ଏମସିଏଲ ସିଏମଡି ପାଉଲେଙ୍କୁ ଦାବି ପତ୍ର ପ୍ରଦାନ କରୁଛନ୍ତି।

**ଆରଡିସି,ଏମସିଏଲ ମୁଖ୍ୟ ମହାପ୍ରବନ୍ଧକଙ୍କୁ ଭେଟିଲେ ବିଧାୟକ ଯୋଗେଶ**

ସୁନ୍ଦରଗଡ, ୬।୪ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ସୋମବାର ସମ୍ବଲପୁରଠାରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଏବଂ ଏମସିଏଲ ମୁଖ୍ୟ ମହାପ୍ରବନ୍ଧକ(ସିଏମଡି) ଉଦୟ ଅନନ୍ତ କାଉଲେଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ନେଇ ଆଲୋଚନା କରି ଦାବି ପତ୍ର ପ୍ରଦାନ କରିଛନ୍ତି। ଜିଲାର ବିକାଶ ପାଇଁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ପ୍ରଦାନ, ପ୍ରସ୍ତାବିତ ଭେଡାବାହାଲ ତାପଜ ବିଦ୍ୟୁତ୍ ପ୍ରକଳ୍ପ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା, ସୁନ୍ଦରଗଡ ଜିଲା ଆଦିବାସୀ ବହୁଳ ଅଞ୍ଚଳ ହେଇଥିବାରୁ ଆଦିବାସୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଖୁବ ଶୀଘ୍ର ସୁନ୍ଦରଗଡ ଜିଲା ଆରପିଡିଏସି ବୈଠକ କରାଯିବା ପାଇଁ ଆରଡିସିଙ୍କୁ ବିଧାୟକ ଅନୁରୋଧ କରିଥିଲେ। ଏଥିସହିତ ଏମସିଏଲ ସିଏମଡି ପାଉଲେଙ୍କ ସହ ମଧ୍ୟ ଆଲୋଚନା କରି ସୁନ୍ଦରଗଡ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏସଡିପିଡିସି ପେରିଫେରି ଫଣ୍ଡ ରାଶି ପ୍ରଦାନ ପାଇଁ ଦାବି କରିଥିଲେ। ବାଙ୍ଗିବାହାଲ ଠାରୁ ଟପରିଆ ପର୍ଯ୍ୟନ୍ତ ଏବଂ ବାଙ୍କି ବାହାଲ ଠାରୁ ଭେଡାବାହାଲ ରାଜ୍ୟ ରାଜପଥ-୧୦ ପର୍ଯ୍ୟନ୍ତ କୋଲ କରିଡ଼ରକୁ ୪ଲେନ ବିଶିଷ୍ଟ କରିବାକୁ ଅନୁରୋଧ ସହ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଆଲୋକୀ କରଣର ସୁବିଧା ଓ ରାସ୍ତାର ମରାମତି ପାଇଁ ଦାବି ପତ୍ର ପ୍ରଦାନ କରିଛନ୍ତି।

## ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ହେଲେ ସନ୍ତୋଷ

ସୁନ୍ଦରଗଡ,୬।୪(ଜୟ ନାରାୟଣ ମେଣ୍ଡୁଲି)



ସନ୍ତୋଷ ଅମାତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜ୍ୟ ସରକାରଙ୍କ ଦ୍ୱାରା ସୁନ୍ଦରଗଡ଼ ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ର ଅଧ୍ୟକ୍ଷ ଭାବେ ତଳସରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ, ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସନ୍ତୋଷ ଅମାତଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଅମାତ ବିଜେଡି ସରକାର ଶାସନ ସମୟରେ ଗଠିତ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ଅଧ୍ୟକ୍ଷଭାବେ ୨୦୧୭-୧୮ମସିହାରେ ନିଯୁକ୍ତି ପାଇଥିବାବେଳେ ବର୍ତ୍ତମାନର ଭାଜପା ସରକାର ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ପଦବୀରେ ନିଯୁକ୍ତି ଦେଇଛନ୍ତି। ଏଥିପାଇଁ ଅମାତଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟ ଭାଜପା ସଭାପତି ତଥା ଏମପି ମନମୋହନ ସାମଲଙ୍କ ଠାରେ କୃତ ଜ୍ଞାତା ଜଣାଇଛନ୍ତି। ସେ ସୁନ୍ଦରଗଡ଼ ଜିଲାର ଆଦିବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ପହଞ୍ଚାଇ ପାଇଁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବାରୁ ଦଳର କାର୍ଯ୍ୟକର୍ତ୍ତା, କର୍ମୀ ଓ ଶୁଭେଚ୍ଛୁ ମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋମବାର ସୁନ୍ଦରଗଡ଼ ନଗର ମଣ୍ଡଳ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ପୂର୍ତ୍ତ ବଙ୍ଗଳା ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଯଶୋବନ୍ତ ନାଏକ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ସମ୍ପାଦକ ଅମୀୟ ପଟ୍ଟନାୟକ, ଜିଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ଭଞ୍ଜଙ୍କ ସହିତ ଅନେକ ପ୍ରମୁଖ ନେତା ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ଅବସରରେ ସନ୍ତୋଷ ଅମାତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଯାଇଥିଲା। ଏହି ଅବସରରେ ନବନିଯୁକ୍ତ ଅଧ୍ୟକ୍ଷ ଅମାତ ତାଙ୍କ ଉଦବୋଧନରେ ପୂର୍ବ ପ୍ରଶାସନିକ ଅନୁଭବକୁ ଉପଯୋଗ କରି ସୁନ୍ଦରଗଡ଼ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଥିଲେ। ସେ ଜନସାଧାରଣଙ୍କ ସହଭାଗିତା ଓ ସମନ୍ୱୟରେ ବିକାଶମୂଳକ ପଦକ୍ଷେପକୁ ଆଗେଇ ନେବା ପ୍ରତି ଦୃଢ଼ ସଙ୍କଳ୍ପ ବ୍ୟକ୍ତ କରିଥିଲେ।

## ଟାଙ୍ଗରପାଲି ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସୁନ୍ଦରଗଡ଼,୬।୪(ଜୟ ନାରାୟଣ ମେଣ୍ଡୁଲି)

ଟାଙ୍ଗରପାଲି ବ୍ଲକ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌର ଏବଂ ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ ଉପସ୍ଥିତ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୭୦ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ଏବଂ ୨୯ଟି ସାମୂହିକ ଅଭିଯୋଗ ରହିଥିଲା। ଏହିସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୪ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ତେଜସିନୀ ବେହେରା, ସଦର ଏସଡିପିଓ ନିର୍ମଳ ମହାପାତ୍ର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତଥିଲେ।

## ଭାଜପା ବଣେଇ ପକ୍ଷରୁ ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଲହୁଣୀପଡ଼ା,୬।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ସୋମବାର ଭାରତୀୟ ଜନତା ପାର୍ଟି ବଣେଇ ବିଧାନସଭା ପକ୍ଷରୁ ଭାଜପାର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋବିନ୍ଦ ଚନ୍ଦ୍ର ସାହୁ ଦଳୀୟ ପତାକା ଉତ୍ତୋଳନ କରିଥିବା ବେଳେ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀମାନେ ଭାରତ ମାତା, ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ତଥା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଦଳର ଇତିହାସ, ବିଚାର ଧାରା ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠାତା ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଓ ବରିଷ୍ଠ ନେତା ଲାଲ କୃଷ୍ଣ ଆଡଭାନୀଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ସମ୍ପର୍କରେ ସ୍ମୃତି ଚାରଣ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ସଭାରେ ଦଳର ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ, ମନୋଜ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ, ଜିଲାଉପସଭାପତି ଯମୁନା ମୁଣ୍ଡା, ଜିଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅନିଲ କୁମାର ମାହାନ୍ତ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗୁରୁଚରଣ ଓରାମ, ଗୀତା ଜୟସୱାଲ,ରାଜ୍ୟ ଯୁବ ମୋର୍ଚ୍ଚା ସତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶାନ୍ତନୁ କୁମାର ଦାସ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ସାହୁ, ଚେତନ ଦିପ୍ତ ନାଏକ, ଉପେନ୍ଦ୍ର ବେହେରା, ନମିତା ମାହାନ୍ତ, ଦିବ୍ୟ ମଞ୍ଜରୀ ଶେଖର ଦେଓ, ମେଳେରି ବାରିକ, ବାଗୁନ ଗାଗରାଇ, କର୍ମତି ଓରାମ, ଆହ୍ଲାଦ ବଡେଇ, ପୂର୍ଣ୍ଣଚନ୍ଦ୍ର ଓରାମ, ନିରାକାର ନାଏକ, ରାମ ଚନ୍ଦ୍ର ପଲେଇ, ମନୋଜ ସାହୁ ଓ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସଭା କାର୍ଯ୍ୟକୁ ରାଜ୍ୟ ପରିଷଦ ସଦସ୍ୟ ବାସୁ ଦେବ ସାହୁ ପରିଚାଳନା କରିଥିଲେ।

## ନିଷ୍ଠା, ସମର୍ପଣ ସହ ଲୋକଙ୍କ ସେବା କରିବାକୁ ଆହ୍ୱାନ

**ଜିଲାସ୍ତରୀୟ ଭାଜପା ପ୍ରତିଷ୍ଠା ଦିବସ**

ସୁନ୍ଦରଗଡ,୬।୪(ଜୟ ନାରାୟଣ ମେଣ୍ଡୁଲି)

ଭାଜପାର ୪୭ତମ ପ୍ରତିଷ୍ଠା ଦିବସ ଭାଜପା ସୁନ୍ଦରଗଡ ସାଙ୍ଗଠାନିକ ଜିଲା ପକ୍ଷରୁ ସୋମବାର ପାଳିତ ହୋଇଯାଇଛି। ଭୋଜପୁର ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଦଳୀୟ ପତାକା ଉତ୍ତୋଳନ କରାଯିବା ପରେ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ପ୍ରଥମେ ଜିଲା ସଭାପତିଙ୍କ ଦ୍ୱାରା କାର୍ଯ୍ୟାଳୟ ପରିସରରେ ଦଳୀୟ ପତାକା ଧ୍ୱଜାରୋହଣ କରାଯାଇଥିଲା। ପରେ ସମସ୍ତ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ବନ୍ଦେ ମାତରମ ଗାନ କରି ଦଳର ମହାନ ପରମ୍ପରାକୁ ସ୍ମରଣ କରିଥିଲେ। ଏହି ଅବସରରେ ଜିଲା ସଭାପତି ସାହୁ ତାଙ୍କ ଅଭିଭାଷଣରେ କାର୍ଯ୍ୟକର୍ତ୍ତାମାନଙ୍କୁ ଦଳର ଆଦର୍ଶ, ସଙ୍ଗଠନର ଶକ୍ତି ଓ ଦେଶସେବାର ମୂଲ୍ୟବୋଧ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଓ ବକ୍ତାଭାବେ କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଯଶୋବନ୍ତ ନାଏକ, ରାଜ୍ୟ କୋଷାଧକ୍ଷ ଅଂଶୁଳ ପଟେଲ, ରାଜ୍ୟ ସ୍ୱଚ୍ଛ ଭାରତ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ବିକାଶ ନାରାୟଣ ନାଏକ, ନାରୀ ନେତ୍ରୀ ମୋନାଲିସା ପଣ୍ଡା, ଯୁବ ନେତା ବିପ୍ର ଲରିଆ ପ୍ରମୁଖ ଉଦବୋଧନ ଦେଇ କାର୍ଯ୍ୟକର୍ତ୍ତାଙ୍କୁ ଦଳର ଆଦର୍ଶ, ଶୃଙ୍ଖଳା ଓ ସମର୍ପଣର ପଥରେ ଅଗ୍ରସର ହେବାକୁ ପ୍ରେରିତ କରିଥିଲେ। ନଗର ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁ ଧନ୍ୟବାଦ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ଶତାଧିକ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।



ସଭାରେ ଦଳୀୟ ପଦାଧିକାରୀ, ସଭ୍ୟ ।

## ହନୁମାନଙ୍କ ସହ ଶ୍ରୀରାମଙ୍କ ଭେଟ, ବାଳି ବଧ ମଞ୍ଚସ୍ଥ

ବଡ଼ଗାଁ,୬।୪(ଅଶୋକ ଷଡ଼ଙ୍ଗୀ)



ସୁଗ୍ରୀବଙ୍କ ସହିତ ଶ୍ରୀରାମଙ୍କ ମିତ୍ରତା ନାଟକର ଏକ ଦୃଶ୍ୟ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ରାମଲୀଳା ଯାତ୍ରାର ରବିବାର ଦଶମ ରଜନୀରେ ହନୁମାନଙ୍କ ସହିତ ଶ୍ରୀରାମଙ୍କ ଭେଟ ଓ ବାଳି ବଧ ମଞ୍ଚସ୍ଥ ହୋଇଥିଲା। ସୀତାଙ୍କୁ ରାବଣ ଅପହରଣ କରି ନେବାବେଳେ ଜଟାୟୁ ସହିତ ରାବଣଙ୍କ ଯୁଦ୍ଧ ହୋଇଥିଲା। ଜଟାୟୁ ପରାସ୍ତ ହୋଇଥିଲେ। ଶ୍ରୀରାମ ଜଟାୟୁଙ୍କ ଅନ୍ତିମ ସଂସ୍କାର କରି ସୀତାଙ୍କୁ ଖୋଜିବା ପାଇଁ ଗଲାବେଳେ ଶବରୀଙ୍କ କୁଟିରରେ ବିଶ୍ରାମ ନେଇ ଶବରୀଙ୍କ ଅଇଁଠା ଫଳ ଖାଇ କ୍ଷୁଧା ମେଣ୍ଟାଇଥିଲେ। ଏହାପରେ ଶ୍ରୀରାମ ଗୌଡ଼ ପିଲାଙ୍କଠାରୁ କ୍ଷୀର, ଦହି ଖାଇବା ବିଷୟବସ୍ତୁରେ ଅରଣ୍ୟ କାଣ୍ଡ ଶେଷ ହୋଇଥିଲା। କିଷ୍କିନ୍ଧା କାଣ୍ଡ ଆରମ୍ଭରେ ହନୁମାନ ସହିତ ଶ୍ରୀରାମଙ୍କ ଭେଟ ଓ ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ, ବାଳି ଓ ସୁଗ୍ରୀବଙ୍କ ମଧ୍ୟରେ ଯୁଦ୍ଧ, ବାଳି ବଧ ପରେ ସୁଗ୍ରୀବଙ୍କୁ ଲକ୍ଷ୍ମଣ ରାଜାଭିଷେକ କରିବା ବିଷୟ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା। ରାମ, ଲକ୍ଷ୍ମଣ, ହନୁମାନ, ଜଟାୟୁ, ଶବରୀ ଓ ଗୌଡ଼ ପିଲା ଭୂମିକାରେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ହେପି ସାହୁ, ଲଳିନ୍ଦ୍ର ସା, ବବଲୁ ପ୍ରଧାନ ଓ ସୋନୁ ପାଣିଗ୍ରାହୀ, ରାଜ ପୃଷେଟ ଅଭିନୟ କରିଥିଲେ। ଯାତ୍ରାରେ ପଙ୍କଜ ମାଝୀ, ମନୋରଞ୍ଜନ ପୃଷେଟ ବାଦ୍ୟକାର ଓ ଅର୍ଜୁନ ନାୟକ, ବିଭୂତି ନାୟକ ଗାୟନ ଦାୟିତ୍ୱ ତୁଲାଉଥିଲାବେଳେ ନେତ୍ରା ସା, ଲଡୁ କର, ଅନିସ ପାଣିଗ୍ରାହୀ ପରଭା ପରିଚାଳନା ଏବଂ ସୀତାରାମ ଖିଁଚିଦି, ବିଚିତ୍ର ବେହେରା, ଅଶୋକ ରାଉତ, ସିଦ୍ଧାନ୍ତ ମିଶ୍ର, ତୁଳାରାମ ପୃଷେଟ ସାଜସଜ୍ଜା ଦାୟିତ୍ୱ ତୁଲାଉଛନ୍ତି।

### ଗ୍ରାମବାସୀମାନେ ଯାହା କହନ୍ତି...



“ମୁଁ ୪୦ ବର୍ଷ ମଧ୍ୟରେ ରାଜା ଦଶରଥ, ଶବରୀ, ସୀତା, ଲକ୍ଷ୍ମଣ, ଶ୍ରବଣ କୁମାର ଓ ବିଭିନ୍ନ ଭୂମିକାରେ ଅଭିନୟ କରିଛି। ସ୍ୱାସ୍ଥ୍ୟ ଠିକ ନ ଥିବାରୁ ଚଳିତ ବର୍ଷ ପାଳିଆରେ ସହଯୋଗ କରୁଛି। ଏବେ ଦେଖୁଛି ପିଲାମାନେ ଆଗ୍ରହରେ ବିଭିନ୍ନ ଭୂମିକାକୁ ଭଲଭାବେ ଅଭିନୟ କରୁଛନ୍ତି। ମୋର ମନେପଡେ ସ୍ୱର୍ଗତ ଭାଗବତିଆ ପୃଷେଟ ଦଶରଥ ଭୂମିକାରେ ଅଭିନୟ ପାଇଁ ପେଣ୍ଟିଂ ହେଲାବେଳେ ଝରକା ପଟେ ଦେଖିବାରୁ ମୋତେ ମୁଥ ମାରିଥିଲେ। ବଡ଼ ହୋଇ ମୁଁ ଦଶରଥ ହୋଇ ବାହାରିଲି ସେତେବେଳେ ସେ ମୋତେ ଦେଖି ମୋ ଗୋଡ଼ ଧରିପକାଇଥିଲେ, ଯାହା ସ୍ମୃତି ହୋଇ ରହିଛି।

\- ଭିକାରି ଚରଣ ସା



“ମୁଁ ୪୫ ବର୍ଷ ଗାୟକ କାର୍ଯ୍ୟ ତୁଲାଇ ଆସୁଛି। ଭରତ, କୌଶଲ୍ୟା, ଲଙ୍କାଦେବୀ ଭୂମିକା କରିଥିଲି। ସେ ସମୟରେ ସ୍ୱର୍ଗତ ସବ୍ୟସାଚୀ ପାଣିଗ୍ରାହୀ ଓ ସ୍ୱର୍ଗତ ଛବିଳ ସେଠ ଅତି ସୁନ୍ଦର ଡାଇଲଗ୍ ଲେଖି ଯାଇଛନ୍ତି, ଯାହା ଆଜି ପର୍ଯ୍ୟନ୍ତ ବୋଲା ଯାଉଛି। ସେ ସମୟରେ ସ୍ୱର୍ଗତ ରାଜେନ୍ଦ୍ର ବିଶି, ସ୍ୱର୍ଗତ ସୁରେନ୍ଦ୍ର ପୁରୋହିତ, ସ୍ୱର୍ଗତ ସନାତନ ପାଣିଗ୍ରାହୀ, ସ୍ୱର୍ଗତ ସବ୍ୟସାଚୀ ପାଣିଗ୍ରାହୀ ଭଲ ଯାତ୍ରା ନିର୍ଦ୍ଦେଶକ ଥିଲେ। ତେବେ ସୀତା ଚୋରି ଦେଖିବାକୁ ଭିଡ ହୋଇଥାଏ। ତେଣୁ ଏହାକୁ ସ୍ୱତନ୍ତ୍ର ଜାଗାରେ କଲେ ଭଲ ହୁଅନ୍ତା।

\- ଅର୍ଜୁନ ନାୟକ



“ମୁଁ ୬୦ ବର୍ଷ ହେବ ଯାତ୍ରାରେ ଡେକୋରେସନ କରିଛି। ପରଭା ମୂର୍ତ୍ତି ପେଣ୍ଟିଂ ମଧ୍ୟ କରିଛି। ସେ ସମୟରେ ସ୍ୱର୍ଗତ କମଳ ଲୋଚନ ପାଣିଗ୍ରାହୀ, ସ୍ୱର୍ଗତ ଦୀନବନ୍ଧୁ ସେଠ ପରଭା ମୂର୍ତ୍ତି ପେଣ୍ଟିଂ କରୁଥିଲେ ଓ ମୁଁ ସାଜସଜ୍ଜା କରୁଥିଲି। ବଡ଼ଗାଁରେ ରାମଲୀଳା ଯାତ୍ରା କେବେ ଆରମ୍ଭ ହୋଇଥିଲା ଠିକ୍ ଭାବେ କେହି କହିପାରିନାହାନ୍ତି। ଅଢେଇରୁ ତିନି ଶହ ବର୍ଷ ହୋଇଥିବା ଅନୁମାନ କରାଯାଏ।

\- ଲୋକନାଥ ପୃଷେଟ



“ମୁଁ ୧୨ ବର୍ଷ ବୟସରୁ ଗାଁ ଯାତ୍ରାରେ ଅଭିନୟ କରିଛି। ୧୨ ବର୍ଷ ବୟସରୁ ତରଣିସେନ ଭୂମିକାରେ ଅଭିନୟ କରିଥିଲି। ପରେ ବୟସ୍କଙ୍କ ସହିତ ପାଳିଆ ଭାବେ ବସି ପୂରା ରାମାୟଣକୁ ଅନୁଧ୍ୟାନ କଲି । ୧୮ ବର୍ଷରୁ ବିଭିନ୍ନ ଭୂମିକ ଯଥା କୈବର୍ତ୍ତ, ବାଣାସୁର, ବାଳି ରାଜା, ଜତି ରାବଣ ଭୂମିକାରେ ଅଭିନୟ କରିଥିଲି। ମୋତେ ଯେତେବେଳେ ୪୦ ବର୍ଷ ବୟସ ହୋଇଥିଲା ସେତେବେଳେ ଯାତ୍ରାର ବରିଷ୍ଠ ନିର୍ଦ୍ଦେଶକ ମୋର ବଡ଼ଭାଇ ସ୍ୱର୍ଗତ ସବ୍ୟସାଚୀ ପାଣିଗ୍ରାହୀ ମୋତେ ଗ୍ରାମବାସୀଙ୍କ ସଭାରେ ନିର୍ଦ୍ଦେଶନା ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଥିଲେ। ସେହି ଦିନଠାରୁ ମୁଁ ସେହି ଦାୟିତ୍ୱ ଦରକାର ସ୍ଥଳେ ତୁଲାଇ ଆସୁଛି। ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦ ହେଲେ ଆଗକୁ ମଧ୍ୟ ମୁଁ ସମ୍ପାଦନ କରିବି ବୋଲି ଆଶା ରଖିଛି।

\- ପଦ୍ମନାଭ ପାଣିଗ୍ରାହୀ

## ଚିକିତ୍ସାଧୀନ ଅବସ୍ଥାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ଲହୁଣୀପଡ଼ା, ୬।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ତୁମକଳା ରାସ୍ତା ଶରଧାପୁର ଗ୍ରାମ ନିକଟରେ ଗତ ୩୧ ତାରିଖ ରାତି ପ୍ରାୟ ୮ରେ ଗାଡି ଧକ୍କାରେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସାଇକେଲ ଚାଳକଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ମୃତ୍ୟୁ ଘଟିଛି। ମୃତକ ହେଲେ ଉମେଶ ଚନ୍ଦ୍ର ମାହାନ୍ତ(୫୧)। ସୂଚନାରୁ ପ୍ରକାଶ ଯେ, ଗତ ୩୧ ତାରିଖ ରାତି ପ୍ରାୟ ସାଢ଼େ ୮ ସମୟରେ ସାଇକେଲ ଯୋଗେ ରାଜାମୁଣ୍ଡା-ତୁମକଳା ରାସ୍ତାରେ ନିଜଘର ଦେଓପୋଷକୁ ଯାଉଥିବା ବେଳେ ଗ୍ରାମ ନିକଟରେ କୌଣସି ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ରାଉରକେଲା ଜେପି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଲହୁଣୀପଡ଼ା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

**ଭାଜପା ପ୍ରତିଷ୍ଠା ଦିବସ ପାଳିତ**

**କୋଲାବିରା,(ସଞ୍ଜୟ ପୂଜାରୀ):** ଝାରସୁଗୁଡ଼ା ଜିଲା କୋଲାବିରା ମଣ୍ଡଳ ପକ୍ଷରୁ ଭାଜପା ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଉପସଭାପତି ସଞ୍ଜୟ କୁମାର ପୂଜାରୀ, ଏମ୍‌ପିଙ୍କ ପ୍ରତିନିଧି ସମରେନ୍ଦ୍ର ରାଏ, ମଣ୍ଡଳ ସାଧାରଣ ସମ୍ପାଦକ ଲିଙ୍କନ ଚଣ୍ଡକାର, ବରିଷ୍ଠ ସଦସ୍ୟ ଅଶୋକ କୁମାର ବେହେରା, ମନୋଜ ସାହୁ, ସୋଡ଼ାମାଳ ପଞ୍ଚାୟତ ସଭାପତି କାର୍ତ୍ତିକ ସାହୁ, କୋଲାବିରା ପଞ୍ଚାୟତ ସଭାପତି ସୁମନ୍ତ ଭଇଁସାଙ୍କ ସମେତ ଅନ୍ୟ ସଦସ୍ୟ ଯୋଗଦେଇଥିଲେ।

**ସଂକ୍ଷେପରେ**

## ଦୁର୍ଘଟଣାରେ ଯୁବକ ମୃତ

**ଲଇକେରା,୬।୪(ରଞ୍ଜନ କୁମାର ମେହେର)**

ଝାରସୁଗୁଡ଼ା ଜିଲା ଲଇକେରା- କିର୍ମିରା ରାସ୍ତାର ବ୍ରିଜ୍ ନିକଟରେ ରବିବାର ରାତି ପ୍ରାୟ ୧୦ଟାରେ ବୁଲେଟ୍ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବୁଲେଟ୍‌ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ କିର୍ମିରା ଗ୍ରାମର ସୌଭିକ୍ ପୂଝାରୀ(୨୪)। ସେ ନିଜ ବୁଲେଟ୍‌ରେ ଲଇକେରାରୁ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଚିକିତ୍ସାଲାଗି ତାଙ୍କୁ ଝାରସୁଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲଇକେରା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟି ଜବତ କରି ଏକ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ସୌଭିକ୍ ବେଙ୍ଗାଲୁରୁର ଏକ କମ୍ପାନୀରେ ସଫ୍ଟୱେୟାର ଇଞ୍ଜିନିୟର ଥିଲେ ଏବଂ ସେ ଘରେ ରହି ଡ୍ୟୁଟି କରୁଥିଲେ। ତାଙ୍କ ଘରେ ବଡ଼ଭାଇ, ମା' ଓ ଅଜା ଅବସରପ୍ରାପ୍ତ ଆର୍ମି କ୍ୟାପ୍‌ଟେନ୍ ସୁରେନ ପୂଝାରୀ ଅଛନ୍ତି।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

**ଦେବଗଡ଼,୬।୪ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୁବ ଏକତା ମଞ୍ଚ ତରଫରୁ ସୋମବାର ଅଭିଯୋଗ କରାଯାଇଥିଲା। ଏଥିସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ଦାବି ମଧ୍ୟରେ ବିଶେଷକରି ପୁରୁଣା ମେଡିକାଲ ସୁଚାରୁରୂପେ ଚାଲୁ ନ ଥିବା, ମ୍ୟୁନିସିପାଲିଟି ଓ ପୂର୍ତ୍ତ ବିଭାଗର ଅପାରଗତା, ମିଶନ ଶକ୍ତି କାର୍ଯ୍ୟାଳୟ ପାଇଁ ମନମୁଖି ଷ୍ଟାଫ ରଖାଯିବା, ପ୍ରଧାନପାଟର ଉନ୍ନତୀକରଣ ପାଇଁ ଦାବି କରାଯାଇଛି। ଆଗାମୀ ଦିନରେ ଜିଲା ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନ ନେଲେ ମଞ୍ଚ ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ଜାଣିବାକୁ ଚେଷ୍ଟା କରିବ ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ, ଅନଶନ କରିବ ବୋଲି ଚେତାବନୀ ଦିଆଯାଇଛି।

## ଶିକ୍ଷା ସଚେତନତା ରଥକୁ ସ୍ୱାଗତ

**ବ୍ରଜରାଜନଗର, ୬।୪ (ବିଜୟ ବରାଡ଼)**

ନୂତନ ଶିକ୍ଷାବର୍ଷରେ ଶତପ୍ରତିଶତ ନାମାଙ୍କନ ସୁନିଶ୍ଚିତ କରିବା ପାଇଁ ଜିଲା ଶିକ୍ଷା ବିଭାଗର ଶିକ୍ଷା ସଚେତନତା ରଥ ସୋମବାର ବ୍ରଜରାଜନଗରରେ ପହଞ୍ଚିଥିଲା। ଏହି ରଥକୁ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ରଥ ମାଧ୍ୟମରେ ଅଭିଭାବକ ଓ ସାଧାରଣ ଲୋକଙ୍କୁ ଶିକ୍ଷାର ଗୁରୁତ୍ୱ, ନିଃଶୁଳ୍କ ଶିକ୍ଷା ଓ ମଧ୍ୟାହ୍ନ ଭୋଜନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଶିକ୍ଷକମାନେ ପ୍ରତ୍ୟେକ ଘରେ ପହଞ୍ଚି ସମସ୍ତ ଶିଶୁଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଇବାକୁ ସଙ୍କଳ୍ପ ନେଇଥିଲେ। ବିଶେଷକରି ଶ୍ରମିକ ଓ ସ୍ଲମ୍ ଅଞ୍ଚଳରେ ଥିବା ଶିଶୁଙ୍କ ନାମାଙ୍କନ ଉପରେ ଜୋର୍ ଦିଆଯାଇଛି।

# ଜମିର ମୂଲ୍ୟାଙ୍କନ ବୃଦ୍ଧିକୁ ବିରୋଧ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସହରବାସୀ**

**ଝାରସୁଗୁଡ଼ା, ୬।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ମଧ୍ୟରେ ଜମିର ମୂଲ୍ୟାଙ୍କନରେ ହୋଇଥିବା ଅହେତୁକ ବୃଦ୍ଧିକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ବୃଦ୍ଧି ସମ୍ପୂର୍ଣ୍ଣ ଭାବେ ମନମୁଖି ଏବଂ ଅସମାନୁପାତିକ ବୋଲି ଦର୍ଶାଇ ସହରର ବିଶିଷ୍ଟ ବ୍ୟକ୍ତି ଓ ସାଧାରଣ ଜନତା ଜିଲାପାଳ ତଥା ଜିଲା ମୂଲ୍ୟ କମିଟିର ଅଧ୍ୟକ୍ଷଙ୍କୁ ତାଙ୍କ କାର୍ଯ୍ୟାଳୟରେ ସ୍ମାରକପତ୍ର ସୋମବାର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୬ ଏପ୍ରିଲ ୧ରୁ ଜମି ପାଇଁ ଲାଗୁ ହୋଇଥିବା ନୂଆ ସରକାରୀ ଦର ବାସ୍ତବ ବଜାର ଦରଠାରୁ ବହୁଗୁଣା ଅଧିକ। ଏହାଦ୍ୱାରା ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାର ସହରରେ ଖଣ୍ଡେ ଜମି କିଣି ଘର କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଓଡ଼ିଶା ଷ୍ଟାମ୍ପ୍ ଆଇନ୍-୧୮୯୯ ଅନୁଯାୟୀ କୌଣସି ଜମିର ଦର ସ୍ଥିର କରିବା ପୂର୍ବରୁ ସ୍ଥାନୀୟ ତଦନ୍ତ ଓ କ୍ଷେତ୍ର ପରିଦର୍ଶନ କରିବା ବାଧ୍ୟତାମୂଳକ। ମାତ୍ର କମିଟି ଏହି ନିୟମକୁ ଅଣଦେଖା କରି କେବଳ ଟେବୁଲ ଉପରେ ବସି ଦର ବୃଦ୍ଧି କରିଥିବା ଅଭିଯୋଗ ହୋଇଛି। ମୁଖ୍ୟ ରାସ୍ତା କଡ଼ରେ ଥିବା ଜମି ସହିତ ସମାନ ହାରରେ ସହରର ଭିତର ଭାଗ ବା ଗଳି କନ୍ଦିରେ ଥିବା ଜମିର ଦର ବୃଦ୍ଧି କରାଯାଇଛି, ଯାହା ସମ୍ପୂର୍ଣ୍ଣ ଅଯୌକ୍ତିକ ବୋଲି ଅଭିଯୋଗ ହୋଇଛି।

ସହରାଞ୍ଚଳରେ ଦର ବୃଦ୍ଧି କରାଯାଇଥିବାବେଳେ ଶିଳ୍ପାଞ୍ଚଳ ସଂଲଗ୍ନ ଜମିଗୁଡ଼ିକର ଦରରେ ସେଭଳି କୌଣସି ବୃଦ୍ଧି କରାଯାଇନାହିଁ। ଏହା ଶିଳ୍ପପତିଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଏକ ଯୋଜନାବଦ୍ଧ ପଦକ୍ଷେପ ବୋଲି ସହରବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ନୂତନ ମୂଲ୍ୟାଙ୍କନ ପୂର୍ବରୁ ସାଧାରଣ ଜନତାଙ୍କଠାରୁ ମତାମତ ବା ଆପତ୍ତି ଗ୍ରହଣ କରାଯାଇନାହିଁ। କେବଳ କେତେଜଣ ଚୟନିତ ବ୍ୟକ୍ତି ଓ ସଂସ୍ଥାକୁ ଏଥିରେ ସାମିଲ କରାଯାଇ ମୂଲ୍ୟାଙ୍କନରେ ସ୍ୱଚ୍ଛତା ରହିଥିବା ଦର୍ଶାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲାପାଳ ତୁରନ୍ତ ଏହି ମୂଲ୍ୟାଙ୍କନର ପୁନଃ ସମୀକ୍ଷା କରନ୍ତୁ। ପ୍ରକୃତ ବଜାର ତଥ୍ୟ ଆଧାରରେ ଦର ସଂଶୋଧନ କରାଯାଉ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ସାଧାରଣ ଲୋକଙ୍କୁ ଆପତ୍ତି ଉଠାଇବା ପାଇଁ ସୁଯୋଗ ଦିଆଯାଉ ବୋଲି ଦାବି ହୋଇଛି। ବର୍ତ୍ତମାନ ଏହି ପ୍ରସଙ୍ଗକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଜିଲା ପ୍ରଶାସନ ଏ ଦିଗରେ କି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଦାବିପତ୍ର ପ୍ରଦାନବେଳେ ଝାରସୁଗୁଡ଼ା ସହର ବରିଷ୍ଠ ଓକିଲ ଦିନେଶ ଜୈନ, ପି. ରାମ ମୋହନ ରାଓ, ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ପାଳ, ଅକ୍ଷୟ ସାହୁ, ମୋହନ ଶର୍ମା ଉପସ୍ଥିତ ଥିଲେ। ଏନେଇ ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ୫୬ ଅଭିଯୋଗ ଶୁଣିଲେ ଜିଲାପାଳ



ଶିବିରରେ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

**ଦେବଗଡ଼,୬।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୫୬ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ପାନୀୟଜଳ, ସୁଭଦ୍ରା ଯୋଜନା, ଜଙ୍ଗଲ ଜମି ପଟ୍ଟା, ୩୫ କେଜି ରାଶନ ଚାଉଳ, ଜମି ଚିହ୍ନଟ ଓ ପ୍ରଧାନମନ୍ତ୍ରୀ ଆବାସ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପରଦାର, ଏସିଏଫ୍ ସ୍ୱାଧୀନତା ସାହାଣୀ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଭାଜପା ପ୍ରତିଷ୍ଠା ଦିବସ ପାଳିତ

**ଦେବଗଡ଼, ୬।୪ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଭାଜପା କାର୍ଯ୍ୟାଳୟରେ ଜିଲାସ୍ତରୀୟ ଭାଜପା ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଭାଜପା ଜିଲା ସଭାପତି ଅରୁଣ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇ ଭାଜପାର ବିକାଶ ଯାତ୍ରା କେବଳ କ୍ଷମତା ପାଇଁ ନୁହେଁ, ବରଂ ସଂସ୍କାର ଓ ସେବାର ଏକ ନିରନ୍ତର ପ୍ରବାହ ବୋଲି କହିଥିଲେ। ଏଥିରେ ଭାଜପା ଜିଲା ଉପସଭାପତି ସତ୍ୟନାରାୟଣ ପାଣି, ଇଂ. ସୁଜିତ୍ ପ୍ରଧାନ, ଯୋଗେଶ ଚନ୍ଦ୍ର ପ୍ରଧାନ, ମୀନକେତନ ପ୍ରଧାନ, ପ୍ରୀତି ପରିମିତା ବେହେରାଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

## ପ୍ରଧାନପାଟ ସଫେଇ କଲେ ଜିଲାପାଳ

**ଦେବଗଡ଼,୬।୪(ଶଶାଙ୍କ ଶେଖର ଝାଙ୍କର)**

ପର୍ଯ୍ୟଟନ ବିଭାଗ, ଜିଲା ସଂସ୍କୃତି ବିଭାଗ ଓ ପୌର ପରିଷଦ ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ପ୍ରଧାନପାଟରେ ପ୍ରଧାନ ପାଟେଶ୍ୱରୀ ମନ୍ଦିର ଓ ଐତିହ୍ୟ ସ୍ଥଳଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ପ୍ରଧାନ, ଭାରପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ପ୍ରମୁଖ ଯୋଗଦେଇ 'ସ୍ୱଚ୍ଛତା ଅଭିଯାନ' କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ଜିଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ଉପନିବନ୍ଧକ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, କାଉନସିଲର ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର, କାର୍ତ୍ତିକ ମହାକୁଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ପୌର ପରିଷଦ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଜନସାଧାରଣ ଯୋଗଦେଇଥିଲେ।

## ଭାଜପା ପ୍ରତିଷ୍ଠା ଦିବସ ପାଳିତ



କାର୍ଯ୍ୟକ୍ରମରେ ଭାଜପା ନେତୃବୃନ୍ଦ ଓ କର୍ମୀ।

**ଝାରସୁଗୁଡ଼ା, ୬।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ବିଟିଏମ୍ ଭାଜପା କାର୍ଯ୍ୟାଳୟରେ ସୋମବାର ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଭାଜପା କର୍ମୀ ଦଳର ଆଦର୍ଶ ଓ ସଂକଳ୍ପକୁ ପୁନରୁଚ୍ଚାରଣ କରି ରାଷ୍ଟ୍ର ସେବା ପାଇଁ ପ୍ରତିବଦ୍ଧତାକୁ ଦୃଢ କରିବା ନିମନ୍ତେ ସଂକଳ୍ପ ନେଇଥିଲେ। ଏଥିରେ ବିମଳେନ୍ଦୁ ଭୋଳ, ଅରବିନ୍ଦ ପାଠକ, ସୋନୁ ଥିରାଣୀ, ରାଜେନ୍ଦ୍ର ସା, ଲକ୍ଷ୍ମୀପ୍ରିୟା ଜେନା, ରୁବି ମହାନ୍ତି, ଯୋଶୀଲା ମାଝୀ, ବୀରେନ ଡୁଙ୍ଗରି, ଦିବ୍ୟ ସୁନାନୀ ପ୍ରମୁଖ ଯୋଗଦେଇଥିଲେ।

## ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ପୂର୍ବତନ ବିଧାୟିକା ଦୀପାଳି ଦାସ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରୁଛନ୍ତି।

**ଲଇକେରା,୬।୪ (ରଞ୍ଜନ କୁମାର ମେହେର)**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ରେଙ୍ଗାଲବେଡ଼ା ଗ୍ରାମ କିସାନପଡ଼ା ଦେହେରି ଡୁଙ୍ଗୁରିରେ ନବନିର୍ମିତ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶନିବାର କଳସ ଶୋଭାଯାତ୍ରା, ରବିବାର ମଣ୍ଡପ ପୂଜା, ଦେବତା ପ୍ରାଣପ୍ରତିଷ୍ଠା, ହୋମଯଜ୍ଞ, ସୋମବାର ଶିଖର କଳସ ସ୍ଥାପନ, ପାର୍ଶ୍ୱଦେବତା ସ୍ଥାପନ, ବେଢ଼ା ପରିକ୍ରମା, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଶାନ୍ତ ପଟେଲ ଓ ପତ୍ନୀ ଭାରତୀ ପଟେଲ ମୁଖ୍ୟକର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ରଜନୀକାନ୍ତ ପୁରୋହିତ ଓ ସଞ୍ଜୀବ ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟିକା ଦୀପାଳି ଦାସ, ଜିଲାପରିଷଦ ସଭ୍ୟା ଅଞ୍ଜୁକ୍ତା ବେହେରା, ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ଭୂପାଳ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ସୋମବାର ସନ୍ଧ୍ୟାରେ ପ୍ରସିଦ୍ଧ ଗାୟିକା ସୁନୀତା ସାହୁ ଓ ନିକିତା ସାହୁ କୀର୍ତ୍ତନ ପରିବେଷଣ କରିଥିଲେ।

## 'ପରିବେଶ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ'



ସଫେଇ ଅଭିଯାନରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ସ୍ୱଚ୍ଛତା ଅଭିଯାନ**

**ଝାରସୁଗୁଡ଼ା, ୬।୪(ଆଶିଷ ରଞ୍ଜନ ଦାଶ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସହରସ୍ଥିତ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ସଫେଇ କାର୍ଯ୍ୟକ୍ରମରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ନେତୃତ୍ୱ ନେଇ ସହରବାସୀଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଳ, ପୌର ପରିଷଦ ଉପାଧ୍ୟକ୍ଷ ବେଣୁଗୋପଳ ପାଣିଗ୍ରାହୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଝାରସୁଗୁଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଉପସ୍ଥିତ ରହି ସ୍ୱଚ୍ଛତା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଜିଲା ପ୍ରଶାସନର ପଦାଧିକାରୀ ଓ ପୌରପାଳିକାର କର୍ମଚାରୀମାନେ ମନ୍ଦିର ପରିସର ସଫା କରିବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ଜିଲାପାଳ ଚହ୍ୱାଣ କହିଛନ୍ତି, ଆମର ଐତିହ୍ୟ ଓ ପରିବେଶକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ସୁରକ୍ଷା ପାଇଁ ଏହି ସ୍ୱଚ୍ଛତା ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମସ୍ତ ବର୍ଗର ଜନସାଧାରଣଙ୍କ ସହଯୋଗ ଯୋଗୁ ଏହି କାର୍ଯ୍ୟକ୍ରମ ଗଣ ଆନ୍ଦୋଳନର ରୂପ ନେଇପାରିଛି ବୋଲି ସେ କହିଛନ୍ତି। ଏହି ଅଭିଯାନରେ ସାମାଜିକ କର୍ମୀ ସୋନୁ ଥିରାଣୀ, ରାଜେନ୍ଦ୍ର ସା, ଜୟ ମହାନନ୍ଦିଆ, ବିକଳ୍ପ ତିୱାରୀ, ଚିରାଗ ପୋଦ୍ଦାର, ଅଭିନବ ତିୱାରୀ, କଳ୍ପନା ମାଝୀଙ୍କ ସମେତ ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ।

## ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ



ଶିବିରରେ ଜିଲାପାଳ, ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

**ଜନଶୁଣାଣି ଶିବିର**

**ଝାରସୁଗୁଡ଼ା, ୬।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଖଣିଜପାଣ୍ଠି ପ୍ରେକ୍ଷାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୮୯ ଅଭିଯୋଗ ଉପସ୍ଥାପନ ହୋଇଥିଲା। ବିଶେଷକରି ଜମିବାଡ଼ି ବିବାଦ, ଶିଳ୍ପାଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ, ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍‌ବ୍ୟବସ୍ଥା ଏବଂ ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ଲୋକେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରୁ ୭ଟି ସମସ୍ୟାର ତତ୍କ୍ଷଣାତ ସମାଧାନ କରାଯାଇଥିବାବେଳେ ବାକି ଅଭିଯୋଗଗୁଡ଼ିକ ସମୟସୀମା ମଧ୍ୟରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ୬ ଜଣ ଆବେଦନକାରୀଙ୍କୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଏହି ଶିବିରରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଗଛକଟା ଉଦ୍ୟମ ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର

**ଝାରସୁଗୁଡ଼ା, ୬।୪ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ୍ ଅନ୍ତର୍ଗତ ପତ୍ରାପାଲି ଓ ମଲଦା ଗ୍ରାମପଞ୍ଚାୟତ ଅଧୀନରେ ଥିବା ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି ଗଛ କାଟିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଏହାକୁ ଉଭୟ ପଞ୍ଚାୟତବାସୀ ବିରୋଧ କରିବା ସହ ସୋମବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଖୁବ୍‌ଶୀଘ୍ର ଏହାର ପ୍ରତିକାର କରା ନ ଗଲେ ଆଗାମୀ ଦିନରେ କମ୍ପାନୀ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ତଲାବିରା ୨ ଏବଂ ୩ ଓସିପିର ଉପଭୋକ୍ତା ସଂସ୍ଥା ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ମିଥ୍ୟା ସୂଚନା ଦେଇ ଜଙ୍ଗଲ ମଞ୍ଜୁରୀ ହାସଲ କରିଛି। ପତ୍ରାପାଲି ଗ୍ରାମର ଖାତା ନଂ. ୧୬୫ ଅନୁସାରେ ପ୍ଲଟ୍ ନମ୍ବର-୩୦୮, ୩୧୪, ୩୧୮, ୩୨୦, ୩୨୨, ଏବଂ ୬୩୨ ଆଦି ପ୍ଲଟ୍ ପତିତ କିସମ ବୋଲି ଉକ୍ତ କମ୍ପାନୀ ପକ୍ଷରୁ କୁହାଯାଇଛି। କିନ୍ତୁ ସରକାରୀ ରେକର୍ଡ ଅନୁସାରେ ୧୯୮୦ରୁ ୨୦୨୬ ପର୍ଯ୍ୟନ୍ତ ପଥରବାଣୀ କିସମ ବୋଲି ଉଲ୍ଲେଖ ରହିଛି। କମ୍ପାନୀ ଉକ୍ତ ଜମିର କିସମକୁ ପରିବର୍ତ୍ତନ କରି ଗଛ କାଟିବାକୁ ଚେଷ୍ଟା କରୁଛି। ଏପରି ହେଲେ ଲୋକମାନେ ଏହାକୁ ବିରୋଧ କରିବେ। ମଲଦା ଓ ପତ୍ରାପାଲି ଗ୍ରାମପଞ୍ଚାୟତ ସମେତ ରାମପୁର ଗ୍ରାମର ଗୋଟିଏ ମାତ୍ର ସର୍ବସାଧାରଣ ରାସ୍ତା ରହିଛି। ଏହି ରାସ୍ତା ଦେଇ ଲୋକମାନେ ଯାତାୟାତ କରିଥାନ୍ତି। ମାତ୍ର ଉକ୍ତ କମ୍ପାନୀର ଗାଡ଼ିଗୁଡ଼ିକ ଏହି ରାସ୍ତା ଦେଇ ଯାଉଥିବାରୁ ଛାତ୍ରୀଛାତ୍ର, ମହିଳା ଏବଂ ବୟସ୍କ ଲୋକମାନେ ଅସୁରକ୍ଷିତ ମଣୁଛନ୍ତି। ପତ୍ରାପାଲି ପଞ୍ଚାୟତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ହାଇସ୍କୁଲ ପଛପାର୍ଶ୍ୱରେ ଡମ୍ପିଂ ସାଇଟ୍ ସୃଷ୍ଟି କରାଯାଇଛି। କୋଇଲା ଖଣି ନିୟମାବଳୀ ଅନୁସାରେ ସ୍ୱଏଲ ଉଚ୍ଚତାର ୩୦ ମିଟରରୁ ଅଧିକ ହେବ ନାହିଁ। କିନ୍ତୁ ପତ୍ରାପାଲି ହାଇସ୍କୁଲ ପଛପାର୍ଶ୍ୱ ନିକଟରେ ଉଚ୍ଚତା ୪୦ ମିଟରରୁ ଅଧିକ ରଖାଯାଇଛି। ଏହି ସ୍ୱଏଲ ବର୍ଷାଦିନେ ସ୍କୁଲରେ ପ୍ରବେଶ କଲେ ପିଲାମାନଙ୍କ ଜୀବନ ବିପଦରେ ପଡ଼ିପାରେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନବେଳେ ଯଦୁମଣି ସାହୁ, ନରେନ୍ଦ୍ର ସାହୁ, ରଘୁମଣି ମୁଣ୍ଡା, ଜଗନ୍ନାଥ ସାହୁ, ସୁଭାଷ ବିଶ୍ୱାଳ, ସୁରୁ ମୁଣ୍ଡା, ଜିତେନ କିଷାନ ଏବଂ ସୁଦର୍ଶନ ମୁଣ୍ଡା ଉପସ୍ଥିତ ଥିଲେ। ଏନେଇ ଏନ୍‌ଏଲ୍‌ସି କମ୍ପାନୀର ଅଧିକାରୀ ସୁବ୍ରତ ବିଶ୍ୱାଳଙ୍କୁ ପଚାରିବାରୁ ସେ ମତାମତ ଦେବାକୁ ମନା କରିଥିଲେ।

## ଗ୍ରାମୀଣ କୃଷି କର୍ମୀ ନିଯୁକ୍ତି ଦାବିରେ ଗଣଧାରଣା

**ଦେବଗଡ଼, ୬।୪ (ଶଶାଙ୍କ ଶେଖର ଝାଙ୍କର)**



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

ଚାଷ ଓ ଚାଷୀଙ୍କ ସୁବିଧା ପାଇଁ ଗ୍ରାମପଞ୍ଚାୟତସ୍ତରରେ ଗ୍ରାମୀଣ କୃଷି କର୍ମୀ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଦେବଗଡ଼ ଜିଲା ବାରକୋଟ ବ୍ଲକ୍ ଅନ୍ତର୍ଗତ ଦନ୍ତାରିବାହାଲ ଗ୍ରାମପଞ୍ଚାୟତ ପାଇଁ ଦୀର୍ଘବର୍ଷ ହେଲା ସ୍ଥାୟୀ ଭାବରେ ଗ୍ରାମୀଣ କୃଷି କର୍ମୀ ନିଯୁକ୍ତ କରାଯାଇନାହିଁ। ଏହାର ପ୍ରତିବାଦରେ ସୋମବାର ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ଆନ୍ଦୋଳନ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯିବା ପରେ ଦନ୍ତାରିବାହାଲ ଗ୍ରାମପଞ୍ଚାୟତ ପାଇଁ ଜଣେ ସ୍ଥାୟୀ ଗ୍ରାମୀଣ କୃଷି କର୍ମୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦନ୍ତାରିବାହାଲ ପଞ୍ଚାୟତର ଚାଷୀମାନେ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଉକ୍ତ ପଞ୍ଚାୟତରେ ଜଣେ ସ୍ଥାୟୀ କର୍ମଚାରୀଙ୍କୁ ଦେବା ପାଇଁ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଗତ ଜାନୁଆରୀ ୫ରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଗତ ମାର୍ଚ୍ଚ ୨୦ ତାରିଖରେ ଏନେଇ ପୁନର୍ବାର ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ ଏପ୍ରିଲ ୫ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ହେଲେ ଦାବି ପୂରଣ ନ ହେବାରୁ ସଂଘ ସଭାପତି ହେମ୍ବ୍ରମ ଏବଂ ସମ୍ପାଦକ ଗୁଣନିଧି ବେହେରାଙ୍କ ତତ୍ତ୍ୱାବଧାନରେ ବହୁ ସଦସ୍ୟ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହ ଧାରଣାରେ ବସିଥିଲେ। ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ପାତ୍ର, ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହିତ ଦନ୍ତାରିବାହାଲ ପଞ୍ଚାୟତ ପାଇଁ ଜଣେ ସ୍ଥାୟୀ ଗ୍ରାମୀଣ କୃଷି କର୍ମୀ ଦେବା ପାଇଁ ପ୍ରକାଶ କରିଥିଲେ। ଏଥିସହ ଭିଏଲଡବ୍ଲ୍ୟୁ ମୋନାଲିସା ମହାପାତ୍ରଙ୍କୁ ୨ ଦିନ ମଧ୍ୟରେ ଦନ୍ତାରିବାହାଲ ପଞ୍ଚାୟତ ପାଇଁ ଦାୟିତ୍ୱ ନେବାକୁ ଠିକି କରିବା ପରେ ଆନ୍ଦୋଳନକାରୀ ଧାରଣାରୁ ଉଠିଥିଲେ।

ଧରିତ୍ରୀ 52 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୭/୨୦୨୬ Bhubaneswar, Tuesday, April 7/ 2026






କଳିଙ୍ଗ ଷ୍ଟାଡିୟମରେ ସୋମବାର ଆରମ୍ଭ ହୋଇଥିବା ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ଓଡ଼ିଶା ସମେତ ବିଭିନ୍ନ ଦଳର ଖେଳାଳି।

ବାଳିକା ବିଭାଗରେ ଅନୁଷ୍ଠିତ ଏକ ମ୍ୟାଚ। (ଫଟୋ: ବିକାଶ ନାୟକ)

# କଳିଙ୍ଗରେ ଏସ୍‌ଜେଏଫ୍‌ଆଇ ରଗ୍‌ବୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ (ଏସ୍‌ଜେଏଫ୍‌ଆଇ) ୧୪ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ରଗ୍‌ବୀ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ଏହି ଜାତୀୟ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟର ରଗ୍‌ବୀ ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାୟକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କରକରା, ସହକାରୀ ନିର୍ଦ୍ଦେଶକ (ପି.ଇ.ଟି) ଜ୍ୟୋତି ପ୍ରସାଦ ପରିଡା, ଏସ୍‌ଜେଏଫ୍‌ଆଇ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ, ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ଡୁମୁନୀ ମାରାଣ୍ଡି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସୋମବାର ୧୭ ବର୍ଷରୁ କମ୍ ବାଳିକା-ବାଳକ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ମଙ୍ଗଳବାର ଶେଷ ହେବ। ସେହିପରି ଆସନ୍ତା ୯ ଓ ୧୦ ତାରିଖରେ ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ପ୍ରତିଯୋଗିତା ହେବ। ଏସ୍‌ଜେଏଫ୍‌ଆଇ ରଗ୍‌ବୀରେ ମୋଟ ୧୫ଟି ରାଜ୍ୟ/ଅନୁଷ୍ଠାନର ଖେଳାଳି ଭାଗ ନେଇଛନ୍ତ। ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ, ନୂଆଦିଲ୍ଲୀ, ଗୁଜରାଟ, ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ସିବିଏସ୍‌ଇ ୱେଲଫେୟାର ସ୍ପୋର୍ଟ୍ସ ଅର୍ଗାନାଇଜେଶନ୍, କାଉନସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଆଦିରୁ ପ୍ରାୟ ୪୬୦ ଜଣ ଅଂଶଗ୍ରହଣ କରିଛନ୍ତି।

ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ମୁଖ୍ୟ ଅତିଥି ଭୂପେନ୍ଦ୍ର ସିଂ ପୁନିଆ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳୁଆଡ ମନୋଭାବ ନେଇ ଖେଳିବା ସହ ରାଜ୍ୟ ଏବଂ ଦେଶକୁ ଅନ୍ତର୍ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିବାକୁ ଯୁବ ଖେଳାଳିମାନଙ୍କୁ ସେ ଆହ୍ୱାନ କରିଥିଲେ। ଏସ୍‌ଜେଏଫ୍‌ଆଇ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ଏହି ପ୍ରତିଯୋଗିତା ଆୟୋଜନ ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଧନ୍ୟବାଦ ଜଣାଇଥିଲେ। କଳିଙ୍ଗ ଷ୍ଟାଡିୟମ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଚାମ୍ପିୟନଶିପ୍‌ର ଆୟୋଜନ କରିଥିବାରୁ ସେ ଓଡ଼ିଶା ସରକାରଙ୍କୁ ମଧ୍ୟ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ଡୁମୁନୀ ମାରାଣ୍ଡି ନିଜ ଅନୁଭୂତି ବାଣ୍ଟିଥିଲେ।




ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

■ **୧୪ ଓ ୧୭ ବର୍ଷରୁ କମ୍ ବାଳିକା ଏବଂ ବାଳକ ବର୍ଗରେ ପ୍ରତିଯୋଗିତା**

■ **୧୫ ରାଜ୍ୟ/ଅନୁଷ୍ଠାନର ୪୬୦ ଖେଳାଳିଙ୍କ ଅଂଶଗ୍ରହଣ**

**ଏସିଆନ ବକ୍ସିଂ ଚାମ୍ପିୟନଶିପ୍**

## ପ୍ରୀତି ପାୱାର ଫାଇନାଲରେ

**ଉଲାନବାଟାର, ୬।୪ (ପି.ଟି.)**

ଭାରତର ଉଦୀୟମାନ ବକ୍ସର ପ୍ରୀତି ପାୱାର ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ତଥା କୋରିଆର ଏଜି ଇମ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ପୁରୁଖା ବକ୍ସର ନିଖତ ଜରିନ ଓ ଲଭ୍‌ଲିନା ବର୍ଗୋହେନ୍ ସେମାନଙ୍କ ମୁକାବିଲା ହାରିଯାଇଛନ୍ତି। ପ୍ରିୟା ଓ ଅରୁନ୍ଧତୀ ଚୌଧାରୀ ସେମାନଙ୍କ ସେମିଫାଇନାଲରେ ବିଜୟ ଲାଭ କରିଥିବା ବେଳେ ପୂଜା ରାଣୀ ଓ ଅଙ୍କୁଶିତା ବୋରୋ ସେମାନଙ୍କ ସେମିଫାଇନାଲରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ପ୍ରୀତି ବର୍ତ୍ତମାନ ସ୍ୱର୍ଣ୍ଣ ପଦକ ମୁକାବିଲାରେ ତିନିଥର ବିଶ୍ୱ ଚାମ୍ପିୟନ (୨୦୧୯, ୨୦୨୩, ୨୦୨୫) ଏବଂ ଟୋକିଓ ୨୦୨୦ ଅଲିମ୍ପିକ ବ୍ରୋଞ୍ଜ ବିଜେତା ଚାଇନିଜ ତାଇପେର ହୁଆଙ୍ଗ ସିଆଓ-ୱେନ୍‌ଙ୍କ ସହ ମୁକାବିଲା କରିବେ।

## କୋଲକାତା-ପଞ୍ଜାବ ମ୍ୟାଚ୍‌ରେ ବର୍ଷା ବାଧା

**କୋଲକାତା,୬।୪**

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ସୋମବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ବର୍ଷା ବାଧକ ସାଜିଛି। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ପ୍ରଥମେ ବ୍ୟାଟିଂ କରିଥିବା କେକେଆର ୩.୪ ଓଭରରେ ୨ ଉଇକେଟ ହରାଇ ୨୫ ରନ କରିଛି। ଅଧିନାୟକ ଅଜିଙ୍କ୍ୟ ରାହାନେ ୮ ଓ ଅଙ୍ଗକ୍ରିଶ ରଘୁବଂଶୀ ୭ ରନରେ ଅପରାଜିତ ରହିଥିବା ବେଳେ ପଞ୍ଜାବ ପାଇଁ ଜାଭିଅର ବାର୍ଟଲେଟ ୨ ଉଇକେଟ ନେଇଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ରାଜସ୍ଥାନ ବନାମ ମୁମ୍ବାଇ**
**ସ୍ଥାନ: ଗୁଆହାଟୀ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ପଡିକଲଙ୍କୁ ଦୀନେଶ କାର୍ତ୍ତିକଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୬।୪(ପି.ଟି.)**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମେଣ୍ଟର ଦୀନେଶ କାର୍ତ୍ତିକଙ୍କ ମତରେ ଦେବଦତ୍ତ ପଡିକଲ ଚଳିତ ଆଇପିଏଲ୍‌ରେ ଯେଉଁ ଭଳି ବ୍ୟାଟିଂ କରୁଛନ୍ତି, ତାଙ୍କୁ ଭାରତୀୟ ଦଳରୁ ବାହାରେ ରଖିବା କଷ୍ଟକର ହେବ। ପଡିକଲ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚ୍‌ରେ ୨୯ ବଲରେ ୫୦ ରନ କରିଥିଲେ।

"ଆରମ୍ଭରୁ ରନ କରିବା କଷ୍ଟକର ଥିବା ଏକ ପିଚ୍‌ରେ ବ୍ୟାଟରମାନେ ବଡ଼ ଶଟ୍ ଖେଳିବାକୁ ବାଧ ହୋଇ ଶେଷରେ ଉଇକେଟ ହରାଇଥିଲେ। ସ୍କୋର କରିବା କଷ୍ଟକର ଥିବା ବେଳେ ଦେବଦତ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ତାଙ୍କ ବ୍ୟାଟରୁ ପ୍ରଥମ ଚୌକା ବାହାରିବା ପରେ ସେ ଗିୟର ବଦଳାଇ ବ୍ୟାଟିଂ କରିଥିଲେ'' ବୋଲି କାର୍ତ୍ତିକ ଷ୍ଟାର ସ୍ପୋର୍ଟ୍ସକୁ କହିଛନ୍ତି।

# ବିସିସିଆଇ ହାଇପରଫର୍ମାନ୍ସ ଶିବିରରେ ଓଡ଼ିଶାର ସମ୍ବିତ

**କଟକ,୬।୪(କୁମାରଶ୍ରୀ)**

ବେଙ୍ଗାଲୁରୁରେ ଥିବା ବିସିସିଆଇର ହାଇପରଫର୍ମାନ୍ସ ଶିବିରରେ ଆସନ୍ତା ୧୨ ତାରିଖରୁ ମେ' ୭ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୫ବର୍ଷରୁ କମ୍ ବୟସ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳି ହିଁ ଶିବିରରେ ସାମିଲ ହେବେ। ତେବେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସମ୍ବିତ ବରାଳଙ୍କୁ ଶିବିରରେ ଯୋଗ ଦେବା ନିମନ୍ତେ ଡକରା ଆସିଛି। ୨୩ବର୍ଷୀୟ ସମ୍ବିତ ଜଣେ ଅଲରାଉଣ୍ଡର ଭାବେ ଜଣାଶୁଣା। ସେ ରାଜ୍ୟ ପକ୍ଷରୁ ୬ଟି ପ୍ରଥମଶ୍ରେଣୀ, ୭ଟି ଲିଷ୍ଟ-ଏ ଏବଂ ୯ଟି ଟି-୨୦ ମ୍ୟାଚ୍ ଖେଳି ସାରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ସମ୍ବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସମ୍ବିତ ବରାଳ

# ଖେଳପଡ଼ିଆରେ ଦୁର୍ଘଟଣା ରୋକିବା ପାଇଁ ନିର୍ଦ୍ଦେଶାବଳୀ

**ନୂଆଦିଲ୍ଲୀ,୬।୪**

ଖେଳପଡ଼ିଆରେ ଦୁର୍ଘଟଣାକୁ ରୋକିବା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପୂରା ଦେଶରେ ଥିବା ଖେଳପଡ଼ିଆ ଓ କ୍ରୀଡ଼ା ଭିତ୍ତିଭୂମିର ସୁରକ୍ଷା ଲାଗି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏପରିକି ସମସ୍ତ ରାଜ୍ୟ ସରକାରଙ୍କୁ ଖେଳପଡ଼ିଆରେ ଦୁର୍ଘଟଣାକୁ ରୋକିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କିଛି ମାସ ତଳେ ଜଣେ ୧୬ ବର୍ଷୀୟ ଜାତୀୟ ସ୍ତରର ବାସ୍କେଟବଲ ଖେଳାଳି ହରିୟାଣାର ରୋହତକଠାରେ କୋର୍ଟରେ ପ୍ରାକ୍ଟିସ କରୁଥିବା ବେଳେ ତାଙ୍କ ଉପରେ ଏକ ଲୁହା ଖୁମ୍ବ ଖସି ପଡ଼ିଥିଲା। ସେହିଭଳି ସୋମବାର ବାସ୍କେଟବଲ ହୁପ ପଡ଼ିଯିବାରୁ ଜଣେ ୨୦ ବର୍ଷୀୟ ମେରାଇନ ଇଞ୍ଜିନିୟର ଛାତ୍ର ପ୍ରାଣ ହରାଇଥିଲେ।

'ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କୁ ସରକାର, ପଞ୍ଚାୟତ, ପିଏସ୍‌ୟୁ, ସ୍ୱାଧୀନ ସଂସ୍ଥା, ଶିକ୍ଷାନୁଷ୍ଠାନ ଅଧୀନରେ ଥିବା ଷ୍ଟାଡିୟମ, ଇନ୍‌ଡୋର ହଲ, ପ୍ରାକ୍ଟିସ ଗ୍ରାଉଣ୍ଡ, ଖୋଲା ଜିମ, ପୁଲ ଭଳି ସମସ୍ତ କ୍ରୀଡ଼ା ଭିତ୍ତିଭୂମିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଏହି ଯାଞ୍ଚରେ ନିର୍ଦ୍ଦିଷ୍ଟ ଭାବେ ଭିତ୍ତିଭୂମିର ସ୍ଥିତି, ବାଉଣ୍ଡାରୀ କାନ୍ଥ/ରେଲିଙ୍ଗ୍, ଗେଟ୍ସ, ଦର୍ଶକଙ୍କ ଷ୍ଟାଣ୍ଡ, ଲାଇଟ୍ସ ପୋଲ ବା ଟାୱାର, ସ୍କୋର ବୋର୍ଡ୍ସ, ଫ୍ଲୋର୍ସ/ଚଟାଣ, ଡ୍ରେନେଜ/ମ୍ୟାନହୋଲ ଓ ଯେକୌଣସି ପ୍ରକାର ଅସ୍ଥାୟୀ ଢ଼ାଞ୍ଚା ସାମିଲ କରାଯିବ। କୌଣସି ଅଞ୍ଚଳ କିମ୍ବା ଢ଼ାଞ୍ଚା ଅସୁରକ୍ଷିତ ଥିଲେ, ତାହାର ବ୍ୟବହାରକୁ ବ୍ୟାରିକେଡ୍ ଦ୍ୱାରା ତୁରନ୍ତ ପ୍ରତିବନ୍ଧିତ କରାଯିବ ଏବଂ ପ୍ରାଥମିକତା ଭିତ୍ତିରେ ତାହାର ସମାଧାନ କରାଯିବା ଦରକାର। ଯେଉଁଗୁଡ଼ିକରେ ସୁଧାର କରାଯାଇପାରିବ ନାହିଁ, ସେଗୁଡ଼ିକୁ ହଟାଯିବ କିମ୍ବା ନଷ୍ଟ କରାଯିବ' ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

**ଭିଡ଼ ନିୟନ୍ତ୍ରଣ ଲାଗି ଗାଇଡଲାଇନ୍ସ**

ମନ୍ତ୍ରଣାଳୟ ପକ୍ଷରୁ ବୈଦ୍ୟୁତିକ ଯନ୍ତ୍ରପାତି ଓ ସାଧାରଣ ଅଗ୍ନି ନିରପତ୍ତା ବ୍ୟବସ୍ଥାକୁ ନିୟମିତ ଯାଞ୍ଚ କରିବାକୁ କୁହାଯାଇଛି। ବଡ଼ ସଂଖ୍ୟାରେ ଭାଗ ନେବାକୁ ଥିବା ଆଥଲେଟ୍ କିମ୍ବା ଦର୍ଶକଙ୍କ ଲାଗି କୌଣସି ଟୁର୍ନାମେଣ୍ଟ, ଇଭେଣ୍ଟ, କୋଚିଂ ସେସନ ଆୟୋଜନ କରିବା ପୂର୍ବରୁ ଆୟୋଜକଙ୍କୁ ଭିଡ଼ ନିୟନ୍ତ୍ରଣ, ପ୍ରବେଶ ଓ ପ୍ରସ୍ଥାନ, ଜରୁରୀକାଳିନ ପ୍ରତିକ୍ରିୟା ଓ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ସରଳ ସୁରକ୍ଷା ଯୋଜନା ପ୍ରସ୍ତୁତ କରିବା ଉଚିତ। ପେଣ୍ଡାଲ, ଷ୍ଟେଜ, ବ୍ୟାରିକେଡ୍ସ ଭଳି ଅସ୍ଥାୟୀ ଢ଼ାଞ୍ଚା ମୌଳିକ ସୁରକ୍ଷା ଯାଞ୍ଚ ସହିତ ଠିଆ କରାଯିବା ଦରକାର ଓ ଏହାର ତଦାରଖ କରାଯିବା ଉଚିତ ବୋଲି ଜାରି କରାଯାଇଥିବା ଆଡଭାଇଜରୀରେ କୁହାଯାଇଛି।

## ପ୍ଲେୟର ଅଫ୍ ଦି ମନ୍ଥ ଦୌଡ଼ରେ ସାମସନ, ବୁମ୍‌ରା

**ଦୁବାଇ, ୬।୪ (ପି.ଟି.)**

ମାର୍ଚ୍ଚ ମାସର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ପାଇଁ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ ଭାରତ ଓପନର ସଞ୍ଜୁ ସାମ୍‌ସନ ଏବଂ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ନାମ ସ୍ଥାନ ପାଇଛି। ଟି୨୦ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ପାଇଁ ଏହି ଦୁଇ ଖେଳାଳିଙ୍କ ନାମ ସ୍ଥାନ ପାଇଛି। ଏହି ତାଲିକାରେ ତୃତୀୟ ଖେଳାଳି ଭାବେ ସ୍ଥାନ ପାଇଛନ୍ତି ଦକ୍ଷିଣ ଆଫ୍ରିକା ବ୍ୟାଟର କନ୍ନର ଇଷ୍ଟରହୁଇଜେନ। ସାମସନ ଟି୨୦ ବିଶ୍ୱକପ୍ ଶେଷ ଭାଗରେ ଜବରଦସ୍ତ ଫର୍ମରେ ଥିଲେ। ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇପାରିଥିଲେ। ଫଳତଃ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ବୁମ୍‌ରାଙ୍କ ସହ ସେ ଆଇସିସି ପୁରସ୍କାର ଦୌଡ଼ରେ ସାମିଲ ହୋଇପାରିଛନ୍ତି। ସାମସନ ଟୁର୍ନାମେଣ୍ଟର ପ୍ରଥମ ଭାଗରେ ଖେଳିବା ସୁଯୋଗ ପାଇ ନ ଥିଲେ। ମାତ୍ର ବଡ଼ ବଡ଼ ଗେମ୍‌ରେ ତାଙ୍କ ପ୍ରଦର୍ଶନ ବେଶ୍ ପ୍ରଭାବଶାଳୀ ଥିଲା। ତାଙ୍କ ପ୍ରଦର୍ଶନକୁ ପାଥେୟ କରି ଭାରତ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଥିଲା। କୋଲକାତାରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ସେ ୯୭ ରନ କରି ଅପରାଜିତ ଥିଲେ, ଯାହାକି କହିବାକୁ ଗଲେ ଏକ କ୍ୱାର୍ଟରଫାଇନାଲ ମ୍ୟାଚ ଭଳିଥିଲା। ମୁମ୍ବାଇଠାରେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ଏବଂ ଅହମଦାବାଦରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ସେ ୮୯ରନ ଲେଖାଏ ସ୍କୋର କରିଥିଲେ। ଏହି ସମାନ ସେଟ୍ ମ୍ୟାଚରେ ବୁମ୍‌ରା ୧୨.୦୦ ଆଭରେଜରେ ୭ ଉଇକେଟ ଅକ୍ତିଆର କରିଥିଲେ।

# ଲକିରାଣୀ, ଚନ୍ଦନ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ

**ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)**

**ଅଲ ଓଡ଼ିଶା ରାଜ୍ୟ ବାହୁ କୁସ୍ତି ପ୍ରତିଯୋଗିତା**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୪୬ତମ ଅଲଓଡ଼ିଶା ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିନିୟର ମହିଳା ବର୍ଗରେ ଖୋର୍ଦ୍ଧାର ଲକିରାଣୀ ପାତ୍ର ଏବଂ ପୁରୁଷ ବିଭାଗରେ କଟକର ଚନ୍ଦନ ମହାପାତ୍ର ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ବିବେଚିତ ହୋଇଛନ୍ତି। ସେହିପରି ଜୁନିୟର ପୁରୁଷ ବିଭାଗରେ ଖୋର୍ଦ୍ଧାର ପ୍ରତ୍ୟୁଷ ପ୍ରିୟଦର୍ଶୀ, ମାଷ୍ଟର ପୁରୁଷ ବର୍ଗରେ କଟକର ଉମେଶ ପୃଷ୍ଟି, ପାରା କ୍ରୀଡ଼ାବିତ୍ ବର୍ଗରେ କଟକର ଶୁଭଜିତ ପାଢ଼ୀ ଚାମ୍ପିୟନ ଅଫ ଚାମ୍ପିୟନ୍ସ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ କଟକ ଜିଲା ମୋଟ ୨୦ଟି ସ୍ୱର୍ଣ୍ଣ ପଦକ ପାଇ ପ୍ରଥମ ସ୍ଥାନ ଅଧିକାର କରିଛି। ଖୋର୍ଦ୍ଧା ଜିଲା ୫ ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ପୁରୀ ଜିଲା ୩ ସ୍ୱର୍ଣ୍ଣ ପାଇ ତୃତୀୟରେ ରହିଛି। ପ୍ରତିଯୋଗିତାକୁ ଅଫିସିଆଲ ଭାବେ ସାଗର ନାୟକ, ପ୍ରବୀର ଷଡଙ୍ଗୀ, ଶୁଭଙ୍କର ପାଣିଗ୍ରାହୀ, ମନୋଜ ମୁଖୀ, ଈଶ୍ୱର ଚନ୍ଦ୍ର ବେହେରା, ପ୍ରମୋଦ ମୁଖୀ, ସନତ ମାହାର, ରାହୁଲ ମାହାର, ଚରଣ ନାୟକ, ଗୌରାଙ୍ଗ ପାତ୍ର, ସନ୍ଦୀପ ଘୋଷ, ମୀର ଅଜମତ ଅଲି, ଅବିନାଶ ପୁନ୍ଧିର, ହିମାଂଶୁ ଶେଖର ଦାସ ଏବଂ ସଂଘର ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ଓ ସଭାପତି ସୁନୀଲ ରାଜ ପ୍ରମୁଖ ଉପସ୍ଥିତ ରହି ସୂଚାରୁରୂପେ ପରିଚାଳନା କରିଥିଲେ। ମୋଟ ୨୯ ବର୍ଗରେ ମୁକାବିଲା ହୋଇଥିଲା।



ଅଫିସିଆଲ ଓ କର୍ମକର୍ତ୍ତାଙ୍କ ଗହଣରେ ଅଲ୍ ଓଡ଼ିଶା ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

## ଆଇପିଏଲ୍‌ରୁ ଅବସର ସମ୍ପର୍କରେ ମୁହଁ ଖୋଲିଲେ ଅଶ୍ୱିନ

**ଚେନ୍ନାଇ, ୬।୪ (ପି.ଟି.):** ଭାରତର ପୂର୍ବତନ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସୋମବାର ଆଇପିଏଲ୍‌ରୁ ତାଙ୍କର ଅବସର ନିଷ୍ପତ୍ତି ସମ୍ପର୍କରେ ମୁହଁ ଖୋଲିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ସହିତ ତାଙ୍କ ଆଇପିଏଲ୍ କ୍ୟାରିୟରର ଅନ୍ତିମ ପର୍ଯ୍ୟାୟ ତାଙ୍କୁ ମାନସିକ ସ୍ତରରେ ବିଚଳିତ କରିଥିଲା ବୋଲି ସେ ନିଜ ୟୁଟ୍ୟୁବ ଚ୍ୟାନେଲ 'ଆଶ କି ବାତ'ରେ ପ୍ରକାଶ କରିଛନ୍ତି। ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେବା ପରେ ଅଶ୍ୱିନ ଗତ ବର୍ଷ ତାଙ୍କ ଆଇପିଏଲ୍ କ୍ୟାରିୟର ଶେଷ କରିଥିଲେ।

ମୁଁ ନିକଟରେ ସିଏସ୍‌କେ ସହିତ ଏକ ନୈରାଶ୍ୟଜନକ ସିଜନ ବିତାଇଥିଲି। ଏହା ମୋ ପାଇଁ ବ୍ୟକ୍ତିଗତ ଭାବେ ଏକ ନୈରାଶ୍ୟଜନକ ସିଜନ ଥିଲା। ସତ କଥା ହେଲା, ମୁଁ ଆହୁରି ଖେଳିପାରିଥାନ୍ତି। କିନ୍ତୁ ଭାବବିହ୍ୱଳ ହୋଇ ଅବସର ନିଷ୍ପତ୍ତି ନେଇଥିଲି। ମୋ ପାଖରେ ସବୁକିଛି ସମ୍ଭାଳି ଖେଳିବା ଜାରି ରଖିବା ପାଇଁ ସେହି ଇଚ୍ଛା ଶକ୍ତିର ଅଭାବ ରହିଥିଲା। ମୁଁ ସେଠାକୁ ଯିବାକୁ ଚାହୁଁ ନ ଥିଲି। କାରଣ ଏହା ମୋ ପାଇଁ ଯନ୍ତ୍ରଣା ଦାୟକ ଓ ମାନସିକ ରୂପେ ମୋତେ ବିଚଳିତ କରୁଥିଲା। ଏ ସମ୍ପର୍କରେ ମୁଁ ଆଲୋଚନା ମଧ୍ୟ କରିଥିଲି ବୋଲି ଅଶ୍ୱିନ କହିଛନ୍ତି।

# କିଟ୍ ମହିଳା ଦଳକୁ ସ୍ୱର୍ଣ୍ଣ, ପୁରୁଷଙ୍କୁ ରୌପ୍ୟ



୭ଏସ୍ ରଗ୍‌ବୀ ବିଭାଗରେ ଚାମ୍ପିୟନ କିଟ୍‌ର ମହିଳା ଓ ରୌପ୍ୟ ବିଜେତା ପୁରୁଷ ଦଳ।

**ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)**

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଓ ପୁରୁଷ ରଗ୍‌ବୀ (୭ଏସ୍ ଓ ୧୫ଏସ୍) ଚାମ୍ପିୟନଶିପ୍ ସ୍ଥାନୀୟ ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ରଗ୍‌ବୀ ୭ଏସ୍‌ରେ କିଟ୍ ମହିଳା ଦଳ ସ୍ୱର୍ଣ୍ଣ ଓ ପୁରୁଷ ଦଳ ରୌପ୍ୟ ପଦକ ହାସଲ କରିଛି। ଏଥିସହ ଉଭୟ ମହିଳା ଓ ପୁରୁଷ ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପାଇଁ ଯୋଗ୍ୟତା ଅର୍ଜନ କରିଛି। ଉଭୟ ପ୍ରତିଯୋଗିତାର ଫଳାଫଳ ଅନୁସାରେ ୭ଏସ୍‌ର ପୁରୁଷ ବର୍ଗରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଚାମ୍ପିୟନ, କିଟ୍ ରନରଅପ୍, ୟୁନିଭର୍ସିଟି ଅଫ୍ ମୁମ୍ବାଇ ୩ୟ ଓ କାଲିକଟ ବିଶ୍ୱବିଦ୍ୟାଳୟ ୪ର୍ଥ ସ୍ଥାନ ଅଧିକାର କରିଛି। ସେହିପରି ମହିଳା ବର୍ଗରେ କିଟ୍ ଚାମ୍ପିୟନ, କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ରନରଅପ୍, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ତୃତୀୟ ଓ କିସ୍ ବିଶ୍ୱବିଦ୍ୟାଳୟ ୪ର୍ଥ ହୋଇଛି। ୧୫ଏସ୍ ବିଭାଗର ପୁରୁଷ ବର୍ଗରେ କାଲିକଟ ଚାମ୍ପିୟନ, ଶିବାଜୀ ବିଶ୍ୱବିଦ୍ୟାଳୟ ରନରଅପ୍, ମୁମ୍ବାଇ ତୃତୀୟ ଓ ୟୁନିଭର୍ସିଟି ଅଫ୍ ଲକ୍ଷ୍ନୌ ୪ର୍ଥ ହୋଇଛି। ମହିଳା ବର୍ଗରେ କାଲିକଟ ଚାମ୍ପିୟନ, ଶିବାଜୀ ରନରଅପ୍, ମୁମ୍ବାଇ ତୃତୀୟ ଓ ଉଦୟପୁରର ମୋହନଲାଲ ସୁଖାଡିଆ ବିଶ୍ୱବିଦ୍ୟାଳୟ ଚତୁର୍ଥ ହୋଇଛି।

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ତଥା ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ପର୍ଯ୍ୟବେକ୍ଷକ ଭି. କୌଲ ଅତିଥିଭାବେ ଯୋଗଦେଇ ଭିତ୍ତିଭୂମିର ଭୂୟସୀ ପ୍ରଶଂସା କରିଥିଲେ। କିମ୍ସର ଡ. ହରିଶ ଚୌଧାରୀ ଓ ସୁଦୀପ ଶତପଥୀ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ରୁଦ୍ରାକେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ